

ଟି-୨୦ ଦଳରେ ମାକ୍ସୱେଲ୍

ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-118 ♦SATURDAY ♦25 OCTOBER 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୧୧୮ ♦ଶନିବାର ♦୨୫ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



# ଆସୁଛି ବାତ୍ୟା 'ମୋନ୍ଥା'

## ଗତିପଥକୁ ନେଇ ଏଯାଏଁ ସ୍ପଷ୍ଟ ହୋଇନାହିଁ ଚିତ୍ର

### ପଶ୍ଚିମାଝଡ଼ ଯୋଗୁଁ ହୋଇପାରେ ଦିଗ ପରିବର୍ତ୍ତନ

### ୨୭ ତାରିଖରୁ ବର୍ଷା, ୨୮ରୁ ବଢ଼ିବ ପ୍ରଭାବ

### ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ରାଜସ୍ୱମନ୍ତ୍ରୀ




■ **ଭୁବନେଶ୍ୱର, ୨୪।୧୦ (ସମିସ):** ବହୁ ଚର୍ଚ୍ଚିତ ୧୯୯୯ ମହାବାତ୍ୟାକୁ ଆସନ୍ତା ୨୯ରେ ୨୬ ବର୍ଷ ପୂରିବାକୁ ଯାଉଥିବା ବେଳେ ଠିକ୍ ଏହି ସମୟ ବେଳକୁ ପାଣିପାଗ ବିଭାଗର ଏକ ସମ୍ଭାବ୍ୟ ବାତ୍ୟା ଆକଳନ ରାଜ୍ୟବାସୀଙ୍କ ମନରେ ଭୟ ସଂଚାର କରିଛି। ଭାରତୀୟ ପାଣିପାଗ ବିଭାଗ-ଆଇଏମ୍‌ଡିର ସୂଚନା ଅନୁସାରେ, ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଶୁକ୍ରବାର ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ୨୫ ତାରିଖରେ ଅବପାତର ରୂପ ନେବ। ୨୬ ତାରିଖ ସକାଳୁ ଏହା ଗଭୀର ଅବପାତରେ ପରିଣତ ହୋଇ ୨୭ ତାରିଖରେ ବାତ୍ୟାର ରୂପ ନେବ। ବାତ୍ୟା ପ୍ରଭାବରେ ୨୭ ତାରିଖରୁ ବର୍ଷା ଆରମ୍ଭ ହେବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ପ୍ରଥମେ ବର୍ଷା ଆରମ୍ଭ ହୋଇ ଧୀରେ ଧୀରେ ଅନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ହେବ। ଯଦିଓ ବାତ୍ୟାଟି ଓଡ଼ିଶାରେ ସ୍ଥଳଭାଗ ଛୁଇଁବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ, ତଥାପି ରାଜ୍ୟର ବିଭିନ୍ନ ସ୍ଥାନରେ ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ପ୍ରବଳରୁ ଅତିପ୍ରବଳ ବର୍ଷାର ଆଶଙ୍କା ରହିଛି। ଏହି ବାତ୍ୟା ସୃଷ୍ଟି ହେବା ପରେ ଏହାର ନାମ 'ମୋନ୍ଥା' ରହିବ। ଥାଇଲାଣ୍ଡ ଦ୍ୱାରା ନାମିତ ହୋଇଥିବା ଏହି ବାତ୍ୟା 'ମୋନ୍ଥା' ଶବ୍ଦର ଅର୍ଥ ସୁଗନ୍ଧିତ ଫୁଲ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ୨୭ ବେଳକୁ ବାତ୍ୟାର ରୂପ ନେବ। ୨୮ ବେଳକୁ ବାତ୍ୟାଟି ଅଧିକ ଘନୀଭୂତ ହେବା ପାଇଁ ପାଗ ଅନକୂଳ ରହୁଛି। ତେବେ ପଶ୍ଚିମାଝଡ଼ର ପ୍ରଭାବ ୨୮ ତାରିଖ ଓ ୨୯ ତାରିଖରେ ରହିବାର ସମ୍ଭାବନା ରହିଛି। ତେଣୁ ଏହି ବାତ୍ୟାକୁ ନେଇ ବର୍ତ୍ତମାନ ଦୁଇଟି ଦୃଶ୍ୟପଟ ରହିଛି। ପ୍ରଥମ ଦୃଶ୍ୟପଟରେ ୨୮ରେ ବାତ୍ୟ ଅଧିକ ଘନୀଭୂତ ହୋଇ ଆନ୍ଧ୍ର ଉପକୂଳ ନେଲୋର-ବିଶାଖାପାଟନମ୍ ମଧ୍ୟରେ ୨୮ ତାରିଖ ରାତି କିମ୍ବା ୨୯ ତାରିଖତାରିଖ ସକାଳେ ସ୍ଥଳଭାଗ ଅତିକ୍ରମ କରିପାରେ। ଯଦି ପଶ୍ଚିମାଝଡ଼ ପ୍ରଭାବ ପଡ଼େ, ତେବେ ୨୯ ତାରିଖରେ ଏହା ଦୁର୍ବଳ ହୋଇ ଓଡ଼ିଶା ଉପକୂଳ ମୁହାଁ ହୋଇପାରେ। ବର୍ତ୍ତମାନର ଆକନଳ କହୁଛି, ରାଜ୍ୟରେ ୨୬ ତାରିଖ ପର୍ଯ୍ୟନ୍ତ କାଁ ଭାଁ ହାଲୁକା ବର୍ଷା ସମ୍ଭାବନା ରହିଛି। ୨୭ ତାରିଖରୁ ମାଲକାନଗିରି, ରାୟଗଡ଼ା, ଗଜପତି ସହିତ ଗଞ୍ଜାମରୁ ଜଗତସିଂହପୁର ଓ ସଂଲଗ୍ନ ଜିଲ୍ଲାରେ ମଧ୍ୟମ ବର୍ଷା ହୋଇପାରେ। ୨୮ ତାରିଖରେ ସେହି ଜିଲ୍ଲା ସହିତ ସମଗ୍ରହ ଉପକୂଳ ଓ ସଂଲଗ୍ନ ଜିଲ୍ଲା (କେତେକ ପଶ୍ଚିମ ସୀମାନ୍ତ ଜିଲ୍ଲାକୁ ଛାଡ଼ି) ବର୍ଷା ହେବ। ୨୯ ତାରିଖରେ ପ୍ରାୟ ଅଧିକାଂଶ ଜିଲ୍ଲାରେ ବର୍ଷା ହେବାକୁ ଥିବା ବେଳେ ୩୦ତାରିଖରେ ଉପକୂଳ ବର୍ଷାର ପ୍ରଭାବ କମି ଉତ୍ତର ଉପକୂଳ ଓ ଉତ୍ତର ଆଭ୍ୟନ୍ତରୀଣ ଏବଂ ୩୧ ତାରିଖରେ ଉତ୍ତର ଓଡ଼ିଶାରେ ବର୍ଷା ହେବ ବୋଲି ▶ପୃଷ୍ଠା-୭

## ନିରବୀଗଲା କବିତାର ଆଉ ଏକ ଧାର

# ପରଲୋକରେ କବି ରାଜେନ୍ଦ୍ର



### ମରଶରୀର ଏମ୍ସକୁ ହସ୍ତାନ୍ତର କଲେ ପରିବାର

### ଶୋକ ପ୍ରକାଶ କଲେ ମୋହନ ଓ ନବୀନ

■ **ଭୁବନେଶ୍ୱର, ୨୪।୧୦ (ସମିସ):** ନିରବୀ ଯାଇଛି ଓଡ଼ିଆ କବିତାର ଆଉ ଏକ ବଳିଷ୍ଠ ସ୍ୱର। ଆଧୁନିକ ଓଡ଼ିଆ କବିତାର ଅନ୍ୟତମ ପ୍ରଣମ୍ୟ ସ୍ରଷ୍ଟା ତଥା ବିଶିଷ୍ଟ ସାହିତ୍ୟିକ ରାଜେନ୍ଦ୍ର କିଶୋର ପଣ୍ଡା ଆଉ ନାହାନ୍ତି। ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ଭୁବନେଶ୍ୱର ଗଙ୍ଗନଗରସ୍ଥିତ ବାସଭବନରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା ଓ ଅନ୍ତିମ ଶଯ୍ୟା ନିକଟରେ ତାଙ୍କର ଦୁଇ ଝିଅ ମନୀଷା, ନିନୀଷାଙ୍କ ସମେତ ଜ୍ୱାଇଁ ଓ ନାତି ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାହିତ୍ୟପ୍ରେମୀ ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ସେହିପରି ଓଡ଼ିଶା ପୁଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ମୃତ୍ୟୁ ପୂର୍ବରୁ ତାଙ୍କ ଶରୀରକୁ ସେ ଦାନ କରିବାକୁ କରିଥିବା ଇଚ୍ଛାପତ୍ର ଅନୁଯାୟୀ ପରିବାର ଲୋକମାନେ ତାଙ୍କ ମର ଶରୀରକୁ ଏମ୍ସ ହସ୍‌ପିଟାଲକୁ ହସ୍ତାନ୍ତର କରାଯାଇଛି। ୧୯୪୪ ଜୁନ ୨୪ରେ ଝାରସୁଗୁଡ଼ା ଜିଲ୍ଲା ବାଟଲଗା ଗାଁରେ ରାଜେନ୍ଦ୍ର କିଶେର ପଣ୍ଡା ଜନ୍ମଗ୍ରହଣ କରିଥିଲେ। ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ▶ପୃଷ୍ଠା-୭

## ବାଇକ୍ ଧକ୍କାରେ ଜଳିଗଲା ବସ୍

# ୨୦ ଯାତ୍ରୀ ଜୀବନ୍ତ ଦଗ୍ଧ



■ **କୁର୍ଣ୍ଣୁଲ, ୨୪।୧୦ (ଏଜେନ୍ସି):** ଆନ୍ଧ୍ରପ୍ରଦେଶ କୁର୍ନୁଲର ଚନ୍ନାଟେକୁରଠାରେ ଶୁକ୍ରବାର ଭୋର ୩ଟା ୩୦ରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଠାକାର ୪୪ ନଂ ଜାତୀୟ ରାଜପଥରେ ଏକ ଚଳନ୍ତା ଘରୋଇ ଏସି ବସ୍‌ରେ ନିଆଁ ଲାଗି ୨୦ ଯାତ୍ରୀ ଜିଅନ୍ତା ଜଳିଯାଇଛନ୍ତି। ୧୯ ଜଣ ଯାତ୍ରୀ ବସ୍‌ରୁ ଡେଇଁ ଜୀବନ ବଞ୍ଚାଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦ ଜଣ ଆହତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ୧୧ଟି ମୃତଦେହର ପରିଚୟ ମିଳିଥିବାବେଳେ ଅନ୍ୟମାନଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ପୁଲିସ ସୂଚନା ଅନୁଯାୟୀ ଏହି ବସ୍‌ରେ ପ୍ରାୟ ୩୯ ଯାତ୍ରୀ ହାଇଦରାବାଦ୍‌ରୁ ବେଙ୍ଗାଲୁରୁ ଯାଉଥିଲା। ଏନ୍‌ଏଚ୍ ୪୪ ପରେ ଏକ ବାଇକ୍ ବସ୍‌କୁ ଧକ୍କା ତଳେ ପଶି ଯାଇଥିଲା। ଏହା ତେଲ ଟାଙ୍କିରେ ମାଡ଼ ହେବାରୁ ଅଚାନକ ବସ୍‌ରେ ନିଆଁ ଲାଗିଯାଇଥିଲା। ଏଥିରେ ବାଇକ୍ ଚାଳକ ଶିବଶଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହାର ସୂଚନା ପାଇଁ ପୁଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ଏମର୍ଜେନ୍ସି ଗେଟ୍ ଭାଙ୍ଗି ବାହାରିଥିବା ▶ପୃଷ୍ଠା-୭

# ନଭେମ୍ବରରୁ ଦେଶବ୍ୟାପୀ ଏସ୍‌ଆଇଆର୍

■ **ନୂଆଦିଲ୍ଲୀ, ୨୪।୧୦ (ଏଜେନ୍ସି):** ବିହାରରେ ହୋଇଥିବା ସ୍ୱେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) କୁ ନେଇ ବିରୋଧୀ ପ୍ରବଳ ବିରୋଧ କରିଥିଲେ। ସଡ଼କ ଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ପହଞ୍ଚି ଥିଲେ। ଏଥିରେ ଜାଲିଆତି କରାଯାଉଥିବା ଅଭିଯୋଗ କରିଥିଲେ। କିନ୍ତୁ, ଏବେ ନିର୍ବାଚନ କମିଶନ (ଇସି) ଏସଆଇଆରକୁ ସାରା ଦେଶରେ ଲାଗୁ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ମାସରୁ ସାରା ଦେଶରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଏସ୍‌ଆଇଆରର ଏହି ପ୍ରକ୍ରିୟା ଏଭଳି ଭାବେ କରାଯିବ ଯେ, ଆସନ୍ତାବର୍ଷ ମେ ମାସରେ ହେବାକୁ ଥିବା ବିଭିନ୍ନ ରାଜ୍ୟର ନିର୍ବାଚନ ବେଳକୁ ଏହା ସମ୍ପୂର୍ଣ୍ଣ ହୋଇଯିବ। ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ସବୁ ରାଜ୍ୟରେ ନୂଆ ଭୋଟର ତାଲିକା ପ୍ରସ୍ତୁତ କରିବା ନେଇ ଯୋଜନା ରହିଛି। ସବୁ ରାଜ୍ୟର ନିର୍ବାଚନ ଅଧିକାରୀଙ୍କୁ ଆଧାର କାର୍ଡକୁ ଦ୍ୱାଦଶ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



୨୦୨୬ ସୁଦ୍ଧା କେରଳ, ପୁଡୁଚେରୀ, ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ନିର୍ବାଚନ ପୂର୍ବରୁ ଏହି ରାଜ୍ୟଗୁଡିକରେ ଏସ୍‌ଆଇଆର କାର୍ଯ୍ୟ ଶେଷ କରିବାକୁ କମିଶନ ଲକ୍ଷ୍ୟ ରଖିଛନ୍ତି। ଭୋଟର ତାଲିକାରେ ଦ୍ୱେତ ଭୋଟର ଅର୍ଥାତ ଦୁଇଟି ସ୍ଥାନରେ ପରିଚୟ ପତ୍ର ଥିବା ବ୍ୟକ୍ତିଙ୍କୁ ହଟାଇବା ସହ ଭୋଟର ଭାରତୀୟ ନାଗରିକ ହେବା ନେଇ ନିଶ୍ଚିତ କରିବା ଲକ୍ଷ୍ୟରେ ଏସ୍‌ଆଇଆର୍ ଲାଗୁ କରାଯିବ ବୋଲି କମିଶନ କହିଛନ୍ତି। ଉଲ୍ଲେଖଥାଉ କି, ଦୁଇ ଦଶନ୍ଧି ପରେ ଏସ୍‌ଆଇଆର ଲାଗୁ କରାଯାଉଛି। ଦେଶରେ ଚାଲିଥିବା ବ୍ୟାପକ ସହରୀକରଣ ଓ ଅନୁପ୍ରବେଶ ବୃଦ୍ଧି ପାଇବା କାରଣରୁ ଏସ୍‌ଆଇଆର ଲାଗୁ କରାଯିବାର ଆବଶ୍ୟକତା ସୃଷ୍ଟି ହୋଇଛି ବୋଲି କମିଶନ ହୃଦୟଙ୍ଗମ କରିଛନ୍ତି।

ଆନ୍ଧ୍ର ପ୍ରଦେଶରେ ୨୦୦୩-୦୪ରେ ୫.୫ କୋଟି ଭୋଟର ଥିବାବେଳେ ଏବେ ସଂଖ୍ୟା ୬.୬ କୋଟିରେ ପହଞ୍ଚି ଯାଇଛି। ଉତ୍ତର ପ୍ରଦେଶରେ ୨୦୦୩ରେ ୧୧.୫ କୋଟି ଭୋଟର ଥିଲେ। ମାତ୍ର ଏବେ ଏହା ୧୫.୯ କୋଟିକୁ ବୃଦ୍ଧି ▶ପୃଷ୍ଠା-୭

## ପୀତବାସ ହତ୍ୟା ମାମଲା

# ବିକ୍ରମଙ୍କ ପାଇଁ ମାମଲା ଲଢ଼ିବେ ୫୪ ଆଇନଜୀବୀ

### ପୁଲିସର ତରବରିଆ ପଦକ୍ଷେପ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା: ଆଇନଜୀବୀ

■ **ବ୍ରହ୍ମପୁର, ୨୪।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ପୁଲିସ ଗିରଫ କରିଥିବା ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ପକ୍ଷରୁ ମାମଲା ଲଢ଼ିବେ ୫୪ ଜଣ ଆଇନଜୀବୀ। ସ୍ୱତଃପ୍ରବୃତ୍ତ ଭାବରେ ଏହି ଆଇନଜୀବୀମାନେ ମାମଲା ଲଢ଼ିବାକୁ ଅଦାଲତରେ ୱକାଲତନାମା ଦାଖଲ କରିଛନ୍ତି। ପୀତବାସ ପଣ୍ଡାଙ୍କ ପରି ଜଣେ ବରିଷ୍ଠ ଓକିଲ ତଥା ରାଜ୍ୟ ପରିଷଦର ସଦସ୍ୟଙ୍କ ହତ୍ୟା ଘଟଣାକୁ ଏହି ଆଇନଜୀବୀମାନେ ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ପ୍ରଦାନ ପାଇଁ ଦାବି କରିଛନ୍ତି; ମାତ୍ର ଯେଉଁପରି ଅନ୍ୟାୟ ଭାବରେ ବିକ୍ରମ ପଣ୍ଡାଙ୍କୁ ଏହି ମାମଲାରେ ଗିରଫ କରାଯାଇଛି ତାହାକୁ ସେମାନେ ଗ୍ରହଣ କରିପାରୁ ନାହାନ୍ତି । ଏଥିନିମନ୍ତେ ବିକ୍ରମଙ୍କ ପକ୍ଷରୁ ସେମାନେ ମାମଲା ଲଢ଼ିବାକୁ ▶ପୃଷ୍ଠା-୭

# କାମ ଦେଲାନି ଆୟୁଷ୍ମାନ କାର୍ଡ

## ଛଟପଟ ହୋଇ ଜୀବନ ହାରିଲେ ଗରିବ କ୍ୟାନ୍ସର୍ ରୋଗୀ

### ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ ତୀବ୍ର ନିନ୍ଦା

### ଗରିବଙ୍କ ଜୀବନ ବଞ୍ଚାଇବାରେ ସରକାର ବିଫଳ

■ **ନୂଆପଡ଼ା, ୨୪।୧୦ (ସମିସ):** କାମ ଦେଲାନି ଆୟୁଷ୍ମାନ କାର୍ଡ। ତେଣୁ, ଚିକିତ୍ସା ବାବଦକୁ ଆଖିବୁଜା ପଇସା ହାଙ୍କି ଚାଲିଲା ହସ୍ପିଟାଲ। ଯେଉଁଠି ଜାଣିଲା ପରିବାରଲୋକ ଆଉ ପଇସା ଦେଇପାରିବେନି, ରୋଗୀଙ୍କ ଜୀବନ ସହ ଖେଳିଲା। ଚିକିତ୍ସାରେ ବିଳମ୍ବ କଲା। ଶେଷରେ କ୍ୟାନ୍ସର୍‌ର ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇ ହସ୍ପିଟାଲ ବେଡ୍‌ରେ ଚାଲିଗଲା ଗରିବ ମହିଳାଙ୍କ ଜୀବନ। ଚିକିତ୍ସା ତ ମିଳିଲାନି, ପାଖାପାଖି ସପ୍ତାହେ କାଳ ମାନସିକ, ଆର୍ଥିକ ଚାପରେ ଘାଣ୍ଟି ହୋଇ ନିଜର ପ୍ରିୟ ଲୋକର ଶବ ଧରି ଫେରିଲେ ପରିବାରଲୋକ। ଏପଟେ, ପେଟକୁ କାଟି ଯାହା ବି' ପଇସା ସଞ୍ଚୟ କରି ରଖିଥିଲେ ତା' ବି ଚାଲିଗଲା। 'ଆୟୁଷ୍ମାନ ଭାରତ ଯୋଜନା'ର ବିଫଳତା ଯୋଗୁଁ ପୁଣି ଜଣେ ଗରିବ ରୋଗୀଙ୍କ ପ୍ରାଣହାନି ଘଟିଥିବା ଅଭିଯୋଗ ହୋଇଛି। ମହିଳାଜଣଙ୍କ ହେଲେ, ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଦେଓଧର ପଞ୍ଚାୟତର ଧରାଭଟା ଗ୍ରାମର ତୁଳାବାଇ ଜଗତ। ତୁଳାବାଇଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର।

ସୂଚନାନୁଯାୟୀ, ଗତ ୧୪ ତାରିଖରେ କ୍ୟାନ୍ସର୍ ଚିକିତ୍ସା ପାଇଁ ଶ୍ରୀମତୀ ଜଗତଙ୍କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ରାୟପୁର କ୍ୟାନ୍ସର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପୁଅ ରୂପଧର ଜଗତ ତାଙ୍କୁ ସେଠାକୁ ନେଇ ଚିକିତ୍ସା କରାଇଥିଲେ। ସେଠାରେ ରୂପଧର ହସ୍ପିଟାଲରେ ଆୟୁଷ୍ମାନ କାର୍ଡ ଦେଖାଇବାରୁ କର୍ତ୍ତୃପକ୍ଷ ରୋକଠୋକ୍ ▶ପୃଷ୍ଠା-୭





## ଡିଜିପିଙ୍କ ପୁଅ ମୃତ୍ୟୁ ମାମଲା: ନୋଟିସ ସତ୍ତ୍ୱେ ଯାଞ୍ଚରେ ସାମିଲ ହେଲାନି ପରିବାର



ଚଣ୍ଡିଗଡ଼, ୨୪।୧୦ (ଏଜେନ୍ସି): ପଞ୍ଜାବର ପୂର୍ବତନ ଡିଜିପି ମହମ୍ମଦ ମୁସ୍ତଫାଙ୍କ ପୁଅ ଅକିଲ ଅଖ୍ତାର ମୃତ୍ୟୁ ମାମଲା ରହସ୍ୟ ଘେରରେ ରହିଛି। ପୁଅ ଭିଡିଓ ଜାରି କରି ନିଜ ମୃତ୍ୟୁ ପାଇଁ ବାପା, ପତ୍ନୀ ସମେତ ପରିବାର ସଦସ୍ୟଙ୍କୁ ଦୋଷ ଦେଇଥିବାବେଳେ ଘରର ସଦସ୍ୟ ଏହାକୁ ଖଣ୍ଡନ କରିଦେଇଛନ୍ତି। ମୃତ୍ୟ ଉପରୁ ପରଦା ଉଠିପାରି ନ ଥିବାବେଳେ ଏହି ମାମଲାକୁ ସିବିଆଇକୁ ହସ୍ତାନ୍ତର ପାଇଁ ରାଜ୍ୟ ସରକାର ପ୍ରସ୍ତୁତି କରୁଛନ୍ତି। ଏ ନେଇ କେନ୍ଦ୍ରକୁ ଚିଠି ଲେଖାଯାଇଛି। ତେବେ ସିବିଆଇ ପକ୍ଷରୁ ଏ ନେଇ କୌଣସି ଉତ୍ତର ଦିଆଯାଇ ନାହିଁ। ଅନ୍ୟପଟେ ପୁଅ ମୃତ୍ୟୁରେ ପରିବାର କୌଣସି ଦୋଷ ନାହିଁ ଏବଂ ସେ ନିଶାସକ୍ତ ଥିଲା ବୋଲି ଡିଜିପି ବାପା କହିଛନ୍ତି। ତେବେ ନୋଟିସ ସତ୍ତ୍ୱେ ତାଙ୍କ ପରିବାର ଯାଞ୍ଚରେ ସହଯୋଗ କରିନାହାନ୍ତି। ଜେରା ପାଇଁ ପୁଲିସ ନିକଟରେ ହାଜର ହୋଇନାହାନ୍ତି। ଡିଜିପି, ତାଙ୍କ ପତ୍ନୀ ତଥା ପୂର୍ବତନ ମନ୍ତ୍ରୀ ରେଜିଆ ସୁଲ୍ତାନା, ତାଙ୍କ ଝିଅ ଏବଂ ଅକିଲଙ୍କ ପତ୍ନୀଙ୍କ ବିରୋଧରେ ହତ୍ୟା ଷଡ଼ଯନ୍ତ୍ର ମାମଲା ରୁଜୁ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ। ମୁସ୍ତଫା କହିଛନ୍ତି ଯେ ଏହି ମାମଲା ସିବିଆଇ ହାତକୁ ଯିବ ବୋଲି ସେ ଦୁଇ ଦିନ ହେଲା ଜାଣିଛନ୍ତି। ଏଥିରେ ଆମର କୌଣସି ସମସ୍ୟା ନାହିଁ। ଯାଞ୍ଚରେ ସହଯୋଗ କରିବାକୁ ପ୍ରସ୍ତୁତ। ଶନିବାର ପୁଅ ପାଇଁ ଶ୍ରଦ୍ଧାଞ୍ଜଳି ସଭା ରଖାଯାଇଛି। ଏହା ପରେ ସବୁ ପ୍ରଶ୍ନର ଉତ୍ତର ଦିଆଯିବ। ଏହା ମଧ୍ୟରେ ମାମଲାର ତଦନ୍ତ କରୁଥିବା ଏସଆଇଟି ପଟିଆଲାର ନିଶାମୁକ୍ତି କେନ୍ଦ୍ର ଯାଇ ତଦନ୍ତ କରିଛି। ଡିଜିପିଙ୍କ ପୁଅ ଏଠାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସେହିପରି ଡିଜିପିଙ୍କ ଘରେ କାମ କରୁଥିବା ଚାକରଙ୍କ ବୟାନ ରେକର୍ଡ କରାଯାଇଛି।

## ବିଜ୍ଞାପନ ଗୁରୁ ପୀୟୂଷ ପାଣ୍ଡେଙ୍କ ପରଲୋକ



ମୁମ୍ବଇ, ୨୪।୧୦ (ଏଜେନ୍ସି): ବିଜ୍ଞାପନ ତଥା ଆଡଗୁରୁ ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ପଦ୍ମଶ୍ରୀ ପୀୟୂଷ ପାଣ୍ଡେଙ୍କ ପରଲୋକ ହୋଇଛି। ସେ ୭୦ ବର୍ଷ ବୟସରେ ମୁମ୍ବଇରେ ଶୁକ୍ରବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଏ ପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର କାରଣ ଜଣା ପଡ଼ିନାହିଁ। ତେବେ ସେ ସଂକ୍ରମଣର ଶିକାର ହୋଇଥିଲେ ବୋଲି କୁହାଯାଉଛି। ମୁମ୍ବଇର ଶିବାଜୀ ପାର୍କରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପାଣ୍ଡେଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ହିଁ 'ଅବକି ବାର ମୋଦୀ ସରକାର'ର ସ୍ଲୋଗାନ ଲେଖିଥିଲେ। ୯୦ ଦଶକରେ ଦୂରଦର୍ଶନରେ ପ୍ରସାରିତ 'ମିଲେ ଶୁର ମେରା ତୁମ୍ହାରା' ଗୀତ ଲେଖି ସେ ସବୁଠି ପରିଚିତ ହୋଇଥିଲେ। ମାତ୍ର ୨୭ ବର୍ଷ ବୟସରୁ ବିଜ୍ଞାପନ ଜଗତ ସହ ଜଡିତ ଦିବଂଗତ ପାଣ୍ଡେ ୪ ଦଶନ୍ଧିର କ୍ୟାରିୟରରେ ଫେବିକଲର 'ଜୋଡ ତୋଡ ନେହିଁ ସକ୍ତା', ଏସିଆନ ପେଣ୍ଟସର 'ହର ଘର କୁଛ୍ କହତାହେ', କାଡବରୀ ପାଇଁ 'କୁଛ ଖାସ୍ ହେ', ପୋଲିଓର 'ଦୋ ବୁନ୍ଦ ଜିନ୍ଦେଗୀ କି' ଭଳି ଲୋକପ୍ରିୟ ବିଜ୍ଞାପନ ପାଇଁ ସ୍ଲୋଗାନ ଲେଖିଥିଲେ। ୧୯୫୫ରେ ରାଜସ୍ଥାନର ଯୋଧପୁରରେ ଜନ୍ମିତ ପୀୟୂଷ ୧୯୮୨ରେ ନ୍ୟୁୟର୍କ ସ୍ଥିତ ବିଜ୍ଞାପନ, ମାର୍କେଟିଂ ତଥା ପବ୍ଲିକ ରିଲେସନ ଏଜେନ୍ସି ଓଗିଲଭିରେ ଯୋଗ ଦେଇଥିଲେ। ସନଲାଇଟ୍ ଡିଟର୍ଜେଣ୍ଟ ପାଇଁ ସେ ପ୍ରଥମ ବିଜ୍ଞାପନ ଲେଖିଥିଲେ। ତାଙ୍କ ନେତୃତ୍ୱରେ ଓଗିଲଭି ଇଣ୍ଡିଆ ଦୀର୍ଘ ୧୨ ବର୍ଷଧରି ନଂ ୧ ଏଜେନ୍ସିର ମାନ୍ୟତା ହାସଲ କରିଥିଲା। ୨୦୧୬ରେ ପୀୟୁଷଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେ ମଧ୍ୟ ଅଭିନୟ କ୍ଷେତ୍ରରେ ସଫଳତା ଅର୍ଜନ କରିଥିଲେ। ୨୦୧୩ରେ ଜନ ଆବ୍ରାହାମଙ୍କ ଅଭିନୀତ ମାଡ୍ରାସ କାଫେ ଓ ମେଜିକ ପେନସିଲ ପ୍ରୋଜେକ୍ଟରେ ଅଭିନୟ କରିଥିଲେ। ସେ ମଧ୍ୟ 'ଭୋପାଳ ଏକ୍ସପ୍ରେସ୍' ପାଇଁ ସଂଳାପ ଲେଖିଥିଲେ।

## ଜମ୍ମୁ-କଶ୍ମୀରରେ ଏନ୍‌ସି ୩ ଓ ବିଜେପି ଜିତିଲା ଗୋଟିଏ ରାଜ୍ୟସଭା ଆସନ

ଶ୍ରୀନଗର, ୨୪।୧୦(ଏଜେନ୍ସି): ଜମ୍ମୁ-କଶ୍ମୀରର ନିର୍ବାଚନରେ କ୍ଷମତାସୀନ ନ୍ୟାସନାଲ କନଫରେନ୍ସ ବାଜି ମାରି ନେଇଛି। ଏହି ଦଳ ୩ଟି ଏବଂ ବିରୋଧୀ ବିଜେପି ଗୋଟିଏ ରାଜ୍ୟସଭା ଆସନ ଜିତିଛି। ଏନ୍‌ଜିର ଚୌଧୁରୀ ରମଜାନ, ସଜ୍ଜାଦ ଅହମ୍ମଦ, ସମ୍ମି ଓବରାୟ ଏବଂ ବିଜେପିର ସତ୍ ଶର୍ମା ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ତେବେ କ୍ରସ ଭୋଟିଂ ଯୋଗୁଁ ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସତ ଶର୍ମା ମୋଟ ୩୨ଟି ଭୋଟ ପାଇଥିଲେ। ଏଥିରୁ ସେ କ୍ରସ ଭୋଟି ଯୋଗୁଁ ସେ ୪ଟି ଭୋଟ ପାଇଥିଲେ। ତେବେ କେଉଁ ଦଳର ବିଧାୟକ ଏହି ଭୋଟ ଦେଇଥିଲେ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ତାଙ୍କ ବିରୋଧରେ ଛିଡ଼ା ହୋଇଥିବା ଏନ୍‌ସିର ଇମ୍ରାନ ଡାରଙ୍କୁ ମାତ୍ର ୨୨ ଭୋଟ ମିଳିଥିଲା। ଏହି ନିର୍ବାଚନରେ ମୋଟ ୮୬ ବିଧାୟକ ଭୋଟ ଦେଇଥିଲେ।

## ଦିଲ୍ଲୀରେ ଏବେ ମହିଳା ନାଇଟ୍ ସିଫ୍ଟ କରିପାରିବେ

ନୂଆଦିଲ୍ଲୀ, ୨୪।୧୦(ଏଜେନ୍ସି): ଦିଲ୍ଲୀରେ ଏବେ ମହିଳା କର୍ମଚାରୀ ଦୋକାନ ଓ ଅଫିସ୍‌ରେ ରାତିରେ ଅର୍ଥାତ ନାଇଟ ସିଫ୍ଟରେ କାର୍ଯ୍ୟ କରିପାରିବେ। ଦିଲ୍ଲୀ ସରକାର ଗୁରୁବାର ବିଜ୍ଞପ୍ତି ଜାରିକରି ଆନୁଷ୍ଠାନିକ ଭାବେ ଏହି ଅନୁମତି ପ୍ରଦାନ କରିଛନ୍ତି। ତେବେ ଏଥିପାଇଁ ମହିଳା କର୍ମଚାରୀଙ୍କୁ ଲିଖିତ ଭାବେ ସହମତି ପ୍ରଦାନ କରିବାକୁ ହେବ। ମହିଳା କର୍ମଚାରୀ ମାନେ ଓଭର ଟାଇମ୍ କଲେ ସାମାନ୍ୟଠାରୁ ଦୁଇଗୁଣା ପାଉଣା ପାଇବେ। ସେହିପରି ସପ୍ତାହକୁ ସର୍ବାଧିକ ୪୮ ଘଣ୍ଟା କାମ କରିବେ। ଏଥିସହ ସବୁ ପ୍ରତିଷ୍ଠାନଗୁଡ଼ିକୁ ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି (ଆଇସିସି) ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଆଇଏସ୍ ଆତଙ୍କବାଦୀ ଗିରଫ

ଭୋପାଳ, ୨୪।୧୦(ଏଜେନ୍ସି): ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରୁ ଜଣେ ଆଇଏସ୍‌ଆଇଏସ୍ ଆତଙ୍କବାଦୀକୁ ଗିରଫ କରିଛି। ସେହିପରି ଦିଲ୍ଲୀର ସାଦିକ ନଗରରେ ଆଉ ଜଣେ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଏହି ଦୁଇଜଣ ସାଥି ହୋଇ ଜନଗହଳି ଅଞ୍ଚଳରେ ଆଇଇଡି ବିସ୍ଫୋରଣ ପାଇଁ ଯୋଜନା କରୁଥିଲେ। ଏହି ଦୁଇ ଆତଙ୍କବାଦୀଙ୍କ ନାମ ଆଦନାନ ବୋଲି ପୁଲିସ କହିଛି। ଏହି ଦୁଇଜଣଙ୍କୁ ଆତ୍ମଘାତୀ ଆକ୍ରମଣ ପାଇଁ ଟ୍ରେନିଂ ଦିଆଯାଉଥିଲା ଓ ଦିଲ୍ଲୀ ହିଁ ଏମାନଙ୍କ ଟାର୍ଗେଟରେ ଥିଲା।

## ଜଣକ ପାଖରୁ ୨୫୦ ଭୋଟ ପରିଚୟପତ୍ର ଜବତ

ନଦିଆ, ୨୪।୧୦(ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ଜଣେ ବ୍ୟକ୍ତିଙ୍କଠାରୁ ୨୫୦ଟି ଭୋଟ ପରିଚୟ ପତ୍ର ମିଳିଛି। ରାଜ୍ୟରେ ନିର୍ବାଚନ କମିଶନ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର) ଲାଗୁ କରିବା ପୂର୍ବରୁ ଏଭଳି ଘଟଣା ସାମ୍ନାକୁ ଆସିଛି। ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ବ୍ୟକ୍ତିଙ୍କ ଘର ହୁଗୁଳି ଜିଲ୍ଲାରେ। ସେ ନଦିଆର କଲ୍ୟାଣୀ ଅଞ୍ଚଳରେ ଥିବା ନିଜ ଭଉଣୀଙ୍କ ଘରକୁ ବୁଲି ଆସିଥିଲେ। ରାସ୍ତା କଡ଼ରେ ଥିବା ବୁଦା ନିକଟରେ ଏହି ଭୋଟ ପରିଚୟ ପତ୍ର ପାଇଥିବା ସେ କହିଛନ୍ତି।

# ଟିଟିପି କବ୍‌ଜାରେ ପାକିସ୍ତାନର ଖୈବର ପଖତୁନଖ୍ୱା

ଇସଲାମାବାଦ, ୨୪।୧୦ (ଏଜେନ୍ସି): ପଡ଼ୋଶୀ ଦେଶକୁ ଆତଙ୍କବାଦୀ ପଠାଇ ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନ ଏବେ ନିଜେ ଏହି ଜାଲରେ ଫସି ଯାଇଛି। ପାକିସ୍ତାନ ସେନା ଏବଂ ସରକାରଙ୍କ ପାଇଁ ମୁଣ୍ଡବିନ୍ଧା ସୃଷ୍ଟି କରିଥିବା ତେହରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ବଡ଼ ପଦକ୍ଷେପ ନେଇଛି। ଆଫଗାନିସ୍ତାନ ସୀମାକୁ ଲାଗି ରହିଥିବା ପାକିସ୍ତାନର ଖୈବର ପଖତୁନଖ୍ୱା ପ୍ରଦେଶକୁ ଏହି ସଂଗଠନ କବ୍‌ଜା କରିନେଇଛି। ସେନା ଏବଂ ଟିଟିପି ମଧ୍ୟରେ ଯୁଦ୍ଧକ୍ଷେତ୍ର ପାଲଟି ଥିବା ଖୈବର ପଖତୁନଖ୍ୱା ଉପରୁ ପାକିସ୍ତାନ ନିୟନ୍ତ୍ରଣ ହରାଇବାରେ ଲାଗିଛି। ଏଠାକାର ସିଂହ ଭାଗ ଜିଲ୍ଲାକୁ ଟିଟିପି ଏବଂ ଏହାର ସହଯୋଗୀ ଗୋଷ୍ଠୀ କବ୍‌ଜା କରିନେଲାଣି। ଟିଟିପି ନିଜ ସ୍ଥିତିକୁ ଦୃଢ଼ କରିଚାଲିଛି। ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏବେ ଜେନେରାଲ ଅସିମ ମୁନୀରଙ୍କ ସେନା ଖୈବର ପଖତୁନଖ୍ୱାରେ ପ୍ରବେଶ କରିବାକୁ ଭୟ କରୁଛି। ପାକିସ୍ତାନ ଏବଂ ଆଫଗାନିସ୍ତାନ ସୀମା ତଥା ଡୁରଣ୍ଡ ଲାଇନକୁ ଲାଗି ରହିଥିବା ଖୈବର, କୁରମ, ଉତ୍ତର ଏବଂ ଦକ୍ଷିଣ ବଜିରସ୍ତାନ ଯିବାକୁ ପାକିସ୍ତାନ ସେନା ସାହସ କରିପାରୁ ନାହିଁ। ଏହି ସବୁ ଅଞ୍ଚଳକୁ ଟିଟିପି କବ୍‌ଜା କରି ଚେକ୍ ପଏଣ୍ଟ ଆରମ୍ଭ କରିଦେଇଛି।



ରିପୋର୍ଟ ଅନୁଯାୟୀ ଟିଟିପି ସଦସ୍ୟ ଖୈବର ପ୍ରଦେଶର ଆଦିବାସୀ ବହୁଳ ଜିଲ୍ଲାଗୁଡିକର ବିଭିନ୍ନ ସ୍ଥାନରେ ଚେକ୍ ପଏଣ୍ଟ ପ୍ରସ୍ତୁତ କରିଛି। ଏହାକୁ ରୋକିବାରେ ପାକିସ୍ତାନ ସେନା ବିଫଳ ହୋଇଛି। ଏହି ସବୁ ଅଞ୍ଚଳରେ ପେଶାଓ଼ର-ଖୈବର ରୋଡ, ହାଙ୍ଗୁ-କୁରମ କରିଡର, ବନ୍ନୁ-ଡେରା ଇସମାଇଲ ଖାନ ରାସ୍ତା ସାମିଲ ରହିଛି। ଏଠାରେ ଆତଙ୍କବାଦୀ ସଂଗଠନ ଟିଟିପିର ସଦସ୍ୟ ଗାଡ଼ି ଯାଞ୍ଚ କରୁଛନ୍ତି। ପରିଚୟ ପତ୍ର ଦେଖି ଲୋକଙ୍କୁ ଛାଡୁଛନ୍ତି। ଏହା ସହିତ ଜିହାଦ ପାଇଁ ଚାନ୍ଦା ମଧ୍ୟ ଆଦାୟ କରୁଛନ୍ତି। ଟିଟିପିର ଗଣମାଧ୍ୟମ ଶାଖା ଏହାର ଭିଡିଓ ଜାରି କରିଛି। ଏଥିରେ ସଦସ୍ୟ କେମିତି ଗାଡ଼ି ଯାଞ୍ଚ କରୁଛନ୍ତି ତାହା ଦେଖିବାକୁ ମିଳୁଛି। ଏହା ସହିତ ପାକିସ୍ତାନ ସେନାକୁ ଆହ୍ୱାନ ଦିଆଯାଇଛି। ଟିଟିପିର ଜଣେ ଆତଙ୍କବାଦୀ ପାକିସ୍ତାନ ସେନାମୁଖ୍ୟଙ୍କୁ ଖୈବର ପଖତୁନଖ୍ୱା ଆସିବା ପାଇଁ ଆହ୍ୱାନ ଦେଇଛନ୍ତି। ଯଦି ମୁନୀର ପୁରୁଷ ଏବଂ ମାଆ କ୍ଷୀର ପିଇଛନ୍ତି ତେବ ଖୈବର ଆସି ଦେଖାନ୍ତୁ ବୋଲି ଆତଙ୍କବାଦୀ କହିଛି। ସେହିପରି ଟିଟିପି ସଦସ୍ୟ ଏବେ ଗାଁରୁ ବାହାରି ପେଶାଓ଼ରର ସହରୀ ଅଞ୍ଚଳରେ ଆକ୍ରମଣ କଲେଣି। ଆଦିବାସୀମାନେ ମଧ୍ୟ ଟିଟିପିକୁ ସମର୍ଥନ ଦେଉଛନ୍ତି।

## ଜୈସରେ ୧୫୦୦ ଆତଙ୍କବାଦୀ ସାମିଲ

ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ପୁଣିଥରେ ସକ୍ରିୟ ହେବା ଆରମ୍ଭ କରିଛି। ଏହି ସଂଗଠନ ପ୍ରଥମଥର ପାଇଁ ମହିଳା ବ୍ରିଗେଡ୍ 'ଜମାତ-ଅଲ- ମୋମିନାତ' ଆରମ୍ଭ କରିଛି। ଅକ୍ଟୋବର ୮ରୁ ସଂଗଠନ ପାଇଁ ଭର୍ତ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅନଲାଇନ୍‌ରେ ଏହି ଭର୍ତ୍ତି ପ୍ରକ୍ରିୟା ଆୟୋଜନ କରାଯାଇଥିଲା। ଖାସ୍ କରି ଯୁବ ଆତଙ୍କବାଦୀଙ୍କୁ ଏହି ସଂଗଠନରେ ସାମିଲ କରାଯାଉଛି। 'ଅପରେସନ ସିନ୍ଦୂର'ରେ ଭାରତ ପଞ୍ଜାବର ବାହବଲପୁରରେ ଥିବା ଜୈସର ଠିକଣାକୁ ଧ୍ୱଂସ କରି ଦେଇଥିଲା। କିନ୍ତୁ ଏବେ ପାକ୍ ସେନା ସହାୟତାରେ ଜୈସ ପୁଣି ସଂଗଠିତ ହେଉଛି। ପଞ୍ଜାବ ଓ ସିନ୍ଧ ପ୍ରଦେଶରୁ ୧୫୦୦ ଆତଙ୍କବାଦୀଙ୍କୁ ଜୈସରେ ସାମିଲ କରାଯାଇଛି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଏଥିସହ ପାକିସ୍ତାନର ବିଭିନ୍ନ ସହରରେ ଚାଲିଥିବା ମସଜିଦ ଓ ମଦ୍ରାସାରୁ ପାଖାପାଖି ୧୦୦ କୋଟି ଟଙ୍କାର ଚାନ୍ଦା ସଂଗ୍ରହ କରାଯାଇଛି।

ଅପରେସନ ସିନ୍ଦୂରରେ ପଞ୍ଜାବ ରାଜ୍ୟର ଓ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ରେ ଥିବା ଆତଙ୍କବାଦୀ ଠିକଣାକୁ ଭାରତ କ୍ଷେପଣାସ୍ତ୍ର ମାଡ଼ କରି ଧ୍ୱଂସ କରି ଦେଇଥିଲା। ଏହାକୁ ମରାମତି କରିବା ଆଳରେ ପାଣ୍ଠି ସଂଗ୍ରହ କରି ଏହି ଅର୍ଥରେ ଆତଙ୍କବାଦୀଙ୍କୁ ଭର୍ତ୍ତି କରୁଥିବା ସୂଚନା ମିଳିଛି। ଜୈସ ଏବେ ପାକିସ୍ତାନର ବିଭିନ୍ନ ସହରଗୁଡିକରେ ୧୦୦ରୁ ଅଧିକ ସଭା ସମ୍ମିଳନୀ ଆୟୋଜନ କରିବ। ପିଓକେରେ ଆତଙ୍କବାଦୀ ନେଟ୍‌ୱର୍କ ପୁଣିଥରେ ଚାଲୁ କରିବା ସହ ଦୃଢ କରିବାକୁ ଜୈସ ଯୋଜନା କରୁଛି। ଦୁର୍ଦ୍ଦାନ୍ତ ଆତଙ୍କବାଦୀ ମାସୁଦ ଆଝାରର ଦୁଇ ଭଉଣୀ ସାଦିଆ ଓ ସେମେରା ଏହି ମହିଳାଙ୍କୁ ପ୍ରଶିକ୍ଷଣ ଦେବେ।

## ଜୁବିନ ଗର୍ଗ ମୃତ୍ୟୁ ମାମଲା: ୧୦ ଦିନ ମଧ୍ୟରେ ପ୍ରମାଣ ଦେବ ସିଙ୍ଗାପୁର ପୁଲିସ୍

ଗୌହାଟୀ, ୨୪।୧୦(ଏଜେନ୍ସି): ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ନେଇ ଏବେ ବି ସଂଶୟ ଜାରି ରହିଛି। ସିଙ୍ଗାପୁର ପୁଲିସ ଆଗାମୀ ୧୦ ଦିନ ମଧ୍ୟରେ ଜୁବିନଙ୍କ ମୃତ୍ୟୁ ନେଇ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଓ ଦସ୍ତାବିତ ଆସାମ ପୁଲିସର ସ୍ପେଶାଲ ଇନଭେଷ୍ଟିଗେସନ ଟିମ୍ (ଏସ୍‌ଆଇଟି)କୁ ଦେବ ବୋଲି ଆସାମ ପୁଲିସ ସୂଚନା ଦେଇଛି। ଏଥିରେ ସିସିଟିଭି ଫୁଟେଜ ଓ ସାକ୍ଷୀମାନଙ୍କ ବୟାନ ସାମିଲ ରହିଛି। ଏହି ମାମଲାରେ ସିଙ୍ଗାପୁର ପୁଲିସ ମଧ୍ୟ ସ୍ୱତନ୍ତ୍ର ଭାବେ ତଦନ୍ତ କରୁଛି। ଭାରତ ସରକାର ମଧ୍ୟ ତଦନ୍ତ ପାଇଁ ସିଙ୍ଗାପୁରଠାରୁ ଆନୁଷ୍ଠାନିକ ଭାବେ ସହଯୋଗ ମାଗିଥିଲେ। ଏବେ ଦୁଇଦେଶର ତଦନ୍ତକାରୀ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଆସାମ ପୁଲିସ ତରଫରୁ କୁହାଯାଇଛି। ଏପର୍ଯ୍ୟନ୍ତ ୭୦ଜଣଙ୍କ ବୟାନ ରେକର୍ଡ କରାଯାଇ ସାରିଛି। ଉଲ୍ଲେଖଥାଉ କି, ଗତ ୧୯ ତାରିଖରେ ଜୁବିନ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରୁଥିବାବେଳେ ସମୁଦ୍ରରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ସେହି ସମୟରେ ବୋଟ୍‌ରେ ତାଙ୍କ ସହ ୧୭ ଜଣ ଲୋକ ଥିଲେ। ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ଯୋଗ ଦେବାକୁ ସେ ସିଙ୍ଗାପୁର ଯାଇଥିଲେ। ଏହି ମାମଲାରେ ଏପର୍ଯ୍ୟନ୍ତ ୭ ଜଣ ଲୋକଙ୍କୁ ଗିରଫ କରାଗଲାଣି। ଏମାନଙ୍କ ମଧ୍ୟରେ ଜୁବିନଙ୍କ ପୁଲିସ ଭାଇ ସାମିଲ ଅଛନ୍ତି।

## ମହାରାଷ୍ଟ୍ରରେ ଡାକ୍ତରାଣୀଙ୍କ ଆତ୍ମହତ୍ୟା; ପାପୁଲିରେ ସୁଇସାଇଡ୍ ନୋଟ



ସତାରା, ୨୪।୧୦(ଏଜେନ୍ସି): ମହାରାଷ୍ଟ୍ର ସତାରାର ଫଲଟାନ ଜିଲ୍ଲା ହସ୍ପିଟାଲରେ ମହିଳା ଡାକ୍ତର ସମ୍ପଦା ମୁଣ୍ଡେ ଆତ୍ମହତ୍ୟା କରିଛନ୍ତି। ନିଜ ପାପୁଲିରେ ସେ ସୁଇସାଇଡ୍ ନୋଟ ଲେଖିଛନ୍ତି। ପୁଲିସ ଅଧିକାରୀଙ୍କ ନିର୍ଯାତନା ଏବଂ ଯୋନ ଉତ୍ପୀଡ଼ନ ପାଇଁ ସେ ଆତ୍ମହତ୍ୟା କରିଥିବା ଲେଖିଛନ୍ତି। ପାପୁଲିରେ ସେ ପୁଲିସ ଏସ୍‌ଆଇ ଗଣେଶ ବଡନେ ତାଙ୍କୁ ୪ଥର ଦୁଷ୍କର୍ମ କରିଥିବା ଅଭିଯୋଗ କରିଛନ୍ତି। ସମ୍ପଦା ଓ ଜିଲ୍ଲା ପୁଲିସ ମଧ୍ୟରେ ଏକ ମେଡିକାଲ ପରୀକ୍ଷାକୁ ନେଇ ପୂର୍ବରୁ ବିବାଦ ହୋଇଥିଲା। ପୁଲିସ କର୍ମଚାରୀ ପ୍ରଶାନ୍ତ ବାଙ୍କରଙ୍କ ବିରୋଧରେ ସେ ଶାରୀରୀକ ଓ ମାନସିକ ନିର୍ଯାତନା ଦେବାର ଅଭିଯୋଗ କରିଛନ୍ତି। ଏହି ମାମଲାରେ ନିରପେକ୍ଷ ଯାଞ୍ଚ୍ କରାଯିବ ଓ ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ସ୍ଥାନୀୟ ମନ୍ତ୍ରୀ ଶମ୍ଭୁରାଜ ଦେଶାଇ କହିଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ଏସ୍‌ଆଇ ଗଣେଶଙ୍କୁ ନିଲମ୍ବନ କରାଯାଇଛି। ଏହି ମାମଲାରେ ସମ୍ପଦା ପୁଲିସ ବିଭାଗ ତରଫରୁ ହେଉଥିବା ନିର୍ଯାତନା ନେଇ ଏକାଧିକବାର ନିଜ ବରିଷ୍ଠ ଡାକ୍ତରଙ୍କ ନିକଟରେ ଅଭିଯୋଗ କରିଥିଲେ। ମୋ ସହିତ ଖରାପ ବ୍ୟବହାର କରାଯାଉଛି। ଯଦି ମୋ କଥା ଶୁଣା ଯିବନି ତେବେ ଆତ୍ମହତ୍ୟା କରିବି ବୋଲି ସମ୍ପଦା କହିଥିଲେ। ଜଣେ ଡିଏସପିଙ୍କୁ ମଧ୍ୟ ଅଭିଯୋଗ ଦେଇଥିଲେ। ଏହା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ସମ୍ପଦା ମହାରାଷ୍ଟ୍ରର ବିଡ୍‌ରେ ରହି ଫଲଟାନ ଜିଲ୍ଲା ହସ୍ପିଟାଲରେ କାର୍ଯ୍ୟ କରୁଥିଲେ। ଅଭିଯୁକ୍ତଙ୍କ ସୁସ୍ଥ ପ୍ରମାଣପତ୍ର ଦେବାକୁ ସମ୍ପଦାଙ୍କ ଉପରେ ପ୍ରବଳ ଚାପ ପକାଯାଉଥିଲା। ଏଥିପାଇଁ ସେ ମାନସିକ ଦୁଶ୍ଚିନ୍ତା ଦେଇ ଗତି କରୁଥିଲେ। ମହାରାଷ୍ଟ୍ର ମହିଳା କମିଶନ ମଧ୍ୟ ଏହି ମାମଲାକୁ ଗମ୍ଭୀରତାର ସହ ନେଇ ନିରପେକ୍ଷ ତଦନ୍ତ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ସମ୍ପଦାଙ୍କ ଆଉ ଏକ ଚିଠି ସାମ୍ନାକୁ ଆସିଛି। ଏଥିରେ ଜଣେ ସାଂସଦ ଏବଂ ତାଙ୍କ ବ୍ୟକ୍ତିଗତ ସହାୟକଙ୍କ ବିଷୟରେ କୁହାଯାଇଛି। ତେବେ କାହାର ନାମ ଲେଖାଯାଇନାହିଁ।

### ■ ଏସ୍‌ଆଇଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ

## ପାକିସ୍ତାନକୁ ପାଣି ଦେବନି ଆଫଗାନିସ୍ତାନ

କାବୁଲ, ୨୪।୧୦(ଏଜେନ୍ସି): ଭାରତ ପରେ ଏବେ ପାକିସ୍ତାନକୁ ଶୋଷରେ ମାରିବାକୁ ଆଫଗାନିସ୍ତାନ ଯୋଜନା କରୁଛି। ଇସଲାମାବାଦକୁ ପାଣି ନ ଦେବା ପାଇଁ ଯୋଜନା କରାଯାଉଛି ବୋଲି ଆଫଗାନିସ୍ତାନ ସୂଚନା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଆଫଗାନିସ୍ତାନର ତାଲିବାନ ସରକାର କୁନାର ନଦୀ ଉପରେ ଖୁବ୍‌ଶୀଘ୍ର ଡ୍ୟାମ ନିର୍ମାଣ କରିବାକୁ ଯାଉଛନ୍ତି । ତାଲିବାନର ସର୍ବୋଚ୍ଚ ନେତା ମଓଲୋଭି ହିବାତୁଲ୍ଲା ଅଖୁନଜାଦା ଏହି ବନ୍ଧ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଘରୋଇ କମ୍ପାନୀଗୁଡ଼ିକୁ ଠିକା ଦିଆଯାଇ ଯଥାଶୀଘ୍ର ଏହି ଡ୍ୟାମ୍ ନିର୍ମାଣ କରିବାକୁ ମନ୍ତ୍ରଣାଳୟର ଉପମନ୍ତ୍ରୀ ମୁହାଜୀର ଫରାହୀ କହିଛନ୍ତି। ଏହି କାର୍ଯ୍ୟପାଇଁ ବିଦେଶୀ କମ୍ପାନୀଗୁଡ଼ିକୁ ଅପେକ୍ଷା କରାଯିବ ନାହିଁ। ନିକଟରେ ପାକିସ୍ତାନ ସହ ହୋଇଥିବା ସଂଘର୍ଷକୁ ଦେଖି ଏହି ନିଷ୍ପତ୍ତି ନିଆଯାଇଛି। କୁନାର ନଦୀର ଦୈର୍ଘ୍ୟ ୪୮୦ କିମି ହୋଇଥିବା ବେଳେ ଏହାର ୭୦ରୁ ୮୦ ପ୍ରତିଶତ ପାଣି ପାକିସ୍ତାନକୁ ବହିଯାଉଛି। ଆଫଗାନିସ୍ତାନରୁ ବାହାରି ଏହା ଚିରତାଲ ନଦୀ ହୋଇ କାବୁଲ ନଦୀରେ ମିଶିଛି। ଯଦି ଆଫଗାନିସ୍ତାନ ପାଣି ରୋକେ ତେବେ ପାକିସ୍ତାନରେ ଗମ୍ଭୀର ଜଳ ସଙ୍କଟ ସୃଷ୍ଟି ହେବ। ଉଲ୍ଲେଖଥାଉ କି, ଅକ୍ଟୋବର ୯ରୁ ୧୮ ତାରିଖ ମଧ୍ୟରେ ହୋଇଥିବା ଏହି ସଂଘର୍ଷରେ ୩୭ ଜଣ ଆଫଗାନ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ୪୨୫ ଜଣ ଆହତ ହୋଇଥିଲେ। ପୂର୍ବରୁ ମଧ୍ୟ ଭାରତ ପହଲଗାମ ଆକ୍ରମଣ ପରେ ଏପ୍ରିଲ ୨୩ରେ ସିନ୍ଧୁ ଜଳ ଚୁକ୍ତିକୁ ଭାରତ ରଦ୍ଦ କରିଦେଇଥିଲା। ପାକିସ୍ତାନକୁ ଯାଉଥିବା ପାଣିକୁ ରୋକିବା ନେଇ ଘୋଷଣା କରିଥିଲା।



# ଚିରାଗଙ୍କୁ ଭାଷଣ ଦେବାକୁ ଅଟକାଇଲେ ମୋଦୀ




ପାଟନା, ୨୪।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାରଠାରୁ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ସେ ସମସ୍ତିପୁର ରାଲି କରି କ୍ଷମତାସୀନ ମେଣ୍ଟ ପାଇଁ ଭୋଟ ମାଗିଛନ୍ତି। ତେବେ ଏହି ସମୟରେ ଅପ୍ରୀତିକର ଘଟଣା ଘଟିଥିଲା। ଉଦ୍‌ଘୋଷକ ଅଭିଭାଷଣ ଦେବା ପାଇଁ ପ୍ରଥମେ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନଙ୍କ ନାମ ଡାକିଥିଲେ। କିନ୍ତୁ ମୋଦୀ ତାଙ୍କୁ ଏପରି ନ କରିବାକୁ ସଙ୍କେତ ଦେଇଥିଲେ। ସେ ଚିରାଗଙ୍କୁ ଭାଷଣ ଦେବାକୁ ଅଟକାଇବାକୁ ସଙ୍କେତ ଦେଇଥିଲେ। କାରଣ ବରିଷ୍ଠ ଏବଂ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ପ୍ରଧାନମନ୍ତ୍ରୀ ମୋଦୀ ନୀତୀଶ କୁମାରଙ୍କ ପ୍ରଥମେ ଅଭିଭାଷଣ ପାଇଁ ଡାକିବାକୁ ସଙ୍କେତ ଦେଇଥିଲେ। ଏହା ପରେ ଉଦ୍‌ଘୋଷକ ନୀତୀଶଙ୍କୁ ଭାଷଣ ଦେବାକୁ ଡାକିଥିଲେ। ମୁଖ୍ୟମନ୍ତ୍ରୀ ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ଭାଷଣ ଦେବା ପରେ ମୋଦୀ ଜନତାଙ୍କୁ ସମ୍ବୋଧନ କରିଥିଲେ। କିନ୍ତୁ ଏହା ପରେ ଆଉ ଚିରାଗଙ୍କୁ ଅଭିଭାଷଣ ଦେବାକୁ ଡକା ଯାଇ ନ ଥିଲା।

ପ୍ରଧାନମନ୍ତ୍ରୀ ଆଜି ବେଗୁସରାୟ ଏବଂ ସମସ୍ତିପୁରରେ ଜନସଭା କରି ୩୦ ଥର ଜଙ୍ଗଲରାଜ କଥା ଉଠାଇ ଆରଜେଡି ଏବଂ ମହାମେଣ୍ଟକୁ ନିଶାଣ କରିଥିଲେ। ସେ ଲୋକଙ୍କୁ ନିଜ ମୋବାଇଲ ଫ୍ଲାସ ଲାଇଟ ଜଳାଇବାକୁ କହି ଲଣ୍ଠନର ଆବଶ୍ୟକତା ନ ଥିବା ଉଲ୍ଲେଖ କରିଥିଲେ। ମୋଦୀ କହିଥିଲେ ଯେ କଂଗ୍ରେସ ସମୟରେ ମୋବାଇଲ ବହୁତ ମହଙ୍ଗା ଥିଲା। ଏହାକୁ ବିଦେଶରୁ ମଗାଇବାକୁ ପଡୁଥିଲା। ସେତେବେଳେ ଦେଶରେ ୨ଟି ମୋବାଇଲ କାରଖାନା ଥିବାବେଳେ ଏବେ ଏହା ୨୦୦ରୁ ଅଧିକ ହୋଇଗଲାଣି।

ସେହିପରି ବେଗୁସରାୟରେ ପ୍ରଧାନମନ୍ତ୍ରୀଙ୍କ ମଞ୍ଚରୁ ଲାଇଟ ଚାଲି ଯାଇଥିଲା। ତେଣୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ମାଇକ ଧରି ଲାଇଟ ବାଲାଙ୍କୁ ଷ୍ଟେଜକୁ ଡାକି ଥିଲେ। ଅନ୍ୟପକ୍ଷରେ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ପରେ ତେଜସ୍ୱୀ ଯାଦବ ଶୁକ୍ରବାର ପ୍ରଚାର ଅଭିଯାନ ଆରମ୍ଭ କରି ଶାସକ ମେଣ୍ଟଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଜନତା ତାଙ୍କୁ ମୁଖ୍ୟମନ୍ତ୍ରୀ କଲେ ବିହାର ଲୋକଙ୍କୁ ଚିନ୍ତାରୁ ମୁକ୍ତି ଦେବେ ବୋଲି କହିଥିଲେ। ସହର୍ସାରେ ଏକ ରାଲିକୁ ସମ୍ବୋଧନ କରି ତେଜସ୍ୱୀ କହିଥିଲେ ଯେ ଗୁଜରାଟର ଦୁଇ ବ୍ୟକ୍ତି ବିହାର ଚଳାଇବାକୁ ପ୍ରୟାସ କରୁଛନ୍ତି। ମୋଦୀ ଜୀ ଗୁଜରାଟରେ କାରଖାନା ଲଗାଇବେ ଏବଂ ବିହାର ଜିତିବାକୁ ଚାହିଁବେ। ଆଉ ଏଭଳି ହେବ ନାହିଁ। ବିହାରୀ ବାହାର ଲୋକଙ୍କୁ ଭୟ କରନ୍ତି ନାହିଁ। ଲାଲୁ ଜୀ ମୋଦୀଙ୍କୁ ଡରନ୍ତି ନାହିଁ, ତାଙ୍କ ପୁଅ କାହିଁକି ଡରିବ? ଏହା ମଧ୍ୟରେ ସମାଜବାଦୀ ପାର୍ଟି ବିହାର ନିର୍ବାଚନ ପାଇଁ ୨୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଜାରି କରିଛି। ଏଥିରେ ଅଖିଳେଶ ଯାଦବ, ଆଜମ ଖାନ, ଦଳୀୟ ଉପାଧ୍ୟକ୍ଷ କିରଣମୟ ନନ୍ଦାଙ୍କ ନାମ ଥିବାବେଳେ ଦାଦା ରାମଗୋପାଳ ଯାଦବ ଏବଂ ଶିବପାଲ ଯାଦବଙ୍କ ନାମ ନାହିଁ।

## 'ମୁନ୍‌ଲାଇଟିଂ' ପାଇଁ ଆମେରିକାରେ ୧୫ ବର୍ଷ ଜେଲ୍ ଭୋଗିବେ ଭାରତୀୟ



ନ୍ୟୁୟର୍କ, ୨୪।୧୦(ଏଜେନ୍ସି): ଆମେରିକାର ମେହୁଲ ଗୋସ୍ୱାମୀ ନାମକ ଜଣେ ୩୯ ବର୍ଷୀୟ ଭାରତୀୟ ୧୫ ବର୍ଷ ଜେଲ୍ ଦଣ୍ଡ ଭୋଗିବା ସମ୍ଭାବନା ସୃଷ୍ଟି ହୋଇଛି। ନ୍ୟୁୟର୍କ ରାଜ୍ୟରେ ସରକାରୀ ଚାକିରି କରୁଥିବା ବେଳେ ସେ ଅନ୍ୟ ଏକ କମ୍ପାନୀ ପାଇଁ କାର୍ଯ୍ୟ କରୁଥିବା ତଥା ମୁନ୍‌ଲାଇଟିଂ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ତାଙ୍କ ବରୋଧରେ 'ଗ୍ରାଣ୍ଡ ଲାର୍ସେନି' ଅର୍ଥାତ ବଡ଼ ଚୋରିର ଅଭିଯୋଗ ଆସିଛି। ସେ କରଦାତାଙ୍କ ପାଖାପାଖି ୫୦ ହଜାର ଡଲାର ଅର୍ଥାତ ୪୨ ଲକ୍ଷ ଟଙ୍କାର ଦୁରୁପଯୋଗ କରିଛନ୍ତି ବୋଲି ଯାଞ୍ଚରୁ ଜଣା ପଡ଼ିଛି। ମେହୁଲ ନ୍ୟୁୟର୍କ ଷ୍ଟେଟ ଅଫିସ ଅଫ୍ ଇନଫର୍ମେସନ ଟେକ୍ନୋଲୋଜୀ ସର୍ଭିସେଜ୍‌ରେ କାର୍ଯ୍ୟ କରୁଥିଲେ। ଏହା ତାଙ୍କର ମୁଖ୍ୟ ଚାକିରି ଥିଲା। କିନ୍ତୁ ସେ ୨୦୨୨ ମାର୍ଚ୍ଚରେ ମଲ୍‌ଟାରେ ସେମିକଣ୍ଡକ୍ଟର କମ୍ପାନୀ ଗ୍ଲୋବାଲ ଫାଉଣ୍ଡ୍ରିଜ ପାଇଁ କଣ୍ଟ୍ରାକ୍ଟର ଭାବେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ। ସେ ସରକାରୀ ଚାକିରି କରିବା ଅବସରରେ ହିଁ ଏହି କମ୍ପାନୀ ପାଇଁ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ଏହା ଆମେରିକାରେ ଏକ ବଡ଼ ଅପରାଧ ବିବେଚନା କରାଯାଇଥାଏ। ସରକାରୀ ଚାକିରି କରୁଥିବା ବ୍ୟକ୍ତିମାନଙ୍କ ଉପରେ ସଚ୍ଚୋଟତାର ସହ କାର୍ଯ୍ୟ କରିବାର ଦାୟିତ୍ୱ ଥାଏ ବୋଲି ଇନ୍‌ସପେକ୍ଟର ଜେନେରାଲ ଲୁସି ଲେଙ୍ଗ୍ କହିଛନ୍ତି। କିନ୍ତୁ ମେହୁଲଙ୍କ ଆଚରଣ ଜନତାଙ୍କ ବିଶ୍ୱାସର ବଡ଼ ଉଲ୍ଲଂଘନ ଓ ଅନ୍ୟ କମ୍ପାନୀ ପାଇଁ କର୍ଯ୍ୟ କରିବା ସରକାରଙ୍କ ସଂଶାଧନ ଓ ଜନସାଧାଣ ତଥା କରଦାତାଙ୍କ ଅର୍ଥର ଦୁରୁପଯୋଗ ବୋଲି ସେ କହିଛନ୍ତି।

ସକାଳ THE SAKALA
ଶନିବାର
୨୫ ଅକ୍ଟୋବର, ୨୦୨୫



## ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା

# ଶଙ୍କରର ଅକଳନ ସମ୍ପତ୍ତି ଦେଖି କ୍ରାଇମବ୍ରାଞ୍ଚ ଜଲକା

**■ ଛତ୍ରପୁରରେ ପତ୍ନୀ ନାମରେ କିଣିଛି ୧୦ କୋଟିର ସମ୍ପତ୍ତି**

**■ ବିଗ୍‌ବସ୍ ରେଡ୍ଡୀଠାରୁ ଶଙ୍କର ଶିଖିଥିଲା ଜାଲିଆତି ତରିକା**

**ଭୁବନେଶ୍ୱର,୨୪।୧୦(ସମିସ):** ଦିନ ମଜୁରିଆରୁ ବିପୁଳ ସମ୍ପତ୍ତିର ମାଲିକ ପାଲଟିଛି ପୁଲିସ ଏସ୍‌ଆଇ ଚାକିରି ବେପାରର ମୁଖ୍ୟ କାର୍ପଟଦାର ଶଙ୍କର ପୃଷ୍ଟି। ଏକ ସମୟରେ ଶଙ୍କରର ଗାଁରେ ବାପା ଲୁହା କାମ କରୁଥିଲେ ଓ ସେଥିରେ ତାଙ୍କୁ ଶଙ୍କର ସହଯୋଗ କରୁଥିଲେ। ପରବର୍ତ୍ତୀ ସମୟରେ ଗାଁରେ ବୁଲି ସେ ମାମଲାତି କରୁଥିଲେ। ମାତ୍ର ଚାକିରି ବେପାରରେ ତାଙ୍କ କମ୍ପାନୀ ପଞ୍ଚସପ୍ଟର ସଂପୃକ୍ତିର ଅନୁସନ୍ଧାନ ସମୟରେ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି ଅନେକ ଗୁରୁତ୍ୱପୂର୍ଣ୍ଣର୍ ସୂଚନା। ଦାମୀ ଗାଡ଼ି, ବିଳାସପୂର୍ଣ୍ଣ ଘର, କମ୍ପାନୀ, ରାଜ୍ୟ ଓ ରାଜ୍ୟ ବାହାରେ ଏକାଧିକ ଫାର୍ମ ହାଉସ, ଅନ୍ୟାନ୍ୟ ସମ୍ପତ୍ତିର ତଥ୍ୟ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି । ଛତ୍ରପୁର ରଘୁନାଥପୁରର ଡିଫେନସ୍ କଲୋନୀ ଅଞ୍ଚଳରେ ପତ୍ନୀ ଦିପ୍ତୀମୟୀଙ୍କ ନାଁରେ ଶଙ୍କର କିଣିଥିବା ଜମିର ମୂଲ୍ୟ ପ୍ରାୟ ୧୦ କୋଟି ହେବ ବୋଲି ଆକଳନ କରାଯାଇଛି। କେବଳ ଛତ୍ରପୁର ନୁହେଁ ଅନ୍ୟ ସ୍ଥାନରେ ବି ଶଙ୍କରର ଜମି ଓ ଫାର୍ମହାଉସ ଥିବା କ୍ରାଇମବ୍ରାଞ୍ଚ ସୂଚନା ପାଇଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ବିଗ୍‌ବସ୍ ରେଡ୍ଡୀର ଆଶୀର୍ବାଦ ଓ ଜାଲିଆତି ପାଠରେ କୋଟିପତି ପାଲଟିଛି ଶଙ୍କର। ଗାଁରେ ଗୁଲିଖଟି କରି ବିତାଉଥିବା ବେଳେ ମଝିରେ ମଝିରେ ସେ ବ୍ରହ୍ମପୁର ଆସେ ସେଠାରେ ତାର ପରିଚୟ ରେଡ୍ଡୀ ସହ ହୋଇଥିଲା। ବିଭିନ୍ନ ଅପରାଧ ସହ ଜଡ଼ିତ ବାଲି ମାଫିଆ ରେଡ୍ଡୀ ଶଙ୍କରକୁ ପଢ଼ାଇଥିଲା ଜାଲିଆତି ତରିକା। ପ୍ରଥମେ କୋଚିଂ ସେଣ୍ଟର କରି ଛୋଟମୋଟ ରୋଜଗାର କରୁଥିଲା। ମାତ୍ର ପରବର୍ତ୍ତୀ ସମୟରେ ସେ ପରୀକ୍ଷା ଜାଲିଆତି ଓ ଚାକିରି ବିକ୍ରିକୁ ନିଜର ପେଶା କରି ଦେଇଥିଲା। ଦାମୀ ଗାଡିରେ ପ୍ରତି ସପ୍ତାହରେ ବସ୍ତାରେ ଭର୍ତ୍ତିକରି ଶଙ୍କର ଗାଁକୁ ବିଡ଼ାବିଡ଼ା ଟଙ୍କା ଧରି ଆସୁଥିଲା। ଗାଁରେ ଟଙ୍କା ବାଣ୍ଟି ନିଜର ଗ୍ୟାଙ୍ଗ ବନାଇଥିଲା ଓ ଏହି ଗ୍ୟାଙ୍ଗ ଜରିଆରେ ବାଲି ଚୋରାଚାଲାଣ ଓ ଅନ୍ୟ ବେଆଇନ କାମ ଚଳାଇଥିଲା।

ଭୁବନେଶ୍ୱରରେ ନିଜ ବିଗ୍ ବସ୍ ରେଡ୍ଡି ଜରିଆରେ ସେ କିଛି ଆଇଏଏସ୍ ଓ ଆଇପିଏସ୍‌ଙ୍କ ସଂସ୍ପର୍ଶରେ ଆସିଥିଲା। ସେମାନଙ୍କ ସହାୟତାରେ ସେ ସିଲିକନ୍‌ଠାରୁ ଏସ୍‌ଆଇ ପରୀକ୍ଷା କରିବାକୁ ଠିକା ପାଇଥିଲା। ସିଲିକନକୁ ପଞ୍ଚସପ୍ଟ ଆଡ୍ ହକ୍ କର୍ମଚାରୀ ଦେବାର ପ୍ରସ୍ତାବ ଥିଲା। ପ୍ରସ୍ତାବରେ ଆଉଟ୍ ଅଫ୍ ସ୍କୋପ୍ ଦେବାର ବି ଉଲ୍ଲେଖ ରହିଥିଲା ଓ ଏହି ଆଉଟ୍ ଅଫ୍ ସ୍କୋପ୍‌ରେ ଥିଲା ପ୍ରଶ୍ନପତ୍ର ସହ ସଂପୃକ୍ତ କାର୍ଯ୍ୟାବଳୀ। ପରୀକ୍ଷା ପ୍ରଶ୍ନପତ୍ର ପ୍ରସ୍ତୁତି, ପରୀକ୍ଷା ପରିଚାଳନା, ପରୀକ୍ଷା ଖାତା ଦେଖା ସବୁ ଠିକା ଶଙ୍କର ନେଇଯାଇଥିଲା।

### ସୋମବାର ଦିଲ୍ଲୀରୁ ଆସିବେ ସିବିଆଇ ଅଧିକାରୀ

ପୁଲିସ ଏସ୍‌ଆଇ ଚାକିରି ବେପାର ଘଟଣାରେ ଓପିଆରବିର ଟେଣ୍ଡର ଓ ଆଇଟିଆଇ ସହ ହୋଇଥିବା ଚୁକ୍ତିନାମାର ତଥ୍ୟ ନେଇଛି ସିବିଆଇ। ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ଓପିଆର୍‌ବି କରିଥିବା ଟେଣ୍ଡର, ଏହାର ସର୍ତ୍ତାବଳୀ, ଆଇଟିଆଇ ସହ ହୋଇଥିବା ପତ୍ରବିନିମୟ ଆଦି ସଂକ୍ରାନ୍ତରେ ସିବିଆଇ ଅନୁସନ୍ଧାନ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏହି ଘଟଣାର ତଦନ୍ତ ନିମନ୍ତେ ଆସନ୍ତା ସୋମବାର ଦିଲ୍ଲୀରୁ କିଛି ସିବିଆଇ ଅଧିକାରୀ ଓଡ଼ିଶା ଆସିବେ ବୋଲି ସୂଚନା ମିଳିଛି। ଦିଲ୍ଲୀ ଅଧିକାରୀମାନେ ପହଞ୍ଚିବା ପରେ ତଦନ୍ତ ତ୍ୱରାନ୍ୱିତ ହେବା ଆଶା କରାଯାଉଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ସଂକ୍ରାନ୍ତରେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛି। ଏଥିରେ ପଞ୍ଚସପ୍ଟ ଓ ସିଲିକନର ମିଳିତ ସହଯୋଗରେ ଅନିୟମିତତା ହୋଇଥିବା ଉଲ୍ଲେଖ କରାଯାଇଥିବା ସୂଚନା ମିଳିଛି।

### ଜେଲ୍‌ରେ ପକ୍ଷାଘାତରେ ପୀଡ଼ିତ ଜଣେ ଅଭିଯୁକ୍ତ

**ବ୍ରହ୍ମପୁର, ୨୪।୧୦(ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀରେ ଗିରଫ ହୋଇ ଜେଲରେ ଥିବା ଜଣେ ଚାକିରି ଆଶାୟୀଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଗୁରୁତର ହୋଇପଡ଼ିଛି। ସେ ହେଲେ, କଟକ ଜିଲ୍ଲା ନରସିଂହପୁର ଥାନା ଅନ୍ତର୍ଗତ ଡିମିରିଆ ଗ୍ରାମର ସନ୍ତୋଷ କୁମାର ଧଳଙ୍କ ପୁଅ ସଂଗ୍ରାମ କେଶରୀ ଧଳ(୨୩)। ସେ ଏକପ୍ରକାର ପକ୍ଷାଘାତ ବା ସ୍ନାୟୁଜନିତ ରୋଗ (ବେଲସ୍‌ପାଲ୍‌ସି) ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସଂଗ୍ରାମଙ୍କ ଡାହାଣପାର୍ଶ୍ୱ ମୁହଁ ବଙ୍କା ହୋଇଯାଇଥିବା ବେଳେ ତାଙ୍କର ଡାହାଣ ପାର୍ଶ୍ୱ ଆଖି ବନ୍ଦ କରିବାରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି। ତାଙ୍କୁ ଶୁକ୍ରବାର ଜେଲ୍‌ରୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ଏମ୍‌କେସିଜି ମେଡିକାଲକୁ ଅଣାଯାଇ ସିଟିସ୍କାନ୍ କରାଯାଇଥିଲା। ବର୍ତ୍ତମାନ ଭେଷଜ ବିଭାଗରେ ଭର୍ତ୍ତି କରାଯାଇଛି। ଆଗାମୀ କିଛି ଦିନ ପର୍ଯ୍ୟନ୍ତ ସଂଗ୍ରାମଙ୍କୁ ଏଠାରେ ଚିକିତ୍ସା କରାଯିବା ପରେ ଫିଜିଓଥେରାପି କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି।

# ଅନିଶ୍ଚିତତାରେ ପରୀକ୍ଷା; ଚିନ୍ତାରେ ଆଶାୟୀ

**ଭୁବନେଶ୍ୱର, ୨୪।୧୦ (ସମିସ):** ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ରାକେଟ୍ ଧରାପଡ଼ିବାକୁ ୨୫ଦିନ ବିତିଲାଣି। ପୁଲିସ୍‌ଠାରୁ କ୍ରାଇମ୍‌ବ୍ରାଞ୍ଚ ଏବଂ କ୍ରାଇମ୍‌ବ୍ରାଞ୍ଚଠାରୁ ସିବିଆଇକୁ ତଦନ୍ତ ଭାର ଦିଆଗଲାଣି। ଚାକିରି ବିକ୍ରି ରାକେଟ୍‌ର ଚେର ରାଜ୍ୟ ବାହାରକୁ ଲମ୍ବିଥିବା ତଦନ୍ତରୁ ସ୍ପଷ୍ଟ ଜଣାପଡ଼ିଥିଲେ ମଧ୍ୟ ପ୍ରକୃତ ମାଷ୍ଟରମାଇଣ୍ଡ ପାଖରେ ପହଞ୍ଚିବାକୁ ତଦନ୍ତକାରୀ ସଂସ୍ଥାମାନେ ସଫଳ ହୋଇନାହାନ୍ତି। ହେଲେ, ପୁନଃ ପରୀକ୍ଷା କେବେ ହେବ, ସେନେଇ ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ପକ୍ଷରୁ କୌଣସି ସୂଚନା ଦିଆଯାଉନାହିଁ। ଫଳରେ ଆଶାୟୀଙ୍କ ମଧ୍ୟରେ ଆଶଙ୍କା ବଢ଼ିବା ସହ ସେମାନେ ମାନସିକ ଚିନ୍ତାରେ କାଳାତିପାତ କରୁଛନ୍ତି।

ଏହି ଘଟଣା ଲୋକଲୋଚନକୁ ଆସିବା ପରେ ଗତ ୯ ତାରିଖରେ ଓପିଆର୍‌ବି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା। ଖୋଦ୍ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ସାମ୍ବାଦିକ ସମ୍ମିଳନୀ ଡାକିବା ସହ ଗଣମାଧ୍ୟମ ଜରିଆରେ ପରୀକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ସନ୍ଦେଶ ଦିଆଯିବ ବୋଲି କହିଥିଲେ। ଫଳରେ ପରୀକ୍ଷା ନେଇ କିଛି ସ୍ପଷ୍ଟ ସୂଚନା ମିଳିବ ବୋଲି ପରୀକ୍ଷାର୍ଥୀମାନେ ଆଶା ବାନ୍ଧିଥିଲେ। ହେଲେ ସାମ୍ବାଦିକ ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ତାହାକୁ ବାତିଲ୍ କରିଦେଲେ। ଅନିବାର୍ଯ୍ୟ କାରଣବଶତଃ ସାମ୍ବାଦିକ ସମ୍ମିଳନୀକୁ ସ୍ଥଗିତ ରଖାଯାଉଥିବା କହିବା ସହ ପରବର୍ତ୍ତୀ ସାମ୍ବାଦିକ ସମ୍ମିଳନୀର ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇ ଖୁବ୍‌ଶୀଘ୍ର ସୂଚନା ଦିଆଯିବ ବୋଲି କହିଲେ। ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ଆଶାୟୀମାନଙ୍କୁ ଅନୁରୋଧ କରିବା ସହ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ଆଶ୍ୱାସନା ଦେଇଥିଲେ। ଏହାକୁ ୧୬ ଦିନ ବିତିଥିଲେ ମଧ୍ୟ ସାମ୍ବାଦିକ ସମ୍ମିଳନୀ ଡାକି ବା ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରି ପରୀକ୍ଷା ସମ୍ପର୍କରେ ପଦୁଟିଏ କହିଲେ ନାହିଁ।

ଅପରପକ୍ଷେ, ୧୧ ତାରିଖ ଦିନ କିଛି ଗଣମାଧ୍ୟମର ପ୍ରତିନିଧିଙ୍କୁ ଏକ ଲେଖା ଧରାଇଦେଲେ। ତହିଁରେ କ୍ରାଇମବ୍ରାଞ୍ଚ ତଦନ୍ତ ଶେଷ ହେବା ପରେ ଯାଇ ନିଯୁକ୍ତି ପ୍ରକ୍ରିୟା ପୁନଃ ଆରମ୍ଭ କରାଯିବ ଓ ଯଥାଶୀଘ୍ର ଶେଷ କରାଯିବ ବୋଲି ଉଲ୍ଲେଖ କରିଥିଲେ। ହେଲେ କ୍ରାଇମ୍‌ବ୍ରାଞ୍ଚ ହାତରୁ ସିବିଆଇକୁ ତଦନ୍ତଭାର ଦିଆଯାଇଥିବାରୁ କେବେ ତଦନ୍ତ ସରିବ ଓ କେବେ ପୁନଃ ପରୀକ୍ଷା ହେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନୁରୂପ ଭାବେ ୨୨ତାରିଖରେ ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ସୁପାରିସ୍ କରିଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଗଲା। ତହିଁରେ ପୁଲିସ୍ ପରି ସମସ୍ତ ପ୍ରକାର ୟୁନିଫର୍ମଧାରୀଙ୍କୁ ନିଯୁକ୍ତି ପାଇଁ ଏକ ନୂତନ ସ୍ଥାୟୀ ଆୟୋଗ ଗଠନ କରିବାକୁ ସରକାର ବିଚାର କରୁଥିବା ଉଲ୍ଲେଖ କରିଛନ୍ତି। ଫଳରେ ଓପିଆର୍‌ବିକୁ ଉଚ୍ଛେଦ କରିବା ଏକପ୍ରକାର ସ୍ପଷ୍ଟ ହୋଇଛି। ଫଳରେ ପୁଲିସ୍ ଏସ୍‌ଆଇ ପରୀକ୍ଷା ଓପିଆର୍‌ବି କରିବ ନା ନୂତନ ଆୟୋଗ ଗଠନ ହେବା ପରେ ଯାଇ ପରୀକ୍ଷା ଅନୁଷ୍ଠିତ ହେବ, ତାକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଓପିଆର୍‌ବି ବା ସରକାରଙ୍କ ପକ୍ଷରୁ ପରୀକ୍ଷା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦିଆଯାଉନଥିବାରୁ ପରୀକ୍ଷାର୍ଥୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଗତ ଜାନୁଆରୀରୁ ସ୍ନାତକ ପଢୁଆଙ୍କ ପାଇଁ କୌଣସି ନୂତନ ନିଯୁକ୍ତି ବାହାରି ନଥିବା ବେଳେ ସେମାନେ ପରିବାର ଉପରେ ନିର୍ଭରଶୀଳ ହୋଇ କେତେଦିନ ପରୀକ୍ଷା ପ୍ରସ୍ତୁତି କରିବେ ବୋଲି ପ୍ରଶ୍ନ କରିଛନ୍ତି। ଏଣୁ, ଦୁଇଥର ବାତିଲ୍ ହୋଇଥିବା ପୁଲିସ୍ ଏସ୍‌ଆଇ ପରୀକ୍ଷା କେବେ ଅନୁଷ୍ଠିତ ହେବ ଏବଂ କେଉଁ ସଂସ୍ଥା ପରୀକ୍ଷା ପରିଚାଳନା କରିବ, ସେ ସମ୍ପର୍କରେ ସରକାର ସ୍ପଷ୍ଟ କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

## ରାଜ୍ୟ ସ୍କଲାର୍‌ସିପ୍ ପୋର୍ଟାଲ୍ ଅଚଳ

**ଆବେଦନରୁ ବଞ୍ଚିତ ଛାତ୍ରଛାତ୍ରୀ; ଅବଧି ବଢ଼ାଇବାକୁ ଦାବି**

**ଭୁବନେଶ୍ୱର, ୨୪।୧୦(ସମିସ):** ରାଜ୍ୟ ସ୍କଲାର୍‌ସିପ୍ ପୋର୍ଟାଲ୍ ଅଚଳ ହୋଇଯାଇଛି। ଗୁରୁବାରଠାରୁ ୱେବସାଇଟ୍ ଧିମା ହୋଇଯାଇଥିବାବେଳେ ଆଜି ମୂଳରୁ ହିଁ ୱେବସାଇଟ୍ ଖୋଲୁନାହିଁ। ଦିନ ତମାମ୍ ପ୍ରୟାସ କରି ବହୁ ଛାତ୍ରଛତ୍ରୀ ଛାତ୍ରବୃତ୍ତି ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି।

ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, ସ୍ନାତକ ଓ ବୈଷୟିକ ପିଲାଙ୍କ ପାଇଁ ଉର୍ଦ୍ଧିଷ୍ଟ ୟୁଜି ମେରିଟ୍ ସମେତ ବିଭିନ୍ନ ଛାତ୍ରବୃତ୍ତି ପାଇଁ ଆଜି ଶେଷ ଦିବସ ଥିଲା। ଦୁଇ ଦିନ ହେଲା ୱେବସାଇଟ୍ ଠିକ୍ ଭାବେ ଚାଲୁ ନ ଥିବାରୁ ଆବେଦନରେ ବିଳମ୍ବ ହୋଇଥିଲା। ଶେଷ ଦିନ ମୂଳରୁ ହିଁ ୱେବସାଇଟ୍ ଖୋଲୁ ନ ଥିବା ବହୁ ଛାତ୍ରଛାତ୍ରୀ ସ୍କ୍ରିନ୍‌ସଟ୍ ସହିତ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ଆବେଦନ ଅବଧିକୁ ବଢ଼ାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ, ଗଣଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗକୁ ଅନୁରୋଧ କରିଛନ୍ତି। ଅପରପକ୍ଷରେ ବିଭାଗୀୟ ଅଧିକାରୀଙ୍କ ବେଫିକର ମନୋଭାବକୁ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ମଧ୍ୟ ନାପସନ୍ଦ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ସ୍କୋଲାର୍‌ସିପ୍ ଦାୟିତ୍ୱରେ ଥିବା ଯୁଗ୍ମ ସଚିବ ଅଶୋକ କୁମାର ଗୌଡ଼ଙ୍କୁ ଅସୁବିଧା ସମ୍ପର୍କରେ ଜଣାଇବା ପାଇଁ ଦିନସାରା ଫୋନ୍ କରିଥିଲେ ମଧ୍ୟ ଫୋନ୍ ଉଠାଉ ନ ଥିବା ଅଭିଯୋଗ କରିଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀ କାହିଁକି ଉତ୍ତରଦାୟିତ୍ୱ ନେଉ ନାହାନ୍ତି ବୋଲି ପ୍ରଶ୍ନ କରିବା ସହ ଆବେଦନ ଅବଧି ବଢ଼ାଇବାକୁ ଅନୁରୋଧ କରିଛନ୍ତି।

## ଫୁଲବାଣୀ ଜେଲ୍‌କୁ ପିଣ୍ଟୁ ଦାଶଙ୍କୁ ସ୍ଥାନାନ୍ତରରେ ଆପତ୍ତି ଉଠାଇଲେ ପତ୍ନୀ

**ବ୍ରହ୍ମପୁର, ୨୪।୧୦ (ସମିସ):** ବ୍ରହ୍ମପୁର ଜେଲରେ ପୂର୍ବତନ ମେୟର ପିଣ୍ଟୁ ଦାଶଙ୍କ ଜୀବନ ପ୍ରତି ବିପଦ ରହିଥିବା ଆଶଙ୍କା କରି ତାଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରିବାକୁ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ ବ୍ରହ୍ମପୁର ମଣ୍ଡଳ କାରାଗାରର ଜେଲର ଲକ୍ଷ୍ମୀକାନ୍ତ ଧାଙ୍ଗେଡା ମାଝି। ଯାହାକୁ କୋର୍ଟ ଗ୍ରହଣ କରି ଅନୁମତି ମଧ୍ୟ ଦେଇଥିବା ଜଣାପଡ଼ିଛି। ତେବେ ପୁଲିସ ଫୋର୍ସର ଅଭାବ ଯୋଗୁଁ ଶୁକ୍ରବାର ପିଣ୍ଟୁଙ୍କୁ ସ୍ଥାନାନ୍ତର ସମ୍ଭବପର ହୋଇନାହିଁ। ଆସନ୍ତା ୨୭ ତାରିଖ ଦିନ ତାଙ୍କୁ ଫୁଲବାଣୀ ସ୍ଥାନାନ୍ତର କରିବାକୁ ଜେଲ୍ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ପିଣ୍ଟୁଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତରକୁ ନେଇ ଆପତ୍ତି ଉଠାଇଛନ୍ତି ତାଙ୍କ ଆଇନଜୀବୀ ପତ୍ନୀ ଆଶାଲତା ଦାଶ।

ଆଶାଲତା ନିଜ ଓକିଲଙ୍କ ଜରିଆରେ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପିଟିସନ ଦାଏର କରି ନିବେଦନ କରିଛନ୍ତି। ତାଙ୍କ କହିବା କଥା, ବ୍ରହ୍ମପୁର ଜେଲ୍‌ରେ ଯଦି ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ରହିଛି, ତେବେ ବ୍ରହ୍ମପୁରଠାରୁ ସୁଦୂର ଫୁଲବାଣୀକୁ ସ୍ଥାନାନ୍ତର ବେଳେ ମଧ୍ୟ ତାଙ୍କ ଜୀବନ ପ୍ରତି ବିପଦ ରହିଛି। ସେହିଭଳି ପିଣ୍ଟୁଙ୍କ ବିରୁଦ୍ଧରେ ଥିବା ବିଭିନ୍ନ ମାମଲା ବ୍ରହ୍ମପୁର କୋର୍ଟରେ ବିଚାର ଚାଲିଥିବାରୁ ସେଥିରେ ମଧ୍ୟ ସମସ୍ୟା ଉପୁଜିବ। ଏଣୁ ପିଣ୍ଟୁଙ୍କୁ ଫୁଲବାଣୀ ଜେଲ ପରିବର୍ତ୍ତେ ଗଞ୍ଜାମ ଜିଲ୍ଲାର ତଥା ବ୍ରହ୍ମପୁର ଆଖପାଖରେ ଯେକୌଣସି ଜେଲକୁ ସ୍ଥାନାନ୍ତର କରିବାକୁ ପତ୍ନୀ ଆଶାଲତା ନିବେଦନ କରିଛନ୍ତି। ଆଶାଲତାଙ୍କ ନିବେଦନ ପରେ ପିଟିସନ୍‌କୁ ଗ୍ରହଣ କରି କୋର୍ଟ ଏହାର ତର୍ଜମା କରିଛନ୍ତି। ଫୁଲବାଣୀର ବିକଳ୍ପ ଭାବେ ଅନ୍ୟ କେଉଁ ସର୍କଲ ଜେଲକୁ ପିଣ୍ଟୁଙ୍କୁ ସ୍ଥାନାନ୍ତର କରାଗଲେ ଉଚିତ ହେବ, ସେନେଇ କୋର୍ଟ ଜେଲ କର୍ତ୍ତୃପକ୍ଷଙ୍କ ମତାମତ ଲୋଡ଼ିଥିବା ଜଣାପଡିଛି। ଶୁକ୍ରବାର ଆଶାଲତା ଦାଶ ନିଜ ଛୁଆଙ୍କୁ ସାଙ୍ଗରେ ନେଇ ଓକିଲଙ୍କ ଜରିଆରେ କୋର୍ଟରେ ହାଜର ହୋଇଥିଲେ।

ସୂଚନା ଥାଉକି, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁ ଦାଶ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଅଛନ୍ତି।

## ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣାରେ ୟୁଜିସି ରିପୋର୍ଟ

# କଲେଜ କର୍ତ୍ତୃପକ୍ଷ ଦାୟୀ

**ଭୁବନେଶ୍ୱର, ୨୪।୧୦ (ସମିସ):** ବଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାରେ କଲେଜ କର୍ତ୍ତୃପକ୍ଷଙ୍କ ଘୋର ଅବହେଳାକୁ ଦାୟୀ କରିଛି ବିଶ୍ୱବିଦ୍ୟାଳୟଅନୁଦାନ ଆୟୋଗ ବା ୟୁଜିସି। କଲେଜ ଅଧ୍ୟକ୍ଷଙ୍କ ଖାମଖିଆଲି ମନୋଭାବ, କଲେଜ ପ୍ରଶାସନ ଦ୍ୱାରା ବାରମ୍ବାର ଯୌନ ନିର୍ଯାତନା ଅଭିଯୋଗର ସମାଧାନ କରିବାରେ ଗମ୍ଭୀର ତ୍ରୁଟି, ଘୋର ଅବହେଳା ଏବଂ ସମ୍ବେଦନହୀନତା ଥିବା ୟୁଜିସିର ୪ ଜଣିଆ ତଦନ୍ତକାରୀ କମିଟି ତାର ରିପୋର୍ଟରେ ଉଲ୍ଲେଖ କରିଛି। ସବୁଠାରୁ ସମ୍ବେଦନଶୀଳ ବିଷୟ ହେଲା ଯୌନ ନିର୍ଯ୍ୟାତନା ପରି ଅଭିଯୋଗକୁ "ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ' ଦର୍ଶାଇ ଛାତ୍ରୀଙ୍କ ଅଭିଯୋଗକୁ ଅଧ୍ୟକ୍ଷ ଖାରଜ କରି ଦେଇଥିବା କମିଟି ଦର୍ଶାଇଛି।

ରିପୋର୍ଟ ଅନୁଯାୟୀ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସମୀର କୁମାର ସାହୁ ସୌମ୍ୟାଶ୍ରୀଙ୍କୁ "ଫେବର୍' ମାଗୁଥିବା ନେଇ ଜୁଲାଇ ୧ ତାରିଖରେ ଅଭିଯୋଗ ହୋଇଥିଲା। ଯଦି ଅଧ୍ୟାପକଙ୍କ କଥାରେ ରାଜି ନ ହୁଅନ୍ତି, ତାହେଲେ ତାଙ୍କ ଶୈକ୍ଷିକ କ୍ୟାରିୟରକୁ ନଷ୍ଟ କରିଦେବେ ବୋଲି ଧମକ ଦେଇଥିବା ଅଭିଯୋଗରେ ଦର୍ଶାଇଥିଲେ। ମାତ୍ର ଛାତ୍ରୀଙ୍କ ଅଭିଯୋଗ ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ଦର୍ଶାଇ ଅଧ୍ୟକ୍ଷ ତାକୁ ଖାରଜ କରିଦେଇଥିଲେ। ଏହାପରେ ମଧ୍ୟ ସମାନ ଅଭିଯୋଗ ନେଇ ବାରମ୍ବାର ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଛନ୍ତି। କୌଣସି ପଦକ୍ଷେପ ନ ନେବାରୁ ଶେଷରେ ନିଜ ଦେହରେ ନିଆଁ ଲଗାଇବାକୁ ଚରମ ନିଷ୍ପତ୍ତି ନେଇଥିଲେ। ତଦନ୍ତରେ ଉପଯୁକ୍ତ ମାନଦଣ୍ଡ ପାଳନ କରିବା ଏବଂ ପୀଡିତାଙ୍କୁ ମାର୍ଗଦର୍ଶନ କରିବାକୁ ନ କହି କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଭୁଲ କରିଛି ବୋଲି ରିପୋର୍ଟରେ କୁହାଯାଇଛି। ପ୍ରଫେସର ରାଜ କୁମାର ମିତ୍ତଲଙ୍କ ନେତୃତ୍ୱରେ ଗଠିତ ଚାରି ଜଣିଆ ସଦସ୍ୟ ବିଶିଷ୍ଟ ୟୁଜିସି କମିଟି ଘଟଣା ପରଦିନ କଲେଜରେ ପହଞ୍ଚି ବିସ୍ତୃତ ଯାଞ୍ଚ କରିଥିଲା। ସେହି ମାସରେ ହିଁ କମିଟି ପକ୍ଷରୁ ୟୁଜିସିକୁ ତଦନ୍ତ ରିପୋର୍ଟ ପ୍ରଦାନ କରିବା ସହ ସେପ୍ଟେମ୍ବରରେ ଘଟଣାରେ ପ୍ରତିକ୍ରିୟା ରଖିବାକୁ ଓଡ଼ିଶା ସରକାରଙ୍କୁ ପଠାଇଥିଲା। ଏହାସହ କଲେଜର ଆଇସିସି କମିଟିକୁ ମଜବୁତ କରିବା, ଅଧିକ ସମ୍ବେଦନଶୀଳତା ଏବଂ ଦାୟିତ୍ୱର ସହିତ ଏପରି ମାମଲା ପରିଚାଳନା କରିବାକୁ ମଧ୍ୟ ତଦନ୍ତକାରୀ କମିଟି ପକ୍ଷରୁ ସତର୍କ କରାଯାଇଛି।

## ଜେଲ୍‌ରୁ ବାହାରିଲେ ଦୁଇ ଅଭିଯୁକ୍ତ

**ବାଲେଶ୍ୱର, ୨୪।୧୦ (ସମିସ):** ବହୁଚର୍ଚ୍ଚିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ମାମଲାରେ ଗିରଫ ଦୁଇ ଅଭିଯୁକ୍ତ ଆଜି ଜେଲ୍‌ରୁ ବାହାରିଛନ୍ତି। ସେମାନେ ହେଲେ, ଶୁଭ୍ରସମ୍ବିତ ନାୟକ ଓ ଜ୍ୟୋତିପ୍ରକାଶ ବିଶ୍ୱାଳ। ସୌମ୍ୟାଶ୍ରୀଙ୍କୁ ଆତ୍ମାହୁତି ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଦୁହିଁଙ୍କୁ ଗିରଫ କରାଯାଇଥିଲା। ଗତ ୨୨ ତାରିଖରେ ହାଇକୋର୍ଟରୁ ଦୁହିଁଙ୍କୁ ଜାମିନ ମିଳିଥିଲା। ଅନ୍ୟପଟେ ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ସମୀର ସାହୁ ଓ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ ଜାମିନ ଖାରଜ କରିଥିଲେ ହାଇକୋର୍ଟ। ୮୪୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ ପରେ ସାନି ଜାମିନ ଆବେଦନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା।

## ଚାପରେ ନଇଁଲା ଏଫ୍‌ସିଆଇ

# ଡିସେମ୍ବର ସୁଦ୍ଧା ଉଠାଇବ ବଳକା ଚାଉଳ



**ଭୁବନେଶ୍ୱର,୨୪।୧୦(ସମିସ):** ଓଡ଼ିଶାର ବଳକା ଚାଉଳ ଉଠାଣ ପାଇଁ ଓଡ଼ିଶା ପକ୍ଷରୁ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ ହୋଇ ଆସୁଥିଲା। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏନେଇ କେନ୍ଦ୍ର ନିକଟରେ ଅନୁରୋଧ ରଖିବା ପରେ ଶେଷରେ ଆସନ୍ତା ଡିସେମ୍ବର ସୁଦ୍ଧା ଦୁଇ ପର୍ଯ୍ୟାୟରେ ଏଫସିଆଇ ବଳକା ଚାଉଳ ଓଡ଼ିଶାରୁ ଉଠାଇବାକୁ ନିଷ୍ପତ୍ତି ନେଇଛି। ତେବେ ଓଡ଼ିଶାରେ ଏବେବି ୧୩ ଲକ୍ଷ କୁଇଣ୍ଟାଲ ବଳକା ଚାଉଳ ଥିବାବେଳେ ଏଫସିଆଇ କେତେ ଚାଉଳ ଉଠାଇବ ତାହା ସ୍ପଷ୍ଟ ହୋଇନାହିଁ।

ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଉଷୁନା ଚାଉଳ କେବଳ ଓଡ଼ିଶାରେ ବ୍ୟବହାର ହୋଇଥାଏ। ତେଣୁ କେନ୍ଦ୍ର ରାଜ୍ୟରୁ ଉଷୁନା ଚାଉଳ ଉଠାଇବାକୁ ଅମଙ୍ଗ ହେଉଛି। ଅନ୍ୟ ରାଜ୍ୟରେ ଉଷୁନା ବ୍ୟବହାର ହେଉନଥିବାରୁ ଅଧିକ ଅରୁଆ ଚାଉଳ ଉତ୍ପାଦନ ପାଇଁ କେନ୍ଦ୍ର ସରକାର ଆମକୁ ପରାମର୍ଶ ଦେଇଛନ୍ତି। ଛତିଶଗଡ଼, କେରଳ, କର୍ଣ୍ଣାଟକ ମଧ୍ୟ ନିଜ ନିଜ ରାଜ୍ୟରୁ ଅତିରିକ୍ତ ଚାଉଳ ଉଠାଣ ନେଇ କେନ୍ଦ୍ର ନିକଟରେ ଦାବି କରୁଛନ୍ତି। କେନ୍ଦ୍ର ପରାମର୍ଶ ଅନୁଯାୟୀ ଏଣିକି ଅଧିକ ଅରୁଆ ଚାଉଳ ଦେବାକୁ ରାଇସ୍ ମିଲ୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଅପରପକ୍ଷେ ଉପ ମୁଖ୍ୟମନ୍ତ୍ରୀଙ୍କ ବୟାନକୁ ନେଇ ସାଧାରଣରେ ସଂଶୟ ସୃଷ୍ଟି କରିଛି। ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ୨୦୨୪-୨୫ ବର୍ଷରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ହୋଇଛି। ଏଫସିଆଇ ଏବଂ ପିଡିଏସ ବ୍ୟବସ୍ଥା ମାଧ୍ୟମରେ ୫୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଖର୍ଚ୍ଚ ହୋଇଛି। ଆଉ ବଳକା ୧୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଛି। ଏହି ୧୩ ଲକ୍ଷ ମେଟ୍ରିକ ଟନରୁ ଏଫସିଆଇ କେତେ ଚାଉଳ ଉଠାଇବ ତାହା ଉପ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିନାହାନ୍ତି। ଅପରପକ୍ଷେ ରାଜ୍ୟର ୧୯ ଜିଲ୍ଲାରେ ଉଭୟ ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧିନରେ ହିତାଧିକାରୀଙ୍କୁ ଆସନ୍ତା ୩ ମାସ ପାଇଁ ଅତିରିକ୍ତ ୫ କେଜି ଚାଉଳ ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ପ୍ରାୟ ୧୦ ଲକ୍ଷ ୫୭ ହଜାର କୁଇଣ୍ଟାଲ ଚାଉଳ ଯୋଗାଇ ଦିଆଯାଇଛି। ଏହି ଚାଉଳ ରାଜ୍ୟରେ ମହଜୁଦ ଥିବା ବଳକା ଚାଉଳରୁ ଖର୍ଚ୍ଚ ହେବା ନେଇ ମଧ୍ୟ ତଥ୍ୟଭିତ୍ତିକ ମହଲରେ ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ମଧ୍ୟ ରାଜ୍ୟର ୧୧ ଆଦିବାସୀ ସରକାର ଅତିରିକ୍ତ ୩ ମାସର ଚାଉଳ ପ୍ରଦାନ କରି ସାରିଛନ୍ତି। ଅଧ୍ୟୁଷିତ ଜିଲ୍ଲାରେ ତେଣୁ ଏଫସିଆଇ କେତେ ଚାଉଳ ଉଠାଇବ ସେନେଇ ଉପ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ନୂଆପଡ଼ା ଉପନିର୍ବାଚନ

# କଂଗ୍ରେସ ରଥରେ ଭକ୍ତ ଉଭୟ ରଥୀ ଓ ସାରଥୀ

**■ ଷ୍ଟାର ପ୍ରଚାରକ ସୂଚୀକୁ ନେଇ ବରିଷ୍ଠ ନେତା କ୍ଷୁବ୍ଧ**

**■ ଏଯାଏଁ ନୂଆପଡ଼ା ଯାଇନାହାନ୍ତି ଉପକୂଳିଆ ନେତା**

**■ ଜୋନ୍‌ୱାରୀ ଦାୟିତ୍ୱବଣ୍ଟନରେ ପଛରେ କଂଗ୍ରେସ**

**ଭୁବନେଶ୍ୱର,୨୪।୧୦(ସମିସ):** ଆସନ୍ତା ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ନିମନ୍ତେ ହେବ ମତଦାନ। ଗତ ୧୦ ବର୍ଷ ମଧ୍ୟରେ ହୋଇଥିବା ଉପନିର୍ବାଚନଗୁଡ଼ିକରେ କେବଳ ବ୍ରଜରାଜନଗରକୁ ଛାଡ଼ି ଅନ୍ୟ ଆସନରେ କଂଗ୍ରେସ ଏକ ପ୍ରକାର ଅମାନତ ହରାଇଛି। ମାତ୍ର ପ୍ରଥମଥର ପାଇଁ କଂଗ୍ରେସ ନୂଆପଡ଼ା ଉପନିର୍ବାଚନରେ ପ୍ରଭାବୀ ଭୂମିକାରେ ଅବତୀର୍ଣ୍ଣ ହୋଇଛି ଓ ପ୍ରତିଦ୍ୱନ୍ଦ୍ୱିତାରେ ସାମିଲ ହୋଇଛି। ଏସବୁ ଭିତରେ ରାଜନୈତିକ ରଣନୀତି ପ୍ରସ୍ତୁତି ଓ ଲଢ଼େଇ କ୍ଷେତ୍ରରେ ବିଜେଡି ଓ ବିଜେପି ତୁଳନାରେ କଂଗ୍ରେସ ଅପେକ୍ଷାକୃତ କମ୍ ସଂଗଠିତ ଥିବା ପରିଲକ୍ଷିତ ହୋଇଛି। ଦଳର ନିର୍ବାଚନ କମିଟି ଗଠନ ହେବା କ୍ଷେତ୍ରରେ କଂଗ୍ରେସ ଢ଼େର ପଛରେ ପଡ଼ିଛି। ସେହିପରି ଭକ୍ତ ଦାସଙ୍କ ବ୍ୟତୀତ କଂଗ୍ରେସର କୌଣସି ବଡ଼ ନେତାଙ୍କୁ ଏଯାଏ ନୂଆପଡ଼ାରେ ଦେଖିବାକୁ ମିଳିନାହିଁ। ଏପରି ସ୍ଥିତିରେ ଯୋଗୁଁ ଗତ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଘାସିରାମ ମାଝୀ ଓ ହାତ ଚିହ୍ନକୁ ମିଳିଥିବା ୬୫ ହଜାର ଭୋଟ୍ କଂଗ୍ରେସ ରଖି ପାରିବା ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

ଏହି ନିର୍ବାଚନ ପାଇଁ ବିଜେଡି ଦଳର ଅନେକ ତୁଙ୍ଗ ନେତାଙ୍କୁ ଜୋନ୍‌ୱାରୀ ଦାୟିତ୍ୱ ବଣ୍ଟନ କରିଥିବା ବେଳେ ପ୍ରଚାର ତଦାରଖ ପାଇଁ ବିଭିନ୍ନ ନେତାଙ୍କୁ ବ୍ଲକ୍ ଓ ଏନ୍‌ଏସ ଦାୟିତ୍ୱ ପ୍ରଦାନ କରିଛି। ଶାସକ ବିଜେପି ମଧ୍ୟ ୮ ଜଣ ମନ୍ତ୍ରୀଙ୍କୁ ଜୋନ୍ ସମ୍ଭାଳିବାକୁ ନିୟୋଜିତ କରିଛି। ଏ ଦୃଷ୍ଟିରୁ କଂଗ୍ରେସ କେବଳ ନିର୍ବାଚନ ଷ୍ଟିୟରିଂ କମିଟି ଓ ମନିଟରିଂ କମିଟି ଗଠନରେ ସୀମିତ ରହିଛି। ପୂର୍ବରୁ ନିର୍ବାଚନ ସମୟରେ କଂଗ୍ରେସ ପକ୍ଷରୁ ଇଲେକ୍ସନ କମିଟି ଗଠନ କରାଯାଉଥିବା ବେଳେ ତାହା ଏଥର ତାହା କରାଯାଇ ନାହିଁ। ଯାହାକୁ ନେଇ ଦଳର ବରିଷ୍ଠ ନେତାଙ୍କ ମଧ୍ୟର ଅସନ୍ତୋଷ ରହିଛି।

ଅନ୍ୟପକ୍ଷରେ ଦଳ ପକ୍ଷରୁ ଜାରି ୪୦ ଜଣିଆ ଷ୍ଟାର୍ ପ୍ରଚାରକ ତାଲିକାକୁ ନେଇ ମଧ୍ୟ ଅନେକ ନେତା ଖୁସି ନ ଥିବା ଚର୍ଚ୍ଚା ହେଉଛି। ବିଶେଷ କରି କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍‌ଦୋସ୍‌ଙ୍କୁ ଏହି ତାଲିକାରୁ ବାଦ୍ ଦେବା ପଛର କାରଣକୁ ନେଇ ଅନେକ କଂଗ୍ରେସ ନେତା ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ବିଜେଡି ଏହି ଆସନ ପାଇଁ ଏକାଧିକ ମୁସିଲିମ୍ ନେତାଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରିଛି। ହେଲେ ବିଜେପିକୁ ସାମ୍ପ୍ରଦାୟିକ ଦଳ ଓ ନିଜକୁ ଧର୍ମନିରପେକ୍ଷ ଦଳ ବୋଲି ଦାବି କରି ଆସୁଥିବା କଂଗ୍ରେସ ଏଠାରେ ସୋଫିଆଙ୍କୁ ତାରକା ପ୍ରଚାରକ ସୂଚୀରୁ ବାଦ ଦେବା ଦଳୀୟ କର୍ମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଆସନରେ ପ୍ରାୟ ୫ ହଜାର ମୁସଲିମ୍ ଭୋଟ୍‌କୁ କଂଗ୍ରେସ କିପରି ଅଣଦେଖା କଲା ତାହା ସନ୍ଦେହ ସୃଷ୍ଟି କରିଛି।

ବର୍ତ୍ତମାନ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ସହିତ କେବଳ ପିସିସି ସଭାପତି ପ୍ରଚାର ମୈଦାନରେ ରହୁଛନ୍ତି। ୩ ଦଳର ସଭାପତିଙ୍କ ତୁଳନାରେ ବ୍ୟକ୍ତିଗତ ଭାବେ ସେ ସବୁଠୁ ଅଧିକ ପରିଶ୍ରମ କରୁଥିଲେ ମଧ୍ୟ ଦଳ ଏଠାରେ ଏକତ୍ରିକରଣ ହୋଇ ଲଢୁଥିବା ନେଇ ବାର୍ତ୍ତା ଦେବାରେ ସେ ଏକ ପ୍ରକାର ବିଫଳ ହୋଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଘାସିରାମଙ୍କ ପ୍ରାର୍ଥୀତ୍ୱକୁ ନେଇ କେବଳ ଗୋଟିଏ ମାତ୍ର ଜୁମ୍ ମିଟିଂ ହୋଇଥିଲା। ଏହି ମିଟିଂରେ କଂଗ୍ରେସ ରାଜନୈତିକ ବ୍ୟାପାର କମିଟି ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏହାପରଠାରୁ ଦଳୀୟ ସ୍ତରରେ ବରିଷ୍ଠ ନେତାମାନଙ୍କୁ ନେଇ ଆଉ ସେମିତି କୌଣସି ବୈଠକ ହୋଇ ନାହିଁ। ଯାହାର ପରିଣାମ ସ୍ୱରୂପ ଦଳର ଉପକୂଳ ହେଉ କିମ୍ବା ଅନ୍ୟ ବରିଷ୍ଠ ନେତାମାନେ କେବେ ସେଠାକୁ ପ୍ରଚାରରେ ଯିବେ ଓ ଦଳର ପ୍ରଚାର ରଣନୀତି କିପରି ରହିବ ତାହା ଏଯାଏଁ ସ୍ପଷ୍ଟ ହୋଇ ନାହିଁ।

## ୨ ପୁଲିସ କର୍ମଚାରୀଙ୍କୁ ମାଡ଼

**ଛେଣ୍ଡିପଦା, ୨୪।୧୦ (ସମିସ):** ଅନୁଗୋଳ ଜିଲ୍ଲା ଜରପଡ଼ା ଷ୍ଟେସନ୍ ନିକଟରେ ମେଟା କମ୍ପାନୀ କର୍ମଚାରୀଙ୍କ ମାଡ଼ରେ ୨ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନେ ହେଲେ, ଜରପଡ଼ା ଥାନା ଏସ୍‌ଆଇ ଲଳିତ ବିଶ୍ୱାଳ ଓ କନଷ୍ଟେବଲ ରୁନା ମାଝି। ଉଭୟଙ୍କୁ ଜରପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଜରପଡ଼ାରେ ଟ୍ରେନ ଯୋଗେ କୋଇଲା ପରିବହନ ପାଇଁ ବିଭିନ୍ନ କମ୍ପାନୀ ଜରପଡ଼ା ରେଳ ଷ୍ଟେସନ୍ ପାର୍ଶ୍ୱରେ ଡେରା ପକାଇ କାର୍ଯ୍ୟାଳୟ କରିଛନ୍ତି। ଏହି କୋଇଲା ଡିପୋକୁ ନେଇ ଦୀର୍ଘଦିନ ହେବ ବିବାଦ ଲାଗି ରହିଥିବା ବେଳେ ଶୁକ୍ରବାର ଏସ୍‌ଆଇ ବିଶ୍ୱାଳ ଓ କନଷ୍ଟେବଲ ମାଝି ଘଟଣାସ୍ଥଳକୁ ଯାଇଥିଲେ। ତଦନ୍ତ ନିମନ୍ତେ ଉଭୟ ମେଟା କମ୍ପାନୀ ପରିସରରେ ପହଞ୍ଚିବା କ୍ଷଣି ସେଠାରେ ଉପସ୍ଥିତ କମ୍ପାନୀର କିଛି କର୍ମଚାରୀ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ।

## ଦୁଇ କନେଷ୍ଟବଳ ନିଲମ୍ବିତ

**ସୋର, ୨୪।୧୦ (ସମିସ):** କାର୍ଯ୍ୟରେ ଅବହେଳା ପାଇଁ ସୋର ଥାନା ଅଧୀନ ଅନନ୍ତପୁର ଫାଣ୍ଡିର ଦୁଇଜଣ କନେଷ୍ଟବଳଙ୍କୁ ବାଲେଶ୍ୱର ଏସ୍‌ପି ନିଲମ୍ବିତ କରିଛନ୍ତି। ସେମାନେ ହେଲେ, କନେଷ୍ଟବଳ ପୂର୍ଣଚନ୍ଦ୍ର ସିଂ ଓ ପୁରୁଷୋତ୍ତମ ସିଂ। ସୂଚନାନୁସାରେ, କାର୍ଯ୍ୟରେ ଅବହେଳା ନେଇ ଦୁହିଁଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଏ ବାବଦରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ନାୟକ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପରେ ଗତକାଲି ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ଉଭୟଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

# ଗଞ୍ଜେଇ ଚାଲାଣଚାରୀଙ୍କୁ ଧରିଲା ପୁଲିସ



ପଟାଙ୍ଗି,୨୪।୧୦(ସମିସ): କୋରାପୁଟ ଜିଲ୍ଲା ପଟାଙ୍ଗି ପୁଲିସକୁ ମିଳିଛି ବଡ଼ ସଫଳତା। ବନ୍ଧୁକ ଧରି ଗଞ୍ଜେଇ ଚାଲାଣ କରୁଥିବା ଦୁଇଜଣ ଅଭିଯୁକ୍ତ ମଧ୍ୟରୁ ଜଣକୁ ଧରିବାରେ ସଫଳ ହୋଇଛି ପୁଲିସ। ତାଙ୍କଠାରୁ ଦୁଇଟି ଅଫୁଟା ଗୁଳି, ମାଗାଜିନ୍ ସହ ବନ୍ଧୁକ ଏବଂ ଗଞ୍ଜେଇ ଜବତ କରାଯାଇଛି। ଶୁକ୍ରବାର ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନା ପଟାଙ୍ଗି ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସେ ପଟାଙ୍ଗି ଥାନା ଅଧିକାରୀ ପ୍ରଭାତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ କୁଞ୍ଜଲତା ବେହେରା ନିଜ ଟିମ ସହ ମିଶି ୨୬ ନଂ ଜାତୀୟ ରାଜପଥ ରାଲେଗଡ଼ା ଗ୍ରାମ ନିକଟରେ ପାଟ୍ରୋଲିଂ/ନାକା ଡ୍ୟୁଟି କରୁଥିଲେ। ପୁଲିସ ଏହି ସମୟରେ ରାଜୁଗୁଡ଼ା ଛକରେ ଏକ କାରକୁ ଅଟକାଇ ଥିଲା। ସେ କାରଟିକୁ ନରଖି ସେଠାରୁ ଦ୍ରୁତ ଗତିରେ ଚାଲି ଯାଇଥିଲା। ପୁଲିସ ସେମାନଙ୍କୁ ଗୋଡ଼ାଇ ଗାଡ଼ିକୁ ଅଟକାଇଥିଲା। କିନ୍ତୁ ଘଟଣାସ୍ଥଳରୁ ଜଣେ ଫେରାର ହୋଇଯାଇଥିଲା। କାରରୁ ଦୁଇଟି ଅଫୁଟା ଗୁଳି, ମାଗାଜିନ୍ ସହ ବନ୍ଧୁକ ଏବଂ ଗଞ୍ଜେଇ ଜବତ ହୋଇଥିବା ନେଇ ପୋଲିସ ସୂଚନା ଦେଇଛନ୍ତି। ପୁଲିସ ୩ ଜରି ପ୍ୟାକେଟରୁ ୫୧ କିଲୋ ୭୭ ଗ୍ରାମ ଗଞ୍ଜେଇ, ଗୋଟିଏ କଳା ରଙ୍ଗର ଫୋର୍ଡ ଫିଷ୍ଟା କାର, ଗୋଟିଏ ପିସ୍ତଲ, ଦୁଇଟି ଜୀବନ୍ତ ଗୁଳି ଓ ଗୋଟିଏ ମାଗାଜିନ୍ ଏବଂ ଗୋଟିଏ ମୋବାଇଲ୍ ଫୋନ ଜବତ କରିଛି। ଉକ୍ତ ଘଟଣାରେ ପଟାଙ୍ଗି ଥାନା ଅନ୍ତର୍ଗତ ରେଣୁ ଗ୍ରାମର ଶ୍ରୀକାନ୍ତ ଧଡକା (୨୫)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଘଟଣାରେ ଅଭିଯୁକ୍ତ ଶ୍ରୀକାନ୍ତ ଙ୍କ ପିତା ଗୋରା ଧଡକା ଥାନାରେ ପହଞ୍ଚି ତାଙ୍କ ପୁଅକୁ ମିଥ୍ୟା ଅଭିଯୋଗ ଆଣି କୋର୍ଟ ଚାଲାଣ କରାଯାଇଥିବା ଏବଂ ଉଚିତ ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରାଯିବା ନିମନ୍ତେ ସେ ସାମ୍ବାଦିକଙ୍କ ନିକଟରେ ଦାବି କରିଛନ୍ତି।

# ଗୋରୁ ଭର୍ତ୍ତି ଟ୍ରକ୍ ଜବତ; ୩୨ ଜୀବିତ, ୫ ମୃତ



ଜୟପୁର,୨୪। ୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ଅନ୍ତର୍ଗତ ୨୬ନମ୍ବର ଜାତୀୟ ରାଜପଥରେ ଟ୍ରକରେ ବୋଝେଇ ହୋଇ ଗାଈଗୋରୁ ଚାଲାଣ ବେଳେ ହିନ୍ଦୁ ସମାଜ ସଦସ୍ୟ ମାନେ ଟ୍ରକକୁ ଅଟକାଇ ପୁଲିସକୁ ସୂଚନା ଦେଇଥିଲେ। ସଦରଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିଥିଲେ। ଉକ୍ତ ଟ୍ରକ୍‌ରୁ ୭ଟି ଗାଈ, ୩୦ ବଳଦ ଚାଲାଣ ହେଉଥିଲେ। ୫ଟି ବଳଦ ମୃତଦେହ ଉଦ୍ଧାର କରାଯାଇଛି। ନବରଙ୍ଗପୁର ଜିଲ୍ଲାରେ ପୋଡଶୀ ଆନ୍ଧ୍ରପ୍ରଦେଶ ଜିଲ୍ଲା ଭଦ୍ରାଚଳମକୁ ଏହି ଗୋରୁଗାଈ ଟ୍ରକରେ ବୋଝେଇ କରାଯାଇ ଚାଲାଣ ହେଉଥିବା ହିନ୍ଦୁ ସମାଜକୁ ସୂଚନା ମିଳିଥିଲା। ହିନ୍ଦୁ ସମାଜର ସଦସ୍ୟ ମାନେ ଜାତୀୟ ରାଜପଥ ଉମୁରୀ ଗ୍ରାମଠାରୁ ଜୟପୁର ସହରର ବିଭିନ୍ନ ଛକରେ ଦୀର୍ଘ ୨ ଘଣ୍ଟାରୁ ଅଧିକ ସମୟ ଜଗି ରହିଥିଲେ। ଅପରାହ୍ନ ସାଢେ ୨ଟା ସମୟରେ ଉକ୍ତ ଗୋରୁ ବୋଝେଇ ଟ୍ରକ ଜାତୀୟ ରାଜପଥର ଏୟାରପୋର୍ଟ ଛକ ଠାରେ ପହଞ୍ଚିବା ପରେ ସମାଜର ସଦସ୍ୟ ମାନେ ଉକ୍ତ ଟ୍ରକ୍‌କୁ ଅଟକାଇଥିଲେ। ସଦସ୍ୟ ମାନେ ଡ୍ରାଇଭର ଏବଂ ହେଲପରକୁ କାବୁ କରିବା ପରେ ଟ୍ରକ୍ ଡାଲା ଉପରେ ଏକ କପଡ଼ା ଜାଲିରେ ଘୋଡାଇ ରଖାଯାଇଥିଲା। ଘୋଡ଼ଣୀକୁ ହଟାଯିବା ବେଳେ ଗାଈଗୋରୁଙ୍କ ଦୟନୀୟ ଅବସ୍ଥାରେ ଗୋଡ଼ ଓ ବେକକୁ ବାନ୍ଧି ଆବଶ୍ୟକ ଠାରୁ ଅଧିକ ବୋଝେଇ କରାଯାଇଥିଲା। ଏହାପରେ ସଦସ୍ୟ ମାନେ ସଦରଥାନାକୁ ସୂଚନା ଦେଇଥିଲେ। ହିନ୍ଦୁ ସମାଜର ଅଭିଯୋଗ କ୍ରମେ ସଦରଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଉଦ୍ଧାର ଜୀବିତ ୩୨ଟି ଗୋରୁଗାଈଙ୍କୁ ସ୍ଥାନୀୟ ପାଞ୍ଜିଆଗୁଡା ଗୋଶାଳାରେ ରଖିବାର ବ୍ୟବସ୍ଥା କରିବା ସହ ଗୋରୁ ଗାଈଙ୍କ ଖାଦ୍ୟ ନେଇ ୩ ଦିନ ପାଇଁ ହିନ୍ଦୁ ସମାଜ ପକ୍ଷରୁ ପ୍ରଦାନ କରିବାକୁ ଦାୟିତ୍ୱ ନେଇଛନ୍ତି। ଏହିପରି ଯେଉଁ ଲୋକମାନେ ଉକ୍ତ ଗୋରୁଗାଈକୁ ନେବାକୁ ଇଚ୍ଛୁକ ସେମାନଙ୍କୁ ଆଇନଗତ ବ୍ୟବସ୍ଥା ଅନୁଯାୟୀ ପ୍ରଦାନ କରାଯିବ। ଏହିପରି ଅଧିକାଂଶ ବଳଦ ରହିଥିବା ଯୋଗୁଁ ଚାଷ କାର୍ଯ୍ୟରେ ନିୟୋଜିତ କରିବାକୁ ଇଚ୍ଛୁକ ଚାଷୀ ମାନେ ଏହାକୁ ଗ୍ରହଣ କରିପାରିବେ। ସେହିପରି ଟ୍ରକ ଡ୍ରାଇଭର ପି. ରାଜାଙ୍କ କହିବାନୁଯାୟୀ ସେ ନବରଙ୍ଗପୁର ନିକଟରେ ଗାଡିରେ ଗାଈ ଗୁଡିକ ବୋଝେଇ କରିଥିଲେ। ଏହି ଗାଡି ଆନ୍ଧ୍ରପ୍ରଦେଶର ଭଦ୍ରାଞ୍ଚଳମ ଯାଇ ସେଠାରୁ ଅନ୍ୟ ଏକ ଟ୍ରକରେ ହାଇଦ୍ରାବାଦ ଚାଲାଣ କରାଯିବାର ଯୋଜନା ରହିଥିଲା। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସଦରଥାନା ଅଧିକାରୀ ସଚ୍ଚିଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ନାରାୟଣପାଟଣା,୨୪।୧୦(ସମିସ): ଶିକ୍ଷା ବିଭାଗରେ ପରିଚାଳିତ ୯ ଗୋଟି କ୍ଲଷ୍ଟର ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପ୍ରତିଭା ଚୟନ କରାଯାଇ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୨୫ ନାରାୟଣପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନାରାୟଣପାଟଣା ଏବିଇଓ ଇଶ୍ୱର ଚନ୍ଦ୍ର ମୁଦୁଲି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ପ୍ରଭାତୀ ଝୋଡିଆ, ବିଡ଼ିଓ ବିକ୍ରମ କୁମାର ଦୋରା, ଆଇଆଇସି ପ୍ରମୋଦ ନାୟକ, ସରପଞ୍ଚ ରେବତୀ କୁନ୍ଦାରୀୟା, ଶିକ୍ଷକ ସଂଘର ସଭାପତି ପଶୁରାମ ତାଡିଙ୍ଗି, ଉପସଭାପତି ଦିଲୀପ ବିଡ଼ିକା, ସମ୍ପାଦକ ଯେ ସତ୍ୟନାରାୟଣ, ଶ୍ରୀବତ୍ସ ମହାନ୍ତି, ସଂଯୋଜକ କିଶୋର ଯାନୀ ଯୋଗଦେଇ ଥିଲେ। ଶିକ୍ଷକ ପାଲ୍"ରାମ ତାଡିଙ୍ଗିଙ୍କ ସହ ପ୍ରେମପ୍ରକାଶ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ଆଦର୍ଶ ଶିକ୍ଷୟିତ୍ରୀ ସ୍ୱାଗତିକା ତୁଳ୍ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ବୃନ୍ଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉପସଭାପତି ଦିଲୀପ ବିଡ଼ିକା ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଲମତାପୁଟ,୨୪।୧୦(ସମିସ): ଲମତାପୁଟ ବ୍ଲକ ଅନ୍ତର୍ଗତ ବାଲେଲ ସ୍କୁଲ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ଓ କଳା ମଞ୍ଚରେ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବରେ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବାନୀ ମୁଦୁଲି, ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ବରଦା ପ୍ରସାଦ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କୁଲର ମଙ୍ଗଳା ମୁଦୁଲି, ଶିକ୍ଷକ ସଂଘର ସଭାପତି ରାମଚନ୍ଦ୍ର ମାଣ୍ଡି ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଯୁବକ ମୃତ

ଟିକିରି,୨୪।୧୦(ସମିସ): ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ମୁସୁରିପଦର ଛୋକ ନିକଟରେ ରାସ୍ତା ଉପରେ ଛିଡା ହୋଇଥିବା କୋଇଲା ବୋଝେଇ ଟ୍ରକକୁ ପଛ ପଟେ ଧକ୍କା ଦେଇ ବାଇକ୍ ଚାଳକ ଟିକିରି ଥାନା ମୁସୁରିପଦର ଗ୍ରାମର ଲାକି ମାଝୀଙ୍କ ମୃତ୍ୟୁ ଘଟିଛି। ସେ ୧ ବାଇକ ଓଡି୩୩ଏମ ୨୬୦୪ରେ ମୁସୁରି ପଦରରୁ ଟିକିରି ଅଭିମୁଖେ ଯାଉଥିବା ସମୟରେ ରାସ୍ତା ଉପରେ ଛିଡା ହୋଇଥିବା କୋଇଲା ବୋଝେଇ ଟ୍ରକ୍ ଓଡି୦୫ ବିଏ ୪୩୦୩କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଛି।

■ ନାହିଁ ଡ୍ରେନେଜ୍ ବ୍ୟବସ୍ଥା

# ଏକ୍ସ ବୋର୍ଡ ସ୍କୁଲ ଛାତ୍ରାବାସରେ ଆଣ୍ଠୁଏ ପାଣି



ବନ୍ଧୁଗାଁ, ୨୪।୧୦ (ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ଏକ୍ସ ବୋର୍ଡ ସ୍କୁଲ ଛାତ୍ରାବାସ ସମ୍ମୁଖରେ ଆଣ୍ଠୁଏ ବର୍ଷା ପାଣି ଜମି ରହିଛି। ସ୍କୁଲରେ ୨୯୮ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଛାତ୍ରାବାସରେ ୧୪୦ ପିଲା ରହି ପାଠ ପଢୁଛନ୍ତି। ସ୍କୁଲ ଚାରି ପଟେ ପାଚେରୀ ରହିଛି। ପ୍ରବଳ ବର୍ଷା ହେଲେ ବର୍ଷା ପାଣି ଜମି ରହିଛି। ଛାତ୍ରାବାସକୁ ଲାଗି ପିଲା ଖେଳିବା ପାଇଁ ଖେଳ ପଡିଆ ରହିଛି। ପୁଣି ରୋଷେଇ ଘର ମଧ୍ୟ ରହିଛି। ବର୍ଷା ପାଣି ଯିବା ପାଇଁ ଡ୍ରେନେଜ ବ୍ୟବସ୍ଥା ନାହିଁ। ତେଣୁ ଛାତ୍ରାବାସ ସମ୍ମୁଖରେ ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ପାଣି ଜମି ରହୁଛି। ଏଥିଯୋଗୁଁ ଛାତ୍ର ମାନେ ରୋଷେଇ ଘରକୁ ଯାଇ ଖାଦ୍ୟ ଆଣିବା, ବସି ଖାଇବା ସହିତ ଖେଳିବା ପାଇଁ ପଡିଆ ପାଇଁ ଆଣ୍ଠୁଏ ଅଳିଆ ଆବର୍ଜନା ପାଣି ଭିତରେ ଚାଲି ଚାଲି ଯାଉଛନ୍ତି। ଅତିଶୀଘ୍ର ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରା ନ ଗଲେ ଛାତ୍ରାବାସର ଛାତ୍ର ମାନେ ଥଣ୍ଡା, କାଶ ଓ ଚର୍ମ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବ୍ଲକ ପ୍ରଶାସନ ତରଫରୁ ସ୍କୁଲ ଓ ଛାତ୍ରାବାସ ଭିତରୁ ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ଅଭିଭାବକ , ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବି ଅନୁରୋଧ କରିଛନ୍ତି।

# ଜିଲ୍ଲାସ୍ତରୀୟ ନାଟକ ପ୍ରତିଯୋଗିତା




କୋଷାଗୁମୁଡା,୨୪।୧୦(ସମିସ): ଚଳିତ ବର୍ଷ ଜିଲ୍ଲାସ୍ତରୀୟ ନାଟକ ପ୍ରତିଯୋଗିତା ପିଏମ୍ ଶ୍ରୀ ରାଜା ଚୈତନ୍ୟ ଉଚ୍ଚ ବିଦ୍ୟାଳୟ ନବରଙ୍ଗପୁର ଠାରେ ଆରମ୍ଭ ହୋଇଯାଇଛି। ଏହି ନାଟକ ପ୍ରତିଯୋଗିତାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଛତ୍ରପତି ସାହୁ, ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ଉପସ୍ଥିତ ରହି ନାଟକ ପ୍ରତିଯୋଗିତାକୁ ଆରମ୍ଭ କରିଥିଲେ। ପ୍ରତିଯୋଗିତାରେ ଜିଲ୍ଲାର ୧୦ଟା ବ୍ଲକ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୬ଟି ବିଷୟ ଦିଆଯାଇଥିଲା। ସେଥିମଧ୍ୟରୁ କୋଷାଗୁମୁଡ଼ା ବ୍ଲକ୍‌ର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଆର ଛାତ୍ରଛାତ୍ରୀମାନେ ବୈଷୟିକ କୌଶଳ ଓ ନୂତନ କୃଷି ଉପକରଣ ବ୍ୟବହାର କରି କିପରି ଚାଷ କରାଯାଏ ନାଟକ ମାଧ୍ୟମରେ ଉପସ୍ଥାପନ କରିଥିଲେ। ବୈଜ୍ଞାନିକ ଯୁଗରେ ଆଧୁନିକ କୃଷି ଉପକରଣ ଓ ବିଭିନ୍ନ ନୂତନ ପଦ୍ଧତି ବ୍ୟବହାର କଲେ କୃଷକ ମାନେ ଲାଭବାନ ହୋଇପାରିବେ। ତାହା ନାଟକ ମାଧ୍ୟମରେ ଉପସ୍ଥାପନା କଲେ ଏବଂ ଲୋକଙ୍କ ପାଖକୁ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରି ପ୍ରଶଂସାର ପାତ୍ର ସାଜିଥିଲେ। ଏହି ନାଟକକୁ ବିଜ୍ଞାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳ ନିର୍ଦ୍ଦେଶନା ଦେଇଥିଲେ ଏବଂ ପ୍ରସନ୍ନଜିତ୍ ମାଝୀ ସହଯୋଗ କରିଥିଲେ।

# ଅଳ୍ପକେ ବର୍ତ୍ତିଗଲେ ସ୍କୁଲ ଛାତ୍ରୀ

ନନ୍ଦପୁର,୨୪।୧୦(ସମିସ): ନନ୍ଦପୁର ସଦର ମହକୁମାର ମୁଖ୍ୟ ରାସ୍ତା କଡରେ ରହିଛି କୁମ୍ଭାରସାହି ପ୍ରାଥମିକ ବିଦ୍ୟାଳୟ। ବିଦ୍ୟାଳୟ ଯିବାକୁ ସ୍କୁଲ ଛାତ୍ରଛାତ୍ରୀ ରାସ୍ତା ପାରି ହୋଇ ଯିବାକୁ ପଡୁଛି। ଶୁକ୍ରବାର ସ୍କୁଲ ଯିବାକୁ ଛାତ୍ରୀ ଜଣଙ୍କ ବାହାରି ରାସ୍ତା ପାରି ହେଉ ଥିବା ସମୟରେ ହଠାତ୍ ଏକ ଘରୋଇ ବସ ସିମିଳିଗୁଡାରୁ ହାଟଗୁଡା ଯାଉଥିବା ସମୟରେ ନନ୍ଦପୁର ଅବକାରୀ ବିଭାଗ କାର୍ଯ୍ୟାଳୟ ତଥା କୁମ୍ଭାରସାହି ସ୍କୁଲ ସମ୍ମୁଖରେ ଛାତ୍ରୀ ଉପରେ ମାଡି ଯାଇଥିଲା। ତେବେ ଛାତ୍ରୀ ଜଣଙ୍କ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଥିବା ଜଣାପଡିଛି। ତେବେ ରାସ୍ତା କଡ଼ରେ ସ୍କୁଲ ରହିଥିବା ବେଳେ ହମ୍ପ୍ ସନିର୍ମାଣ ପାଇଁ ଦାବି ହେଉଛି।

# କାର୍‌ରୁ ଗଞ୍ଜେଇ ଜବତ, ଜଣେ ଗିରଫ

ବିଷମକଟକ.୨୪।୧୦(ସମିସ): ବିଷମକଟକ ଥାନା ଅଂଚଳରେ ଏକ ଦୁର୍ଘଟଣାଗ୍ରସ୍ତ ଇନୋଭା କାରରୁ ବିଷମ କଟକ ପୋଲିସ୍ ୫୧କିଲୋ ଗଞ୍ଜେଇ ଜବତ କରିବା ସହ କେରଳ ରାଜ୍ୟର ଏରନାକୁଲମ ଜିଲ୍ଲାର ଆଜମଲ୍ ସି.ଏମ୍. (୨୬)ଙ୍କୁ ଗିରଫ କରିଛି। ଉକ୍ତ ବ୍ୟକ୍ତି ଜଣକ ଦୀର୍ଘ ଦଶ ଦିନ ହେବ ଗୁଡାରି ଥାନା ଅନ୍ତର୍ଗତ କୁଟୁଲି ଗ୍ରାମର ଶଙ୍କର ସେଠୀ ଘରେ ରହି ଗଞ୍ଜେଇ କିଣୁଥିବା ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତକାଲି ଏହି ଗାଡିକୁ ପୁଲିସ ପିଛା କରୁଥିବା ବେଳେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

● କୋଲାବ ବ୍ରିଜ୍ ସୁରକ୍ଷା ଦାବି

# ତତ୍ପରତା ଦେଖାଇଲା ପ୍ରଶାସନ

ବୈପାରିଗୁଡ଼ା,୨୪।୧୦(ସମିସ): ବୈପାରିଗୁଡା ସୁରକ୍ଷା ମଞ୍ଚ ତରଫରୁ କୋଟା ଛକ ନିକଟସ୍ଥ ବ୍ରିଟିଶ ଅମଳର କୋଲାବ ବ୍ରିଜ୍ ଅସୁରକ୍ଷିତ ଥିବାରୁ ସୁରକ୍ଷା ତଥା ରକ୍ଷଣାବେକ୍ଷଣ ନିମନ୍ତେ ବାରମ୍ବାର ଦାବି କରି ଆସୁଥିଲେ। ଗତ ୧୪ ତାରିଖ ଦିନ ବୈପାରିଗୁଡା ବ୍ଲକ, ଜୟପୁର ଏବଂ ଲମତାପୁଟ ବ୍ଲକର ସ୍ୱେଚ୍ଛାସେବୀ ଜୟପୁର ଉପଜିଲ୍ଲାପାଳଙ୍କ ନିକଟରେ କୋଲାବ ବ୍ରିଜ୍ ସୁରକ୍ଷା ନିମନ୍ତେ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଥିଲା ଯେ, ୧୯୩୧ ମସିହାରେ ନିର୍ମାଣ ହୋଇଥିବା କୋଲାବ ବ୍ରିଜ୍ ଉପରେ ମାଲକାନଗିରି ଜିଲ୍ଲା ସମେତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟ ନିର୍ଭର କରିଥାନ୍ତି। ଏହାଛଡ଼ା ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର, ମାଛକୁଣ୍ଡ ଜଳପ୍ରପାତ ଭଳି ବହୁ ଦର୍ଶନୀୟ ସ୍ଥାନକୁ ପ୍ରତିଦିନ ଶହଶହ ଯାନବାହାନ ଚଳାଚଳ ହୋଇଥାଏ। ବର୍ତ୍ତମାନ ଏହି କୋଲାବ ବ୍ରିଜ୍ ଶୋଚନୀୟ ଅବସ୍ଥାକୁ ଚାଲିଆସିଛି। ତେଣୁ ୭ ଦିନ ମଧ୍ୟରେ ବ୍ରିଜର ସୁରକ୍ଷା ନିମନ୍ତେ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ଦାବି ଅନୁଯାୟୀ ଆଜି ଜାତୀୟ ରାଜପଥ ଯନ୍ତ୍ରୀଙ୍କ ସହ ସଂପୃକ୍ତ ବିଭାଗର ଅଧିକାରୀ କୋଟା ଛକ ନିକଟସ୍ଥ କୋଲାବ ବ୍ରିଜର ସ୍ଥିତି ଯାଞ୍ଚ କରିଥିଲେ। ଅତିଶୀଘ୍ର କୋଲାବ ବ୍ରିଜର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି।


# ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ସେମିଳିଗଡ଼ା,୨୪।୧୦ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକ ବେହେରାଗୁଡ଼ା ଗ୍ରାମଠାରେ ଥିବା ଦେଓମାଲି ପବ୍ଲିକ ସ୍କୁଲ ପରିସରରେ ସ୍ୱାଧୀନତା ସଂଗ୍ରାମୀ ତଥା ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିଙ୍କୁ ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ବିଧାୟକ ରାମଚନ୍ଦ୍ର କାଡାମ ଶୁକ୍ରବାର ଉନ୍ମୋଚନ କରିଥିଲେ। ସ୍କୁଲ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ କାଡାମ ଯୋଗ ଦେଇଥିଲେ। ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହେରୁ, ବି.ଆର. ଆମ୍ବେଦକର, ମଧୁ ସୁଦନ ଦାସ ଏବଂ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍କୁଲ ସମ୍ପାଦକ ରାଜେନ୍ଦ୍ର କୁମାର୍ ପାତ୍ରଙ୍କ ଅଧ୍ୟକ୍ଷତାରେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଜୟଚାନ୍ଦ୍ର ଖେମୁଣ୍ଡୁ ,କୋଷାଧ୍ୟକ୍ଷ ପ୍ରଦୀପ କୁମାର ପାତ୍ର, ସ୍କୁଲ୍‌ର ଅଧ୍ୟକ୍ଷ କରାମତ ଅଲ୍ଲୀ, ଉପାଧ୍ୟକ୍ଷ ଶ୍ରୀଜୟ ବଡତ୍ୟା, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ଦ୍ୱାରା ବିଧାୟକ ରାମଚନ୍ଦ୍ର କାଡାମଙ୍କୁ ସମ୍ମାନିତ କରାଯାଇଛି। ସେହିପରି ସ୍କୁଲର ଦ୍ୱିତୀୟ ମହଲା କୋଠାର ଉଦ୍‌ଘାଟନ କରାଯାଇଛି। ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଶ୍ରେଣୀଗୃହ, କମ୍ପ୍ୟୁଟର ଲ୍ୟାବ, ପଦାର୍ଥ ବିଜ୍ଞାନାଗାର ଏବଂ ଜୀବବିଜ୍ଞାନ ପରୀକ୍ଷାଗାର ରହିଛି।

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲା: ଜଣେ ଗିରଫ

ଜୟପୁର,୨୪।୧୦(ସମିସ): ଜୟପୁର ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ ଏବଂ ଦୁଷ୍କର୍ମ କରିଥିବା ମାମଲାରେ ଆଜି ଟାଉନ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ଖ୍ରୀଷ୍ଟିୟାନ ପେଟା ୪ର୍ଥ ଲାଇନର ସୁଜେଲ ଗୋଲାପ(୧୯)। ଗତ ଅକ୍ଟୋବର ୮ ତାରିଖରେ ସୁଜେଲ ନାବାଳିକାକୁ ଅପହରଣ କରି ନେଇଥିବା ବେଳେ ତାଙ୍କ ସହିତ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ। ନାବାଳିକା କିଛିଦିନ ପରେ ଘରକୁ ଫେରିବା ପରେ ପରିବାର ଲୋକଙ୍କୁ ସମସ୍ତ ଘଟଣା ବିଷୟରେ କହିଥିଲେ। ଏଥିନେଇ ପରିବାର ଏତଲା କ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଫେରାର ଅଭିଯୁକ୍ତ ଯୁବକଙ୍କୁ ଆଜି ଗିରଫ କରିବା ସହ ଉଭୟଙ୍କ ଡାକ୍ତର ମାଇନା ପରେ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏସଆଇ ରାଜେନ୍ଦ୍ର ପାଙ୍ଗୀ ସୂଚନା ଦେଇଛନ୍ତି।



## ଜିଲ୍ଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି ବୈଠକ

# ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ଶିଥିଳତାକୁ ନେଇ ଉଦ୍‌ବେଗ




କୋରାପୁଟ,୨୪।୧୦(ସମିସ) ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ବୈଠକରେ ଜାତୀୟ ରାଜପଥ ୨୬ ଓ ୩୨୬, ରେଳବାଇ ପ୍ରକଳ୍ପ, ମୋବାଇଲ ଟାୱାର, ପାନୀୟ ଜଳ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ସ୍ୱାସ୍ଥ୍ୟ, ଭାରତମାଳା ଏକ୍ସପ୍ରେସ ହାଇୱେ,ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ଗ୍ରାମୀଣ, ଏକଲବ୍ୟ ମଡେଲ ଆଦର୍ଶ ଆବାସିକ ବିଦ୍ୟାଳୟ କାର୍ଯ୍ୟକାରୀତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଜଳଜୀବନ ମିଶନ ଅନ୍ତର୍ଗତ ମେଗା ପାନୀୟ ଜଳ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା। କୋରାପୁଟ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଥିବା କାରଣରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି। ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ରାସ୍ତାଗୁଡିକ ଖରାପ ହୋଇଯାଉଥିବା ବେଳେ ବାରମ୍ବାର ଅବଗତ କରାଯାଇଥିବା ସତ୍ତ୍ୱେ କାହିଁକି ମରାମତି କରାଯାଉ ନାହିଁ ବୋଲି କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ ପ୍ରଶ୍ନ କରିବା ସହ ତୁରନ୍ତ ମରାମତି କରିବାକୁ ଦାବି କରିଥିଲେ। ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ୨୦୨୨ ମସିହାରେ ଶେଷ ହେବା କଥା। କିନ୍ତୁ ୨୦୨୭ ମସିହାରେ କାର୍ଯ୍ୟ ଶେଷ ହେବ ବୋଲି କୁହାଯାଇଛି। ଏହା ଦୁର୍ଭାଗ୍ୟଜନକ ଅଟେ ବୋଲି ସାଂସଦ କହିଛନ୍ତି। ଜାତୀୟ ରାଜପଥରେ ମରାମତି କାର୍ଯ୍ୟ ଶିଥିଳତାକୁ ନେଇ ପଟାଙ୍ଗୀ ବିଧାୟକ ଶ୍ରୀ କାଡାମ କ୍ଷୋଭ ପ୍ରକାଶ କରିଛନ୍ତି। ପଟାଙ୍ଗୀ ସଦର ମହକୁମାରେ ଜାତୀୟ ରାଜପଥ ଅବସ୍ଥା ଶୋଚନୀୟ ହୋଇଥିବା ବେଳେ ଜାତୀୟ ରାଜପଥ ଏବଂ ପିଡବ୍ଲୁଡ଼ି ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ କାର୍ଯ୍ୟ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଡିଏମଏଫ ଅର୍ଥ ରାଶି ମିଳି ନ ଥିବାରୁ କାର୍ଯ୍ୟ ହୋଇ ପାରିନାହିଁ ବୋଲି ପିଡବ୍ଲୁଡ଼ି ଅଧିକ୍ଷଣ ଯନ୍ତ୍ରୀ ଶୁଭକାନ୍ତ ବାରିକ କହିଛନ୍ତି। କୋରାପୁଟ ଠାରୁ ଜୟପୁର ରାସ୍ତାରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇ ଯାନବାହାନ ଚଳାଚଳରେ ବାଧାପ୍ରାପ୍ତ ହେଉଥିଲା। ଡିସେମ୍ବର ମାସ ଶେଷ ସୁଦ୍ଧା ଜାତୀୟ ରାଜପଥ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସରିବ ନାହିଁ ତେବେ ଏହାକୁ ନେଇ ଲୋକସଭାରେ ଉପସ୍ଥାପନା କରିବା ସହ ରାଜରାସ୍ତାରେ ଓହ୍ଲାଇବାକୁ ବାଧ ହେବୁ ବୋଲି ସେ କହିଛନ୍ତି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆଇଏଏସ ପ୍ରୋବେସନାରୀ ସନ୍ତୋଷ କୁମାର ପାତ୍ର, କୋରାପୁଟ ବିଧାୟକ ରଘୁରାମ ମାଛ,ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର,ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରାଙ୍କ ସହ ଜିଲ୍ଲାର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'




ନନ୍ଦପୁର,୨୪।୧୦(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଧୀନସ୍ଥ ଲମତପୁଟ ବ୍ଲକ ଅନ୍ତର୍ଗତ ବନମାଳୀପୁଟ କ୍ଲଷ୍ଟର ସ୍ତରୀୟ ସୁରଭି ୨୦୨୫ କାର୍ଯ୍ୟକ୍ରମ ଦେବଗନ୍ଧନା ସେବାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଅଜୟ କୁମାର ଖଣ୍ଡପାଣିଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବନମାଳୀପୁଟର ସରପଞ୍ଚ ଗୋରା ଜାନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲଷ୍ଟର୍ ଅନ୍ତର୍ଗତ୧୩ଟି ବିଦ୍ୟାଳୟର ୧୨୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଘାଟନୀ ସମାରୋହରେରେ ଟିକରପଡ଼ା ସରପଞ୍ଚ ନବିନା ହନ୍ତାଲ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ବକ୍ତୃତା, ବିତର୍କ, କୁଇଜ୍, ସଙ୍ଗୀତ, ସୃଜନଶୀଳ ଲିଖନ, ପ୍ରବନ୍ଧ, ଚିତ୍ରାଙ୍କନ, ତଥା ସାଂସ୍କୃତିକ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଉପସ୍ଥିତ ଅତିଥି ମାନେ ପୁରସ୍କାର ଦେଇ ଉତ୍ସାହିତ କରିଥିଲେ। ସେବାଶ୍ରମର ପ୍ରଧାନ ସେବିକା ମିନିମା ପାଙ୍ଗି କାର୍ଯ୍ୟକ୍ରମକୁ ଅତି ସରସ ସୁନ୍ଦର ଭାବେ ପରିଚାଳନା କରିଥିଲେ । ତତ୍ତ୍ୱାବଧାନରେ ଶିକ୍ଷକ ରଘୁନାଥ ଦଳେଇ, ମଞ୍ଚ ପରିଚାଳନା ଦାୟିତ୍ୱରେ ଶିକ୍ଷକ କିରଣ କୁମାର ମୂର୍ତ୍ତି ଓ କାର୍ଯ୍ୟକ୍ରମକୁ ଆସିଥିବା ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହାୟତାରେ ସୁଚାରୁ ରୂପେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

### ଅସ୍ଥାୟୀ ଅଧ୍ୟାପକଙ୍କୁ ବର୍ଦ୍ଧିତ ଦରମା ପ୍ରଦାନ ଦାବି

# ବିଶ୍ୱବିଦ୍ୟାଳୟ ଫାଟକରେ ତାଲା ଦେଇ ଧାରଣା

ଜୟପୁର,୨୪।୧୦(ଇମିସ):

ବର୍ଦ୍ଧିତ ଦରମା ପ୍ରଦାନ ଦାବି ନେଇ କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ବିକ୍ରମଦେବ ଅତିଥି ତଥା ଅସ୍ଥାୟୀ ଅଧ୍ୟାପକ ଅଧ୍ୟାପିକା ମାନେ ବିଶ୍ୱବିଦ୍ୟାଳୟର ମୁଖ୍ୟ ପାଠକରେ ତାଲା ପକାଇ ପୂର୍ବାହ୍ନ ସାଢେ ୧୦ଟାରୁ ଧାରଣା ଦେଇ ବସିଥିଲେ। ମୁଖ୍ୟ ଫାଟକ ବନ୍ଦ ରହିଥିବା ବେଳେ ମୁଖ୍ୟତଃ ଛାତ୍ରଛାତ୍ରୀଙ୍କ ସମେତ ବିଶ୍ୱବିଦ୍ୟାଳୟ କର୍ମଚାରୀ ଏବଂ ବିଶ୍ୱବିଦ୍ୟାଳୟକୁ କୌଣସି କାର୍ଯ୍ୟରେ ଆସିଥିବା ସାଧାରଣ ଲୋକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅଧ୍ୟାପକ ଓ ଅଧ୍ୟାପିକା ମାନେ ଦେଶର ବୁଦ୍ଧିଜୀବି ଭାବେ ପରିଗଣିତ ହେଉଥିବା ବେଳେ ଶିକ୍ଷାନୁଷ୍ଠାନର ମୁଖ୍ୟଫାଟକକୁ ବନ୍ଦ କରି ଅନ୍ୟମାନଙ୍କୁ ସମସ୍ୟାରେ ପକାଇ ନିଜ ଦାବି ଉପସ୍ଥାପନା କରିବାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଆଜି ଯୁକ୍ତ ୩ ଦ୍ୱିତୀୟ ବର୍ଷର ପରୀକ୍ଷା ପାଇଁ ଆସୁଥିବା ଛାତ୍ରଛାତ୍ରୀମାନେ ପୁରୁଣା ଭବନର ଠାରୁ ନୂତନ ଭବନ ପର୍ଯନ୍ତ ସଂଯୋଗ ହୋଇଥିବା ପାଦଚଳା ଓଭରବ୍ରିଜ ଦେଇ ଯାତାୟାତ କରିଥିଲେ। ଅନ୍ୟପକ୍ଷରେ ଯୁକ୍ତ ୩ ପରୀକ୍ଷା ପରିଚାଳନା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିକଳ୍ପ ବ୍ୟବସ୍ଥା କରିଥିଲେ। ସେହିପରି ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟର ଶ୍ରେଣୀରେ ପାଠପଢାରେ ବାଧାପ୍ରାପ୍ତ ହୋଇଥିଲା। ଏହିପରି ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ମାନେ ଆନ୍ଦୋଳନକାରୀ ଅସ୍ଥାୟୀ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କୁ ଦୀର୍ଘ ସମୟରେ ଧରି ବୁଝାସୁଝା କରିଥିଲେ। ଏହିପରି ଉଚ୍ଚ ଶିକ୍ଷା ବିଭାଗ ଅତିଥି ଅଧ୍ୟାପକଙ୍କ ପାରିଶ୍ରମିକ ସମ୍ପର୍କରେ ଆଲୋଚନା ପାଇଁ ଆସନ୍ତା ୨୭ତାରିଖରେ କୁଳସଚିବଙ୍କୁ ଭୁବନେଶ୍ୱର ଠାରେ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ବୈଠକରେ ଯୋଗଦେଇ ବର୍ଦ୍ଧିତ ଟଙ୍କା ନେଇ ଆଲୋଚନା କରିବେ ବୋଲି ବୁଝାଇଥିଲେ। କିନ୍ତୁ ଆନ୍ଦୋଳନକାରୀ ଅତିଥି ଅଧ୍ୟାପକ ଓ ଅଧ୍ୟାପିକା ମାନେ ସେମାନଙ୍କ ବର୍ଦ୍ଧିତ ଦରମା ପ୍ରଦାନ ତୁରନ୍ତ କରିବା ନିଜ ଜିଦ୍‌ରେ ଅଡି ବସିଥିଲେ। ଏହିପରି ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ପାଇଁ ଶ୍ରେଣୀରେ ଯୋଗଦେବାକୁ ଆସିଥିବା ଛାତ୍ରଛାତ୍ରୀ ମାନେ ଫାଟକ ବନ୍ଦ ରହିଥିବା ଯୋଗୁଁ ଫ୍ଲାଏ ଓଭର ଦେଇ ସାଇକଲ୍ ଉଠାଇ ବହୁ କଷ୍ଟରେ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିଥିଲେ। ବାଇକରେ ଆସିଥିବା ଛାତ୍ରଛାତ୍ରୀ ଓ ବିଶ୍ୱବିଦ୍ୟାଳୟର ସ୍ଥାୟୀ ଅଧ୍ୟାପକମାନେ ଫାଟକ ବାହାରେ, ରାସ୍ତା ଉପରେ ବାଇକ ରଖିବା ଯୋଗୁଁ ବିଶ୍ୱବିଦ୍ୟାଳୟ ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଏହିପରି କୁଳପତି ପ୍ରଫେସର ଦେବୀପ୍ରସାଦ ମିଶ୍ର, କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ଡ. ପ୍ରଶାନ୍ତ ପାତ୍ର, ପରୀକ୍ଷା ନିୟନ୍ତ୍ରକ ରଞ୍ଜନ ପ୍ରଧାନ ଏହି ଆନ୍ଦୋଳନର ନେତୃତ୍ୱ ନେଉଥିବା ଅସ୍ଥାୟୀ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ସହିତ ଆଲୋଚନା ବେଳେ ସମସ୍ତ ଅସ୍ଥାୟୀ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ରେକର୍ଡପତ୍ର ନେଇ ସରକାରଙ୍କୁ ଅବଗତ କରିବା ସହ ବର୍ଦ୍ଧିତ ମାସିକ ୩୫ ହଜାର ଟଙ୍କା ଦରମା ପ୍ରଦାନ ନେଇ ପଦକ୍ଷପ ଗ୍ରହଣ କରାଯିବ ଏବଂ ସେମାନଙ୍କ ବର୍ଦ୍ଧିତ ଦରମା ପାଇଁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପୂର୍ବରୁ ୩ଟି ଚିଠି ଉଚ୍ଚଶିକ୍ଷା ବିଭାଗ ପ୍ରେରଣ କରାଯାଇଥିବା ସୂଚନା ଦେଇଥିଲେ। ଅନ୍ତିମ ଚିଠି ଅକ୍ଟୋବର ୨୩ତାରିଖରେ ଉଚ୍ଚ ଶିକ୍ଷା ବିଭାଗ ବିକ୍ରମଦେବ ବିଶ୍?ବିଦ୍ୟାଳୟର କୁଳପତି ସଚିବଙ୍କୁ ଚିଠି କରିଛନ୍ତି। ଅତିଥି ଅଧ୍ୟାପକ ଓ ଅଧ୍ୟାପିକାଙ୍କ ବର୍ଦ୍ଧିତ ସମସ୍ୟା ଅତିଶିଘ୍ର ସମାଧାନ ହୋଇଛିବା ତେଣୁ ଆନ୍ଦୋଳନ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। କିନ୍ତୁ ଆନ୍ଦୋଳନକାରୀ ଅତିଥି ଅଧ୍ୟାପକମାନେ ଲିଖିତ ପ୍ରତିଶ୍ରୁତି ପାଇଁ ଦାବି କରିଥିଲେ। ଫଳରେ କୌଣସି ସମାଧାନ ହୋଇପାରିନଥିବା ଯୋଗୁଁ ଏହି ସେମାନଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆନ୍ଦୋଳନକାରୀ ଅଧ୍ୟାପକ ମାନେ ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ , ଅସ୍ଥାୟୀ ଅଧ୍ୟାପକମାଙ୍କ ଗତ ୩ରୁ ଗତ ୫ମାସ ହେଲାଣି ଦରମା ମିଳିନଥିବା ଏବଂ ବର୍ଦ୍ଧିତ ମାସିକ ୩୫ ହଜାର ଟଙ୍କା ଦରମା ନେଇ ଗତ ଅକ୍ଟୋବର ୧୯ ତାରିଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଏଥିନେଇ ଉଚ୍ଚ ବିଶ୍ୱବିଦ୍ୟାଳୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ପରେ ସେମାନଙ୍କ ଦାବି ପୂରଣ ନେଇ ସରକାରଙ୍କୁ ଅବଗତ କରାଯିବ ଏବଂ ସମସ୍ୟାର ସମାଧାନ ନେଇ ପ୍ରତିଶୃତି ପରେ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଏକ ମାସର ଉାସର ହୋଇଯାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇନଥିବା ନେଇ ଅସ୍ଥାୟୀ ତଥା ଅତିଥି ଅଧ୍ୟାପକ ଓ ଅଧ୍ୟାପିକା ମାନେ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ଦେଇ ଟେଣ୍ଟ ବାନ୍ଧି ଆଜି ଧାରଣା ଆରମ୍ଭ କରିଛନ୍ତି। ଗତ ଜୁନ ମାସରେ ଉଚ୍ଚଶିକ୍ଷା ବିଭାଗ ସ୍ନାତକ ମହାବିଦ୍ୟାଳୟ ଅତିଥି ଅଧ୍ୟାପକ ପାଇଁ ପାରିଶ୍ରମିକ ୫୦୦କୁ ୭୦୦ଟଙ୍କା ବୃଦ୍ଧି କରିଥିବା ତଥା ମାସିକ ସର୍ବାଧିକ ୨୫ ହଜାରରୁ ୩୫ ହଜାରକୁ ଦରମା ବୃଦ୍ଧି କରିଛନ୍ତି। କିନ୍ତୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଅତିଥି ଅଧ୍ୟାପକ ମାନେ ଏହି ବର୍ଦ୍ଧିତ ଟଙ୍କା ମିଳି ନଥିବା ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହିପରି ବିକ୍ରମଦେବ୍ ବିଶ୍ୱବିଦ୍ୟାଳୟରେ ମାତ୍ର ୨୪ ଜଣ ସ୍ଥାୟୀ ଅଧ୍ୟାପକ ଅଧ୍ୟାପିକା ଥିବାବେଳେ ୭୦ ଜଣ ଅତିଥି ଅଧ୍ୟାପକ ଓ ଅଧ୍ୟାପିକା ରହିଛନ୍ତି। ସରକାର ବିଶ୍ୱ ବିଦ୍ୟାଳୟ ଆବଶ୍ୟକ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି କରିବାକୁ ବୁଦ୍ଧିଜୀବୀ ମାନ ଦାବି କରିଛନ୍ତି।

## ସାଇବର ସୁରକ୍ଷା ସଚେତନତା ପଦଯାତ୍ରା



ନବରଙ୍ଗପୁର,୨୪।୧୦ (ସମିସ) : ନବରଙ୍ଗପୁର ସହର ସ୍ଥିତ ସ୍ଥାନୀୟ ସଦାଶିବ ପାର୍କଠାରୁ ପୁଲିସ ପଡିଆ ପର୍ଯ୍ୟନ୍ତ ସାଇବର ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପୋଲିସ ବିଭାଗ ପକ୍ଷରୁ ଆୟୋଜିତ ଏହି ପଦଯାତ୍ରାକୁ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମାଡକର ସନ୍ଦୀପ ସମ୍ପତ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ବର୍ତମାନ ସମୟରେ ସାଇବର ଠକେଇରେ ପୀଡ଼ିତ ହୋଇ ଅନେକ ଲୋକ ନିଜର କଷ୍ଟ ଉପାର୍ଜିତ ସର୍ବସ୍ୱ ଟଙ୍କା ହରାଉଛନ୍ତି ଏବଂ ଏହାକୁ ରୋକିବାରେ ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମତେ ଏହି ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ କୁମାର ସେନ, ନବରଙ୍ଗପୁର ଭାରପ୍ରାପ୍ତ ଥାନା ଅଧିକାରୀ ସମ୍ବିତ ବେହେରା, ଡିଆଇପିଆରଓ ମନୋଜ ବେହେରା, ପୁଲିସ ବିଭାଗର ବିଭିନ୍ନ ଅଧିକାରୀ, ବିଦ୍ୟାର୍ଥୀ ମହାବିଦ୍ୟାଳୟ, ସ୍ମାର୍ଟ ଗୁରୁକୁଳ, ମହିଳା ମହାବିଦ୍ୟାଳୟର ଛାତ୍ର ଛାତ୍ରୀ,ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ପଦଯାତ୍ରାରେ ସାମିଲ ଥିଲେ। ନକଲି ପରିଚୟ ଦେଇ ଅନ୍‌ଲାଇନ ଓଟିପି ଠକେଇ, ଇ କମର୍ସ ରିଫଣ୍ଡ ଠକେଇ, ଚାକିରି ଦେବାର ଲୋଭ ଦେଖାଇ ଠକେଇ, ନକଲି ଓ ତତ୍କାଳ ଋଣ ଆପ୍, ପାର୍ଶଲ୍ ଠକେଇ, ଟ୍ରେଡିଂ ଠକେଇ, ଡିଜିଟାଲ ଆରେଷ୍ଟ ଠକେଇ ଉପରେ ବିଶେଷ ସଚେତନତା ସୃଷ୍ଟି କରାଯାଇଥିଲା। ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ନିଜ ହାତରେ ରାସ୍ତା କଡ଼ ଦୋକାନୀ,ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଥିବା ଲିଫ୍ଲେଟ୍ ଦେଇ ବୁଝାଇ କହିଥିଲେ। ଓଟିପି, ପିନ୍ ନମ୍ବର କାହାରିକୁ ସେୟାର ନ କରିବା, ଶକ୍ତିଶାଳୀ ପାସୱାର୍ଡ ବ୍ୟବହାର, କୌଣସି ସନ୍ଦେହଜନକ ଲିଙ୍କରେ କ୍ଲିକ୍ ନ କରିବା, ସୋସିଆଲ ମିଡିଆରେ ସତର୍କତା, ସୁରକ୍ଷିତ ଅନଲାଇନ୍ ସର୍ଫି ସମ୍ବନ୍ଧୀୟ ସଚେତନ ବାର୍ତ୍ତାକୁ ପ୍ଲାକାର୍ଡ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କୌଣସି ଆର୍ଥିକ କ୍ଷତି ହେଲେ ତୁରନ୍ତ ସାଇବର ହେଲ୍ପ ଲାଇନ ୧୯୩୦ରେ ଫୋନ କରିବାକୁ ଗୁରୁତ୍ୱ ଦିଆଗଲା।

## ରନ୍ଧନ ଗ୍ୟାସ୍ ଅଭାବ, ଖାଉଟି ହନ୍ତସନ୍ତ

ଉମରକୋଟ,୨୪।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଥିବା ଏକ ମାତ୍ର ଇଣ୍ଡେନ ଗ୍ୟାସ ଏଜେନ୍ସିକୁ କଂପାନୀ ରନ୍ଧନ ଗ୍ୟାସ ଯୋଗାଣ ବନ୍ଦ କରି ଦେଇଥିବାରୁ ଦୀର୍ଘ ୨୩ ଦିନ ହେଲା ଉମରକୋଟ ସହରରେ ଗ୍ୟାସର ଉକ୍ରଟ ସମସ୍ୟା ଦେଖାଯିବା ସହ ଗ୍ରାହକ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ ସଂସ୍ଥା ଇଣ୍ଡେନ କମ୍ପାନୀର ଗ୍ୟାସ ଏଜେନ୍ସି ଉମରକୋଟ ବ୍ଲକରେ ବିତରଣ ପାଇଁ ପେଣ୍ଡ୍ରାଣୀ ଗ୍ୟାସ ପୂର୍ବତନ ବିଧାୟକଙ୍କ ପତ୍ନୀଙ୍କ ନାମରେ ଆଜିକୁ ପ୍ରାୟ ୨୫ ବର୍ଷ ହେବ ରହିଛି ଓ ସିଲିଣ୍ଡର୍ ଗୋଦାମ ଉମରକୋଟ ନିକଟସ୍ଥ ମେଦାବେଡା ଗ୍ରାମରେ ରହିଛି। ପୂର୍ବତନ ବିଧାୟକ ସରକାରଙ୍କଠାରୁ ୩୦ ସେଣ୍ଟ ଜମି ଲିଜ୍‌ରେ ନେଇ ଗୋଦାମ ତିଆରି କରିଥିଲେ। ତେବେ ଗୋଦାମ ତିଆରି ହେବାଠାରୁ ଲିଜ୍ ଟଙ୍କା ବନ୍ଧା ହୋଇ ନଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। କିଛି ଦିନ ତଳେ ଗୋଦାମର ଏକ୍ସପ୍ଲୋସିଭ ଲାଇସେନ୍ସର ଅବଧି ଶେଷ ହୋଇ ଯାଇଥିବାରୁ କମ୍ପାନୀ ନିକଟରେ ଲାଇସେନ୍ସ ନବୀକରଣ ପାଇଁ ଆବେଦନ କରାଯାଇଥିଲା। କିନ୍ତୁ କମ୍ପାନୀ ପକ୍ଷରୁ ଲିଜ ଟଙ୍କା ପୈଠ ହୋଇ ନଥିବା ଜାଣି ନବୀକରଣ ପାଇଁ ମନା କରି ଦେଇଥିଲେ। ମିଳିଥିବା ସୂଚନା ଅନୁସାରେ ଗୋଦାମ ତିଆରି ହେବା ଠାରୁ ଲିଜ ଟଙ୍କା ପୈଠ ହୋଇ ନ ଥିବା ଜଣାପଡ଼ିଛି। ଯାହାର ମୂଲ୍ୟ ପ୍ରାୟ ଦୁଇ କୋଟିରୁ ଅଧିକ ହେବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ଗ୍ୟାସ କମ୍ପାନୀ ତରଫରୁ ବର୍ତ୍ତମାନ ସେଠାରେ ଗ୍ୟାସ ବିତରଣ ବନ୍ଦ କରି ଦିଆଯାଇଛି। ଫଳରେ ଗୋଦାମ ଗୃହ ଠାରେ ବର୍ତ୍ତମାନ ତାଲା ଝୁଲୁଛି ଏବଂ ସହର ଠାରୁ ପ୍ରାୟ ୮ କିଲୋମିଟର ଦୂରରେ ଥିବା ବୁର୍ଜା ଠାରେ ଗ୍ୟାସ ନେବା ପାଇଁ ଗ୍ରାହକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାହକ ମାନେ ଉମରକୋଟ ଗ୍ୟାସ ଏଜେନ୍ସି ଠାରେ ବୁକିଂ କରୁଛନ୍ତି ଏବଂ ବୁର୍ଜା ଏଜେନ୍ସିକୁ ଯାଇ ସେଠାରୁ ଗ୍ୟାସ ଆଣୁଛନ୍ତି। ଏହାକୁ ନେଇ ଗ୍ରାହକଙ୍କ ମନରେ ଅନେକ ଅସନ୍ତୋଷ ଦେଖିବାକୁ ମିଳୁଛି। ଗୋଟିଏ ପଟେ ଗ୍ୟାସ ଘରେ ଆଣି ଡେଲିଭରି



କରିବାର ନିୟମ ରହିଥିବା ବେଳେ ଲୋକେ ପ୍ରାୟ ୮ କିଲୋମିଟର ଦୂରକୁ ଯାଇ ଗ୍ୟାସ ଆଣୁଛନ୍ତି । ଫଳରେ ଗ୍ରାହକ ମାନେ ଦୂରରୁ ଗ୍ୟାସ ଆଣିବା ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉମରକୋଟ ତହସିଲଦାର ମେଘବାନ ବାଗ କହିଛନ୍ତି, ମାଲିକ ଗ୍ୟାସ ଏଜେନ୍ସି ଡିପୋ ପାଇଁ ଜାଗା ଉପରେ ଯେଉଁ ଲିଜ ନେଇଥିଲେ, ତାହାର ବଜାର ମୂଲ୍ୟ ଅନୁଯାୟୀ ଟଙ୍କା ପୈଠ କରିବାକୁ କୁହା ଯାଇଥିଲା । ସେ ଯଦି ସେହି ଟଙ୍କା ପୈଠ କରି ଦିଅନ୍ତି, ତାହେଲେ ଆମେ ସେହି ଲିଜ୍ ପ୍ରକ୍ରିୟାଟିକୁ ଫାଇନାଲ କରିବା ପାଇଁ ଜିଲାପାଳଙ୍କ ନିକଟକୁ ଲିଜ୍ ଅନୁମୋଦନ ପାଇଁ ପଠାଇବି ବୋଲି କହିଛନ୍ତି। ସେହିଭଳି ଖାଉଟି ବିଭାଗ ଅଧିକାରୀ ସୁନୀଲ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି ଘଟଣାର ସମାଧାନ ପାଇଁ ଏଜେନ୍ସି ମାଲିକଙ୍କୁ କୁହାଯାଇଛି । ଅପର ପକ୍ଷରେ କମ୍ପାନୀର ଜୟପୁର ଠାରେ ରହୁଥିବା ସହକାରୀ ସେଲସ ମ୍ୟାନେଜର ରାଜେନ୍ଦ୍ର ରାଉଳଙ୍କ ପ୍ରତିକ୍ରିୟା ନେବାରୁ ସେ କହିଥିଲେ, ଗ୍ରାହକଙ୍କୁ ନିକଟସ୍ଥ ବୁର୍ଜା ଓ ଧୋଡ୍ରା ଠାରେ ଥିବା ୨ଟି ଏଜେନ୍ସିରୁ ଗ୍ୟାସ ନେବାପାଇଁ କୁହାଯାଇଛି। ସୋମବାର କି ମଙ୍ଗଳବାର ସୁଦ୍ଧା ଲାଇସେନ୍ସ ଆସିଯିବ ବୋଲି ଭାବୁଛୁ । ଯଦି ନ ଆସେ ଉମରକୋଟ ସହରର ଗ୍ରାହକଙ୍କ ପାଇଁ ବିକଳ୍ପ ପନ୍ଥା ନିଆଯିବ । ଦୀର୍ଘ ୨୦ ଦିନ ହେଲାଣି ଉମରକୋଟ ଓ ଏହାର ଆଖପାଖ ଅଞ୍ଚଳରେ ରନ୍ଧନ ଗ୍ୟାସର ବ୍ୟାପକ ଅଭାବ ଦେଖ ଦେଇଥିବା ବେଳେ କମ୍ପାନୀ କିମ୍ବା ଜିଲ୍ଲା ପ୍ରଶାସନ କୌଣସି ବିହିତ ପଦକ୍ଷେପ ନ ନେବା ଯୋଗୁଁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଓ କମ୍ପାନୀ ଗ୍ରାହକ ଯେମିତି ସୁବିଧାରେ ଗ୍ୟାସ୍ ପାଇ ପାରିବେ ଏଥିପାଇଁ ବିହିତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି।

## କିନ୍ନରଙ୍କ ହୋମଯଜ୍ଞ

ନବରଙ୍ଗପୁର,୨୪।୧୦(ସମିସ): ଜିଲ୍ଲା କିନ୍ନର ସଂଘ ପକ୍ଷରୁ ସ୍ଥାନୀୟ ବିନାୟକ ଭବନ ପରିସରରେ ସଂଘର ଉପଦେଷ୍ଟା ଶର୍ମିଷ୍ଠା ଦେଓଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମୂର୍ଗି ମାତାଙ୍କୁ ପୂଜା ଅର୍ଚ୍ଚନା କରାଯାଇଥିଲା। ପୂଜାରେ ଜିଲ୍ଲାର କୋଣ



ଅନୁକୋଣରୁ ଆସିଥିବା କିନ୍ନରମାନେ ଯୋଗ ଦେଇ ଦେଶର ସୁରକ୍ଷା ତଥା ଜଗତ କଲ୍ୟାଣ ନିମନ୍ତେ ହୋମ ଯଜ୍ଞ କରିଛନ୍ତି। ପୂଜା ନିମନ୍ତେ ଜିଲ୍ଲାର ପାରମ୍ପରିକ ବାଦ୍ୟ ଯନ୍ତ୍ର ଢୋଲ, ତାସା ଏବଂ ମହୁରୀ ବ୍ୟବହାର କରାଯାଇଥିଲା। ନବରଙ୍ଗପୁର ଜିଲ୍ଲା କିନ୍ନର ମାନେ ଦେଶ ପାଇଁ ଏବଂ ଜଗତ କଲ୍ୟାଣ ନିମନ୍ତେ ପୂଜା କରିଥିବା ଜାଣି ସାଧାରଣ ଜନତା ବହୁତ୍ ଖୁସି ପ୍ରକଟ କରିବା ସହ ଏଭଳି ଅଭିନବ ପ୍ରୟାସ କୁ ପ୍ରଶଂସା କରିଛନ୍ତି। ଜିଲ୍ଲା କିନ୍ନର ସଂଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକ, ପ୍ରୋଜେକ୍ଟ ଲିଡର ଏମ.ବାଲା କୃଷ୍ଣ ରାଓ, ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର ସମେତ ସଂଘର ଉପଦେଷ୍ଟା କିଶୋରୀ ପଟ୍ଟନାୟକ, ଡକ୍ଟର ସଂଯୁକ୍ତା ପଣ୍ଡା, ସ୍ୱର୍ଣ୍ଣଲତା ପଟ୍ଟନାୟକ, ସାଗରିକା ମହାଙ୍କୁଡ, ନୀନୀବାବୁ ତ୍ରିପାଠୀ, ଅଖିଳ ଭଟ୍ଟ, ଦୁର୍ଗା ପାଢ଼ୀ ପ୍ରମୁଖ କିନ୍ନର ମାନଙ୍କ ଏହି ପଦକ୍ଷେପକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସଙ୍ଘର ସଭାପତି କାଜଲ କିନ୍ନର, ସମ୍ପାଦକ ଚୂମକି କିନ୍ନର, ସହ ସମ୍ପାଦକ ପ୍ରୀତି କିନ୍ନର, ବର୍ଷା, ରାଧା, କବିତା, ଶିବାନୀ, ବଇଦି, ଅନିତା, ଇପ୍ସିତା ସମେତ ଜିଲ୍ଲାର କୋଣ ଅନୁକୋଣରୁ ଅନେକ କିନ୍ନର ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ପବିତ୍ର ଦୀପାବଳି ଅବସରରେ କିନ୍ନର ମାନେ ନବରଙ୍ଗପୁର ସହର ର ବିଭିନ୍ନ ଦୋକାନ ବଜାରରୁ ପାଇଥିବା ଦାନ ଟଙ୍କାକୁ ଉପଯୋଗ କରି ଉକ୍ତ ପୂଜା ସମ୍ପନ୍ନ କରିଥିଲେ। ତେଣୁ କିନ୍ନର ସଂଘର ସମସ୍ତ ସଦସ୍ୟ ନବରଙ୍ଗପୁର ସହରର ସମସ୍ତ ବ୍ୟବସାୟୀଙ୍କୁ ସାଧୁବାଦ ଜଣାଇଛନ୍ତି।

## ସେମିଳିଗୁଡ଼ା ମହାବିଦ୍ୟାଳୟରେ ଶୋକସଭା




ସେମିଳିଗୁଡ଼ା, ୨୪।୧୦ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ମହାବିଦ୍ୟାଳୟର ପରିଚାଳନା କମିଟିର ପୂର୍ବତନ ସଦସ୍ୟ, ସିତମର ସମ୍ପାଦକ ଏବଂ ଜଣାଶୁଣା ବ୍ୟବସାୟୀ ଲକ୍ଷ୍ମଣ କୁମାର ରାଉତଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଶିକ୍ଷା ଜଗତ ଏବଂ ସମଗ୍ର ସମୁଦାୟର ଏକ ଅପୂରଣୀୟ କ୍ଷତି ଘଟିଛି। ୧୯ ଅକ୍ଟୋବରରେ ୭୬ ବର୍ଷ ବୟସରେ ଶ୍ରୀ ରାଉତଙ୍କ ଦେହାନ୍ତ ନିଜସ୍ୱ ବାସଭବନରେ ହୋଇଥିଲା। ସ୍ୱର୍ଗତ ରାଉତଙ୍କର ସେମିଳିଗୁଡ଼ା ମହାବିଦ୍ୟାଳୟର ଉନ୍ନତି ଏବଂ ବିକାଶରେ ସର୍ବଦା ନିଜସ୍ୱ ଯୋଗଦାନ ଦେଇଛନ୍ତି। ସେ ଟ୍ରକ୍ ମାଲିକ ସଂଘର ସମ୍ପାଦକ ଥିବା ସମୟରେ ଯୁକ୍ତ ଦୁଇ ବିଜ୍ଞାନ ସେମିଳିଗୁଡ଼ା ମହାବିଦ୍ୟାଳୟରେ ଆରମ୍ଭ କରିବା ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ଟ୍ରକ୍ ମାଲିକ ସଂଘ ଦେଇଥିଲା। ମହାବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟ ଭାବରେ ସେ ଯେଉଁ ଦୂରଦର୍ଶିତା ପ୍ରଦର୍ଶନ କରିଥିଲେ, ତାହା ଏହି ଶିକ୍ଷା କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ ସ୍ୱରୂପ ଦେବାରେ ସାହାଯ୍ୟ କରିଥିଲା। ତାଙ୍କର ଶିକ୍ଷା ବ୍ୟବସ୍ଥା ଏବଂ କର୍ମଠତା ମହାବିଦ୍ୟାଳୟ ପରିବାର ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇରହିବ। ଏହି ସଭାରେ ଅଧକ୍ଷା ଡ. ଝାନ୍ ସି ସିଂହ ତାଙ୍କ ଜୀବନର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଏହି ଅପୂରଣୀୟ କ୍ଷତିରେ ସମଗ୍ର ମହାବିଦ୍ୟାଳୟ ପରିବାର ମର୍ମାହତ ହୋଇଛି। ଶ୍ରୀ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ଆଜି ମହାବିଦ୍ୟାଳୟର ସେମିନାର କକ୍ଷରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଶୋକସଭାରେ ମହାବିଦ୍ୟାଳୟର ଡ.ଶୁଭ୍ରାଂଶୁ ସୁନ୍ଦର ଦାସ, ଡ.ଗୀତା ପଟ୍ଟନାୟକ, ଭାଗିରଥି ରାଉତ, ହର ପ୍ରସାଦ ପତି, ସୁରେଶ ପାଇକରାୟ, ଡ.ଅଲେଖ ପଣ୍ଡା, ଶିବାଶିଷ ପଟ୍ଟନାୟକ, ହରେକୃଷ୍ଣ ସାହୁ, ବାସନ୍ତୀ ଶ୍ରୀ, ରୋନାଲି ନାୟକ, ଡ.ରମେଶ ମଲ୍ଲିକ,ଚନ୍ଦନ, ବିନୋଦ ଲେଙ୍କା , ସୁକାନ୍ତ ପ୍ରଧାନ, ସହିତ ସମସ୍ତ ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ସୁନାବେଡ଼ା ପୁଲିସର ସାଇବର ସଚେତନତା



ସୁନାବେଡ଼ା,୨୪।୧୦ (ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ସୁନାବେଡ଼ା ସହରରେ ସାଇବର ସୁରକ୍ଷା ସଚେତନତା ରଥ ଅଭିଯାନ ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନାବେଡ଼ା ଥାନା ଅଧିକାରୀ ସୁସୁମା କୁଆଁରଙ୍କ ନେତୃତ୍ୱରେ ସୁନାବେଡ଼ା ଅଞ୍ଚଳରେ ଜନସାଧାରଣ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା କରି ସୁନାବେଡ଼ା ସହରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଲୋକମାନଙ୍କୁ ଅନ୍‌ଲାଇନ୍ ଠକେଇ , ଫେସ୍‌ବୁକ ଓ ହ୍ୱାଟ୍‌ସଆପ୍ ମାଧ୍ୟମରେ ହୋଇଥିବା ଠକେଇ ଏବଂ ବ୍ୟାଙ୍କ ଫ୍ରଡରୁ ଫୋନ୍ ପେ, ଗୁଗଲ ପେ ଯେମିତିକି ଅଶ୍ଳୀଳ ଫୋଟ କିମ୍ବା ଭିଡ଼ିଓ ଆଦି କ୍ଷେତ୍ରରେ ହେଉଥିବା ବିଭିନ୍ନ ଅପରାଧ ବିଷୟରେ ସଚେତନତା ବଢାଇବା ଓ ସାଧାରଣ ଜନତାଙ୍କୁ ସୁରକ୍ଷିତ ରଖିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଅଭିଯାନରେ ସାଇବର ସେଲ୍ କୋରାପୁଟରୁ ଡିଏସପି ଭବାନୀ ପ୍ରଧାନ ଏବଂ ତାଙ୍କ ଦଳ, ସୁନାବେଡ଼ା ଏସଡିପିଓ ସୁମିତ୍ରା ଜେନା, ଅନ୍ୟ ପୁଲିସ କର୍ମଚାରୀମାନେ ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀ ଓ ଅଧ୍ୟାପିକା ସ୍ଥାନୀୟ ସାଧାରଣ ଜନତା ଯୋଗ ଦେଇଥିଲେ।

## ନଭେମ୍ବର ୧୨ରେ ଲୋକ ମହୋତ୍ସବ 'ପରବ'

କୋରାପୁଟ,୨୪।୧୦(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ କୋରାପୁଟ ଜିଲ୍ଲାର ଆଦିବାସୀ ଲୋକ ମହୋତ୍ସବ ପରବ-୨୦୨୫ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଆଇଏଏସ ପ୍ରୋବେସନାରୀ ସନ୍ତୋଷ କୁମାର ପାତ୍ର, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ଏସପି ରୋହିତ ବର୍ମା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, କୋରାପୁଟ ଉପ




ଜିଲ୍ଲାପାଳ ପ୍ରେମଲାଲ ହିଆଲ, କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି, କୋରାପୁଟ ବିଡିଓ ଦେବାଶିଷ ଗୌଡ଼, ତହସିଲଦାର ଶୟଦ ସବିର ସାହା, କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ନିଜ ନିଜର ମତମତ ଉପସ୍ଥାପନା କରିଥିଲେ। ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କୁଟୁଣୀପଦର ଶିବ ମନ୍ଦିରରୁ ପରବ ୨୦୨୫ ଶୁଭାରମ୍ଭ କରାଯିବ। ଜିଲ୍ଲାର ସମସ୍ତ ପଞ୍ଚାୟତରେ ନଭେମ୍ବର ୧୩ରୁ ୨୩ ପର୍ଯ୍ୟନ୍ତ ଏବଂ ବ୍ଲକ ଓ ସହରାଞ୍ଚଳ ପରବ ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। କୋରାପୁଟ ପୌର ପରିଷଦ ଅନ୍ତର୍ଗତ ପରବ ପଡ଼ିଆରେ ଡିସେମ୍ବର ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ପରବର ମୁଖ୍ୟ ସମାରୋହ ଆୟୋଜନ କରାଯିବ। ମୁଖ୍ୟ ସମାରୋହ ଆୟୋଜନ ଅବସରରେ ପଲ୍ଲୀଶ୍ରୀ ଓ ଖାଦ୍ୟ ମେଳା ଆୟୋଜନ କରାଯିବା ସହ ନୂତନ ଭାବେ ପୁଷ୍ପ ପ୍ରଦର୍ଶନୀ କରାଯିବାକୁ ନିଷ୍ପତ୍ତି ନିଆ ଯାଇଛି। ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ଯୋଗଦେଇ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇବର ସଚେତତନତା ଶୋଭାଯାତ୍ରା

ଉମରକୋଟ,୨୪।୧୦(ସମିସ): ଆଜି ନବରଙ୍ଗପୁର ଜିଲା ପୋଲିସ ପକ୍ଷରୁ ଉମରକୋଟରେ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା ଏବଂ ଏହି ଶୋଭାଯାତ୍ରା ପୋଲିସ ଥାନା ନିକଟରୁ ପେଣ୍ଡରାଣୀ ମହାବିଦ୍ୟାଳୟ ଯାଏଁ ଯାଇଥିଲା। ଗୁରୁକୃପା କଲେଜର ଛାତ୍ରୀ ଛାତ୍ର ଓ କଲେଜ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ଡାକ ବାଜି ଯନ୍ତ୍ର ଦ୍ୱାରା ସାଇବର ଠକେଇ ଠାରୁ କିପରି ବଞ୍ଚି ପାରିବେ ସେ ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏମ. ସୁନିଲ ସମ୍ପଦଙ୍କ ତତ୍ତ୍ୱାବଧାନରେ ଉମରକୋଟ ଥାନା ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହରର ଅନେକ ବରିଷ୍ଠ, ବିଜ୍ଞ, ଓ ରାଜ ନେତା, କାଉନସିଲର ଉପସ୍ଥିତ ଥିଲେ। ସାଇବର ଠକେଇରୁ



କିପରି ବର୍ତ୍ତି ପାରିବେ ତାହାକୁ ନେଇ ସଚେତନ କରାଯାଇଥିଲା। କୌଣସି ପୋଲିସ ଅଧିକାରୀଙ୍କ ପରିଚୟ ବା ଡିଜିଟାଲ ଆରେଷ୍ଟ ଭଳି କିଛି ଧମକପୂର୍ଣ୍ଣ ଫୋନ ଆସିଲେ ତୁରନ୍ତ ନିକଟସ୍ଥ ଥାନା ସହ ଯୋଗାଯୋଗ କରିବାକୁ ସୂଚନା ଦେଇଛନ୍ତି ଏସ୍‌ପି। ଏହି କାର୍ଯ୍ୟକ୍ରମରେ ଏସପିଙ୍କ ବ୍ୟତୀତ ପୌର ଅଧକ୍ଷା ରାଧା ଭତ୍ରା, ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଡିଏସପି ସରୋଜ କିସପୋଟା, ପାପଡାହାଣ୍ଡି ପୋଲିସ ଉପଖଣ୍ଡ ଅଧିକାରୀଙ୍କ ସହ ସାଇବର ସେଲର ଅନେକ ଅଧିକାରୀଙ୍କ ସମେତ ଉମରକୋଟ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଚାନ୍ଦନା ମଲ୍ଲିକ କାର୍ଯ୍ୟକ୍ରମ ମଞ୍ଚ ପରିଚାଳନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ସର୍ବଦା ଆହ୍ୱାନକୁ ଗ୍ରହଣ କର । ସଫଳ ହେଲେ ତୁମେ ନେତୃତ୍ୱ ନେବ ଏବଂ ବିଫଳ ହେଲେ ପଥପ୍ରଦର୍ଶକ ଭୂମିକା ନିର୍ବାହ କରିପାରିବ ।
-ସ୍ୱାମୀ ବିବେକାନନ୍ଦ

## ଜେଲ ପ୍ରଶାସନ ଢିଲା

ଗୁରୁତର ଅପରାଧରେ ଅଭିଯୁକ୍ତ ଓ ଦୋଷୀସାବ୍ୟସ୍ତ ହୋଇ ଦଣ୍ଡ ଭୋଗୁଥିବା କଏଦୀଙ୍କ ପାଇଁ ରାଜ୍ୟରେ ଥିବା କାରାଗାରଗୁଡ଼ିକରେ ପରିଲକ୍ଷିତ ବିଶୃଙ୍ଖଳା ତଥା ଅନିୟମିତାର ସୁଯୋଗ ନେଉଛନ୍ତି କିଛି ପେସାଦାର ତତ୍ତ୍ୱ । କିଏ କେତେବେଳେ ଚମ୍ପଟ ମାରିଲାଣି ତ ଅନ୍ୟ କିଏ ମାନସିକ ଅବସାଦରୁ ଆତ୍ମହତ୍ୟା କଲାଣି । ରାଜ୍ୟ ପୁଲିସର ଅପରାଧ ନିୟନ୍ତ୍ରଣ ସହ କାରାଗାର ବ୍ୟବସ୍ଥାର ସିଧାସଳଖ ସଂପର୍କ ରହୁଥିବାରୁ ଗୋଟିଏ ଢିଲା ହେଲେ ଅନ୍ୟଟିର କାର୍ଯ୍ୟଧାରା ପ୍ରଭାବିତ ହେବ । ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥାରେ କ୍ରମାଗତ ଅବନତି ପରିଲକ୍ଷିତ ହେଉଥିବା ବେଳେ ଯଦି ଧରାପଡୁଥିବା ଅପରାଧୀ କାରାଗାରରୁ ନିର୍ବାଧାରେ ଚମ୍ପଟ ମାରିବେ ତେବେ ବାପପୁଅ ରାତି ଅନିଦ୍ରା ମୁଗୁରା ପଛ ମେଲା ଭଳି ସ୍ଥିତି ଉପୁଜିବ । ଗତ କିଛିଦିନର ଘଟଣାବଳୀରୁ ତାହାହିଁ ଅନୁଭୂତ ହେଉଛି । ସରକାର ଏବେ ଜେଲ ପ୍ରଶାସନରେ ସଂସ୍କାର ଆଣିବାକୁ ଚିନ୍ତା କରୁଛନ୍ତି । ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, କାରାଗାରଗୁଡ଼ିକରେ କର୍ମଚାରୀ ଅଭାବ ପ୍ରତି ଧ୍ୟାନ ନଦେଇ ସରକାର କିପ୍ରକାର ସଂସ୍କାର ଆଣିବେ ଏବଂ ତାହାକୁ କାର୍ଯ୍ୟକାରୀ କରିବ କିଏ ? ରାଜ୍ୟରେ ଥିବା ୮୭ ଟି ଜେଲରେ ୪୦ ପ୍ରତିଶତ ୱାର୍ଡେନ ପଦବୀ ଖାଲିପଡିଛି । ଜେଲ ଅନ୍ତେବାସୀଙ୍କୁ ଜଗାରଖା ଓ ସେମାନଙ୍କ କାର୍ଯ୍ୟକଳାପ ନିୟୋଜିତ କରିବ କିଏ? ଏହି ଖାଲି ପଡ଼ିଥିବା ପଦବୀରେ ଗୃହରକ୍ଷୀ କିମ୍ବା ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନିୟୋଜନ କରାଯିବା ପରାମର୍ଶ ପ୍ରତି ଜେଲ କର୍ତ୍ତୃପକ୍ଷ ମଧ୍ୟ ଧ୍ୟାନ ଦେଉନାହାନ୍ତି । ଦିଆଯାଉଥିବା ନିର୍ଦ୍ଦେଶ ବା ପରାମର୍ଶ କାହିଁକି କାର୍ଯ୍ୟକାରୀ ହେଲା ନି ତାହାର ମଧ୍ୟ ଖୋଳତାଡ଼ ହେଉନି । ପରିସ୍ଥିତି ଏପରି ହୋଇଛି ଯେ ଜେଲ ପ୍ରଶାସନର ଏହି ଢିଲାପଣ ପ୍ରତି ଙ୍ଗୁଳି ନିର୍ଦ୍ଦେଶ କଲାଭଳି ସ୍ଥିତିରେ କର୍ତ୍ତୃପକ୍ଷ ନାହାନ୍ତି ।

ଚୌଦ୍ୱାର ହେଉକି ସୋର ଜେଲ, ରାଜ୍ୟ ବାହାରର ଅପରାଧୀମାନେ କାହିଁକି ଖସିଯିବାର ସୁଯୋଗ ପାଉଛନ୍ତି? ଏହାପଛରେ ଅନ୍ୟ କିଛି ରହସ୍ୟ ଅଛିକି? ଏକ୍ଷେତ୍ରରେ ସେମାନଙ୍କର ଥିବା ପେସାଦାର ଦକ୍ଷତା ହିସାବ ପାଉନାହାନ୍ତି ଆମଜେଲ କର୍ତ୍ତୃପକ୍ଷ । ସୋର ଘଟଣା ସବୁଠାରୁ ନିଆରା । କଏଦୀ କେତେବେଳେ ଚମ୍ପଟ ମାରିଲା ତାହାର ଖବର ନାହିଁ ଉପକାରାଗାର କର୍ତ୍ତୃପକ୍ଷଙ୍କୁ । ସନ୍ଧ୍ୟାରେ କଏଦୀଙ୍କ ଗଣନାବେଳେ ଏସଂପର୍କରେ ଜଣାପଡ଼ିଥିଲା । ତାହା ପୁଣି ପ୍ରାରମ୍ଭିକ ଗଣତି ବେଳେ ଜଣେ କି ଦୁଇଜଣ ଖସି ପଳାଇଛନ୍ତି ତାହା ସ୍ପଷ୍ଟ ହୋଇନଥିଲା । ଏହି ଉପକାରାଗାରରେ ଥିବା ୨୫୦ କଏଦୀଙ୍କ ଦେଖାଚାହାଁ କରିବା ସକାଶେ ମାତ୍ର ୩ ଜଣ ସୁରକ୍ଷା କର୍ମୀ ଅଛନ୍ତି । ଏଭଳି ପରିସ୍ଥିତିରେ କିଏ କାହା କଥା ବୁଝିବ? ଚୌଦ୍ୱାର ଜେଲରେ କଏଦୀଙ୍କ ମଧ୍ୟରେ ମାଡ଼ପିଟ ଘଟଣାକୁ ଆମେ ସେଭଳି ଗୁରୁତ୍ୱ ନଦେଲେ ମଧ୍ୟ ଯେଉଁ ଦୁଇବିହାରୀ ଅପରାଧୀ ଚମ୍ପଟ ମାରିଲେ ସେମାନଙ୍କ ସଂପର୍କ ଉନ୍ମୋଚନ କରିବା ପାଇଁ ଯେଉଁ ସୁଯୋଗ ଥିଲା ତାହା ହାତଛଡ଼ା ହୋଇଯାଇଛି । ବ୍ୟାଙ୍କ ଓ ଅଳଙ୍କାର ଦୋକାନ ତଥା ବେଆଇନ ମାରଣାସ୍ତ୍ର କାରବାର ସହ ବିହାରୀ ଅପରାଧୀ ସଂପୃକ୍ତ ଥିବାରୁ ସେମାନଙ୍କୁ ଜାଣିଶୁଣି ଖସାଇ ଦିଆଯାଇନି ତ? ଏଭଳି ବହୁ ପ୍ରଶ୍ନ ସାଧାରଣରେ ଉଙ୍କିମାରୁଛି । ବରଗଡ଼ ଜିଲ୍ଲା କାରାଗାରରେ କ୍ରମାଗତ ଦୁଇଜଣ କଏଦୀ ଆତ୍ମହତ୍ୟା କଲେଣି । କଏଦୀଙ୍କ ଆତ୍ମହତ୍ୟା ଏକ ସମ୍ବେଦନଶୀଳ ପ୍ରସଙ୍ଗ । ଏହା ପଛରେ ରହିଛି ଅନୁସଂଧାନର ଦିଗ । ଏପରିକି ନିର୍ଦ୍ଦେଶରେ ଅଟକ ରହିବାର ଆତ୍ମଗ୍ଲାନି ଓ ନିର୍ଯାତନା । ଏସଂପର୍କରେ ଅନୁସଂଧାନରେ ବୃହତ୍ତର ଦିଗ ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

ଜେଲ ବ୍ୟବସ୍ଥାର ସଂସ୍କାର ନାମରେ ଅଧିକାରୀ ସ୍ତରୀୟ ତଦାରଖକୁ କେବଳ ଗୁରୁତ୍ୱ ଦିଆଯାଉଛି । ଏଣିକି ସବୁ ରେଞ୍ଜର ଡିଆଇଜି ଓ ଏସପି ମାନେ ନିୟମିତ ବ୍ୟବଧାନରେ କାରାଗାର ପରିଦର୍ଶନରେ ଯାଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ । କାରାଗାରରେ ଯଦି ୱାର୍ଡେନ ନିଯୁକ୍ତି ନ ପାଇଲେ କେବେ ଖୋଦ ଜେଲର କ'ଣ କଏଦୀଙ୍କ କଥା ବୁଝିବେ ନା ସୁରକ୍ଷା ବ୍ୟବସ୍ଥାକୁ ସୁଧାରିବେ? ଇଏ କେବଳ ଧର୍ମକୁ ଆଖିଠାର, ଯାହା ଯେମିତି ଚାଲୁଛି ସେମିତି ଚାଲିଥାଉ । ●

## ଅସୁରକ୍ଷିତ ବିମାନ ସେବା

ସମୟ ଥିଲା, ବ୍ୟୟବହୁଳତା ଦୃଷ୍ଟିରୁ ବିମାନଯାତ୍ରା କେବଳ ଉଚ୍ଚବର୍ଗଙ୍କ ମଧ୍ୟରେ ସୀମିତ ଥିଲା । ସମୟ ବଦଳିବା ସହ ବ୍ୟୟଭାର କମିଛି ଏବଂ ବିମାନଯାତ୍ରା ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଛି । ଚାହିଦାକୁ ଆଖିରେ ରଖି ଆମ ଦେଶରେ ମଧ୍ୟ ଏୟାରଲାଇନ୍ସ ସେବା ସମ୍ପ୍ରସାରିତ ହେଉଛି । କିନ୍ତୁ ସେବା ସଂପ୍ରସାରିତ ହେବା ସହ ସୁରକ୍ଷିତ ଯାତାୟତ ପ୍ରତି ଯେତିକି ଧ୍ୟାନ ଦିଆଯିବା କଥା ତାହା ହେଉନାହିଁ । ଗତ ଜୁନ ୧୨ ତାରିଖରେ ଅହମ୍ମଦାବାଦରେ ଏୟାର ଇଣ୍ଡିଆର ବୋଇଂ ବିମାନ ୭୮୭-୮ ଯେଭଳି ପରିସ୍ଥିତିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ତାହାର ଦୁଃଖଦ ଦୃଶ୍ୟକ୍ରମ ଦେଶବାସୀଙ୍କ ମନରୁ ଏପର୍ଯ୍ୟନ୍ତ ଲିଭିନାହିଁ । ଦୁର୍ଘଟଣାର କାରଣ ସଂପର୍କରେ ପ୍ରାରମ୍ଭିକ ଅନୁସଂଧାନ ରିପୋର୍ଟରେ ପ୍ରାଣ ହରାଇଥିବା ଦୁଇଜଣ ପାଇଲଟଙ୍କ ଉପରେ ଦୋଷ ଲଦି ଦେଇ ବୋଇଂ କମ୍ପାନୀକୁ ଯେଭଳି ସୁରକ୍ଷା ଦିଆଗଲା ସେଥିରେ ଯେ ବ୍ୟବସ୍ଥା ସୁଧୁରିବ ଓ ସଂଶୋଧନୀ ପଦକ୍ଷେପ ଗ୍ରହଣ କରାଯାଇପାରିବ, ଏନେଇ ସନ୍ଦେହ ମୁଣ୍ଡ ଟେକିବା ସ୍ୱାଭାବିକ ।

ନିକଟରେ ଏଭଳି କିଛି ଘଟଣା ଦୃଷ୍ଟିକୁ ଆସିଛି, ଯାହା ସୁରକ୍ଷିତ ବିମାନସେବା ନେଇ ସନ୍ଦେହ ଦୃଢ଼ୀଭୂତ କରିଛି । ବିମାନଯାତ୍ରା ପୂର୍ବରୁ ବୈଷୟିକ ଯାଞ୍ଚ ଓ ସୁରକ୍ଷିତ ଉଡ଼ାଣ ନେଇ ଆବଶ୍ୟକ ତ୍ରୁଟି ସଂଶୋଧନ ସକାଶେ ଯେଉଁ କଠୋର ନିୟମ ଓ ଶୃଙ୍ଖଳା ଅନୁପାଳନ ହେବା ଉଚିତ ସେଥିପ୍ରତି ଯଥେଷ୍ଟ ଦୃଷ୍ଟି ଦିଆଯାଉଥିବା ଭଳି ମନେ ହେଉନାହିଁ । ଏଭଳି ବହୁତ ଦିଗ ଅଛି ଯାହାକୁ ଠିକଣା ସମୟରେ ସୁଧାରିବାର ପର୍ଯ୍ୟାପ୍ତ ଅବକାଶ ଥିଲେ ମଧ୍ୟ ବ୍ୟାବସାୟୀକରଣ ଓ ପ୍ରତିଯୋଗିତାପୂର୍ଣ୍ଣ ଉଡ଼ାଣ ଯୋଗୁଁ ସେସବୁକୁ ଅଣଦେଖା କରାଯାଉଛି । ଅନ୍ୟ ଗୋଟିଏ ଦିଗ ହେଲା, ବ୍ୟୟବହୁଳତା ଦୃଷ୍ଟିରୁ ଠିକଣା ସମୟରେ ପୁରୁଣା ସ୍ଥାନରେ ନୂଆ ବିମାନ କାର୍ଯ୍ୟରେ ନିୟୋଜନ କରିବାର ଜରୁରୀ ଆବଶ୍ୟକତା ଥିଲେ ମଧ୍ୟ କାମଚଳା ବ୍ୟବସ୍ଥା ଜାରି ରହିଛି । ସେହିଭଳି ଅସାବଧାନତା ପାଇଁ ଯେଉଁ ତ୍ରୁଟି ପରିଲକ୍ଷିତ ହୁଏ ତାହା ମଧ୍ୟ ଅକ୍ଷମଣୀୟ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନେଇ ଯାଉଥିବା ହେଲିକପ୍ଟରରେ ଗୋଟିଏ ଚକ ହେଲିପ୍ୟାଡ୍‌ରେ ଯେଭଳି ପରିସ୍ଥିତିରେ ଦବିଗଲା ତାହାକୁ ଏଡ଼ାଇ ଯାଇପାରିଥା'ନ୍ତା । ଏହାକୁ ମଧ୍ୟ ଅସାବଧାନତା କୁହାଯାଇପାରେ । ବୁଧବାରର ଘଟଣାକ୍ରମରେ ଆମେ ଆଉ ଦୁଇଟି ବିମାନଯାତ୍ରା ସଂପର୍କରେ ଉଲ୍ଲେଖ କରୁଛି । ମୁମ୍ବାଇରୁ ଆମେରିକାର ନ୍ୟୁୱାର୍କ ଲିବର୍ଟି ଆନ୍ତର୍ଜାତିକ ବିମାନ ବନ୍ଦର ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିବା ଏୟାର ଇଣ୍ଡିଆର ବୋଇଂ. ୭୭୭-୨୦୦ ଏଆଇଏଲଆଇ ବିମାନରେ ୧୫୦ ଜଣ ଯାତ୍ରୀ ଥିଲେ । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ୨ଘଣ୍ଟା ୧୬ ମିନିଟ ଉଡ଼ାଣ ପରେ ପୁଣି ମୁମ୍ବାଇରେ ନିରାପଦ ଅବତରଣ କରିଛି । ଆରବ ସାଗରରେ ପ୍ରାୟ ୧୦,୦୦୦ କିଲୋମିଟର ଉଚ୍ଚରେ ଉଡ଼ାଣ କରୁଥିବାବେଳେ ଏହି ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହୋଇଥିଲା । ସେହିଭଳି ଇଣ୍ଡିଗୋ ବିମାନ କଲକାତାରୁ ଶ୍ରୀନଗର ଅଭିମୁଖେ ୧୬୬ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ବିମାନରୁ ଇନ୍ଧନ ଲିକ୍ ହେଉଥିବାରୁ ଯାତ୍ରା ବାତିଲ କରି ବାରଣାସୀ ବିମାନ ବନ୍ଦରେ ଜରୁରୀ ଅବତରଣ କରିଛି । ଏହି ଭଳି ଛୋଟବଡ଼ ଘଟଣା ନିୟମିତ ଘଟୁଥିବାର ଦୃଷ୍ଟିକୁ ଆସୁଛି ।

ଏପ୍ରକାର ବିମାନଯାତ୍ରାକୁ ଆମେ କିଭଳି ସୁରକ୍ଷିତ ସେବା ରୂପେ ପରିଗଣିତ କରିବା? ଏକଥା ସତ ଯେ ଦୁର୍ଘଟଣାମୁକ୍ତ ଯାତାୟତ ବ୍ୟବସ୍ଥା ନିଶ୍ଚିତ କରିବା ସମ୍ଭବ ନୁହେଁ । କିନ୍ତୁ ପ୍ରଚଳିତ ବ୍ୟବସ୍ଥା ଓ ଶୃଙ୍ଖଳାର ଉଲ୍ଲଙ୍ଘନକୁ କୌଣସିପ୍ରକାରେ ବରଦାସ୍ତ କରାଯିବା ଉଚିତ ନୁହେଁ । ଯେତେଦୂର ମନେ ହୁଏ ସେଥିପ୍ରତି ଉଚିତ ଧ୍ୟାନ ଦିଆଯାଉନାହିଁ । ●

# ଫାଶୀଦଣ୍ଡର ବିକଳ୍ପ: ନ୍ୟାୟ ବନାମ ନିଷ୍ଠୁରତା

ଅବଶ ପରିଡ଼ା

'ଫାଶୀ ଦ୍ୱାରା ମୃତ୍ୟୁଦଣ୍ଡ ହେଉଛି ଏକ କଷ୍ଟଦାୟକ, ବର୍ବର ଏବଂ ଯନ୍ତ୍ରଣାପୂର୍ଣ୍ଣ ନିଷ୍ଠୁର ପ୍ରଥା । ଘାତକ ଇଞ୍ଜେକ୍ସନ, ଗୁଳି କିମ୍ବା ଗ୍ୟାସ ଚାମ୍ବର ଭଳି ପ୍ରକ୍ରିୟାକୁ ଫାଶୀର ବିକଳ୍ପ ଭାବରେ ବ୍ୟବହାର କରିବାକୁ ଅନୁମତି ଦିଆଯାଉ ।' ଏହା ଥିଲା ସର୍ବୋଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ଆବେଦନର ସାରାଂଶ । ଏହାକୁ ବିରୋଧ କରି ସରକାରଙ୍କ ତରଫରୁ ଯୁକ୍ତି ଆସିଲା ଯେ ଫାଶୀର ବିକଳ୍ପ କଥା ଚିନ୍ତା କରିବା କେବଳ ନ୍ୟାୟିକ ନୁହେଁ, ବରଂ ଏକ ନୀତିଗତ ପ୍ରସଙ୍ଗ । କାରଣ ଏଥିରେ ଅନେକ ତ୍ରୁଟି, ବିପଦ, ସମ୍ବଳ ଓ ବୈଷୟିକ ପ୍ରତିବନ୍ଧକ ଭଳି ସମସ୍ୟା ଆସିପାରେ । ଏହି ବିବୃତ୍ତି ପରେ ସର୍ବୋଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିଛନ୍ତି ଯେ 'ସମୟ ବଦଳୁଛି ଏବଂ ଅନେକ ପରିବର୍ତ୍ତନ ଘଟୁଛି । କିନ୍ତୁ ସରକାର ବିବର୍ତ୍ତିତ ହେବାକୁ ପ୍ରସ୍ତୁତ ନୁହନ୍ତି ।'

ଫାଶୀ ପଦ୍ଧତିର ସାମ୍ବିଧାନିକ ବୈଧତା, ଆଧୁନିକ ଆବଶ୍ୟକତା ଓ ପରିବର୍ତ୍ତନ ପାଇଁ ଏହା ପ୍ରଥମ ଆବେଦନ ନୁହେଁ । ଏହା ପୂର୍ବରୁ ୧୯୮୩ ମସିହାରେ ଫାଶୀ ଦ୍ୱାରା ମୃତ୍ୟୁଦଣ୍ଡକୁ ନେଇ ହୋଇଥିବା ଏକ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ ଯେ ଫାଶୀ ଦ୍ୱାରା ଧାରା ୨୧ (ଜୀବନ ଓ ସମ୍ମାନର ଅଧିକାର) ଉଲ୍ଲଂଘନ ହୁଏ ନାହିଁ । ଏହା ହେଉଛି ଭାରତରେ ମୃତ୍ୟୁଦଣ୍ଡ ପାଇଁ 'ବୈଜ୍ଞାନିକ ଭାବରେ ନିରାପଦ ଏବଂ ମାନବୀୟ' ପଦ୍ଧତି । ଏଠାରେ ଜାଣି ରଖିବାକୁ ହେବ ଯେ ଭାରତୀୟ ସମ୍ବିଧାନର ଧାରା ୨୧ରେ ଜୀବନ ଏବଂ ବ୍ୟକ୍ତିଗତ ସ୍ୱତନ୍ତ୍ରତାର ସାମ୍ବିଧାନିକ ସୁରକ୍ଷା ସହିତ 'ମୃତ୍ୟୁଦଣ୍ଡର ପଦ୍ଧତି' କଥା ମଧ୍ୟ ଉଲ୍ଲେଖ ଅଛି । ଆଇନ ଆଖିରେ ବ୍ୟକ୍ତିର ମର୍ଯ୍ୟାଦା, ସ୍ୱାର୍ଥ ଓ ଶାରୀରିକ ଅଖଣ୍ଡତା ଗୁରୁତ୍ୱପୂର୍ଣ୍ଣ ।

ଆମେ ଏଠାରେ 'ନ୍ୟାୟିକ ପ୍ରକ୍ରିୟାରେ ମୃତ୍ୟୁଦଣ୍ଡର ଆବଶ୍ୟକତା କିମ୍ବା ଆଇନଗତ ସଂସ୍କାର କଥା ଆଲୋଚନା କରୁନାହେଁ । ବରଂ ଭାରତରେ ମୃତ୍ୟୁଦଣ୍ଡର ପାରମ୍ପରିକ ପ୍ରକ୍ରିୟା ଏବଂ ଏହାର ବିକଳ୍ପ ବିଷୟରେ ଆଲୋଚନା କରୁଛେ । ଚୁମ୍ବକରେ ଏ ସବୁ ଶୁଣିଲା ପରେ ଆମ ମନକୁ କିଛି ପ୍ରଶ୍ନ ଆସିପାରେ । ଯେମିତିକି 'ଦୋଷୀକୁ ମୃତ୍ୟୁଦଣ୍ଡ ମିଳୁଛି, ତେବେ ଯେକୌଣସି ପ୍ରକାରରେ ହେଲେ ମଧ୍ୟ ପ୍ରଯୁଜ୍ୟ' କିମ୍ବା 'ଫାଶୀ ହେଉଛି ମୃତ୍ୟୁଦଣ୍ଡର ସବୁଠାରୁ ପାରମ୍ପରିକ ପ୍ରକାର । ତେଣୁ ଏହା ସରକାରଙ୍କ ନିଷ୍ପତ୍ତି ଯେ ସେ ପରିବର୍ତ୍ତନ କରିବେ ନା ନୂଆ ଉପାୟ ଲାଗୁ କରିବେ ।' ଏହି ବିବାଦୀୟ ବିଷୟବସ୍ତୁକୁ ବ୍ୟାଖ୍ୟା କରିବା ପାଇଁ ଏବେ ଅନେକ ସମାଜତାତ୍ତ୍ୱିକ ଦୃଷ୍ଟିକୋଣ ଉଭା ହୋଇଛି । ନୀତି, ଆଧୁନିକତା, ମାନବିକ ଅଧିକାର, ରାଷ୍ଟ୍ରର କ୍ଷମତା ଓ ନୈତିକ କଳ୍ପନା ଭଳି ଅନେକ ବିନ୍ଦୁକୁ ନେଇ ଟଣାଓଟରା ଚାଲିଛି ।

ସାମାଜିକ ଭାବରେ ଯାହା ଗ୍ରହଣୀୟ ତାହା ଭବିଷ୍ୟତରେ ସାମାଜିକ ଅନୁମୋଦନ ପାଇବ ବୋଲି କୌଣସି ସ୍ଥିର ନିୟମ ନାହିଁ । ପରମ୍ପରା ଓ ଆଧୁନିକତା ମଧ୍ୟରେ ସଂଘର୍ଷ ଥିଲା, ଅଛି ଓ ରହିବ ମଧ୍ୟ । କାରଣ ପରିବର୍ତ୍ତନ ହେଉଛି ଅନିବାର୍ଯ୍ୟ । ଆଜି ଯାହା ପ୍ରଗତିଶୀଳ ତାହା କାଲି ପ୍ରତିକୂଳ ହୋଇପାରେ । ଉଦାହରଣ ସ୍ୱରୂପ, ପୂର୍ବରୁ ସାର୍ବଜନୀନ ଫାଶୀ, ମୃତ୍ୟୁଦଣ୍ଡ, କଠୋର ପଦ୍ଧତି ଇତ୍ୟାଦି ଏକ 'ସାଧାରଣ' ଘଟଣା ଭାବରେ ଦେଖାଯାଉଥିଲା । କିନ୍ତୁ ଏବେ ଏହା ମାନବାଧିକାର ପ୍ରସଙ୍ଗ । ଅନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ମୃତ୍ୟୁଦଣ୍ଡ ଅନେକ କ୍ଷେତ୍ରରେ ପୁନଃବିଚାର କରାଯାଉଛି । ଜାତିସଂଘ ସମେତ ଅନେକ ଅନ୍ତର୍ଜାତୀୟ ପ୍ରସ୍ତାବରେ ମୃତ୍ୟୁଦଣ୍ଡରେ ସର୍ବନିମ୍ନ ଯନ୍ତ୍ରଣା କଥା ଉଲ୍ଲେଖ ଅଛି । ଏହି ପରିପ୍ରେକ୍ଷୀରେ ଏକ ବିଶାରଦ ମହଲ ଯୁକ୍ତି କରନ୍ତି ଯେ ଆଇନଗତ ଓ ନୈତିକତା ଦୃଷ୍ଟିରୁ ଦୋଷୀକୁ ମିଳୁଥିବା ଶାରୀରିକ ଦଣ୍ଡ ମଧ୍ୟ ନୈତିକ ଯାଞ୍ଚ ଅଧୀନରେ ଆସିବା ଜରୁରୀ ।

ବିଶ୍ୱର ସତୁରିରୁ ଅଧିକ ଦେଶ ଏବେ ଚିକିତ୍ସାଗତ ମୃତ୍ୟୁଦଣ୍ଡ ଆଡ଼କୁ ଗତି କଲେଣି । କିନ୍ତୁ ଭାରତ ଭଳି କିଛି ଦେଶ ଫାଶୀ ପ୍ରକ୍ରିୟାରେ ହିଁ ଅଟକି ଯାଇଛନ୍ତି କାହିଁକି? ଯଦି କଷ୍ଟ ଦୂର କରିବା ପାଇଁ ଇଚ୍ଛାମୃତ୍ୟୁକୁ ଭାରତ ସରକାର କିଛିମାତ୍ରାରେ ଅନୁମତି ଦେଇଛନ୍ତି ତେବେ ନ୍ୟାୟିକ ମୃତ୍ୟୁଦଣ୍ଡରେ ଇଚ୍ଛାମୃତ୍ୟୁ ଭଳି ପ୍ରକ୍ରିୟାକୁ ଅନୁସରଣ କଲେ ଅସୁବିଧା କେଉଁଠି? ସମ୍ଭାବ୍ୟ ଉତ୍ତର ହୋଇପାରେ ଯେ ରାଷ୍ଟ୍ର ଦୁଇଟି ଭୂମିକା ଗ୍ରହଣ କରେ - ଇଚ୍ଛାମୃତ୍ୟୁ କ୍ଷେତ୍ରରେ ଆରୋଗ୍ୟକାରୀ ଏବଂ ମୃତ୍ୟୁଦଣ୍ଡରେ ଦଣ୍ଡଦାତା । 'କ୍ରିମିନାଲ ସୋସିଓଲୋଜିଷ୍ଟ'ଙ୍କ ମତରେ ଫାଶୀରେ ନ୍ୟାୟର ଏକ ସାଂସ୍କୃତିକ ଭାବନା ଅଛି । ସେଥିପାଇଁ ନ୍ୟାୟିକ ବ୍ୟବସ୍ଥା ଏହାକୁ ପରିବର୍ତ୍ତନ କରିବାକୁ ଚାହୁଁନାହାନ୍ତି । ଫାଶୀ ଦ୍ୱାରା ରାଜଦଣ୍ଡ ଏକ କଡ଼ା ଦଣ୍ଡ ପରି ଦେଖାଯାଏ ଏବଂ ଦୋଷୀର ଯନ୍ତ୍ରଣାକୁ ପ୍ରାୟଶ୍ଚିତ୍ତ ବୋଲି ଧରାଯାଏ । ମୃତ୍ୟୁଦଣ୍ଡ ହେଉଛି ନିଷ୍ଠୁର ଅପରାଧ ବିରୁଦ୍ଧରେ ରାଷ୍ଟ୍ରଶକ୍ତିର ସ୍ପଷ୍ଟ ଅଭିବ୍ୟକ୍ତି । ତେଣୁ ରାଷ୍ଟ୍ର ପାଇଁ ମୃତ୍ୟୁଦଣ୍ଡର ପଦ୍ଧତି ମଧ୍ୟ ଏକ ଆଇନଗତ ପ୍ରତୀକ । ସରକାର କେଉଁ ପଦ୍ଧତି ଆପଣେଇବେ କିମ୍ବା ପରିବର୍ତ୍ତନ କରିବେ ତାହା ରାଷ୍ଟ୍ରର ନିଷ୍ପତ୍ତି । ପ୍ରାୟତଃ ଏହା ହେଉଛି ଏକ ପ୍ରତୀକାତ୍ମକ କର୍ତ୍ତୃତ୍ୱର ପ୍ରତିଫଳନ । ସରକାର ଯୁକ୍ତି ବାଢ଼ନ୍ତି ଯେ ରାଜଦଣ୍ଡ ଶକ୍ତ ହେବା ଆବଶ୍ୟକ । ଏହା ନହେଲେ ଅପରାଧକୁ ପ୍ରତିରୋଧ କରିବାର କ୍ଷମତା ମଧ୍ୟ ଦୁର୍ବଳ ହେବ । ତେବେ ସରକାରଙ୍କ ଏହି ବଳିଷ୍ଠ ଯୁକ୍ତିକୁ ଅନେକ କାହିଁକି ଗ୍ରହଣ କରୁନାହାନ୍ତି? ବିଶେଷଜ୍ଞମାନେ ଫାଶୀଦଣ୍ଡକୁ କାହିଁକି ସବୁଠାରୁ ନିଷ୍ଠୁର ଓ ବର୍ବର ଉପାୟ ବୋଲି ବିଚାର କରୁଛନ୍ତି? ଫାଶୀ ସମୟରେ ଏମିତି କ'ଣ ନିଷ୍ଠୁରତା ଘଟେ?

୧୯୭୩ ମସିହାର ଫୌଜଦାରୀ କାର୍ଯ୍ୟବିଧି ସଂହିତା(ସିଆରପିସି)ର ଧାରା ୩୫୪(୫) ଅନୁଯାୟୀ ଭାରତରେ ମୃତ୍ୟୁଦଣ୍ଡ ପାଇଁ ଫାଶୀ ହେଉଛି ଏକମାତ୍ର ଆଇନଗତ ପଦ୍ଧତି । ଏହି ପ୍ରକ୍ରିୟା ଜେଲ ମାନୁଆଲ୍ (ବିଶେଷକରି ମଡେଲ୍ ଜେଲ ମାନୁଆଲ୍, ୨୦୧୬ ଏବଂ ପଞ୍ଜାବ ଜେଲ ମାନୁଆଲ୍ କିମ୍ବା ଦିଲ୍ଲୀ ଜେଲ ମାନୁଆଲ୍ ଭଳି ରାଜ୍ୟ-ନିର୍ଦ୍ଦିଷ୍ଟ ନିୟମ) ରେ ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଛି । ଏହି ପ୍ରକ୍ରିୟାରେ ଦୋଷୀକୁ ଆଖିରେ ପଟି ବାନ୍ଧି ଫାଶୀଖୁଣ୍ଟକୁ ନିଆଯାଏ । ବାମ କାନର ଠିକ୍ ତଳେ ଫାଶୀ ଦଉଡ଼ିର ଗଣ୍ଠି ଲଗାଯାଇଥାଏ । ଯାହା 'ସବୌରାଲ ପୋଜିସନ ବା ସବମେଣ୍ଟାଲ୍ ନଟ୍' ଭାବେ ପରିଚିତ । ଏହା ପରେ ଜଲ୍ଲାଦ ଲିଭରକୁ ଟାଣି ଟ୍ରାପଡୋରକୁ ମୁକ୍ତ କରେ । ବେକ ସଂଲଗ୍ନ ମେରୁଦଣ୍ଡ ଭାଙ୍ଗିବା ଦ୍ୱାରା ଦୋଷୀର ମୃତ୍ୟୁ ହୁଏ । ମଡେଲ ଜେଲ ମାନୁଆଲ୍ ଅନୁଯାୟୀ ଫାଶୀ ପରେ ଶରୀରକୁ ଅତି କମରେ ତିରିଶି ମିନିଟ୍ ପାଇଁ ଝୁଲନ୍ତା ରହିବା ଆବଶ୍ୟକ । ଜେଲ୍‌ର, ମେଡିକାଲ ଅଫିସର ମୃତଦେହ ଝୁଲୁଥିବା ସମୟରେ ପରୀକ୍ଷା କରନ୍ତି । ନାଡ଼ି, ହୃଦସ୍ପନ୍ଦନ ଓ ଶ୍ୱାସକ୍ରିୟା ବନ୍ଦ ହୋଇଛି ବୋଲି ନିଶ୍ଚିତ କରିବା ପରେ ମେଡିକାଲ ଅଫିସର ଲିଖିତ ଭାବରେ ମୃତ୍ୟୁ ପ୍ରମାଣପତ୍ର ଦିଅନ୍ତି । ପ୍ରମାଣପତ୍ର ପରେ ହିଁ ମୃତଦେହକୁ ଫାଶୀ ଖୁଣ୍ଟରୁ ଓହ୍ଲାଇ ଦିଆଯାଏ ।

ଆମ ପାଇଁ ଦଣ୍ଡ, ଦୁଃଖ, ମର୍ଯ୍ୟାଦା ଓ ନିଷ୍ଠୁରତାର ମାନେ କ'ଣ? ଏସବୁ ଭାବପ୍ରବଣତା ନା ସଂସ୍କୃତି ସନ୍ନିହିତ ଉପାଦାନ? ଧର୍ମ, ଲୋକପ୍ରିୟବିଶ୍ୱାସ, ଉପନିବେଶବାଦୀ ଚିନ୍ତାଧାରା, କ୍ଷମା, ପ୍ରତିଶୋଧ ଓ ଅଧିକାର ଇତ୍ୟାଦି ହେଉଛି ଏହାର କାରକ । ସାଧାରଣ ଭାବରେ ଅନେକ ମୃତ୍ୟୁଦଣ୍ଡକୁ ପ୍ରତିଶୋଧ ଭାବରେ ସମର୍ଥନ କରିପାରନ୍ତି । କିଛି ଫାଶୀ ଦଣ୍ଡଠାରୁ ଆହୁରି କଠୋର ପଦ୍ଧତି ଚାହାନ୍ତି । ଆଉ କିଛିଜଣ ସହାନୁଭୂତିଶୀଳତା ଏବଂ ମାନବାଧିକାର ଯୁକ୍ତି ମଧ୍ୟ ବାଢ଼ନ୍ତି । ଏହା କହିବାର ଉଦ୍ଦେଶ୍ୟ ହେଉଛି ଯେ ଗଣମାଧ୍ୟମ, ଅନ୍ତର୍ଜାତୀୟ ପ୍ରକାଶନ ଓ ଆଇନଗତ ଆଲୋଚନା ଦ୍ୱାରା 'ନିଷ୍ଠୁର' ଓ 'ଅମାନବୀୟ' ଭଳି ସାମାଜିକ ଅଭ୍ୟାସ ଆକୃତି ପାଇଥାଏ । ମୃତ୍ୟୁଦଣ୍ଡକୁ ନିଷ୍ଠୁର ଓ ଅମାନବୀୟ ବିଚାର କରି ବିଶ୍ୱବ୍ୟାପୀ ୧୧୩ଟି ଦେଶ ସମସ୍ତ ଅପରାଧ ପାଇଁ ମୃତ୍ୟୁଦଣ୍ଡକୁ ଉଚ୍ଛେଦ କରିଛନ୍ତି । ଏକ ସର୍ବେକ୍ଷଣ ଅନୁଯାୟୀ, ବ୍ରିଟେନରେ ନ୍ୟାୟପାଳିକା ବ୍ୟବସ୍ଥା ଦ୍ୱାରା ବିଚାରଗତ ତ୍ରୁଟି ଯୋଗୁଁ ୧୦୦୦ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି । ଆମ ଦେଶରେ ୧୪ ଜଣ ଅବସରପ୍ରାପ୍ତ ବିଚାରପତି ୧୩ ଜଣ ଦୋଷୀଙ୍କ ମୃତ୍ୟୁଦଣ୍ଡକୁ ବନ୍ଦ କରିବା ପାଇଁ ଭାରତର ରାଷ୍ଟ୍ରପତିଙ୍କୁ ଚିଠି ଲେଖିଥିଲେ । ସେମାନଙ୍କ ମନ୍ତବ୍ୟ ଅନୁସାରେ, ସମସ୍ତ ଦୋଷୀ ଭୁଲ ନିଷ୍ପତ୍ତି କିମ୍ବା ବିଚାରଗତ ତ୍ରୁଟିର ଶିକାର ହୋଇଥିଲେ ।

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଏକ ରିପୋର୍ଟ ଅନୁଯାୟୀ, ମୃତ୍ୟୁଦଣ୍ଡ ଅପେକ୍ଷାରେ ଥିବା ଭାରତୀୟ କଏଦୀଙ୍କ ମଧ୍ୟରୁ ୭୬% ହେଉଛନ୍ତି ଅନୁସୂଚିତ ଜାତି ଓ ଜନଜାତିର । ସେହିପରି ମୃତ୍ୟୁଦଣ୍ଡରେ ଦଣ୍ଡିତ କଏଦୀଙ୍କ ମଧ୍ୟରୁ ୭୪% ଥିଲେ ଆର୍ଥିକ ଭାବରେ ପଛୁଆ କିମ୍ବା ଗରିବ ଏବଂ ୬୩% ଥିଲେ ସେମାନଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ । ଏହି ସମସ୍ତ ତଥ୍ୟ ପ୍ରକାଶ କରେ ଯେ ନ୍ୟାୟପାଳିକାରେ ବି ତ୍ରୁଟି ହୁଏ ଏବଂ ସାମାଜିକ ଅନଗ୍ରସରମାନେ ନ୍ୟାୟ ପ୍ରକ୍ରିୟାଠାରୁ ଏବେ ବି ବହୁତ ଦୂରରେ । ସଂସ୍କାର ସବୁଠି ଆବଶ୍ୟକ । ତେଣୁ ଯଦି ମୃତ୍ୟୁଦଣ୍ଡର ପ୍ରକ୍ରିୟାରେ ସଂସ୍କାର ଆସିବାକୁ ଚିନ୍ତା ହେଉଛି, ଅସୁବିଧା ରହିଲା କେଉଁଠି?

ଆଇନ କାନୁନ ହେଉଛି ସାମାଜିକ ପରିବର୍ତ୍ତନର ଏକ ପାରମ୍ପରିକ ଓ ସବଳ ଉପାୟ । କିନ୍ତୁ ଏହା ମଧ୍ୟ ଜାଣି ରଖିବାକୁ ହେବ ଯେ ଆଇନଗତ ସଂସ୍କାର ପ୍ରାୟତଃ ସାମାଜିକ ପରିବର୍ତ୍ତନଠାରୁ ପଛରେ ପଡ଼ିଯାଏ । ଏହାର କାରଣ ହେଉଛି ଆଇନରେ ସଂସ୍କାର ପାଇଁ ସଂସ୍ଥାଗତ ସହମତି ଓ ସମ୍ବଳ ଆବଶ୍ୟକ । ଅନେକାଂଶରେ ଏହି ସଂସ୍କାର ରାଜନୈତିକ ଇଚ୍ଛାଶକ୍ତିରେ ମଧ୍ୟ ପରିଚାଳିତ । ଆଧୁନିକ ଗଣତନ୍ତ୍ରରେ ରାଷ୍ଟ୍ରର କ୍ଷମତା କେବଳ ଆଇନ ଦ୍ୱାରା ନୁହେଁ, ବରଂ 'ସଭ୍ୟ' ଆଚରଣ ଦ୍ୱାରା ମଧ୍ୟ ପରିପ୍ରକାଶ ହୁଏ । ରାଜଦଣ୍ଡ ଦେବା ସମୟରେ ରାଷ୍ଟ୍ର କିଛି ମାନବୀୟ ମାନଦଣ୍ଡକୁ ଅନୁସରଣ କରିବା ମଧ୍ୟ ଉଚିତ । ନଚେତ ବିଚାରର ନୈତିକତା ଉପରେ ପ୍ରଶ୍ନ ଆସିପାରେ । ତେଣୁ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ 'ସରକାର ଏବେ ବିକଶିତ ଓ ବିବର୍ତ୍ତିତ ହେବାକୁ ପ୍ରସ୍ତୁତ ନୁହନ୍ତି' ଆମକୁ ସୂଚାଇ ଦେଉଛି ଯେ ରାଷ୍ଟ୍ରର ନୀତି, ଅଭ୍ୟାସ ଓ ମାନଦଣ୍ଡ ମଧ୍ୟରେ ଏବେ ବି ଅନେକ ସ୍ଥାନରେ ପାର୍ଥକ୍ୟ ଅଛି । ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ବୟସର ଅପରାହ୍ଣରେ ଜୀବନ ଯନ୍ତ୍ରଣା

ଅର୍ଜୁନ ଘଡ଼େଇ

ବୟସକୁ ନେଇ ବରିଷ୍ଠ, ବୟସ୍କଙ୍କୁ ଆମେ ଯାହା କିଛି ସମ୍ମାନ, ଯତ୍ନ, ଆଦର ପ୍ରଦର୍ଶନ କରୁ ତାହା ଏକ ସାମାଜିକ ବ୍ୟବସ୍ଥା । କିନ୍ତୁ ଅଣଷଠି ବୟସ ପର୍ଯ୍ୟନ୍ତ ଜଣେ ବ୍ୟକ୍ତିଙ୍କୁ ସାର୍ / ମହାଶୟ / ଆଜ୍ଞା ଭାବେ ସମ୍ବୋଧନ କରାଯାଉଥିବା ବେଳେ ହଠାତ୍ ଷାଠିଏ ପରେ ମଉସା / ମାଉସୀ ସମ୍ବୋଧନ କରି ତା'କୁ ପରୋକ୍ଷରେ ଆମେ ବାର୍ଦ୍ଧକ୍ୟ ଆସିଗଲା ବୋଲି ସଚେତନ କରୁଛେ । ସମାଜର ଜଣେ ଅଦରକାରୀ, ଅନୁପଯୁକ୍ତ, ଅଗ୍ରହଣୀୟ ବ୍ୟକ୍ତି ଭାବରେ ବିବେଚନା କରୁଛେ । 'ଏପରି କର ନାହିଁ, ସେପରି କୁହ ନାହିଁ' ପରାମର୍ଶ ଦେଇ ଆମେ ସେଇ ବ୍ୟକ୍ତିମାନଙ୍କର ଚିନ୍ତାଧାରାକୁ, ଆଗକୁ ଚାଲିବାର ମାନସିକତାକୁ ବାଧାପ୍ରାପ୍ତ କରୁଛେ ।

ଆମେ ଦେଖୁଛେ ଷାଠିଏ ବର୍ଷ ପରେ ବି ଅନେକ ବ୍ୟକ୍ତି ବେଶ୍ ଗତିଶୀଳ, କର୍ମତତ୍ପର । ତେଣୁ ମଣିଷର ବୟସ ପରିସଂଖ୍ୟାନ ଏକ ଗାଣିତିକ ବିଚାର । ବିଚାରବୋଧରେ ଏହାର ସତ୍ୟତା ନାହିଁ । ତେଣୁ କାହାକୁ ବୟସ୍କ କହି ଅଣଦେଖା କରିବା ବି ଉଚିତ୍ ନୁହେଁ । ଯେଉଁମାନଙ୍କୁ ବି ଆମେ ବୟସ୍କ, ବରିଷ୍ଠ ଭାବେ ବିବେଚନା କରୁଛେ ନା ସେମାନଙ୍କୁ ଦେଇପାରୁଛେ ଆବଶ୍ୟକୀୟ ଯତ୍ନ ନା ସମ୍ମାନ ନା ଆଦର । ସେମାନଙ୍କ ଦେହ, ମନ, ଆତ୍ମା ସମାଜର ପ୍ରତ୍ୟେକ ସ୍ତରରେ କ୍ଷତାକ୍ତ ହୋଇଚାଲିଛି । ସବୁଠାରୁ ଅଧିକ ମାତ୍ରାରେ ସେମାନେ ନିର୍ଯାତନାର ଶୀକାର ହେଉଛନ୍ତି ପରିବାର, ବନ୍ଧୁ, ଆତ୍ମୀୟ, ରକ୍ତ ସଂପର୍କୀୟଙ୍କ ଦ୍ୱାରା । ଏହା ଆମେ ସବୁ ସମୟରେ ଅନୁଭବ କରୁଥିଲେ ବି ଆମର ଅସଚେତନତା, ଅମନଯୋଗିତା ଯୋଗୁଁ ହିଁ ଘଟି ଚାଲୁଛି । ଏହାହିଁ ବିଡ଼ମ୍ବନା ।

ଅତୀତରେ ଯେଉଁମାନଙ୍କ ପାଇଁ କର୍ତ୍ତବ୍ୟ ଭାବି ଶକ୍ତି, ସମୟ, ଅର୍ଥ ସବୁକିଛି ବ୍ୟୟ କରିଛେ, ମୁଣ୍ଡ ଟେକି ସମାଜରେ ଛିଡ଼ା କରେଇଛେ କିମ୍ବା ବଂଚିବାର ରାସ୍ତା ଦେଖାଇଛେ, ସେଇମାନେ ହିଁ ବୟସର ଅପରାହ୍ଣରେ ଶକ୍ତିକୁ ନିରର୍ଥକ, ସମୟକୁ ଅଜ୍ଞାନତା, ଅର୍ଥ ଦେୟକୁ ବାଧ୍ୟବାଧକତା ଭାବେ ବିବେଚନା କରୁଛନ୍ତି । ପିଲାଙ୍କୁ ମଣିଷ କଲେ, ସାଂସାରିକ ଜୀବନ ଦେଲେ । ତା'ପରେ ତାଙ୍କ ପିଲାଙ୍କ ଦାୟିତ୍ୱ ନେଇ ନାତୁଣୀଙ୍କ ସାଥୀରେ ହସି ଖେଳି ସମୟ ବିତେଇବା ପରିବର୍ତ୍ତେ ତାଙ୍କ ପିଲାଙ୍କ 'କେୟାରଟେକର୍' ହେବାକୁ ବାଧ୍ୟ ହେଉଛନ୍ତି ବୟସ୍କ ପିତା-ମାତା । ଯଦି ଉଭୟେ ପୁଅ-ବୋହୂ ରୋଜଗାରକ୍ଷମ ତେବେ ଦୁର୍ଦ୍ଦଶା ତ ଆହୁରି ବଢ଼ିଯାଉଛି । ପିଲାଙ୍କ ମଳ, ମୂତ୍ର ପୋଛୁଥିଲେ ଏବେ ତାଙ୍କ ପିଲାଙ୍କ ଦାୟିତ୍ୱ ନ ନେଲେ ନିର୍ଯାତନା, ଗାଳି ଶୁଣିବାକୁ ପଡୁଛି । କେବଳ ପୁଅ-ବୋହୂ କାହିଁକି ଝିଅ-ଜ୍ୱାଇଁଙ୍କ କ୍ଷେତ୍ରରେ ବି ସେମିତି । ଯଦି ସେମାନେ କର୍ମଜୀବୀ ଏବଂ ଦେଖନ୍ତି ବାପା-ମା ସୁସ୍ଥ ଅଛନ୍ତି ତେବେ ସେମାନେ ବି ଚାହୁଁଛନ୍ତି ତାଙ୍କ ପାଖରେ ରହି ପିଲାଙ୍କ ଦାୟିତ୍ୱ ନେବାକୁ । ପୁଅ-ବୋହୂ ବା ଝିଅ-ଜ୍ୱାଇଁମାନେ ବୟସର ଅପରାହ୍ଣକୁ ତାଙ୍କ ସେବାରେ ବିନିଯୋଗ କରିବାକୁ ଚାହୁଁଛନ୍ତି ସ୍ୱାର୍ଥ ସିଦ୍ଧି ପାଇଁ । ଯଦି ବାପା-ମା'ଙ୍କ ସ୍ୱାସ୍ଥ୍ୟଗତ କାରଣରୁ ସେମାନଙ୍କ ସ୍ୱାର୍ଥ ହାସଲ ନହେବାର ଅବସ୍ଥା ଥାଏ ତେବେ ତୁମର ସେବା, ଯତ୍ନ କରିବା ପରିବର୍ତ୍ତେ, ଅଣଦେଖା, ଅଦରକାରୀ ମନେ କରିବା ପରି ମାନସିକତା ତୁମ ପିତୃତ୍ୱର କେଉଁ ମହାନତାକୁ ସମ୍ମାନ ଦେବ ବା ବୟସ୍କର ପରିଣତ ଅବସ୍ଥାକୁ ଅବବୋଧ କରିପାରିବ? ଏମିତି ଅନେକ ଉଦାହରଣରୁ ଏହା ଖିଅଟିଏ ।

ଆତ୍ମୀୟ ସ୍ୱଜନ ବନ୍ଧୁ, ପରିଜନ ବା ପଡ଼ୋଶୀମାନେ, ଯେଉଁମାନଙ୍କ ସହ ଅତୀତର ଅନେକ ସମୟ କଟିଛି, ସେମାନଙ୍କ ମାନସିକତା ତ ଆହୁରି ଦୁଃଖଦାୟକ । ଦାଣ୍ଡପିଣ୍ଡାରେ ବସିଥିବା ବେଳେ ପଡ଼ୋଶୀଟିଏ ଆଖି ମିଶେଇ ପଚାରିବାକୁ ଚାହୁଁନି । ବନ୍ଧୁଟିଏ ଘରକୁ ଆସୁଥିଲେ ଅନିଚ୍ଛାସତ୍ତ୍ୱେ ହାତଟିକିଏ ଟେକିଦେଇ କିମ୍ବା ମୁଣ୍ଡ ଟିକିଏ ନୁଆଁଇଦେଇ ଘର ଭିତରକୁ ଯାଉଛି । ପଚାରିବାକୁ ଚାହୁଁନାହିଁ ଦେହପା କେମିତି ଅଛି । କାରଣ ଆଉ ସେ ଅତୀତର ବୟସ କି ସମୟ ନାହିଁ ମିଠା କଥା କହି ପାଣି ବଢ଼େଇଦେବାକୁ କିମ୍ବା ବଜାର ଯାଇ ସୁସ୍ୱାଦୁ ଖାଦ୍ୟ ଯୋଗାଇଦେବାକୁ । ପରିବାରରେ ହିଁ ସମସ୍ତ ବୟସ୍କମାନଙ୍କୁ ସମଦଶା ଭୋଗୀବାକୁ ପଡୁଛି । ଅନ୍ୟମାନଙ୍କୁ ଦୋଷ ଦେଇ ଲାଭ କ'ଣ?

ଆମେ ଯେତେ ବୟସ୍କ, ବରିଷ୍ଠ, ଅଭିଜ୍ଞ, ସମ୍ମାନସ୍ପଦ ଆଦି ଭାବେ ବୟସ୍କମାନଙ୍କ ପାଇଁ ସ୍ଲୋଗାନ ଦେଲେ ବି ସେ ସବୁ ମୂଲ୍ୟହୀନ, ଅର୍ଥହୀନ ଆଜିର ସମୟରେ ଓ ଯୁବପିଢ଼ିଙ୍କ ମନରେ । ଧନ-ସଂପତ୍ତିକୁ କେନ୍ଦ୍ର କରି ବୟସ୍କମାନଙ୍କୁ କାଠଗଡ଼ାରେ ଛିଡ଼ାକରିବା, ହତ୍ୟା କରିବା ପରି ଅମାନୁଷିକ କାର୍ଯ୍ୟର କୁପରିଣତି ଭୋଗୀବାକୁ ପଡୁଛି । ଯେତେ ସବୁ ଆଇନ୍ କାନୁନ୍ ସେ ସବୁ ଧର୍ମକୁ ଆଖିଠାର ପରି । ଘରେ ପୋଷା କୁକୁରକୁ ଘର ଜଗୁଥିବାରୁ ଖାଇବା ପିଇବାକୁ ଦେବା ପରି ବୟସ୍କମାନଙ୍କୁ ବ୍ୟବହାର ଦେଖାଇବା ଅମଣିଷ ପଣିଆଁ କେବଳ ନୁହେଁ, ଅସୁସ୍ଥ ମାନସିକତା - ଏହା ବୁଝି ମାନସିକତାରେ ପରିବର୍ତ୍ତନ ଆସିଲେ ବୟସ୍କମାନେ ବୟସର ଅପରାହ୍ଣରେ ବିବଶ ନହୋଇ, ସ୍ୱପ୍ନ ଦେଖିବାରେ ଆସକ୍ତ ହେବେ । ବୃଦ୍ଧ, ଅକର୍ମଣ୍ୟ, ଅଯୋଗ୍ୟ, ଅଦରକାରୀ ହୋଇଗଲା ଭାବି ବ୍ୟବହାର ଦେଖାଇବା ପରିବର୍ତ୍ତେ, ସେମାନଙ୍କ ମନରେ ଶାନ୍ତ୍ୱନା, ସମ୍ଭାବନା ସୃଷ୍ଟି କଲେ ବୟସର ଅପରାହ୍ଣର ଜୀବନ ଯନ୍ତ୍ରଣା ଉପଶମ ହେବ । ●

ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫

# ପଦ୍ମସମ୍ଭବଙ୍କ ତିବ୍ବତରୁ ପ୍ରତ୍ୟାବର୍ତ୍ତନ

ପ୍ରବୀର କୁମାର ପଟ୍ଟନାୟକ

ପଦ୍ମସମ୍ଭବଙ୍କର ବିସ୍ତାରିତ ତଥା ବେଳେ ବେଳେ ଗୁପ୍ତ ଦୃଷ୍ଟିକୋଣ ଗବେଷକ ତଥା ଇତିହାସକାରମାନଙ୍କୁ ବାଟବଣା କରିଥାଏ । ଏମାନେ ପଦ୍ମସମ୍ଭବଙ୍କ ଜୀବନର ଘଟଣାକ୍ରମକୁ ନେଇ କେବଳ ଯାହା ପ୍ରମାଣସିଦ୍ଧ ତାହାକୁ ହିଁ ଗ୍ରହଣ କରିଥା'ନ୍ତି । ଏହିସବୁ ପ୍ରମାଣସିଦ୍ଧ ଘଟଣାବଳୀ ହେଲା ରାଜା ଖ୍ରୀ-ସ୍ରନ୍‌ଙ୍କ ସହ ତାଙ୍କର ସଂପର୍କ, ଶାନ୍ତରକ୍ଷିତଙ୍କ ସହ ସମ୍ବନ୍ଧ, ତାନ୍ତ୍ରିକ ଗ୍ରନ୍ଥଗୁଡ଼ିକର ତିବ୍ବତୀୟ ଅନୁବାଦକ ଓ ବ୍ୟାଖାକର ଆଦିଙ୍କ ସହ ତାଙ୍କର ସମ୍ବନ୍ଧ । କିନ୍ତୁ ଏହା ଅତ୍ୟନ୍ତ ବାସ୍ତବ ଯେ ଏହିସବୁ ଐତିହାସିକ ବାସ୍ତବତା ଠାରୁ ପଦ୍ମସମ୍ଭବଙ୍କ ଜୀବନକ୍ରମ ଆହୁରି ବହୁତ କିଛି ଏବଂ ଚମକପ୍ରଦ ମଧ୍ୟ । ଏହା ହେଉଛି ଜଣେ ମଣିଷ ଭାବେ ପରହିତ ଉଦ୍ଦେଶ୍ୟରେ ତଥା ସମସ୍ତଙ୍କର ମଙ୍ଗଳ ପାଇଁ ତାଙ୍କ ପରାକାଷ୍ଠାର ପ୍ରତିଫଳନ । ତାଙ୍କ ଜୀବନ ବୁଦ୍ଧ ଓ ବୋଧିସତ୍ତ୍ୱମାନଙ୍କର ଗୁଣବତ୍ତାର ଉତ୍କର୍ଷରେ ପରିପୂର୍ଣ୍ଣ । ସେ ଯାହା ବି କାର୍ଯ୍ୟ କରିଥା'ନ୍ତି ତାହା ଅନ୍ୟମାନଙ୍କର ମଙ୍ଗଳ ସକାଶ ଓ ତାଙ୍କର ସମସ୍ତ କାର୍ଯ୍ୟ ହିଁ ଅନ୍ୟକୁ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ।



ଦ୍ୱିତୀୟ-ବୁଦ୍ଧ କଥା

ପଦ୍ମସମ୍ଭବ ତିବ୍ବତ ଆସିବା ପୂର୍ବରୁ ତିବ୍ବତର ଯେଉଁ ଅନ୍ଧକାର ଅବସ୍ଥା ଥିଲା ତା'ଠାରୁ ମଧ୍ୟ ଅଧିକ ଅନ୍ଧକାର ଥିବା ଅନ୍ୟ ଅଞ୍ଚଳର ଲୋକମାନଙ୍କର ହିତ ନିମିତ୍ତ ସେ ତିବ୍ବତ ପରିତ୍ୟାଗ କରିବା ନିମନ୍ତେ ସ୍ଥିର କଲେ । ଲୋକମାନେ ତାଙ୍କୁ ଛାଡ଼ି ଚାଲି ନଯିବା ପାଇଁ ବିନତି କରିବାରୁ ସେ କହିଲେ, 'ତିବ୍ବତରେ ଏବେ ବୌଦ୍ଧଧର୍ମର ପ୍ରତିଷ୍ଠା ସମ୍ପୂର୍ଣ୍ଣ ହୋଇଛି । ସେ ଯଦି ଚ ସଶରୀରେ ସେ ଦେଶ ପରିତ୍ୟାଗ କରୁଛନ୍ତି, ଯଥାର୍ଥପକ୍ଷେ ସେ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବେ ପରିତ୍ୟାଗ କରି ଚାଲିଯାଉନାହାନ୍ତି । ତିବ୍ବତରେ ତାଙ୍କ ଉପସ୍ଥିତି ସେ ସଶରୀରେ ରହିବା ଠାରୁ ଅଧିକ ପ୍ରଭାବଶାଳୀ ରହିବ ଏବଂ ବଜ୍ରଯାନର ଶକ୍ତି ଫଳରେ ସମସ୍ତଙ୍କ ପ୍ରତି ତାଙ୍କର ଆଶୀର୍ବାଦ କାର୍ଯ୍ୟକ୍ଷମ ହୋଇ ରହିବ । ସେ ଧର୍ମର (ବୌଦ୍ଧ ଧର୍ମ) ସମସ୍ତ ପ୍ରକାର ବାଧାବିଘ୍ନ ଓ ପ୍ରତିବନ୍ଧକ ସବୁକୁ ଦମନ କରିବା ଅଥବା ହଟାଇ ସାରିଛନ୍ତି । ତିବ୍ବତରେ ବୌଦ୍ଧଧର୍ମର ଅତ୍ୟନ୍ତ ମହାର୍ଘ ବୀଜକୁ ରୋପଣ କରିସାରିଛନ୍ତି । ସେ ଓ ତାଙ୍କ ଶିଷ୍ୟମଣ୍ଡଳୀ ସେଠାରେ ଉଭୟ 'ସୂତ୍ରଯାନ' ଓ 'ମନ୍ତ୍ରଯାନ'ର ପ୍ରଗାଢ଼ ଶିକ୍ଷାକୁ ପ୍ରତିଷ୍ଠିତ କରି ଦୃଢ଼ୀଭୂତ କରିସାରିଛନ୍ତି । ତାଙ୍କ ଶିଷ୍ୟମଣ୍ଡଳୀ ମାଧ୍ୟମରେ ଗୂଢ଼ ତତ୍ତ୍ୱଭିତ୍ତିକ ତନ୍ତ୍ରବିଦ୍ୟାର ପରମ୍ପରା ମଧ୍ୟ ପ୍ରତିଷ୍ଠିତ ହୋଇ ସାରିଛି ।'

ପଦ୍ମସମ୍ଭବ ତିବ୍ବତରେ ଗୁପ୍ତ-ବିଦ୍ୟାର ଭଣ୍ଡାର ସବୁ ଗୋପନରେ ସାଇତି ରଖିବା ସହ ତାହା କେତେବେଳେ କେଉଁଠି ଏବଂ କାହା ଦ୍ୱାରା କିଭଳି ପ୍ରଘଟ ଅଥବା ପ୍ରକାଶିତ ହେବ ତାହାର ମଧ୍ୟ ଭବିଷ୍ୟବାଣୀ କରି ଯାଇଛନ୍ତି । ନିଜ ଶିଷ୍ୟମଣ୍ଡଳୀଙ୍କୁ ସ୍ୱତନ୍ତ୍ର ଉପଦେଶ ମାଧ୍ୟମରେ ଭବିଷ୍ୟତରେ ତାଙ୍କୁ କିଭଳି ସାଧାନା ବଳରେ ପୁଣି ଭେଟି ପାରିବେ ତାହା ମଧ୍ୟ ଜଣାଇ ଦେଇଥିଲେ । ଏହିଭଳି ଭାବେ ବଜ୍ରଯାନ ମାଧ୍ୟମରେ ବିଶ୍ୱରେ ମହାଯାନର ପରମ୍ପରା କାର୍ଯ୍ୟକ୍ଷେତ୍ରରେ ଯେଉଁଭଳି ଭାବେ ବଞ୍ଚିରହିବ ଯେତେବେଳେ କି ଅନ୍ୟାନ୍ୟ ଶାଖାର ପରମ୍ପରା ସବୁ ଲୋପ ପାଇ ଯାଇଥିବ, ସେ ବିଷୟ ପଦ୍ମସମ୍ଭବ ଆଗୁଆ କଳନା କରି ସବୁର ସୁବ୍ୟବସ୍ଥା କରିଥିଲେ ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ରାଜଧାନୀରେ ଝାଡ଼ଖଣ୍ଡ ନାବାଳିକାଙ୍କୁ ଦୁଷ୍କର୍ମ ମାମଲା

# ଅନୁଧ୍ୟାନ କଲେ ଝାଡ଼ଖଣ୍ଡ ଶିଶୁ ଆୟୋଗ

**ରାଜ୍ୟ ଶିଶୁ ଆୟୋଗ ଓ ପୁଲିସ ସହ ଆଲୋଚନା**

**ଏଚ୍‌ଆଇଭି ସଂକ୍ରମଣ ଖବର ପ୍ରସାରଣକୁ ନେଇ କ୍ଷୁବ୍ଧ**

ଭୁବନେଶ୍ୱର,୨୪।୧୦(ସମିସ): ରାଜଧାନୀରେ ଝାଡ଼ଖଣ୍ଡ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାରେ ଶୁକ୍ରବାର ଝାଡ଼ଖଣ୍ଡ ଶିଶୁ ଆୟୋଗର ୪ ଜଣିଆ ଟିମ୍ ଭୁବନେଶ୍ୱର ପହଞ୍ଚି ପୁଲିସ ଏବଂ ରାଜ୍ୟ ଶିଶୁ ଆୟୋଗଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଝାଡ଼ଖଣ୍ଡ ଶିଶୁ ଆୟୋଗର ସଦସ୍ୟା ରୁଚି କୁଜରଙ୍କ ନେତୃତ୍ୱରେ ଡକ୍ଟର ଆଭା ଭି ଆଖୁଞ୍ଜାନ, ଅନୁପ ଆର୍ ଲାକ୍ରା ମାମଲା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଭୁବନେଶ୍ୱରରେ ପହଞ୍ଚି କ୍ୟାପିଟାଲ ଥାନା, ରାଜ୍ୟ ଶିଶୁ ଆୟାଗ ଏବଂ ପିଡୀତାଙ୍କୁ ଭେଟିଛନ୍ତି। ଏହି ସ୍ୱତନ୍ତ୍ର ଟିମ୍ ନାବାଳିକାଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ତାଙ୍କ ଘର ଠିକଣା ଓ ପରିଚୟ ପଚାରିଥିଲେ। କେଉଁ ପରିସ୍ଥିତିରେ ନାବାଳିକା ଏଠାକୁ ଆସିଲେ ଏବଂ କିପରି ସେକ୍ସ ରାକେଟ୍‌ରେ ସାମିଲ ହେଲେ, ସେନେଇ ମଧ୍ୟ ଆଲୋଚନା କରିଥିଲେ। ନାବାଳିକା କିଛି କହି ପାରୁ ନ ଥିବାରୁ ତାଙ୍କ ପରିଚୟ ବିଷୟରେ ଏହି ସ୍ୱତନ୍ତ୍ର ଦଳ ପଚାରି ବୁଝିବେ ବୋଲି ଆୟୋଗ କହିଛନ୍ତି। ଏଥିସହ ତଦନ୍ତକାରୀ ଅଧିକାରୀଙ୍କ ଠାରୁ ଏହି ମାମଲା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଛନ୍ତି। ଏହି ମାମଲାରେ କେତେ ଜଣ ଗିରଫ ହୋଇଛନ୍ତି। ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିବା ଅଭିଯୁକ୍ତମାନେ ଗିରଫ ହୋଇଛନ୍ତି କି ନାହିଁ ପଚାରି ବୁଝିଥିଲେ। ବଡ଼ କଥା ହେଲା, ଉଦ୍ଧାର ନାବାଳିକାଙ୍କୁ ଏଚ୍‌ଆଇଭି ହେବା ନେଇ ଯେଉଁ ଖବର ପ୍ରସାରଣ ହୋଇଥିଲା ତାହାକୁ ନେଇ କ୍ଷୁବ୍ଧ ହୋଇଥିଲେ ଝାଡ଼ଖଣ୍ଡ ଶିଶୁ ଆୟୋଗ। ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିଙ୍କର ପରିଚୟ ସର୍ବସାଧାରଣରେ ପ୍ରକାଶ କରିବା ନିୟମ ବିରୋଧ ହୋଇଥିବାବେଳେ ଏହା କିଭଳି ଏନେଇ ଗଣମାଧ୍ୟମରେ ପ୍ରକାଶ ପାଇଲା ତାହାକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ।

ଲକ୍ଷ୍ମୀସାଗର ସେକ୍ସ ରାକେଟ ମାମଲାରେ ଏବେ ସୁଦ୍ଧା ୪ ଜଣଙ୍କୁ ଗିରଫ କରି ଖୋଳତାଡ଼ କରୁଛି କ୍ୟାପିଟାଲ ଥାନା ପୁଲିସ। ବିଭିନ୍ନ ପ୍ରକାର ନମୁନା ସଂଗ୍ରହ ସହ ସେକ୍ସ ରାକେଟ୍ ଚାଲିଥିବା ଘରେ ଛାନ୍‌ଭିନ୍ କରୁଛି ସାଇଣ୍ଟିଫିକ୍ ଟିମ୍। ସେପଟେ ଘଟଣାକୁ ରେଡ୍‌ଫ୍ଲାଗ୍ ଅନ୍ତର୍ଭୁକ୍ତ କରିଛନ୍ତି ଡିଜି। ୪ ମହିଳା ଟିମ୍ ଘଟଣାର ତଦନ୍ତରେ ସହଯୋଗ କରୁଛନ୍ତି। ଜଣେ ବରିଷ୍ଠ ମହିଳା ଆଇପିଏସ ଘଟଣାକୁ ତଦାରଖ କରୁଛନ୍ତି। ଗତ ଶନିବାର ଜଣେ ନାବାଳିକାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲା ପୁଲିସ। ନାବାଳିକା ଜଣଙ୍କ ଝାଡ଼ଖଣ୍ଡର ହୋଇଥିବା ବେଳେ ନାବାଳିକାଙ୍କୁ ଆଣି ସେକ୍ସ ରାକେଟରେ ଲଗାଯାଇଥିଲା। ଏହାପରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ କ୍ୟାପିଟାଲ ଥାନା ପୁଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ଉ ବେଳେ ଝାଡ଼ଖଣ୍ଡ ଓ କୋଲକାତାର ୪ ନାବାଳିକାଙ୍କୁ ପୁଲିସ ଉଦ୍ଧାର କରିଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର ନାବାଳିକା ଜଣଙ୍କ ଝାଡ଼ଖଣ୍ଡର, ତାଙ୍କୁ ୧୬ ବର୍ଷ ହୋଇଥିବା ସୂଚନା ଦେଇଥିଲେ ଡିସିପି। ଯଦିଓ ନାବାଳିକାଙ୍କ ଠିକଣା ଓ ପରିଚୟକୁ ନେଇ କିଛି ସ୍ପଷ୍ଟ ପ୍ରମାଣ ପୁଲିସ ହାତରେ ଲାଗି ନ ଥିବା ବେଳେ ନାବାଳିକାଜଣକ ଅନାଥ ବୋଲି ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି।

# ନୂଆପଡ଼ା ଉପନିର୍ବାଚନ: କଂଗ୍ରେସକୁ ସିପିଆଇ(ଏମ୍)ର ସମର୍ଥନ

ଭୁବନେଶ୍ୱର,୨୪।୧୦(ସମିସ): ନୂଆଆପଡ଼ା ଉପନିର୍ବାଚନରେ କଂଗ୍ରେସ ଦଳକୁ ନିଜର ସମର୍ଥନ ଦେଇଛି ସିପିଆଇ(ଏମ୍)। ବିଜେପିକୁ ହରାଇବା ପାଇଁ ଦଳ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ନେଇ ଆଜି ସିପିଆଇ(ଏମ) ରାଜ୍ୟ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଦଳ କହିଛି, ଓଡ଼ିଶାର ଏକ ବିଶେଷ ରାଜନୈତିକ ପରିସ୍ଥିତିରେ ନୂଆପଡ଼ା ଉପନିର୍ବାଚନ ହେଉଛି। ଆଗାମୀ ନୂଆପଡ଼ା ଉପନିର୍ବାଚନ କେବଳ ପ୍ରାର୍ଥୀମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ନୁହେଁ; ଏହା ଆମ ସମ୍ବିଧାନ, ଧର୍ମନିରପେକ୍ଷତା ଓ ସମସ୍ତ ଓଡ଼ିଶାବାସୀଙ୍କ ଗଣତାନ୍ତ୍ରିକ ଅଧିକାରର ଭବିଷ୍ୟତ ଉପରେ ଏକ ଜନମତ ସଂଗ୍ରହ। ତେଣୁ ସିପିଆଇ(ଏମ) ଓଡ଼ିଶା ରାଜ୍ୟ କମିଟି ନୂଆପଡ଼ାର ଜନତା, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି, ଶ୍ରମିକ, କୃଷକ, ଯୁବକ, ମହିଳା, ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଓ ସମସ୍ତ ସଚେତନ ନାଗରିକଙ୍କୁ ଏକଜୁଟ ହୋଇ ବିଜେପି ପ୍ରାର୍ଥୀଙ୍କୁ ପରାସ୍ତ କରିବାକୁ ଦଳ ନଷ୍ପତ୍ତି ନେଇଛି। ତେଣୁ ଏହି ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ଦଳ ଆହ୍ୱାନ ଦେଇଛି।

ଦଳ ପକ୍ଷରୁ କୁହାଯାଇଛି ଯେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ସମୟରେ ସାଂପ୍ରଦାୟିକ ହିଂସା, ସାମାଜିକ ବିଦ୍ୱେଷ, ଦଳିତ ଉତ୍ପୀଡ଼ନ, ଆଦିବାସୀ ବିସ୍ଥାପନ ଏବଂ ମହିଳା ନିର୍ଯ୍ୟାତନା ଅତ୍ୟନ୍ତ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ବିଜେପି ଏବଂ ଏହାର ସହଯୋଗୀ ସଂଗଠନମାନେ ହିନ୍ଦୁତ୍ୱବାଦୀ ରାଜନୀତି ପାଇଁ ସାମାଜିକ ସଦ୍‌ଭାବ ଏବଂ ସଂପ୍ରୀତିକୁ ବିଭାଜନ କରିବାକୁ ଚେଷ୍ଟା କରୁଛନ୍ତି। ଗତ ୧୬ ମାସର ଶାସନରେ ବିଜେପି ନିର୍ବାଚନ ପ୍ରତିଶୃତିକୁ ଭୁଲି ଯାଇଛି। ରାଜ୍ୟରେ ଉତ୍କଟ ବେକାରୀ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ଅପରାଧୀକରଣ ରାଜନୀତି ଯୋଗୁଁ ଜନଜୀବନ ଦୁର୍ବିସହ ହୋଇପଡ଼ିଛି। ବିରୋଧୀ ମତକୁ ଦମନ ଏବଂ ନାଗରିକ ସ୍ୱାଧୀନତା ଉପରେ କଟକଣା ଗଣତନ୍ତ୍ରକୁ ଦୁର୍ବଳ କରୁଛି। ତେଣୁ ନୂଆପଡ଼ା ଉପନିର୍ବାଚନରେ ସମସ୍ତଙ୍କୁ କାମ, ରୋଜଗାର, ସ୍ୱାସ୍ଥ୍ୟ, ଶିକ୍ଷା, ମୂଲ୍ୟବୃଦ୍ଧି ରୋକିବା ଓ ସାମାଜିକ ନ୍ୟାୟ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ଏହି ପୃଷ୍ଠଭୂମିରେ ସିପିଆଇ(ଏମ) ଓଡ଼ିଶା ରାଜ୍ୟ କମିଟି ନୂଆପଡ଼ାର ସମସ୍ତ ଗଣତାନ୍ତ୍ରିକ ଭୋଟରଙ୍କୁ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜେପିର ସାମ୍ପ୍ରଦାୟିକ ଯୋଜନାକୁ ପରାସ୍ତ କରିବାକୁ ଅନୁରୋଧ କରିଛି।

## ପୁଣି ଲଜ୍ଜା | ଘରେ ପଶି ନାବାଳିକାଙ୍କୁ ଗଣଦୁଷ୍କର୍ମ

ପୁରୀ, ୨୪।୧୦(ସମିସ): ଘରେ ପଶି ନାବାଳିକାକୁ ଗଣଦୁଷ୍କର୍ମ। ପୁରୀ ଜିଲ୍ଲା ଚନ୍ଦନପୁର ଥାନା ଅଞ୍ଚଳରେ ଏପରି ଏକ ଲଜ୍ଜାଜନକ ଘଟଣା ଘଟିଛି। ଯୁବତୀଜଣଙ୍କ ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଦୁଇ ଦୁର୍ବୃତ୍ତ ତାଙ୍କ ସହ ଏହି କୁକର୍ମ କରିଛନ୍ତି। ଚନ୍ଦନପୁର ଥାନା ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ଅଭିଯୁକ୍ତଦ୍ୱୟଙ୍କୁ ଉଠାଇ ନେଇ ପଚରାଉଚରା କରୁଛି। ଆସନ୍ତାକାଲି (ଶନିବାର) ପୀଡ଼ିତାଙ୍କର ଡାକ୍ତରୀ ମାଇନା କରାଯିବ ବୋଲି ପୁଲିସ କହିଛି।

ଗତ ମାସ ପୁରୀ ଜିଲ୍ଲା ବ୍ରହ୍ମଗିରିର ବାଲିହରଚଣ୍ଡୀ ମନ୍ଦିର ନିକଟ ଜଙ୍ଗଲରେ ଜଣେ ଯୁବତୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ କରାଯାଇଥିଲା। ଏହି ଘଟଣାକୁ ମାସେ ନ ପୂରୁଣୁ ଚନ୍ଦନପୁର ଥାନା ଅଞ୍ଚଳରେ ଘଟିଥିବା ଏହି ଲଜ୍ଜାଜନକ ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

ଅଭିଯୋଗ ଅନୁଯାୟୀ, ଗତ ବୁଧବାର ରାତିରେ ମା' କାଳୀଙ୍କ ଭସାଣ ଉତ୍ସବ ଚାଲିଥିଲା। ଏଥିପାଇଁ ସମଗ୍ର ବୀରନରସିଂହପୁର ଅଞ୍ଚଳ ଉତ୍ସବମୁଖର ଥିଲା। ନାବାଳିକାଙ୍କ ପରିବାରଲୋକେ ଭସାଣି ଦେଖିବାକୁ ଯାଇଥିବା ବେଳେ ଘରେ ୧୬ବର୍ଷୀୟା ଝିଅ ଏକାକୀ ଥିଲେ। ଏହାର ସୁଯୋଗ ନେଇ ପାଖ ପଡ଼ୋଶୀ ଘରର ଭାଇ ଏବଂ ଦାଦା ତାଙ୍କ ଘରେ ପଶି ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ ନାବାଳିକା ନିଜ ପରିବାର ଲୋକଙ୍କୁ ଜଣାଇବା ପରେ ଶୁକ୍ରବାର ଚନ୍ଦନପୁର ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ସଙ୍ଗେସଙ୍ଗେ ସମ୍ପୃକ୍ତ ଗାଁରେ ଚଢ଼ଉ କରିଥିଲା।

## ମେଡିକାଲରେ ଦମ୍ପତିଙ୍କ ହାଇଡ୍ରାମା | ରାତିତମାମ ଧାରଣା ଦେଲେ ଡାକ୍ତରଙ୍କ ସ୍ତ୍ରୀ

**୨ ଯୁବକଙ୍କୁ ଗୁଣ୍ଡା ଭଳି ବସାଇ ଡ୍ୟୁଟି ରୁମ୍‌ରେ ବସିଲେ ଡାକ୍ତର**

ବାହାନଗା, ୨୪।୧୦ (ସମିସ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଡାକ୍ତର ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ହାଇଡ୍ରାମା ଦେଖିବାକୁ ମିଳିଛି। ସ୍ୱାମୀଙ୍କ ପାଖରେ ରହିବା ଜିଦିରେ ୧୧ମାସର ଶିଶୁକନ୍ୟାକୁ ଧରି ମହିଳାଜଣଙ୍କ ରାତିତମାମ ମେଡିକାଲ ପରିସରରେ ଧାରଣା ଦେଇଥିବା ବେଳେ ଡାକ୍ତରଜଣଙ୍କ ୨ଯୁବକଙ୍କୁ ଗୁଣ୍ଡା ଭଳି ପାଖରେ ବସାଇ ଡ୍ୟୁଟି କରିଥିଲେ। ସୁରକ୍ଷା ଦୃଷ୍ଟିକୋଣରୁ ଏବଂ ସ୍ୱାସ୍ଥ୍ୟସେବାରେ ଯେଉଁଭଳି ବ୍ୟାଘାତ ନ ଘଟିବ, ସେଥିପାଇଁ ଗୋପାଳପୁର ପୁଲିସ ମଧ୍ୟ ରାତିତମାମ ହସ୍ପିଟାଲରେ ଅଧିଆ ପଡ଼ିଥିଲା। ଏହି ଘଟଣା ଆଜି ପଦାକୁ ଆସିବା ପରେ ଅଞ୍ଚଳରେ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି।

ସୋର ଅଞ୍ଚଳର ଭାଗବତ ପୁହାଣଙ୍କ ପୁଅ ହିମାଂଶୁ ଶେଖର ପୁହାଣ (୩୬) ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଭାବେ କାର୍ଯ୍ୟରତ। ସେ ପୁରୀ ସଦର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ତାଙ୍କର ୧୧ ମାସର ଏକ ଶିଶୁକନ୍ୟା ମଧ୍ୟ ଅଛି। ପାରିବାରିକ ବିବାଦରୁ ଡା. ହିମାଂଶୁଙ୍କ ସ୍ତ୍ରୀ ବାପଘରେ ରହି ଆସୁଥିଲେ। ଏନେଇ କୋର୍ଟରେ ମଧ୍ୟ ମାମଲା ବିଚାରାଧୀନ ଅଛି। ତେବେ ଗତ ରାତିରେ ଡାକ୍ତର ହିମାଂଶୁ ମେଡିକାଲରେ ଡ୍ୟୁଟି କରୁଥିବା ବେଳେ ବାପଘରଲୋକଙ୍କ ସହ ତାଙ୍କ ସ୍ତ୍ରୀ ସେଠାରେ ପହଞ୍ଚିଥିଲେ। ହିମାଂଶୁଙ୍କୁ ସହ ସେ କଥା ହେବାକୁ ଉଦ୍ୟମ କରି ନିଜ ସାଙ୍ଗରେ ନେଇଯିବାକୁ ଜିଦି କରିଥିଲେ। କିନ୍ତୁ ହିମାଂଶୁ ଏଥିରେ ରାଜି ହୋଇନଥିଲେ। ତେଣୁ ମହିଳାଜଣଙ୍କ ନିଜର ଶିଶୁକୁ ଧରି ରାତିତମାମ ମେଡିକାଲ ଆଉଟଡୋର୍ ସମ୍ମୁଖରେ ଧାରଣାରେ ବସିଥିଲେ। ସେପଟେ, ଡା. ପୁହାଣ ୨ଜଣ ଯୁବକଙ୍କୁ ବଡିଗାର୍ଡ ହିସାବରେ ନିଜ ପାଖରେ ବସାଇ ରଖିଥିଲେ। ଖବର ପାଇ ଗୋପାଳପୁର ପୁଲିସ ବି ସେଠାରେ ପହଞ୍ଚିଥିଲା। କିନ୍ତୁ ରୋଗୀସେବାରେ କୌଣସି ବ୍ୟାଘାତ ସୃଷ୍ଟି ନ ହେବା ଉଦ୍ଦେଶ୍ୟରେ ଡାକ୍ତରଙ୍କ ଡ୍ୟୁଟି ସମୟ ସରିବାକୁ ଅପେକ୍ଷା କରିଥିଲା। ରାତି ଡ୍ୟୁଟି ସରିବା ପରେ ପୁଲିସ ଡାକ୍ତରଙ୍କୁ ଥାନାକୁ ନେଇ ଦୀର୍ଘ ସମୟ ପଚରାଉଚୁରା କରିଥିଲା। ଆପୋଷ ବୁଝାମଣାରେ ବିବାଦର ସମାଧାନ କରିବାକୁ ସ୍ୱାମୀ-ସ୍ତ୍ରୀଙ୍କୁ ପୁଲିସ ବୁଝାଇଥିଲେ ହେଁ ତାହା ବିଫଳ ହୋଇଥିଲା।

ଏ ସଂପର୍କରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଧୀରେଶ ଷଡ଼ଙ୍ଗୀ କହିଛନ୍ତି, ଏହା ଡାକ୍ତରଙ୍କ ପାରିବାରିକ ସମସ୍ୟା। ଗତକାଲି ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ପୁଲିସଙ୍କ ସହାୟତା ନେବା ସହ ବ୍ୟକ୍ତିଗତ ଭାବେ ୨ଜଣଙ୍କୁ ଆଣି ନିଜ ସୁରକ୍ଷା ପାଇଁ ବସାଇଥିଲେ। ସେମାନେ ସେମିତି କିଛି ଅପ୍ରୀତିକର ପରିସ୍ଥିତି କରିନାହାନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆସୁଛି ବାତ୍ୟା...

ପ୍ରଫେସର ପଶୁପାଳକ କହିଛନ୍ତି। ବର୍ତ୍ତମାନ ରାଜ୍ୟର ଅଧିକାଂଶ ସ୍ଥାନରେ ଧାନ ଫସଲ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛି। ବର୍ଷା କିମ୍ବା ପବନ ହେଲେ ଧାନ ଫସଲ ଗୁରୁତର ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ତେବେ ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଆଇଏମ୍‌ଡିର ସମ୍ଭାବ୍ୟ ବାତ୍ୟା ଆକଳନକୁ ନେଇ ଜନସାଧାରଣ ଆତଙ୍କିତ ହୁଅନ୍ତୁ ନାହିଁ। ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଛି। ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଆବଶ୍ୟକସ୍ଥଳେ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଶୁଖିଲା ଖାଦ୍ୟ ମହଜୁଦ ରଖାଯାଇଛି। ଶକ୍ତି ବିଭାଗକୁ ମଧ୍ୟ ସତର୍କ କରାଯାଇଛି। ଯଦି ସେଭଳି ସ୍ଥିତି ଉପୁଜେ, କିପରି ପୁନଃସ୍ଥାପନ କରାଯାଇ ପାରିବ ସେନେଇ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଲଘୁଚାପ ଜନିତ ବର୍ଷା ସହିତ ସମ୍ଭାବ୍ୟ ବାତ୍ୟା ସ୍ଥିତି ମୁକାବିଲା ନେଇ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

### ପରଲୋକରେ କବି...

ଡିଗ୍ରୀ ହାସଲ ପରେ ସେ ୧୯୬୭ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇଥିଲେ। ୨୦୦୪ରେ ଅବସର ଗ୍ରହଣ ପରେ ସେ ୟୁନିଟ୍-୬ସ୍ଥିତ ବନଜା ଆପାର୍ଟମେଣ୍ଟରେ ରହୁଥିଲେ ଓ ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସାହିତ୍ୟସାଧନାରେ ମଗ୍ନ ଥିଲେ। ଗତମାସରେ ବାର୍ଦ୍ଧକ୍ୟଜନୀତ ଅସୁସ୍ଥତା ଯୋଗୁଁ ତାଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ସାମାନ୍ୟ ସୁସ୍ଥ ହେବା ପରେ ସେ ଗତ ୫ ତାରିଖରେ ଘରକୁ ଫେରିଥିଲେ ଓ କେବଳ ତରଳ ଖାଦ୍ୟ ଗ୍ରହଣ କରୁଥିଲେ। ତେବେ ଆଜି ସକାଳେ ତାଙ୍କର ପରଲୋକ ଘଟିଥିଲା।

ସ୍ୱର୍ଗତ ପଣ୍ଡା ଷୋହଳଟି କବିତା ସଂକଳନ ଓ ଦୁଇଟି ଉପନ୍ୟାସର ରଚନା କରିଛନ୍ତି। ୧୯୪୭ରେ ତାଙ୍କର ପ୍ରଥମ କବିତା ସଂଗ୍ରହ 'ଗୌଣ ଦେବତା' ପ୍ରକାଶିତ ହୋଇଥିଲା। 'ଶୈଳକଳ୍ପ' ଲାଗି ୧୯୮୫ରେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ସେ ୨୦୦୪ରେ ବିଷୁବ ପୁରସ୍କାର, ୨୦୨୧ରେ ସାରଳା ସମ୍ମାନ, ୨୦୧୨ରେ ଗଙ୍ଗାଧର ଜାତୀୟ ସମ୍ମାନ, ୧୯୯୫ରେ ଶାରଳା ପୁରସ୍କାର, ୧୯୯୪ରେ ଝଙ୍କାର ପୁରସ୍କାର, ୨୦୦୪ରେ ସାହିତ୍ୟ ଭାରତୀ ସମ୍ମାନ, ୨୦୦୫ରେ ସଚ୍ଚି ରାଉତରାୟ ସମ୍ମାନ, କୁଭେମ୍ପୁ ଜାତୀୟ ପୁରସ୍କାରୀ(କର୍ଣ୍ଣାଟକ) ଲାଭ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ବିୟୋଗରେ ସାହିତ୍ୟପ୍ରେମୀମାନେ ସାମାଜିକ ଗଣମାଧ୍ୟମରେ ଭାବବିହ୍ୱଳ ପୋଷ୍ଟ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଅମର ଆତ୍ମାର ସଦ୍ଗତି କାମନା କରିଛନ୍ତି।

ଶ୍ରୀ ପଣ୍ଡାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସିଦ୍ଧ କବି ତଥା ଲେଖକ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଦେହାନ୍ତ ସୂଚନା ପାଇ ଦୁଃଖପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଆ ଭାଷା, ସାହିତ୍ୟରେ ଅନନ୍ୟ କୃତି ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ। ଏପରି ଦୁଃଖଦ ସମୟରେ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦଗତି କାମନା କରୁଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ସେହିପରି ଓଡ଼ିଶା ରାଜ୍ୟ ଅଙ୍ଗଦାନ ସମିତି ଅଧ୍ୟକ୍ଷ ପ୍ରଭାସ ଆଚାର୍ଯ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା,ଡ. ଗୌରହରି ଦାସ, ରକ୍ଷକ ନାୟକ, ଅଭିରାମ ବିଶ୍ୱାଳ, କେଦାର ମିଶ୍ର, ପ୍ରସନ୍ନ ପାଟଶାଣୀ, ଭାଗ୍ୟଲିପି ମଲ୍ଲ, ସୂର୍ଯ୍ୟ ମିଶ୍ର, ପରେଶ ପଟ୍ଟନାୟକ,ପୂର୍ବତନ ମୁଖ୍ୟ ଶାସନସଚିବ ଯୁଗଳ କିଶୋର ମହାପାତ୍ରଙ୍କ ସମେତ ବହୁ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ତାଙ୍କର ଶେଷ ଦର୍ଶନ କରିଛନ୍ତି ।

### ୨୦ ଯାତ୍ରୀ...

କିଛି ଲୋକଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ସେମାନଙ୍କୁ କୁର୍ଣ୍ଣୁଲ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ବସ୍‌ରେ ଦୁଇଜଣ ଡ୍ରାଇଭରଙ୍କ ସହ ମୋଟ୍ ୪୧ ଜଣ ଥିଲେ ବୋଲି ସ୍ଥାନୀୟ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ୨୧ ଜଣ ଯାତ୍ରୀଙ୍କ ପରିଚୟ ମିଳିଛି ଓ ସେମାନେ ସୁରକ୍ଷିତ ଅଛନ୍ତି। ବସ୍‌ରୁ ୧୧ଟି ଶବ ବାହର କରାଯାଇଛି ବୋଲି ସେ କହିଛନ୍ତି। ୨ ଜଣ ପିଲାଙ୍କ ସହ ୨୧ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିବା କୁର୍ନୁଲ ରେଞ୍ଜର ଡିଆଇଜି କୋୟା ପ୍ରବୀଣ କହିଛନ୍ତି। ଅଧିକାଂଶ ଲୋକ ୨୫ରୁ ୩୫ ବର୍ଷ ମଧ୍ୟରେ ଥିଲେ। ଏହି ଦୁର୍ଘଟଣା ଘଟିବା ବେଳେ ଯାତ୍ରୀମାନେ ଶୋଇଥିଲେ। ଫଳରେ ଜୀବନ ବଞ୍ଚାଇବାକୁ ସୁଯୋଗ ପାଇ ନ ଥିଲେ। ନିଆଁ ଲାଗିବା ପରେ ବସ୍‌ରେ ସର୍ଟ ସର୍କିଟ ହୋଇଥିଲା। ବସ୍‌ର ଦ୍ୱାର ଜାମ୍ ହୋଇଯାଇଥିଲା। ପୁଣି ଝରକା ଭାଙ୍ଗିବା ପାଇଁ କୌଣସି ସେଫ୍ଟି ହାମର ମଧ୍ୟ ନ ଥିଲା। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ସେ ଘୋଷଣା କରିଛନ୍ତି। ସେହିପରି ତେଲଙ୍ଗାନା ସରକାର ମୃତ୍ୟୁବରଣ କରିଥିବା ଲୋକଙ୍କ ପରବାରକୁ ୫ ଲକ୍ଷ ଓ ଆହତଙ୍କୁ ୨ ଲକ୍ଷ ଟଙ୍କାର ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି।

### ଓଡ଼ିଶାରେ ପଞ୍ଜିକରଣ ହୋଇଥିଲା ବସ୍

ଏହି ବସ୍‌ର ପଞ୍ଜିକରଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହି ବସ୍‌ର ସବୁ କାଗଜପତ୍ର ଓ ପରମିଟ୍ ବୈଧ ଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଏସି ସ୍ଲିପର ବସ୍‌ର ରେଜିଷ୍ଟ୍ରେସନ ନଂ ଡିଡି୦୧ଏନ୍୯୪୯୦ ଥିଲା। ଏହା ପ୍ରଥମେ ୨୦୧୮ ଅଗଷ୍ଟରେ ଡାମନ ଓ ଡିୟୁରେ ପଞ୍ଜିକରଣ ହୋଇଥିଲା। ଏହା ଓଡ଼ିଶାର ରାୟଗଡ଼ା ଜିଲ୍ଲାର ଭେମୁରୀ କାବେରୀ ଟ୍ରାଭେଲ୍ସ ନାମକ ଏକ ଟ୍ରାଭେଲ ଏଜେନ୍ସିର ମାଲିକାନାରେ ଥିଲା। ମାଲିକ ଭେମୁରୀ ବିନୋଦ କୁମାର ରାୟଗଡ଼ାର ସାଇ ଲକ୍ଷ୍ମୀ ନଗର ଠିକଣାରେ ବସ୍‌କୁ ପଞ୍ଜିକୃତ କରିଥିଲେ। ପରେ ୨୦୨୫ ଏପ୍ରିଲ ୨୯ରେ ବସର ପଞ୍ଜିକରଣକୁ ଓଡ଼ିଶାର ରାୟଗଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହାର ୬ ମାସ ମଧ୍ୟରେ ହିଁ ଏଭଳି ଦୁର୍ଘଟଣା ଘଟିଛି। ଓଡ଼ିଶା ଟ୍ରାନ୍ସପୋର୍ଟ ଡିପାର୍ଟମେଣ୍ଟ ବସ୍‌ର ଟୁରିଷ୍ଟ ପରମିଟ ୨୦୨୫ ମେ' ୧ରେ ପ୍ରଦାନ କରିଥିଲା ଓ ଏହା ୨୦୩୦ ଏପ୍ରିଲ ପର୍ଯ୍ୟନ୍ତ ବୈଧ ଥିଲା। ପୁଣି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ୨୦୨୫ ଅଗଷ୍ଟରେ ଅଲ ଇଣ୍ଡିଆ ପରମିଟ ପ୍ରଦାନ କରାଯାଇଥିଲା। ଏହା ୨୦୨୬ ଜୁଲାଇ ପର୍ଯ୍ୟନ୍ତ ବୈଧ ଥିଲା।

### ନଭେମ୍ବରରୁ ଦେଶବ୍ୟାପୀ...

ପାଇଛି। ସେହିପରି ୨୦୦୮ରେ ଦିଲ୍ଲୀରେ ୧.୧ କୋଟି ଭୋଟର ଥିବାବେଳେ ଏହି ସଂଖ୍ୟା ଏବେ ୧.୫ କୋଟିରେ ପହଞ୍ଚି ଯାଇଛି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଇସି କରିଥିବା ବୈଠକରେ ବିଏଲଓ ପ୍ରତ୍ୟକ ଭୋଟରଙ୍କ ଘରକୁ ଯାଇ 'ପ୍ରି ଫିଲ୍ଡ' ଫର୍ମ ଦେବେ ବୋଲି ନିଷ୍ପତ୍ତି ନିଆଯାଇଛି। ଡିସେମ୍ବର ୩୧ ସୁଦ୍ଧା ୧୮ ବର୍ଷ ହୋଇଥିବା ସମସ୍ତ ବ୍ୟକ୍ତି ଏହି ପ୍ରକ୍ରିୟାରେ ସାମିଲ ବୋଲି ଧରାଯିବ। ଏବେ ଦେଶରେ ୯୯ କୋଟି ୧୦ ଲକ୍ଷ ଭୋଟର ଅଛନ୍ତି। ଏଥିରୁ ପ୍ରାୟ ୮ କୋଟି ଭୋଟରଙ୍କ ପ୍ରକ୍ରିୟା ଶେଷ ହୋଇଛି। ୨୦୦୨ରୁ ୨୦୦୪ ମଧ୍ୟରେ ହୋଇଥିବା ଏସଆଇଆରରେ ୭୦ କୋଟି ଭୋଟର ଥିଲେ। ଏଭଳି ସ୍ଥିତିରେ ୨୧ କୋଟି ଭୋଟରଙ୍କୁ ଜରୁରୀ ପ୍ରମାଣପତ୍ର ଦେବାକୁ ହେବ।

### ବିକ୍ରମଙ୍କ ପାଇଁ ମାମଲା...

ଆଗ୍ରହ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ପୁଲିସର ତରବରିଆ ପଦକ୍ଷେପକୁ ଆଇନଜୀବୀମାନେ ସ୍ୱୀକାର କରିପାରୁନାହାନ୍ତି । ପୁଲିସ ଏ କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶିକାକୁ ଅବମାନନା କରିଥିବା ଗୁରୁତର ଅଭିଯୋଗ ଆଣିଛନ୍ତି ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ । ଏପରି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଓ ଜେରା ସମୟରେ ଯେଉଁପ୍ରକାର ନୀତି ନିୟମ ଅନୁପାଳନ କରିବା କଥା ତାହା କରିନାହିଁ ବୋଲି ସେ କହିଛନ୍ତି । ଅଟକ ବ୍ୟକ୍ତିଙ୍କୁ ସିସିଟିଭି କ୍ୟାମେରା ଥିବା ପ୍ରକୋଷ୍ଠ ଅଥବା ଥାନା ପରିବର୍ତ୍ତେ ପୁଲିସ ବାରାକ୍‌ରେ ଜେରା ଆଇନ ଅନୁମୋଦିତ ନୁହେଁ। ସେହିଭଳି କୌଣସି ବ୍ୟକ୍ତିଙ୍କୁ ଘରୁ ଅଥବା ଅନ୍ୟ ଯେକୌଣସି ସ୍ଥାନରୁ କାବୁ କରିବା ସମୟରେ କିମ୍ବା ଏହାପରେ ସେମାନଙ୍କ ପରିବାର ଲୋକଙ୍କୁ ବା ତାଙ୍କ ଓକିଲଙ୍କ ସହ ଯୋଗାଯୋଗ କରିବାକୁ ସୁଯୋଗ ଦେବା ଉଚିତ। ଯାହା ବିକ୍ରମ ପଣ୍ଡା ଓ ଅନ୍ୟମାନଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇନାହିଁ। ଯେଉଁମାନଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟଚାଲାଣ କରିଛି ସେହି ସମୟରେ ତଦନ୍ତର ଅଗ୍ରଗତି ସମ୍ପର୍କିତ କୌଣସି ବିସ୍ତୃତ ତଥ୍ୟ କୋର୍ଟରେ ପୁଲିସ ଦାଖଲ କରିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

ସମସ୍ତଙ୍କୁ କୋର୍ଟଚାଲାଣ ବେଳେ କୌଣସି ୱକାଲତନାମା ଦାଖଲ ହୋଇ ନ ଥିବାରୁ ସରକାରଙ୍କ ପକ୍ଷରୁ ଆପିଅରେନ୍‌ସ ଆଡ଼ଭୋକେଟ୍‌ଙ୍କ ଜରିଆରେ କରାଯାଇଥିବା ଶୁଣାଣିରେ ଜାମିନ ଆବେଦନ ଖାରଜ ହୋଇଥିଲା । ତେବେ ପୁଲିସ ପକ୍ଷରୁ କୋର୍ଟରେ କ'ଣ କ'ଣ ଦଲିଲ ବା ନଥିପତ୍ର ଦାଖଲ କରାଯାଇଛି ତାହାର ସାର୍ଟିଫାଏଡ୍ କପି ଆସିବା ପରେ ସେସନ୍‌ସ କୋର୍ଟରେ ପୁନର୍ବାର ବିକ୍ରମ ଓ ଅନ୍ୟମାନଙ୍କ ଜାମିନ ଆବେଦନ କରାଯିବ ବୋଲି ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ କହିଛନ୍ତି। ଏହି ଅବସରରେ ଜାମିନ ଆବେଦନର ଶୁଣାଣି ବେଳେ ପୁଲିସ ପକ୍ଷରୁ ହୋଇଥିବା ବିଭିନ୍ନ ତ୍ରୁଟି ବିଚ୍ୟୁତି ଓ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କିଭଳି ଖୋଲାଖୋଲି ଉଲ୍ଲଂଘନ କରାଯାଇଛି ତାକୁ ମଧ୍ୟ ଚାଲେଞ୍ଜ କରାଯିବ ବୋଲି ସେ ସ୍ପଷ୍ଟ ସୂଚନା ଦେଇଛନ୍ତି।

### କାମ ଦେଲାନି...

ମନା କରିଦେଇଥିଲେ। ରୋଗୀ ମଲେ ପଛେ ମରୁ କିନ୍ତୁ ଆୟୁଷ୍ମାନ କାର୍ଡ ଗ୍ରହଣ କରିବୁ ନାହିଁ ବୋଲି ଶୁଣାଇ ଦେଇଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଏକଥା ଶୁଣି ରତ୍ନାଧର ଭାଙ୍ଗି ପଡ଼ିଥିଲେ ହେଁ ମା'କୁ ବଞ୍ଚାଇବା ପାଇଁ ନିଜର ସବୁ ଜମାପୁଞ୍ଜିକୁ ଖର୍ଚ୍ଚ କରିଥିଲେ। ମାତ୍ର କିଛି ଦିନରେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କଠାରୁ ୧ଲକ୍ଷ ୬୫ ହଜାର ହାଙ୍କିନେଲେ। ଏହା ସତ୍ତ୍ୱେ ଚିକିତ୍ସାରେ ବିଳମ୍ବ କରିଥିଲେ। ଶେଷରେ ଅକ୍ଟୋବର ୧୯ ରେ ତୁଳାବାଈଙ୍କ ମୃତ୍ୟୁ ଘଟିଥିଲା।

ଏହି ଘଟଣାକୁ ନେଇ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ତୀବ୍ର ପ୍ରତିକ୍ରିୟା ଜଣାଇଛନ୍ତି। ଏନେଇ ସେ ବିଜେପି ସରକାରକୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ ଏହି ଘଟଣା ହୃଦୟବିଦାରକ ଏବଂ କ୍ଷମା ଯୋଗ୍ୟ ନୁହେଁ। ଜଣେ ଗରିବ ଅନୁସୂଚିତ ଜାତିର ମହିଳା କ୍ୟାନ୍ସର୍ ରୋଗୀଙ୍କୁ ଚିକିତ୍ସା ନ ମିଳିବା ଏବଂ ପରିବାରକୁ ଋଣଯନ୍ତାକୁ ଠେଲିବା ବିଜେପି ସରକାରଙ୍କ ଗରିବ, ଆଦିବାସୀ ଦଳିତ ବିରୋଧୀ କାର୍ଯ୍ୟ। ବିଜେପି ସରକାର ଗରିବଙ୍କ ଜୀବନ, ସ୍ୱାସ୍ଥ୍ୟ ସୁରକ୍ଷା ବଞ୍ଚାଇବାରେ ବିଫଳ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାମାନଙ୍କ ପାଇଁ ପ୍ରତିବର୍ଷ ୧୦ଲକ୍ଷ ପର୍ଯ୍ୟନ୍ତ ନିଃଶୁଳ୍କ ଚିକିତ୍ସା ସୁବିଧା ଥିଲା। ତୁଳାବାଈଙ୍କ ଯନ୍ତ୍ରଣା ଓ ମୃତ୍ୟୁ କେବଳ ଗୋଟିଏ ମାତ୍ର ଘଟଣା ନୁହେଁ। ଏହା ରାଜ୍ୟବାସୀଙ୍କ ପାଇଁ ଏକ ଚେତାବନୀ ସଦୃଶ। ନୂଆପଡ଼ାର ଲୋକେ ଏବେ ସତ ଜାଣିସାରିଛନ୍ତି। ଶ୍ରୀ ବିଶି ତୁଳାବାଈଙ୍କ ପରିବାରକୁ ତତ୍କାଳ ଆର୍ଥିକ ସହାୟତା ଦାବି କରିଛନ୍ତି।


**AFFIDAVIT**

I, Debashis Acharya, S/o. Basanta Kumar Acharya, At: Qtr No. 2RA/76, Road No. 7, Unit-9, Back side of New BMC Office, Bhoi Nagar, Bhubaneswar, Dist: Khordha, PIN-751022, Odisha declare by this Affidavit CF No.55, dtd- 07/07/2025, that now onwards I shall be known as **DEBASISH ACHARYA** for all future purposes.

**FOR SALE**

1 Number of ICV –VE CV EICHER PRO 3015 XP/ 2023, Registration No.- OD-22-X-2169, Model- 2023 , ENGINE NO – E426CDPB423094, CHASSIS NO - MC2GLMRC0PB220597, For Details, contact – 94370 94758, 94375 77758, 88959 97418, SUNDARAM FINANCE LTD., First floor, Choudhury Complex , SAHADEVKHUNTA, BALASORE,756001, PH. NO- 06782-266657

**FOR SALE**

1 Number of LEYLAND DOST I3+ /2022, Registration No.- OD-15-V-8258, Model- 2022, - ENGINE NO – BNH062725P, CHASSIS NO - MB1AA42E3NRBD1886, For Details, contact – 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI , PO/DIST-SAMBALPUR-768004

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 24/10/2025. I, **Jugeswar Chandan** (new name), S/o Rupendra Chandan, permanent & current resident of At- Bhalegaon, PO- Luthurbandh, PS- Titilagarh, Dist- Balangir, (Odisha), PIN- 767033 declare that I have changed my name from **Jogeswar Chandan** (old name) to **Jugeswar Chandan** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Jugeswar Chandan** (new name) for all purposes.

**Jugeswar Chandan**

**NOTICE**

By virtue of an affidavit sworn before NOTARY PUBLIC SALIPUR on Dated 24/10/2025,I Mrs Rajani Paraween D/O Saikh Laina Khan,Resident of Village: AT- Balismala-2,POST- Mahasinghpur,DIST- Cuttack,ODISHA,754200, State: Odisha , I have changed my minor daughters name from "Rajani Paraween" to "Sahista Perwin". Henceforth, She shall be known as "Sahista Perwin" for all purposes.

**Sahista Perwin**

**NOTICE**

By virtue of an affidavit sworn before NOTARY PUBLIC SALIPUR on Dated 23/10/2025 ,I Mr M.D. Sirajuddin S/O Samsad Bibi ,Resident of Village: AT- At- Nandol, Post-Mahasinghpur, PS- Salipur, DIST-Cuttack-754200, State: Odisha , I have changed my name from "Mohammed Sirajuddin" to "M.D. Sirajuddin". Henceforth, he shall be known as "M.D. Sirajuddin" for all purposes.

**M.D. Sirajuddin**

**NOTICE**

By virtue of an affidavit sworn before NOTARY PUBLIC SALIPUR on Dated 24/10/2025, I Mrs Srabani Biswal W/O Dillip Kumar Samal, Resident of Village: AT- Jagannathpur, Post- Jaripada,PS- Tangi, DIST-Cuttack-754201, State:Odisha , I have changed my name from "Srabani Samal" to "Srabani Biswal". Henceforth, She shall be known as "Srabani Biswal" for all purposes.

**Srabani Biswal**

**AFFIDAVIT**

By virtue of an affidavit sworn before Executive Magistrate, Sohela I Gayatri Panchabihar, D/O Raghu Panchabihar resident of Rusuda, PS. Bheden Dist.- Bargarh, Odisha, PIN-768115, vide affidavit no. 04 dtd.24.10. 2025 that, I have corrected my name from Gayitri Panchabihar as mentioned in my Adhar card no. 887402210936 to Gayatri Panchabihar. Henceforth I shall be known as **Gayatri Panchabihar** for all future purposes and correction of above adharcard.

**AFFIDAVIT**

By virtue of an affidavit No. 10415, dtd.10.10.2025 before the Notary Public, Nabarangpur, I, Kadiam Mani, At- Sanath Nagar, Chinagantyadia, Gajuwaka, Vishakhapatnam, Andhra Pradesh have changed my name from Mattaruni / M. Runu to Kadiam Mani. Hencforth I shall be known as **Kadiam Mani** instead of Matta Runi & M. Runu for all purposes.

**Sd/- Kadiam Mani**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated 23.10.2025 I, RAMA BHATARA, S/o - MONGRA BHATARA , Vill- Porsola, Po- Porsola, Ps- Borigumma, Dist- Koraput, Odisha, Pin - 764063, declare that I have changed the name of my Son from HARIHAR BHATARA to NARAHARI BHATARA. Henceforth, he shall be known as NARAHARI BHATARA for all purposes.

**Sd/- Rama Bhatara**

**AFFIDAVIT**

I, Samsuddin Abdal Quadri s/o- In Dr Gholam Mohiuddin, resident of Ward No. 12, Bankasahi, PS-Bhadrak Town, PO/Dist-Bhadrak, Odisha, PIN-756100 declare by this affidavit No. 988 dtd.- 23/10/2025 that now onwards I shall be known as In **Dr Samsuddin Abdal Quadri** for all future purposes.

**NAME CHANGE**

By virtue of an affidavit sworn before the Executive Magistrate, Bhubaneswar, CF.NO. 45, dated 26/12/2024, I, **SHUBHENDU MOHAPATRA**, S/o Abhimanyu Mohapatra resident of At: Malisahi,Panchupali Po: Retang, Ps - Airfield, Bhubaneswar, Dist- Khordha, State- Odisha declare that I have changed my son's name from **ANSU MAHAPATRA** (Old Name) to **ANSUMAN MOHAPATRA** (New Name). Henceforth, he shall be known as **ANSUMAN MOHAPATRA** for all future purposes.

(Sd- **SHUBHENDU MOHAPATRA**)

**AFFIDAVIT**

By virtue of an affidavit (CF No. 2382) sworn before The Notary Public, Cuttack dated- 20/10/2025 I, Suchismita Nayak, W/o Brajabandhu Naayak, permanent resident of At/Po- Raipur, PS- Cuttack Sadar, Dist- Cuttack, PIN- 754001, Odisha declare that I have changed my minor daughter's name from Biudisha Nayak to **Bidisha Nayak.** Henceforth, she shall be known as Bidisha Nayak (new name) for all purposes.

**AFFIDAVIT**

I, Ashisa Kumar Pandit, aged about 32 years, S/o- Pramod Kumar Pandit, resident of At- Chaitanya Nagar, Hinjilicut, Ps- Hinjili, Dist- Ganjam, Odisha, Pin- 761102 declare by this affidavit No. 2176, dtd- 24/10/2025, that now onwards I shall be known as **ASISH KUMAR PANDIT** for all future purposes.

**AFFIDAVIT**

I, Snehalata Mundra, aged about 73 years, W/o- Shyam Sundar Mundra, resident of At- Sarbahal Road, PO/PS/Dist- Jharsuguda, PIN- 768201, Odisha declared by this affidavit No. 16, dtd- 17/10/2025 that now onwards I shall be known as **SNEHLATA MUNDRA** for all future purposes.

### ଧାନରେ ନେକ୍ ବ୍ଲାଷ୍ଟ ରୋଗ

# ପୋଲା ହୋଇଗଲାଣି ଧାନ, ଚାଷୀ ଚିନ୍ତାରେ



ଉମରକୋଟ,୨୪।୧୦(ସମିସ): ସମସ୍ୟା ଚାଷୀଙ୍କ ପିଛା ଛାଡୁନାହିଁ। କେତେବେଳେ ସାର ପାଇଁ ତ ଆଉ କେତେବେଳେ ବର୍ଷା , ପୁଣି ଫସଲରେ ରୋଗକୁ ନେଇ ଚିନ୍ତା । ସୁନା ଭଳି ଦେଖା ଯାଉଥିବା ଧାନ କ୍ଷେତ ଗୁଡ଼ିକରେ ଧାନ ଭିତରେ ଖାଲି ପୋଲ। ଫସଲ ଅମଳ କରି ଆଦାୟ କରିବାର କୌଣସି ସୁଯୋଗ ନାହିଁ। କାରଣ ଧାନ ଗଛ ଗୁଡ଼ିକରେ ନେକ୍ ବ୍ଲାଷ୍ଟ ରୋଗ ଲାଗି ସବୁ ଧାନ ନଷ୍ଟ ହୋଇଯାଇଛି। ଖୋଲା ବଜା ରୁ ବିନା ସ୍ୱୀକୃତି ପ୍ରାପ୍ତ ବିହନ ନେଇ ହନ୍ତସନ୍ତ ହେଉଛନ୍ତି ଚାଷୀ। ଧାର କରଜ କରି ଚାଷ କରିଥିବା ଚାଷୀ ଏବେ ଚିନ୍ତାରେ ବସିଛି। ଋଣ ଟଙ୍କା ସୁଝିବ କେମିତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବଡ଼ବାସିନୀ ଗାଁରେ। ବଡ଼ବାସିନୀ ଗ୍ରାମର ଚାଷୀ ସବିତ୍ର ପନକା, ଧନୀରାମ ରାଜଗଣ୍ଡ, ଧନସିଂ ଗଣ୍ଡଙ୍କ ଭଳି ଆହୁରି ୨୦ରୁ ୨୫ ଜଣ ଚାଷୀ ନିଜ ନିଜ ଜମିରେ ଏକ ଘରୋଇ କମ୍ପାନୀର ଧାନ ବିହନ ଆଣି ଲଗାଇଥିଲେ ଏବଂ ଠିକ୍ ସମୟରେ ସାର ଓ କୀଟନାଶକ ଇତ୍ୟାଦି ଦେଇଥିଲେ । କିନ୍ତୁ ଧାନ ଗଛ ଠିକ୍ ଭାବରେ ବଢ଼ି ଧାନ ବି ହେଲା କିନ୍ତୁ ପାଚିବା ସମୟରେ ଧାନ ଗୁଡ଼ିକ ସବୁ ପୋଲ ହୋଇଯାଇଛି। ଫଳରେ ବର୍ତ୍ତମାନ ଧାନ କ୍ଷେତରୁ ଆଉ କିଛି ବି ଧାନ ଅମଳ ହେବନାହିଁ। ଗୋଟିଏ ମୁଠା ଧାନ ବି ବାହାରିବ ନାହିଁ ବୋଲି କହିଛନ୍ତି ଚାଷୀ। ଏହି ଅଞ୍ଚଳର ପ୍ରାୟ ୨୦ରୁ ୨୫ ଜଣ ଚାଷୀଙ୍କ ୬୦ ଏକରରୁ ଅଧିକ ଜମିରେ ଧାନ ଫସଲ ନଷ୍ଟ ହୋଇ ଯାଇଛି। ଧାର କରଜ କରି ଚାଷ କରିଥିଲି , ବର୍ତ୍ତମାନ ପରିବାର ପୋଷଣ କିପରି କରିବି ଏବଂ ଋଣ ପରିଶୋଧକୁ ନେଇ ଚିନ୍ତାରେ ରହିଛନ୍ତି ଚାଷୀ। ସରକାର କିଛି ସାହାଯ୍ୟ କରନ୍ତୁ ବୋଲି ଗୁହାରି କରିଛନ୍ତି। ଚଳିତ ବର୍ଷ ଚାଷ ପାଇଁ ପାଗ ଅନୁକୂଳ ରହିଥିବା ସହ ଚାଷ ଆରମ୍ଭରୁ ଭଲ ଧାନ ହେବା ସହ ଭଲ ଅମଳ ହେବାର ଆଶା ରହିଥିଲା। କିନ୍ତୁ ଧାନ ଅମଳ ବେଳକୁ ନେକ୍ ବ୍ଲାଷ୍ଟ ରୋଗ ଲାଗିଗଲା। ଧାନର କେଣ୍ଡା କଞ୍ଚା ଥିବା ବେଳେ କେଣ୍ଡାର ଉପରୁ ଧାନ ସହ ଶୁଖି ଯାଇ ପୋଲ ହୋଇଯାଉଛି । ଯାହାକୁ ନେଇ ଏବେ ଧାର ଉଧାର କରି ଚାଷ କରିଥିବା ଚାଷୀ ଚିନ୍ତାରେ ଅଛନ୍ତି। ଧାନ ଫସଲ ନଷ୍ଟ ହେବା ସମ୍ପର୍କରେ ଜିଲ୍ଲା କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲୁ। ଧାନ ଚାଷ ପାଇଁ ଏ ଅଞ୍ଚଳର ଚାଷୀ ମାନେ ମାତ୍ରାଧିକ ୟୁରିଆ ସାରର ବ୍ୟବହାର କରୁଛନ୍ତି। ପଟାସ ସାର କିମ୍ବା ଅନ୍ୟ ଭିଟାମିନ ବ୍ୟବହାର କରୁନାହାନ୍ତି। ଫଳରେ ଧାନ ଠିକ୍ ଭାବରେ ହୋଇପାରୁ ନାହିଁ ବୋଲି କହିଛନ୍ତି। ଏହି ରୋଗକୁ ନେକ୍ ବ୍ଲାଷ୍ଟ କୁହାଯାଏ। ଧାନ ପାଚି ଆସିବା ସମୟରେ କେଣ୍ଡା ପାଖରେ କଳା ହୋଇ ଦାଗ ହୋଇଯାଏ ଓ ଧାନ ପୋଲ ହୋଇଯାଏ। ଏ ସମ୍ପର୍କରେ ଚାଷୀଙ୍କୁ ସଚେତନ ବି କରାଯାଉଛି। କୌଣସି ରୋଗ ଏପିଡେମିକ ଭାବରେ ହୋଇଥିଲେ ଏବଂ ୩୩ ପ୍ରତିଶତ କ୍ଷତି ହୋଇଥିଲେ ସରକାରଙ୍କ ତରଫରୁ କ୍ଷତିପୂରଣ ମିଳିଥାଏ । କିନ୍ତୁ ବ୍ୟକ୍ତିଗତ ଭାବରେ ଗୋଟିଏ ଦୁଇଟି ସ୍ଥାନରେ କ୍ଷତି ହେଲେ କ୍ଷତି ପୂରଣ ଦେବାର କୌଣସି ନିୟମ ନାହିଁ ବୋଲି କହିଛନ୍ତି ଜିଲ୍ଲା କୃଷି ଅଧିକାରୀ ନିହାର ନାୟକ। ବିନା ସ୍ୱୀକୃତି ପ୍ରାପ୍ତ ବିହନ ବିକ୍ରିକୁ ନେଇ ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି କହିଛନ୍ତି।

# ଅଧାରେ ଅଟକିଛି ଅମୃତ ସରୋବର ପୁନରୁଦ୍ଧାର କାମ



କଲ୍ୟାଣସିଂହପୁର ୨୪।୧୦ (ସମିସ): ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତର ଗ୍ରାମ ନିକଟରେ ଥିବା ପୁରୁଣା ପୋଖରୀ ପୁନରୁଦ୍ଧାର କାମ ଅଧାରେ ଅଟକିଛି। ଆଜାଦିର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅମୃତ ସରୋବର ନାମରେ ପୋଖରୀ ଖନନ କରି ଲୋକଙ୍କ କାର୍ଯ୍ୟରେ ଆସିବ ବୋଲି ଆଶା ଥିଲା। କିନ୍ତୁ ତାହା ସଫଳ ହୋଇନାହିଁ। ସୂଚନା ମୁତାବକ, ତିନି ବର୍ଷ ତଳେ ଏହି ବ୍ଲକ ନାରାୟଣପୁର ଗାଁକୁ ଲାଗି ରହିଥିବା ପୁରୁଣା ପୋଖରୀ କାମ ଆରମ୍ଭ ହୋଇଥିଲା। ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁରୁଣା ପୋଖରୀର ପୁନଃରୁଦ୍ଧାର କାର୍ଯ୍ୟ ସାଙ୍ଗକୁ ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା କରି ଅମୃତ ସରୋବରର ରୂପ ଦେବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ମନରେଗା ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୋଟିଏ ଫାଇଲ ଖୋଲାଯାଇ କାମ ଆରମ୍ଭ ହୋଇଛି। ଉକ୍ତ ଟଙ୍କାରେ ପୋଖରୀ ଖନନ, ପଙ୍କଉଦ୍ଧାର ସାଙ୍ଗକୁ ସୁରକ୍ଷା ପାଚେରୀ, ସୋଲାର ଆଲୁଅ ଆଦି କାମ ହୋଇଛି। କଣପାଇଁ ଅଧାରେ ଅଟକି ଗଲା, ମନରେଗାରେ କେତେ ବିଲ ହେଲା ସେ ସୂଚନା ପ୍ରଦାନ କରାଗଲା ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୁରୁଣା ବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ ଗୁଡ଼ାଏ କାମ ବାକି ରହିଛି। ପୋଖରୀ ଚାରିପଟେ ପଥର ପ୍ୟାକିଂ, ପୋଖରୀ ହୁଡ଼ା ରାସ୍ତା, ବସିବା ପାଇଁ ବ୍ୟବସ୍ଥା, ଉଦ୍ୟାନ, ଘାସ ରୋପଣ, ପାହାଚ ଆଦି ବ୍ୟବସ୍ଥା କରାଗଲେ ପୁରୁଣା ପୋଖରୀ ସମ୍ପୂର୍ଣ ଅମୃତ ସରୋବରରେ ପରିଣତ ହୋଇଥାନ୍ତା। ବର୍ତ୍ତମାନ ଏହା ଗ୍ରାମବାସୀଙ୍କ ପାଇଖାନା ସ୍ଥଳୀ ପାଲଟି ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଠି ବ୍ଲକରେ ବିଭାଗୀୟ ଅଧିକାରୀଙ୍କ ଅଣଦେଖାକୁ ଦାୟୀ କରିଛନ୍ତି ଆଞ୍ଚଳବାସୀ। ଉକ୍ତ କାର୍ଯ୍ୟ ସମ୍ପୂର୍ଣ ହୋଇଥିଲେ ଅମୃତ ସରୋବରର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତେ। ଏହି ବ୍ଲକରେ ଚାଲିଥିବା ଅନେକ ଅମୃତ ସରୋବର କାମ ଅଧାରେ ପଡ଼ିରହିଛି। ଫଳରେ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ମନରେଗା ଯୋଜନା ନାଁରେ ପୁରୁଣା ପୋଖରୀର ସୌନ୍ଦର୍ଯ୍ୟ କରଣ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ନାରାୟଣପୁର ଗ୍ରାମବାସୀ ଦାବି କରିଛନ୍ତି।

# ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ




ରାୟଗଡା,୨୪।୧୦(ସମିସ): ରାୟଗଡ଼ା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ରାୟଗଡା ବିଡିଓ ସୁଜିତ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭଜନଲାଲ ମାଝୀ, ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ପଧାନ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଭୋଇ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବଳରାମ ହୁଇକା, ଛବିଲାଲ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଜୁନିୟର, ସିନିୟର ଓ ସୁପର ସିନିୟର ଏଭଳି ତିନୋଟି ବର୍ଗର ୩୨ ଗୋଟି ପ୍ରତିଯୋଗିତାରେ ୧୭ ଗୋଟି କ୍ଲଷ୍ଟରରୁ ୪୮୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ସମାରୋହରେ ରାୟଗଡା ବିଧାୟକ ଆପାଲାସ୍ୱାମୀ କାଡ୍ରାକା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ରୂପେ ବ୍ଲକ ଅଧକ୍ଷା ସୁଶ୍ରୀ ଟୁନୀ ହୁଇକା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ, ଏଡିଇଓ ଭଜନଲାଲ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶିଶୁଙ୍କ ନିକଟରେ ଅନେକ ସମ୍ଭାବନା ପୁରି ରହିଛି। ଉତ୍କୃଷ୍ଟ ପରିବେଶ ପାଇଲେ ସେମାନେ ପ୍ରତିଷ୍ଠିତ ହୋଇ ବିକଶିତ ହେବେ ବୋଲି ବିଧାୟକ ଶ୍ରୀ କାଡ୍ରାକା କହିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁରଭି ମଞ୍ଚ ଦୁଲୁକି ଉଠିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସଭିଏଁ ଉପଭୋଗ କରିଥିଲେ। ଅତିଥିବୃନ୍ଦ ମଧ୍ୟ ପିଲାଙ୍କ ତାଳେ ତାଳେ ନାଚି ଉଠିଥିଲେ। ସସ୍ମିତା ମିଶ୍ର ଓ ଶ୍ରୀଧର ପଟ୍ଟନାୟକ ସଂଯୋଜନା କରିଥିଲେ। ।

# ଟାପିରିକୁପୁଡା ବିଦ୍ୟାଳୟରେ ପୋଷାକ ବିତରଣ




ଚନ୍ଦ୍ରପୁର,୨୪।୧୦(ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ଗ୍ରାମପଞ୍ଚାୟତର ଟାପିରିକୁପୁଡା ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜୁନସ ଦିବାକାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ, ବିଆରସିସି, ଶିଙ୍ଗନା ତାଡିଙ୍ଗି, କୋଷ୍ଟର ସିଆରସିସି, ଦୀନବନ୍ଧୁ ବେହେରା, ବିଦ୍ୟାଳୟର ଶିକ୍ଷକ ସନ୍ତସ କୁମର ପଣ୍ଡା, ଅରୁଣ କୁମାର ପାତ୍ରଙ୍କ ଉପସ୍ଥିତରେ ଆଜି ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ, ବୁଟ୍ , ମୋଜା ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ସନ୍ତୋଷ କୁମାର ପଣ୍ଡା ସହଯୋଗ କରିଥିବା ବେଳେ ପ୍ରଧାନ ଶିକ୍ଷକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା,୨ ଗୁରୁତର

ଗୁଡାରୀ,୨୪।୧୦ (ସମିସ): ଶୁକ୍ରବାର ଦିନ ବଣ୍ଡିଲି ଗ୍ରାମର ଭାସ୍କର ଟୁକୁରୁକା (୨୩) ତାଙ୍କ ମା' ସହ ବାଇକ୍‌ରେ ଆସୁଥିବାବେଳେ ରଞ୍ଜିତ କୁମାର ନାୟକ (୩୨) ଡେପାଗୁଡ଼ା (ଏସବିଆଇ)ରେ ବ୍ୟାଙ୍କ କେସିଆର୍ ନିଜର ଡ୍ୟୁଟିକୁ ଯିବା ସମୟରେ ବାଟଲିହୁରୁଣୀ ପାଖରେ କୌଣସି କାରଣରୁ ବାଇକ୍ ସହ ବାଇକ୍ ଧକ୍କା ହୋଇଥିଲା। ଫଳରେ ଦୁଇ ଜଣ ଗୁରୁତର ହୋଇଛନ୍ତି। ସେଠାରୁ ଆମ୍ବୁଲାନ୍ସ୍ ଯୋଗେ ଶ୍ରୀ ନାୟକ ଏବଂ ଭାସ୍କରଙ୍କୁ ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଭାସ୍କର ଟୁକୁରୁକା ପାଟିବାଟେ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ରାୟଗଡ଼ା ସ୍ଥାନାନ୍ତର କରାଯାଇଛି।

# ଜିଲ୍ଲା ମହିଳା କଂଗ୍ରେସର ସମାବେଶ



ରାୟଗଡ଼ା,୨୪।୧୦(ସମିସ): ରାୟଗଡ଼ା ଜିଲ୍ଲା କଂଗ୍ରେସ ସଭାପତି ତଥା ବିଧାୟକ ଆପଲସ୍ୱାମୀ କାଡ୍ରାକା ଓ ମହିଳା ସଭାନେତ୍ରୀ ନନ୍ଦିଗୌରୀଙ୍କ ନେତୃତ୍ୱରେ ଏକ ସମାବେଶ ହୋଇଥିଲା। ଆଜି ରାୟଗଡା ପୌରାଞ୍ଚଳର କିଛି ମହିଳା ବିଭିନ୍ନ ରାଜନୈତିକ ଦଳ ଛାଡି ଜିଲ୍ଲା ମହିଳା କଂଗ୍ରେସରେ ଯୋଗ ଦେଇଛନ୍ତି। ଏ ନେଇ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଅଶୋକ ହୋଟେଲରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମହିଳା କଂଗ୍ରେସ ସଭାନେତ୍ରୀ ଅମ୍ବିକା ମାଝି, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାବତୀ ମାଣ୍ଡାଙ୍ଗି, ପିପଲଗୁଡ଼ା ସରପଞ୍ଚ ରେଣୁକା ମଣ୍ଡାଙ୍ଗୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ଜୟନ୍ତୀ ମହାରଣାଙ୍କ ସମେତ ବହୁ ମହିଳା ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଆହୁରି ଅଧିକ ମହିଳା, ଯୁବ ଗୋଷ୍ଠୀ କଂଗ୍ରେସରେ ଯୋଗ ଦେବେ ଏବଂ ଦଳକୁ ମଜଭୁତ କରିବେ ବୋଲି ଜିଲ୍ଲା ସଭାପତି ତଥା ବିଧାୟକ କାଡ୍ରକା ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ରାମଚରିତ ମାନସ କାର୍ଯ୍ୟକ୍ରମ

ଗୁଡାରୀ,୨୪।୧୦(ସମିସ): ଗୁଡାରୀ ଦିବ୍ୟ ଜୀବନ ସଂଘ ପ୍ରାଙ୍ଗଣରେ ଶ୍ରୀରାମ ଚରିତ ମାନସ ପ୍ରବଚନ କାର୍ଯ୍ୟକ୍ରମ ଗତ ଗୁରୁବାର ଠାରୁ ଅନୁଷ୍ଠିତ ହେଉଛି। ପ୍ରବଚକ ପ୍ରଭାତି ଦାସ (ମାନସ ମୌଥିଳୀ) ବ୍ରହ୍ମପୁର୍ ଗତ ୨୩ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରବଚନ ଦେବେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭିଡ଼ ହେଉଥିବା ଆୟୋଜକ ଗଣାପତି ପାଠି କହିଛନ୍ତି। ଆୟୋଜକ ଶ୍ରୀ ପାଠି କହିଛନ୍ତି ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରବଚନ କାର୍ଯ୍ୟକ୍ରମ ଚାଲୁରହିବ। ପରିଷଦ ଏବଂ ବ୍ଲକ୍ ଅଞ୍ଚଳର ଲୋକମାନେ ଆସି ଶ୍ରୀରାମଙ୍କ ଚରିତ ଶୁଣିବାକୁ ସେ ଅନୁରୋଧ କରିଛନ୍ତି।

# ସାଇବର ସୁରକ୍ଷା ସଚେତନତା

ବିଷମ କଟକ,୨୪।୧୦(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ଗଜ ବାହାଲ ତାଲିମ ଶିକ୍ଷାନୁଷ୍ଠାନ ପରିଷରରେ ବିଷମ କଟକ ପୋଲିସ୍ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ସାଇବର ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଷମ କଟକ ଏସ୍‌ଡିପିଓ ସନ୍ତୋଷିନି ଓରାମ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ କିପରି ସାଇବର ଠକେଇର ଶିକାର ହେବେ ନାହିଁ ସେଥିପ୍ରତି ସମ୍ୟକ ସୂଚନା ପ୍ରଦାନ କରିଥିଲେ। ରାୟଗଡା ପୋଲିସ୍ ବିଭାଗର ସାଇବର ଏକ୍ସପୋର୍ଟ ଅବିନାସ ରେଡ୍ଡି କାର୍ଯକ୍ରମରେ ଯୋଗ ଦେଇ ସାଇବର ଠକ୍ ମାନେ କିପରି ମୋବାଇଲ ରେ ଓଟିପି, ୱେବସାଇଟ, ଫ୍ୟାକ୍ ମେସେଜ, ସୋସିଆଲ ମିଡ଼ିଆ ହ୍ୟାକିଂ ଆଦି କରି ଲୋକଙ୍କୁ ଠକୁଛନ୍ତି ସେ ଉପରେ ବିସ୍ତୃତ ଭାବେ ଆଲୋଚନ କରିବା ସହ ଏହି ଠକାମି ରୁ କିପରି ନିବୃତ ରହିବେ ତାର କୌଶଳ ଛାତ୍ର ଛାତ୍ରୀ ଙ୍କୁ ବତାଇଥିଲେ। ଗୋଟିଏ ଦିନରେ ସରକାରୀ ଉଚ୍ଚ ବିଦ୍ୟାଳୟ ବିଷମ କଟକ , ବିଷମ କଟକ ଜନଗହଳି ସ୍ଥାନରେ ରହିଥିବା ସ୍ଥାନରେ ସଚେତନା ରଥ ମାଧମ ଲିପଲେଟ୍ ବାଣ୍ଟିବା ସହ ଲୋକ ମାନଙ୍କୁ ମଧ ସାଇବର ସୁରକ୍ଷା ସମ୍ବନ୍ଧରେ ସଚେତନ କରାଯାଇଛି। ବିଷମ କଟକ ଥାନା ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢୀଙ୍କ ପ୍ରତେକ୍ଷ ତତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ମା' ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ



କୋରୁକୋଣ୍ଡା/ବାଲିମେଳା,୨୪।୧୦(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହରର କାଳୀଛକ ଠାରେ ଗତ ସୋମବାର ଠାରୁ ଆରମ୍ଭ ହୋଇଥିବା ମା' ଶ୍ୟାମାକାଳୀଙ୍କ ପୂଜା ଶୁକ୍ରବାର ଶେଷ ହୋଇଛି। ତେବେ ପୂଜା କମିଟି ପକ୍ଷରୁ ଏବଂ ବାଲିମେଳା ଏନଏସିର ନଗରପାଳ ପ୍ରଦୀପ କୁମାର ନାୟକଙ୍କ ତତ୍ୱାବଧାନରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବା ଭସାଣି ଉତ୍ସବରେ ମା' ଶ୍ୟାମାକାଳୀଙ୍କ ମୂର୍ତ୍ତିକୁ ଏକ ଗାଡି ଯୋଗେ କାଳୀଛକରେ ଥିବା ପୂଜା ମଣ୍ଡପରୁ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର, ସ୍ଥାନୀୟ ଆଦିବାସୀଙ୍କ ପକ୍ଷରୁ ପାରମ୍ପରିକ ଢେମସା ଓ କୋୟା ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଏଥିସହ , ଆତସବାଜିର ତାଳେ ତାଳେ ଏକ ଶୋଭାଯାତ୍ରାରେ ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରାଯାଇଥିଲା। ଏହି ଅବସରରେ ସହରର ବିଭିନ୍ନ ସାହିରେ ରହୁଥିବା ଶ୍ରଦ୍ଧାଳୁମାନେ ମା'ଙ୍କର ଶେଷ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂଜା କମିଟିର ସଭାପତି ଅଭିଷେକ ନାୟକ, ଉପ ସଭାପତି ଅଭୟ ପ୍ରସାଦ ନାୟକ, ସମ୍ପାଦକ ପ୍ରତାପ ଚନ୍ଦ୍ର ସ୍ୱାଇଁ, ଯୁଗ୍ମ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ଖରା, ପ୍ରଶାନ୍ତ ମୁଦୁଲୀ, କୋଷାଧକ୍ଷ ସତ୍ୟଜିତ ମୁଦୁଲୀ, କାଳୀଛକ ବଜାର କମିଟିର ସଭାପତି ବିଜୟ କୃଷ୍ଣ ଦାସଙ୍କ ସମେତ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ସହ ସହରର ଶତାଧିକ ଜନସାଧରଣ ଯୋଗ ଦେଇଥିଲେ। ମା'ଙ୍କର ବିସର୍ଜନ ଉତ୍ସବକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବହୁ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା।

# ୧୬ ବର୍ଷରୁ କମ୍ କ୍ରିକେଟ୍ ଖେଳାଳିଙ୍କ କଟକ ଗସ୍ତ



ନବରଙ୍ଗପୁର,୨୫।୧୦(ସମିସ): ରାଜ୍ୟ କ୍ରିକେଟ୍ ସଂଘ ଆନୁକୂଲ୍ୟରେ କଟକ ଠାରେ ଆନ୍ତଃ ଜିଲ୍ଲା ୫୦ ଓଭର କ୍ରିକେଟ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବା ନେଇ ନବରଙ୍ଗପୁର ଜିଲ୍ଲା ଦଳ ଚୟନ କରାଯାଇଛି। ଜିଲ୍ଲା କ୍ରିକେଟ ସଂଘର ସଂପାଦକ ପ୍ରହ୍ଲାଦ ତ୍ରିପାଠୀ ଏକ ୧୫ ଜଣିଆ ଖେଳାଳି ଘୋଷଣା କରିଛନ୍ତି। ଏଥିରେ ଦେବେନ୍ଦ୍ର କୁମାର ରାଉତ ଅଧିନାୟକ ଭାବେ ଚୟନ ହୋଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସାହିଲ ହରିଜନ, ସାହିଲ୍ କୁଜୁର, ଏସକେ. ମହମ୍ମଦ, ରଘୁବିର ପଟ୍ଟନାୟକ, ବାପନ୍ ହୀରା, ସ୍ୱାଧୀନ ପଟ୍ଟନାୟକ, ଆଶୁତୋଷ ଗନ୍ତାୟତ, ସଂଦେଶ କୁମାର ସିଂ, ଅଂଶୁମାନ ପଟ୍ଟନାୟକ, ଚନ୍ଦନ ଗଣ୍ଡ, ବିନିତ ଶର୍ମା, ସିଦ୍ଧି ସ୍ୱରୂପ ପାତ୍ର , ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଚୟନ ହୋଇଛନ୍ତି। ସୁବ୍ରତ ଗଣ୍ଡ କୋଚ୍ ଭାବେ ଏବଂ ମ୍ୟାନେଜର ଭାବରେ ଶଶାଙ୍କ ଶେଖର ବେହେରା ଦାୟିତ୍ୱ ତୁଲାଇବେ ବୋଲି କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ଏମ. ବାଲାକ୍ରୀଷ୍ଣା ରାଓ, କ୍ରୀଡା ସଂଘର କ୍ରିକେଟ ସମ୍ପାଦକ ଅଶୋକ ନାୟକ ସମେତ ସଂଘର ଅନ୍ୟ ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ନବରଙ୍ଗପୁର ଜିଲ୍ଲା ଦଳ ଅକ୍ଟୋବର ୨୮ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର, କିଟ୍ ବିଶ୍ୱବିଦ୍ୟାଳୟ, ନୟାଗଡ଼, ମୟୂରଭଞ୍ଜ ଏବଂ ପୁରୀ ସହ ଲିଗ୍ ମ୍ୟାଚ୍ ଖେଳିବେ। ଜିଲ୍ଲାର ପ୍ରାକ୍ତନ ବରିଷ୍ଠ କ୍ରୀଡାବିତ୍ ମାନେ ଦଳର ସଫଳତା ନିମନ୍ତେ ଶୁଭକାମନା ଜଣାଇଛନ୍ତି।

# ଭିମ୍ସ କଲେଜରେ ଉଦ୍ୟୋଗୀତା ସଚେତନତା କାର୍ଯ୍ୟକ୍ରମ




ରାୟଗଡ଼ା, ୨୪।୧୦(ସମିସ): ଶୁକ୍ରବାର ଦିନ ଭିମ୍ସ ଏମବିଏ ବିଭାଗ ତରଫରୁ ଏକ ଉଦ୍ୟୋଗୀତା ସଚେତନତା କାର୍ଯ୍ୟକ୍ରମ ରାୟଗଡା ବ୍ଲକ ପିତାମହଲ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ସ୍ଥିତ ଭୀମ୍ସ କଲେଜ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦଙ୍କୁ ଛାତ୍ରୀଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା ଏବଂ ଅନୁଷ୍ଠାନର ଅଧକ୍ଷ ଡ଼ଃ. କରୁଣାକର କରକରିଆ ସ୍ୱାଗତ ଭାଷଣ ଓ ଆତିଥ୍ୟ ସମ୍ମାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଲଡିଏମ , ଏସବିଆଇ , ରାୟଗଡାର ଦେବେନ୍ଦ୍ର କୁମାର ବାଉରୀ ଯୋଗ ଦେଇ ଫାଇନାନ୍‌ସିଆଲ ଲିଟ୍ରେସୀ, ବ୍ୟାଙ୍କ ରୋଲ ଫର ଏଣ୍ଟରପ୍ରେନ୍‌ରସିପ ଗ୍ରୋଥ ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ନାବାର୍ଡର ଡିଡିଏମ୍, ରାୟଗଡାର ସନ୍ତୋଷ କୁମାର ସାମଲ ଯୋଗ ଦେଇ ଗ୍ରାମୀଣ ଉଦ୍ୟୋଗୀଙ୍କ ପାଇଁ ଜୀବିକା, ଗ୍ରାମୀଣ ଯୁବକ ଯୁବତୀଙ୍କ ପାଇଁ ନାବାର୍ଡର ପ୍ରୋତ୍ସାହନମୂଳକ କାର୍ଯ୍ୟକଳାପ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଏମ୍‌ଏସଏମଇ, ଡିଏଫ୍‌ଓର ଆସସିଷ୍ଟାଣ୍ଟ ଡାଇରେକ୍ଟର ଏନ କେ. ରତ୍ନମ ଯୋଗ ଦେଇ ଉଦ୍ୟୋଗୀତା ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଗୁଡ଼ିକ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଏମଏସଏମଇ, ଡିଏଫଓର ଆସସିଷ୍ଟାଣ୍ଟ ଡାଇରେକ୍ଟର ଜେ ନିଭେଡା ଯୋଗ ଦେଇ ପିପିଟି ମାଧ୍ୟମରେ ଏମଏସଏମଇ ଯୋଜନା ବିଷୟରେ ସବିଶେଷ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ଭିମ୍ସ ଅନୁଷ୍ଠାନର ଆସିଷ୍ଟାଣ୍ଟ ପ୍ରଫେସର ଭି. ଲାବନ୍ୟା ଦାୟିତ୍ୱ ବହନ କରିଥିଲେ। ବିପିୟୁଟି -ଏଣ୍ଟେମ, ଭୀମ୍ସ ଅନୁଷ୍ଠାନର ଆସିଷ୍ଟାଣ୍ଟ ପ୍ରଫେସର ମନୋଜ କୁମାର ସେନାପତି ଓ ନବୀନ କରକାରିଆ ପରିଚାଳନା କରିଥିଲେ। ସଭାର ମଧଭାଗରେ ଭିମ୍ସ କଲେଜର ପ୍ରିନସିପାଲ ଡ. କରୁଣାକର କଙ୍କନ, ଅତିଥି ମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଭୀମ୍ସ କଲେଜର ଆସୋସିଏଟ ପ୍ରଫେସର ଓ ଏଚଓଡି , ମ୍ୟାନେଜେମେଣ୍ଟ ଡିପାର୍ଟମେଣ୍ଟର ବେଦ ପ୍ରକାଶ କର ଧନ୍ୟବାଦ ଦେଇଥିଲେ।

### ସ୍କୁଲ ଜମିକୁ ନେଇ ବିବାଦ

# ଗଛ ମୂଳେ ପାଠପଢ଼ିଲେ ଛାତ୍ରଛାତ୍ରୀ



## ଏତଲା ଦେଲେ ସ୍କୁଲ କମିଟି ଓ କର୍ତ୍ତୃପକ୍ଷ

ଚନ୍ଦାହାଣ୍ଡି,୨୪।୧୦(ସମିସ), ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ଗ୍ରାମରେ ଆଜି ଅଭାବନୀୟ ଘଟଣା ଘଟିଛି। ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜମି ବିବାଦ ପରେ ଛାତ୍ରଛାତ୍ରୀ ଭୟଭୀତ ହୋଇ ଗଛ ମୂଳେ ପାଠ ପଢ଼ିଛନ୍ତି। ଏହାକୁ ନେଇ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନାନୁଯାୟୀ, କେନ୍ଦୁଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରକାରୀ ଜମିରେ ୧୯୬୨ ମସିହାରୁ ଅବସ୍ଥିତ ରହିଛି। ତେବେ ଘଣ୍ଟିଗୁଡା ଗ୍ରାମର ନୂଆ ମାଝୀ ଓ ତାଙ୍କ ସ୍ତ୍ରୀ ରୁକ୍ମଣୀ ମାଝୀ ବିଦ୍ୟାଳୟ ହୋଇଥିବା ସମ୍ପୂର୍ଣ୍ଣ ଜାଗା ସେମାନଙ୍କର ବୋଲି କହି ବର୍ଷେ ତଳେ ବିଦ୍ୟାଳୟ ସମ୍ମୁଖ ସରକାରୀ ଜାଗାରେ ଜବରଦସ୍ତ ଏକ ଘର ତିଆରି କରି ରହିଆସୁଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ, ବିଦ୍ୟାଳୟ ପରିଚାଳନା କମିଟି ତଥା ଗ୍ରାମବାସୀ ତାଙ୍କୁ ବହୁବାର ବୁଝାସୁଝା ପରେ ମଧ୍ୟ ସେ ନିଜ ଜିଦରେ ଅଟଳ ରହି କାହାକଥା ଶୁଣୁ ନାହାନ୍ତି। ବହୁ ସମୟରେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏହାର ସ୍ଥାୟୀ ସମାଧାନ ପାଇଁ ଚନ୍ଦାହାଣ୍ଡି ତହସିଲଦାର ଓ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହାକୁ ସେ ଗୁରତ୍ୱ ଦେଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଜି ବିଦ୍ୟାଳୟ ଖୋଲିବା ପରେ ଅତର୍କିତ ଭାବେ ନୂଆ ମାଝୀ ଓ ତାଙ୍କ ପତ୍ନୀ ରୁକ୍ମଣୀ ମାଝୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଢେଲା ପଥର ଫିଙ୍ଗି କୁରାଢ଼ୀ କୋଦାଳ ଧରି ଆକ୍ରମଣ କରିଥିଲେ। ଏହା ଦେଖି ସମସ୍ତେ ଭୟଭୀତ ହୋଇ ଗ୍ରାମବାସୀଙ୍କ ଆଶ୍ରୟ ନେଇଥିଲେ। ନିରୂପାୟ ହୋଇ ଛାତ୍ରଛାତ୍ରୀ ଗାଁ ମଝିରେ ଥିବା ଗଛ ମୂଳରେ ଆଜି ପାଠ ପଢିଥିବା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରକାଶ କରିଛନ୍ତି। ଏନେଇ ଗ୍ରାମବାସୀ ଚନ୍ଦାହାଣ୍ଡି ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଏହାସହ ଚନ୍ଦାହାଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଲିଖିତ ଅବଗତ କରିଛନ୍ତି। ଆଜିର ଘଟଣା ପରେ ଅତିରିକ୍ତ ତହସିଲଦାର ସୁମିତ କୁମାର ମଣ୍ଡଳ ଗ୍ରାମକୁ ଯାଇ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ଅଭିଯୋଗ ପରେ ପୋଲିସ ଗ୍ରାମକୁ ଯାଇ ତଦନ୍ତ କରି ନୂଆ ମାଝୀ ଓ ତାଙ୍କ ପତ୍ନୀ ରୁକ୍ମଣୀ ମାଝୀଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ଜିଆଇଇଟି ବିଶ୍ୱବିଦ୍ୟାଳୟ ପୁରସ୍କୃତ



ଗୁଣୁପୁର,୨୪।୧୦(ସମିସ): ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ ସମ୍ମାନିତ ହୋଇଛି। ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜର ଟ୍ରାନ୍ସଫିଜନ ମେଡିସିନ୍ ଏବଂ ଓଡ଼ିଶା ବ୍ଲଡ ସେଣ୍ଟର ବିଭାଗ ପକ୍ଷରୁ ଆୟୋଜିତ ଏହ ଉତ୍ସବରେ ସମ୍ମାନିତ କରାଯାଇଥିଲା। ମେଡିକାଲ କଲେଜର ଡିନ ତଥା ଅଧ୍ୟକ୍ଷ ଡ. ସୁଚିତ୍ରା ଦାସ, ଅଧୀକ୍ଷକ ଦୁର୍ଗା ମାଧବ ଶତପଥି,ରେଜିଷ୍ଟ୍ରାର ଡ ସଂଗ୍ରାମ ଶେଖର ପଣ୍ଡା ଓ ବିଭାଗୀୟ ମୁଖ୍ୟ ପ୍ରଫେସର ସବିତା ପଲେଇ ଉପସ୍ଥିତରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ବାଣୀ ପ୍ରସାଦ ନାୟକଙ୍କୁ ମାନପତ୍ର ଓ ଫଳକ ସହ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଉଲ୍ଲେଖଯୋଗ୍ୟ, ବିଶ୍ୱ ବିଦ୍ୟାଳୟ ପକ୍ଷରୁ ବିଗତ ଏକ ଦଶନ୍ଧି ହେବ ଏହି ଭଳି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ରାୟଗଡା ଜିଲ୍ଲା ଗୁଣୁପୁର ରକ୍ତଭଣ୍ଡାର, ରାୟଗଡ଼ା ରକ୍ତ ଭଣ୍ଡାର, ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ରକ୍ତଭଣ୍ଡାର, ଗଞ୍ଜାମ ଜିଲ୍ଲାର ଏମ କେ ସି ଜି ମେଡିକାଲ କଲେଜ ରକ୍ତଭଣ୍ଡାର ରକ୍ତଦାନ କରି ବହୁ ରକ୍ତହୀନତା ରୋଗୀମାନଙ୍କୁ ରକ୍ତ ଯୋଗାଉଥିବା ଜଣାପଡିଛି। ଏହି ସମ୍ମାନ ଦ୍ୱାରା ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ମାନଙ୍କ ମଧ୍ୟରେ ଖୁସିର ବାତାବରଣ ଖେଳିଯାଇଛି। ବିଶ୍ୱ ବିଦ୍ୟାଳୟର ସଭାପତି ଡ. ସତ୍ୟ ପ୍ରକାଶ ପଣ୍ଡା, ଉପ ସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, କୁଳପତି ଡ ଏଭିଏନ ଏଲ ଶର୍ମା ,ରେଜିଷ୍ଟ୍ରାର ଡ .ଏନ ଭି ଜେ ରାଓ ପ୍ରମୁଖ ସେବା ଯୋଜନାର ଅଧିକାରୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ମଦମୁକ୍ତ ପଞ୍ଚାୟତ ପାଇଁ ଅଣ୍ଟାଭିଡ଼ିଲେ ଗ୍ରାମବାସୀ



କୋଷାଗୁମୁଡା,୨୪।୧୦(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡିଙ୍ଗା ପଞ୍ଚାୟତଠାରେ ମଦମୁକ୍ତ ପଞ୍ଚାୟତ ପାଇଁ ଅଣ୍ଟା ଭିଡିଲେ ଗ୍ରାମବାସୀ। କୋଡିଙ୍ଗା ପଞ୍ଚାୟତରେ ବେଆଇନ ମଦ ବିକ୍ରି ବନ୍ଦ କରିବା ଦାବିରେ ଗ୍ରାମବାସୀ ଏବଂ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋଡିଙ୍ଗା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୧୫ଦିନ ମଧ୍ୟରେ ଯଦି ମଦ ବିକ୍ରି ବନ୍ଦ କରାନଯାଏ, ତେବେ ସମସ୍ତେ ଆନ୍ଦୋଳନ କରିବା ସହ ଆଇନ ହାତକୁ ନେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆଜି ଶତାଧିକ ଗ୍ରାମବାସୀ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରୁ ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ମଦ ବିରୋଧୀ ସ୍ଲୋଗାନ ଦେଇ ଏକ ବିଶାଳ ରାଲି କରି ଗ୍ରାମ ପରିକ୍ରମା କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଧାନ କରିଥିଲେ। ଗ୍ରାମବାସୀଙ୍କ କହିବା ପ୍ରକାରେ କୋଡିଙ୍ଗାଠାରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ ପରିବାର ବସବାସ କରନ୍ତି। ବସବାସ କରୁଥିବା ମୋଟ ପରିବାରରୁ ଶତକଡା ୮୦ ଭାଗ ଭାଗ ନିରକ୍ଷର ଓ ଗରିବ ପରିବାର ଜୀବନ ଜୀବିକା ପାଇଁ ସାଧାରଣତ ଚାଷ ଓ କୁଲି ମଜୁରି ଉପରେ ନିର୍ଭର କରୁଛନ୍ତି। ଗତ ବର୍ଷକ ମଧ୍ୟରେ ଗ୍ରାମରେ ୪୦ରୁ ୫୦ ବେଆଇନ ମଦ ଦୋକାନ ଖୋଲି ପ୍ରବଳ ମାତ୍ରାରେ ଦେଶୀ ଓ ବିଦେଶୀ ମଦ ବେଆଇନ ଭାବେ ବିକ୍ରି ବଢି ଚାଲିଛି। ଉକ୍ତ ମଦକୁ ସେବନ କରି ଗ୍ରାମର ଅଧିକାଂଶ ଲୋକ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି। ଏଥିସହ ଅତ୍ୟଧିକ ମଦ୍ୟପାନ ଯୋଗୁଁ କିଛି ବର୍ଷ ମଧ୍ୟରେ ଯୁବକ ଓ ନାବାଳକ ମାନଙ୍କର ଅକାଳ ମୃତ୍ୟୁ ଘଟୁଅଛି। ସବୁଦିନ ପ୍ରାୟତଃ ଲୋକମାନେ ମଦ ପିଇ ପାଟି ତୁଣ୍ଡ କରି ରାତି ସାରା ଗୋଣ୍ଡଗଳ କରି ଲୋକମାନଙ୍କୁ ଠିକ ଭାବରେ ରାସ୍ତାରେ ଚାଲିବାକୁ ମଧ୍ୟ ଦେଉନାହାନ୍ତି। କୋଡିଙ୍ଗା ଗ୍ରାମର ଛୋଟ ଛୋଟ ପିଲାମାନେ ମଧ ଏହି ଜହର ସାଜିଥିବା ମଦର ଶିକାର ହୋଇ ସାରିଲେଣି। ଛୋଟ ଛୋଟ ପିଲା, ଯୁବକମାନେ କାମ ଧନ୍ଦା ନ କରି ମଦ ପିଇ ମହିଳା ମାନଙ୍କୁ ଅସଭ୍ୟ ଭାଷାରେ ମନ୍ତବ୍ୟ ଦେବା ସହ ଛୋଟ ଛୋଟ ଜିନିଷ ଚୋରୀ କରି କୁପଥଗାମୀ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ବେଆଇନ ମଦ ବିକ୍ରିକୁ ବନ୍ଦ କରିବା ନେଇ ଗତ ୨୮/୦୬/୨୦୨୫ ଦିନ ଆମ୍ଭେ କୋଡିଙ୍ଗା ଥାନା ଓ କୋଡିଙ୍ଗା ଅବକାରୀ ବିଭାଗକୁ ମଦ ବିକ୍ରି ବନ୍ଦ ପାଇଁ ଲିଖିତ ଭାବେ ଅଭିଯୋଗ କରିଥିଲେ ମଧ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ହୋଇ ନଥିଲା। ତେଣୁ ସେମାନେ ୧୩/୦୯/୨୦୨୫ ରିଖରେ ନବରଙ୍ଗପୁର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଦାଖଲର ଏକ ମାସ ପରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ପରେ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

# ଅହିରାଜ ସାପ ଉଦ୍ଧାର

ବାଲିମେଳା/କୋରୁକୋଣ୍ଡା,୨୪।୧୦(ସମିସ) ମାଲକାନଗିରି ଜିଲ୍ଲା ବାଲିମେଳା ସହରର ୧୨ ନଂ ୱାର୍ଡ ଭୁକ୍ତ ଡମ୍ପିଙ୍ଗ ୟାର୍ଡ କଲୋନୀର ଜଣେ ବ୍ୟକ୍ତିଙ୍କ ଘରୁ ଶୁକ୍ରବାର ଅପରାହ୍ନ ସମୟରେ ଏକ ବିରାଟ ଅହିରାଜ ସାପ ଉଦ୍ଧାର ହୋଇଛି। ସାପଟିକୁ ଉଦ୍ଧାର କରିଛନ୍ତି ସ୍ନେକ କ୍ୟାଚର ରାଜେନ୍ଦ୍ର ଖରା। ମିଳିଥିବା ସୂଚନା ମୁତାବକ



ଅପରାହ୍ନ ସମୟରେ ଘରେ କେହି ନଥିବା ହେତୁ ଏହାର ସୁଯୋଗ ନେଇ ସାପଟି ଏକ ମୂଷାକୁ ଖାଇବା ନିମନ୍ତେ ଗାତ ମଧ୍ୟକୁ ପ୍ରବେଶ କରିଥିଲା। ମୂଷାଟିକୁ ଖାଇ ସାପଟି ଅନ୍ୟତ୍ର ଘୁଞ୍ଚି ନ ପାରି ଚିତ୍କାର କରିବା ହେତୁ ପଡୋଶୀ ଲୋକେ ଧାଇଁ ଆସି ସାପକୁ ଦେଖିଥିଲେ। ଫୋନ ଯୋଗେ ସ୍ନେକ କ୍ୟାଚର ରାଜେନ୍ଦ୍ରଙ୍କୁ ଜଣାଇବା ପରେ ରାଜେନ୍ଦ୍ର ପହଞ୍ଚି ଦୀର୍ଘ ସମୟର କସରତ ପରେ ଅହିରାଜଟିକୁ ଧରିବାରେ ସକ୍ଷମ ହୋଇଥିଲେ। ଅହିରାଜଟି ୭ ଫୁଟ ଲମ୍ବ ରହିଥିବା ବେଳେ ମୂଷାଟିକୁ ଗିଳି ଦେଇଥିବା ହେତୁ ଅନ୍ୟତ୍ର ଯାଇ ପାରିନଥିବା ଜଣାପଡିଛି। ସ୍ନେକ କ୍ୟାଚର ରାଜେନ୍ଦ୍ର ଅହିରାଜଟିକୁ ସୁରକ୍ଷିତ ଭାବେ ନାକାମାମୁଡି ଅଞ୍ଚଳର ଡୁମରିପଦର ଜଙ୍ଗଲରେ ଛାଡି ଦେଇଥିବା କହିଛନ୍ତି।

# ଦୈନିକ ୧୦ ଘଣ୍ଟା କାର୍ଯ୍ୟକୁ ଏଆଇଟିୟୁସିର ବିରୋଧ

ଜୟପୁର, ୨୪।୧୦, (ସମିସ) : ଦୈନିକ ୧୦ ଘଣ୍ଟା ସମୟ ମଜୁରୀ କରିବାକୁ ଏଆଇଟିୟୁସିର ତିନୋଟି ସଂଗଠନ ବିରୋଧ କରିଛି। ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଶ୍ରମିକ ନେତ ପ୍ରମୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ। ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଯୋଗଦେଇ ରାଜ୍ୟ ବିଜେପି ସରକାର ଦୈନିକ କାର୍ଯ୍ୟ ସମୟ ୮ ଘଣ୍ଟା ବଦଳରେ ୧୦ ଘଣ୍ଟା ଧାର୍ଯ୍ୟ କରିବା ପାଇଁ ଘୋଷଣା କରିଛନ୍ତି ଏବଂ ମହିଳା ମାନଙ୍କୁ ସବୁ କ୍ଷେତ୍ରରେ ରାତ୍ରିକାଳୀନ କାର୍ଯ୍ୟ କରିବା ପାଇଁ ଆଇନ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ତେଣୁ ଏହାକୁ ଅସମ୍ବିଧାନୀକ ବୋଲି ଅଭିଯୋଗ ନେଇ ଏଆଇଟିୟୁସି ପକ୍ଷରୁ ରାଜ୍ୟ ସରକାରଙ୍କୁ ବୈଠକରେ ସମାଲୋଚନା କରିବା ସହ ମହିଳା ମାନଙ୍କ ପାଇଁ ଏହା ସମ୍ବେଦନଶୀଳ ବୋଲି ଅଭିଯୋଗ କରାଯାଇଛି। ଏହାକୁ ବିରୋଧ କରାଯାଇ ଆସନ୍ତା ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଜିଲ୍ଲାରେ ବିକ୍ଷୋଭ ଆନ୍ଦୋଳନ କରିବା ଅଗଣତାନ୍ତ୍ରିକ ପନ୍ଥାର ପ୍ରତ୍ୟାହାର ପାଇଁ ରାଜ୍ୟ ସରକାରଙ୍କୁ ଦାବି ପତ୍ର ପ୍ରଦାନ କରାଯିବ ଏବଂ ଯଦି ସରକାର ନ ଶୁଣନ୍ତି ସବୁ ଶ୍ରମିକ ସଂଗଠନ ଡିସେମ୍ବର ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଠାରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଆସନ୍ତା ଅକ୍ଟୋବର ୩୧ ତାରିଖରେ ସମସ୍ତ ଜିଲ୍ଲା ଓ ବ୍ଲକ୍‌ରେ ଏଆଇଟିୟୁସି ପ୍ରତିଷ୍ଠା ଦିବସ ପାଳନ ହେବ ଓ ଜିଲ୍ଲାର ଶ୍ରମିକ ମାନଙ୍କ ସମସ୍ୟା ନେଇ ଆନ୍ଦୋଳନ ସହ୍ ଦାବି ପତ୍ର ପ୍ରଦାନ କରାଯିବ। ଏହି ବୈଠକରେ ଶ୍ରମିକ ନେତା ଯୁଧିଷ୍ଠିର ରାଉଳ, ଉତ୍ତମ ମଲ୍ଲିକ,ଡମାଇ ମାଝୀ,ସନାତନ ସାହୁ, ଭାନୁ ପୂଜାରୀ,ମହାନନ୍ଦ ଦୁର୍ଗା, ସିପିଆଇ ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ବାର୍ଷିକୀ ପାଇଁ ପ୍ରସ୍ତୁତି

ମାଲକାନଗିରି,୨୪।୧୦(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ ଉପଲକ୍ଷେ ମାଲକାନଗିରି ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲା ସାଂସଦଙ୍କ ପ୍ରତିନିଧି ସଞ୍ଜୟ ସରକାର, ବିଧାୟକଙ୍କ ପ୍ରତିନିଧି ନିହାର ରାୟ, ସଂସ୍କୃତି ଅଧିକାରୀ ସଂତ୍ରାସ ନାରାୟଣ ପଣ୍ଡା, କ୍ରୀଡ଼ା ଅଧିକାରୀ ଏବଂ ଜିଲ୍ଲା ବିଜେପିର ବରିଷ୍ଠ ନେତା ଭବାନୀ ଶଙ୍କର ମୁଖାର୍ଜୀ ଓ ମାଣିକ ଚକ୍ରବର୍ତୀ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମ ନଭେମ୍ବର ୧୧ ତାରିଖରେ ଜିଲ୍ଲାରେ ଆୟୋଜିତ ହେବ। ଏମଭି-୭ ଗ୍ରାମ ଠାରୁ ମାଲକାନଗିରି ସଦର ସ୍ଥିତ ଡିଏନକେ ଖେଳ ପଡିଆ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ଆୟୋଜନ କରାଯିବ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ରମକୁ ସଫଳ ଓ ସ୍ମରଣୀୟ କରିବା ପାଇଁ ସମସ୍ତ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିଛନ୍ତି।

# କିନ୍ନରଙ୍କ ମୁର୍ଗାମାତା ପୂଜାର୍ଚ୍ଚନା



ଜୟପୁର,୨୪।୧୦(ସମିସ): ଜୟପୁର ବାଇପାସ ରୋଡ ଚନ୍ଦବାଡ ବିଦ୍ୟାଳୟ ନିକଟରେ କିନ୍ନର ମାନଙ୍କ ପକ୍ଷରୁ ମୁର୍ଗାମାତା ପୂଜାର୍ଚ୍ଚନା ଗତ ଦୀପାବଳୀ ଠାରୁ ଆରମ୍ଭ ହୋଇଛି। କିନ୍ନର ମାନଙ୍କ ପରମ୍ପରା ଅନୁଯାୟୀ ମୁର୍ଗାମାତା ସେମାନଙ୍କ ଶାଶୁ। ତେଣୁ ପ୍ରତ୍ୟେକବର୍ଷ ଦୀପାବଳି ବିଳିମ୍ବିତ ରାତିରେ ଦେବୀଙ୍କ ମାଟିରେ ନିର୍ମିତ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ଏହି ପୂଜା ଆୟୋଜନ କରାଯାଇଥାଏ। ପୁରିହିତଙ୍କ ଦ୍ୱାରା ହୋମଯଜ୍ଞ ସହିତ କିନ୍ନର ମାନେ ମିଳିତ ଭାବେ ୧୦ ଦିନ ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରିବା ପରେ ଏକ ଶୋଭାଯାତ୍ରାରେ ବିସର୍ଜନ କରାଯାଇଥାଏ। ବିଶ୍ୱ କଲ୍ୟାଣ ପାଇଁ ଦେବୀଙ୍କୁ ପ୍ରାର୍ଥନା କରିବା ସହ ଛୋଟ ଛୋଟ ଛୁଆ ମାନଙ୍କୁ ଦେବୀଙ୍କ ପ୍ରସାଦ ସଂଧ୍ୟାରେ ବଣ୍ଟନ କରାଯାଇଥାଏ। ଏଥିରେ ଜୟପୁର ସହର ସମେତ ଆଖପାଖର କିନ୍ନର ମାନେ ଯୋଗ ଦେଇଥାଆନ୍ତି।

# ଦୁର୍ଘଟଣା ବୀମା ରାଶି ପ୍ରଦାନ




ମାଲକାନଗିରି,୨୪।୧୦(ସମିସ): ମାଲକାନଗିରି ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ତରଫରୁ ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟରେ ୪୦ଲକ୍ଷର ଚେକ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ ଯୋଗଦେଇ କୁସୁମ ଦୋରା ସ୍ୱାମୀ ସ୍ୱର୍ଗତ ବୁଦ୍ରା ଦୋରାଙ୍କୁ ୪୦ ଲକ୍ଷର ଚେକ ପ୍ରଦାନ କରିଥିଲେ। ପ୍ରକାଶ ଥାଉ କି ବୁଦ୍ରା ଦୋରା, ପୁଲିସ କନଷ୍ଟେବଳ ଦୁର୍ଘଟଣାରେ ମତ୍ୟୁବରଣ କରିଥିଲେ। ସ୍ୱର୍ଗତ ଦୋରା ଭାରତୀୟ ଷ୍ଟେଟ ବ୍ୟାଙ୍କରେ ପୋଲିସ ସାଲାରୀ ପାକ୍କେଜରେ ଦରମା ଖାତା ଖୋଲିଥିଲେ। ସେଥିପାଇଁ ତାଙ୍କୁ ୪୦ ଲକ୍ଷ ଟଙ୍କା ବୀମା ରାଶି ଷ୍ଟେଟ ବ୍ୟାଙ୍କ ତରଫରୁ ପ୍ରଦାନ କରାଗଲା। ବର୍ତମାନ ଷ୍ଟେଟ ବ୍ୟାଙ୍କରେ ପୋଲିସ ସାଲାରୀ ପାକ୍କେଜ ଅଧିନରେ ଖାତା ଥିଲେ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୧କୋଟି ଏବଂ ସାଧାରଣ ମୃତ୍ୟୁ ପାଇଁ ୧୦ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ମାଲକାନଗିରି ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ବିନୋଦ କୁମାର ବିଷୋୟୀ ଆୟୋଜନ କରିଥିଲେ। ଏଲଡିଏମ ଚକ୍ରଧର ନାୟକ, ସହ ପରିଚାଳକ ସୌମ୍ୟ ରଞ୍ଜନ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଭୀମଭୋଇ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ

ପଡିଆ,୨୪।୧୦(ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ସମ୍ମିଳନୀ କକ୍ଷରେ ଚଳିତ ବର୍ଷ ଲାଗି ହେବାକୁ ଥିବା ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ଦିନରେ ପଡିଆ ବ୍ଲକର ଆଠଗୋଟି ପଞ୍ଚାୟତରେ ହେବାକୁ ଥିବା ପଞ୍ଚାୟତ ସ୍ତରୀୟ ଓ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିରକୁ କିଭଳି ସୁରୁଖୁରୁରେ ଅନୁଷ୍ଠିତ କରାଯାଇ ପାରିବ ସେ ନେଇ ଆଲୋଚନା କରିଥିଲେ। ଏଥିସହ ବିଭିନ୍ନ ପଞ୍ଚାୟତ ସ୍ତରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେହି ପଞ୍ଚାୟତର ଅଧିକାରୀ ଓ ବ୍ଲକ ଅଧିକାରୀଙ୍କୁ ନିୟୋଜନ ଲାଗି ଟାଗିଙ୍ଗ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସମୀକ୍ଷକ ଅଧିକାରୀ ଦେଶା କମରାମି ପରିଚାଳନା କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଡିଆ ବ୍ଲକ ସାଂସଦଙ୍କ ପ୍ରତିନିଧି ପି ଭେଙ୍କଟେଶ୍ୱର ରାଓ, ବ୍ଲକ ବିଧାୟକଙ୍କ ପ୍ରତିନିଧି ମନ ଦୀପଙ୍କର ରାୟ, ଅମିତ କୁମାର ନମଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ବିଜେଡିର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟାଙ୍କ ପରଲୋକ



କାକିରିଗୁମା,୨୪।୧୦ (ସମିସ): କୋରାପୁଟ ରାୟଗଡ଼ା ୩୨୬ ନମ୍ବର ଜାତୀୟ ରାଜପଥର ଖୁଡ଼ିପଦର ଛକ ନିକଟରେ କାର ଦୁର୍ଘଟଣାରେ ଲକ୍ଷ୍ମୀପୁର ବ୍ଲକ ୧ ନଂ ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ବିଜେଡି ନେତ୍ରୀ ପୁଷ୍ପା କୌଶଲ୍ୟା ପ୍ରାଣ ହରାଇଛନ୍ତି। ସୂଚନା ଅନୁଯାୟୀ ଲକ୍ଷ୍ମୀପୁର ବବ୍ଲକ୍ ଅନ୍ତର୍ଗତ କେଲାର ଗ୍ରାମର ପିଣ୍ଟୁ କୌଶଲ୍ୟା,ସ୍ତ୍ରୀ ପୁଷ୍ପା କୌଶଲ୍ୟା ଏବଂ ଦୁଇଟି ସନ୍ତାନ ନିଜ ଗ୍ରାମ କେଲାରରେ ଦୀପାବଳି ପାଳନ ପାଇଁ ଯାଇଥିଲେ। ଦୀପାବଳି ସରିବା ପରେ ଗୁରୁବାର ରାତିରେ ଦାମନଯୋଡି କାର ଯୋଗେ ଫେରୁଥିବାବେଳେ ଖୁଡ଼ିପଦର ଛକ ନିକଟରେ ଭାରସାମ୍ୟ ହରାଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଲକ୍ଷ୍ମୀପୁର ଚିକିତ୍ସାଳୟରେ ନେଇ ଥିଲେ । କିନ୍ତୁ ସେଠାରେ କୌଶଲ୍ୟାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶୁକ୍ରବାର ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା କାକିରିଗୁମ୍ମା ପୁଲିସ୍ ସୂଚନା ଦେଇଛନ୍ତି। ଶ୍ରୀମତି କୌଶଲ୍ୟା ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନ ଲଢି ୨୦୧୭-୨୨ ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ସଦସ୍ୟା ରହିଥିଲେ। ତାଙ୍କ ବିୟୋଗରେ ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ ପ୍ରଭୁ ଜାନି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

# ମିଲରୁ କାଜୁ ଚୋରି ,୨ ଅଟକ

ଜୟପୁର,୨୪।୧୦(ସମିସ): ଜୟପୁର ସଦରଥାନା ଆମ୍ବାଗୁଡା ଗ୍ରାମ ନିକଟସ୍ଥ ରତାଖଣ୍ଡିଗୁଡା ଠାରେ ରହିଥିବା ଏକ କାଜୁ ମିଲରୁ ୧୧ କ୍ୱିଣ୍ଟାଲ କାଜୁ ଚୋରି ହୋଇଥିବା ମାମଲାରେ ଆଜି ସଦର ଥାନା ପୁଲିସ ୨ଜଣ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ଗତ ୧୭ ତାରିଖ ରାତିରେ ଆମ୍ବାଗୁଡା ଗ୍ରାମପଞ୍ଚାୟତର ରତାଖଣିଗୁଡାର ଏକ କାଜୁ ମିଲରୁ ପ୍ରାୟ ୧ଲକ୍ଷ ୬୫ ହଜାର ଟଙ୍କାର ୧୧ କ୍ୱିଣ୍ଟାଲ କଞ୍ଚା କାଜୁ ଦୁର୍ବୃତ୍ତ ମାନେ ଚୋରି କରିଥିବା ନେଇ ଥାନାରେ କାଜୁ ମିଲ ମାଲିକଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିଲା। ସଦରଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲେ ।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



ବିଷମ କଟକ,୨୪।୧୦(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ସଦର କଲ୍ୟାଣ ମଣ୍ଡପ ଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମାଁ ମାର୍କମା ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଉମାଶଙ୍କର ରତ୍ନାଲୁ, ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଭାରପ୍ରାପ୍ତ ଅଧ୍ୟକ୍ଷ ଜଗନ୍ନାଥ ମେହେର, ଏବିଓ ସମୋନାଥ ୱାଡକା ଏବଂ ମାଧବ ସାରକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକରେ ଥିବା ସମସ୍ତ ବିଦ୍ୟାଳୟରୁ ୪୨୦ ଜଣ ପ୍ରତିଯୋଗ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ୧୦୫ରୁ ଅଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉପସ୍ଥିତ ରହି ସମସ୍ତ ପ୍ରତିଯୋଗିତା କରାଇଥିଲେ। ପ୍ରତିଯୋଗିତାରେ ପ୍ରଥମ,ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ପାଇଥିବା କୃତି ପ୍ରତିଯୋଗୀମାନଙ୍କୁ ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ତହସିଲଦାର କେ ଭେଙ୍କଟେଶ୍ୱର ରେଡ଼ି,ବ୍ଲକ ଉପାଧ୍ୟକ୍ଷ ଦେବୀପ୍ରସାଦ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନି ଅତିଥି ଭାବେ ଯୋଗ ଦେଇ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରିଛନ୍ତି।

# ବିଧାୟକଙ୍କ ବିରୁଦ୍ଧରେ ଜନପ୍ରତିନିଧିଙ୍କ ମେଳି



ଖଇରପୁଟ,୨୪।୧୦(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ସମସ୍ତ ୧୧ ପଞ୍ଚାୟତର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ମିଳିତ ହୋଇ ଚିତ୍ରକୋଣ୍ଡା ବିଧାୟକଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଏକ ଦାବିପତ୍ର ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ରାଜ୍ୟ ସରକାରଙ୍କ ବିକଶିତ ଗ୍ରାମ ବିକଶିତ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମର ବିକାଶ ଦିଗରେ ବିଭିନ୍ନ ଉନ୍ନୟନ ମୂଳକ କାମ ହେଉଛି ଏବଂ ଗ୍ରାମର କେଉଁ କେଉଁ କାମ ହେବ ଗ୍ରାମସଭା, ପଲ୍ଲିସଭାରେ ସ୍ୱୀକୃତି ପାଇ ସରକାରଙ୍କ ଅନୁମୋଦନ ପାଇଁ ଯାଉଛି ଏବଂ ସେଥିରୁ ୪୦ ପ୍ରତିଶତ ଉନ୍ନୟନମୂଳକ କାର୍ଯ୍ୟ ବିଧାୟକ ନିଜ ଇଚ୍ଛା ମୁତାବକ ଦେବାର ପ୍ରାବଧାନ ଅଛି । କିନ୍ତୁ କାମ ଗୁଡିକ ଅନୁମୋଦନ ହୋଇ ଆସିଲା ପରେ ବିଧାୟକ ସମସ୍ତ କାମର ଠିକାଦାରୀ କଂଗ୍ରେସ କର୍ମୀ କରିବେ ବୋଲି ବ୍ଲକ ପ୍ରଶାସନକୁ ଚାପ ପକାଉଛନ୍ତି । ଫଳରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ଉନ୍ନୟନ କାମରେ କୌଣସି ଭୂମିକା ରହୁନାହିଁ। ତେଣୁ ଖଇରପୁଟ ବ୍ଲକ ଅଧ୍ୟକ୍ଷଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ ଏକଜୁଟ ହୋଇ ବିଧାୟକ କେଉଁ ଅଧିକାରରେ ସମସ୍ତ କାମକୁ କଂଗ୍ରେସ କର୍ମୀଙ୍କ ଭିତରେ ବାଣ୍ଟିବାକୁ ଦାବିକରୁଛନ୍ତି ବୋଲି ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ଆସିଥିବା ସମସ୍ତ କାମରେ ପଞ୍ଚାୟତ ପ୍ରତିନିଧିଙ୍କ ଅଗ୍ରାଧିକାର ରହୁ ବୋଲି ଦାବି କରିଥିଲେ।

## ଥାଇଲାଣ୍ଡ ଅର୍ନ୍ତଜାତୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନ୍‌ସିପ୍

# ଭାଗନେବେ ରାୟଗଡ଼ା ଝିଅ ସ୍ୱିଟି ପ୍ରଧାନ



ରାୟଗଡ଼ା,୨୪।୧୦(ସମିସ): ଚଳିତ ଅକ୍ଟୋବର ମାସ୨୮ ତାରିଖରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡ ଦେଶରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ -୨୦୨୫ରେ ଚମକିବେ ରାୟଗଡ଼ା ମାଟିର ଝିଅ ତଥା ଖେଳାଳୀ ସ୍ୱିଟି ପ୍ରଧାନ। ଏହି ଚାମ୍ପିଅନସିପରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଓଡିଶାର ଏକମାତ୍ର ବାଳିକା ବର୍ଗର ବ୍ୟାଡମିଣ୍ଟନ ଖେଳାଳି ହେଉଛନ୍ତି ସ୍ୱିଟି। ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସ୍ୱିଟି ଅଂଶଗ୍ରହଣ କରିଥିବାରୁ ଏହା ତାଙ୍କ ପାଇଁ ଏକ ବିରାଟ ସମ୍ମାନ ବୋଲି କହିବା ସହ ଆର୍ନ୍ତଜାତୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଉଥିବାରୁ ତାଙ୍କ ସହିତ ଆମେ ଠିଆ ହୋଇ ରହିଛୁ ଏବଂ ତାଙ୍କର ଏହି ସଫଳତାକୁ ପ୍ରଶଂସା କରି ରାୟଗଡ଼ା ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ତରଫରୁ ୧୩୦୦୧ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି ଆସୋସିଏସନର ସଭାପତି ହିମାଂଶୁ ଶେଖର ପାଣ୍ଡିଆ, ସଂପାଦକ ସୁରେଶ ଚନ୍ଦ୍ର ପଣ୍ଡା, ଉପସଭାପତି ହେମନ୍ତ ଗୁଲାନି ଓ ଅନ୍ୟମାନେ ସଫଳତା କାମନା କରି ପ୍ରକାଶ କରିଛନ୍ତି। ରାୟଗଡ଼ା ସହରର ବ୍ରାହ୍ମଣ ସାହିରେ ରହୁଥିବା ରମେଶ ପ୍ରଧାନଙ୍କ ଝିଅ ହେଉଛନ୍ତି ସ୍ୱିଟି ପ୍ରଧାନ। ସେ ପିଲାଟି ଦିନରୁ ବାପାଙ୍କ ପ୍ରେରଣାରେ ବ୍ୟାଡମିଣ୍ଟନ ପ୍ରତି ଥିବା ଇଚ୍ଛା ପ୍ରକାଶ କରି ଜିଲ୍ଲା ତଥା ଜାତୀୟ ସ୍ତରରେ ଜଣେ ପ୍ରତିଭାମାନ ଖେଳାଳୀ ଭାବେ ନିଜର ଦକ୍ଷତା ପ୍ରତିପାଦନ କରି ରାୟଗଡ଼ା ତଥା ଓଡିଶାକୁ ସୁନାମ ଆଣିଛନ୍ତି। ୨୦୨୪ମସିହାରେ ଅଲ ଓଡିଶା ଜୁନିଅର ଷ୍ଟେଟ୍ ବ୍ୟାଡମିଂଟନ ଚାମ୍ପିଆନସିପରେ ସହଯୋଗୀ ଖେଳାଳୀ ଶୁଭ୍ରକେତନ ମଲ୍ଲିକଙ୍କ ସହିତ ଅଣ୍ଡର-୧୯ ମିଶ୍ରିତ ଡବଲ୍ସ ଟାଇଟଲ ଜିତିଥିବା ବେଳେ ସମାନ ଚାମ୍ପିଆନସିପରେ ଖେଳାଳୀ ଆଦ୍ୟା ପାଢୀଙ୍କ ସହିତ ଅଣ୍ଡର-୧୯ ବାଳିକା ଡବଲ୍ସ ଟାଇଟଲ ଜିତିଥିଲେ। ସେହିପରି ଚଳିତ ବର୍ଷ ପୂର୍ବ ଜୋନ ସ୍ତରୀୟ ଆନ୍ତଃରାଜ୍ୟ ବ୍ୟକ୍ତିଗତ ବ୍ୟାଡମିଂଟନ ଚାମ୍ପିଆନସିପରେ ଖେଳାଳୀ ଜୟସ ଅଗ୍ରୱାଲଙ୍କ ସହିତ ଅଣ୍ଡର-୧୯ ମିଶ୍ରିତ ଡବଲ୍ସ ସ୍ୱର୍ଣ୍ଣ ପଦକ ଜିତିଥିଲେ ଏବଂ ଏହି ଚାମ୍ପିଆନସିପରେ ଆଦ୍ୟା ପାଢୀଙ୍କ ସହିତ ବାଳିକା ଡବଲ୍ସରେ କାଂସ୍ୟ ପଦକ ଜିତି ରାୟଗଡ଼ାକୁ ସୁନାମ ଓ ଗୌରବ ଆଣିଥିଲେ। ସ୍ୱିଟି ରାଜ୍ୟ ଏବଂ ଜାତୀୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ତାଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ସହିତ ବ୍ୟାଡମିଣ୍ଟନ କ୍ଷେତ୍ରରେ ଚମତ୍କାର ପ୍ରଦର୍ଶନ କରି ଆସିଛନ୍ତି। ସେ ଓଡିଶାର ଜଣେ ପ୍ରତିଶ୍ରୁତିବଦ୍ଧ ଯୁବ ଖେଳାଳୀ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ତାଙ୍କୁ ସବୁବେଳେ ପ୍ରୋତ୍ସାହିତ କରାଯାଇଛି। ସୂଚନାଯୋଗ୍ୟ ଯେ, ବାଳକ ବର୍ଗରେ ଓଡିଶାର ମୟଙ୍କ ଭରଦ୍ୱାଜ ଅଂଶ ଗ୍ରହଣ କରିଥିବା ଜଣାପଡିଛି।

# ଭୀମଭୋଇ ସାମର୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି

ମାଥିଲି,୨୪।୧୦(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର ଆୟୋଜନ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ ଏ ସମ୍ପର୍କରେ ସମସ୍ତ ସିଆରସିସିଙ୍କୁ ବୁଝାଇ ଥିଲେ। ଜନ୍ମିତ ଶିଶୁ ଓ ତତ୍ ପରବର୍ତ୍ତି ଶିଶୁ ଏହାର ସୁଯୋଗ ନେଇ ପାରିବେ। ଆଇସିଡିଏସର ସିଡିପିଓ ମିନତି ବେହେରା ଅଙ୍ଗନବାଡି କର୍ମୀଙ୍କ ସହାୟତାରେ କାର୍ଯ୍ୟ କରିବେ ବୋଲି ମତପ୍ରକାଶ କରିଥିଲେ। ମାଥିଲି ସଦର ମହକୁମା ଠାରେ ଥିବା ଉତ୍କଳମଣୀ ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିସରରେ ଆସନ୍ତା ମାସ ତଥା ନଭେମ୍ବର ୩ ତାରିଖରେ ହେବାକୁ ଥିବା ଏହି ଶିବିରରେ ୨୦ଟି ପଞ୍ଚାୟତର ଦିବ୍ୟାଙ୍ଗ ଯୋଗ ଦେବେ। ଅନ୍ୟ ମାନଙ୍କ ମଧ୍ୟରେ ଭାରପ୍ରାପ୍ତ ବିଆରପି ରତ୍ନାକର ପାଳଙ୍କ ସମେତ ଅଙ୍ଗନବାଡିର ସମସ୍ତ ସୁପରଭାଇଜର, ମାଥିଲି ସଦର ସମିତି ସଭ୍ୟ ତଥା ଯୁବନେତା ବାଲରାଜୁ କୋପେ ଓ ବ୍ଲକର ସମସ୍ତ ଆଶାକର୍ମୀଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# ଦିବ୍ୟାଙ୍ଗ ଯତ୍ନକାରୀଙ୍କୁ ସରକାରୀ ସହାୟତା ଦାବି



କୁନ୍ଦୁରା,୨୪।୧୦ (ସମିସ): ଦିବ୍ୟାଙ୍ଗ ଯତ୍ନକାରୀଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି। କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ ଉଦ୍ଦେଶ୍ୟରେ ଦିବ୍ୟାଙ୍ଗ ଯତ୍ନକାରୀ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଅନୁଯାୟୀ ଘରେ ଜଣେ ମାନସିକ ଅସୁସ୍ଥ, ଦିବ୍ୟାଙ୍ଗ ଥିଲେ ତାଙ୍କର ଯତ୍ନ ନେବା ଲାଗି ଏକାଧିକ ବ୍ୟକ୍ତି ନିୟୋଜିତ ହୁଅନ୍ତି। ତାଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ଯତ୍ନକାରୀ ନିଜେ କୌଣସି କାମ ଓ ରୋଜଗାର କରନ୍ତି ନାହିଁ। ଏଣୁ ଦିବ୍ୟାଙ୍ଗ ଯତ୍ନକାରୀଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି। କୁନ୍ଦୁରା ବ୍ଲକରେ ପ୍ରାୟ ୨ ଶହ ମାନସିକ ଅସୁସ୍ଥ, ଦିବ୍ୟାଙ୍ଗ ରହିଛନ୍ତି। ଆଜି ବିଡିଓଙ୍କ ଅନୁପସ୍ଥିତରେ ଜିପିଡିଓ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ଦୁଇ ବାଘଛୁଆ ଆକ୍ରମଣରେ ଛେଳି ଚରାଳି ଗୁରୁତର

ଅନୁଗୋଳ,୨୪।୧୦(ସମିସ): ଅନୁଗୋଳ ବ୍ଲକ ପୁରୁଣାକୋଟ ଥାନା ଟାଇଁସି ଗ୍ରାମରେ ବାଘଛୁଆ ଆକ୍ରମଣରେ ଜଣେ ଛେଳି ଚରାଳି ଗୁରୁତର ହୋଇଛନ୍ତି। ସେ ହେଲେ, ଟାଇଁସି ଗ୍ରାମର ପୁରେନ୍ଦ୍ର ବେହେରାଙ୍କ ପୁଅ ବସନ୍ତ ବେହେରା (୪୦)। ବସନ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସବୁଦିନ ଭଳି ଶୁକ୍ରବାର ସକାଳେ ବସନ୍ତ ଗାଁ ପାଖ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିଲେ। ଅପରାହ୍ଣରେ ଦୁଇଟି ବାଘଛୁଆ ଆସି ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲେ। ବସନ୍ତ ଚିତ୍କାର କରିବାରୁ ପାଖରେ ଥିବା ଲୋକେ ଆସି ବାଘଛୁଆଙ୍କୁ ଘଉଡ଼ାଇବା ସହ ବସନ୍ତଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ବସନ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତେବେ ଆକ୍ରମଣ କରିଥିବା ଦୁଇ ବାଘଛୁଆ କଲରାପତରିଆ ପ୍ରଜାତିର ବୋଲି ସନ୍ଦେହ କରାଯାଉଛି। ତେବେ ସାତକୋଶିଆ ଡିଏଫ୍‌ଓ ଗଦାଧର ପାତ୍ର ବାଘ ଆକ୍ରମଣକୁ ଅସ୍ୱୀକାର କରିବା ସହ ଘଟଣାସ୍ଥଳକୁ ଟିମ୍ ପଠାଇ ତଦନ୍ତ କରୁଥିବା କହିଛନ୍ତି। ଅନ୍ୟପଟେ ହିଂସ୍ରଜନ୍ତୁ ଆକ୍ରମଣରେ ବସନ୍ତ ଗୁରୁତର ହୋଇଥିବା ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି।

## ଐତିହାସିକ ବାଲିଯାତ୍ରା କଟକ-୨୦୨୫

# ସଜେଇ ହେଲାଣି ପଡ଼ିଆ; ବନ୍ଧା ହେଲାଣି ଦୋକି

କଟକ, ୨୪।୧୦ (ସମିସ): ଉତ୍କଳୀୟ ପରମ୍ପରାର ଅନନ୍ୟ ଆକର୍ଷଣ କଟକ ବାଲିଯାତ୍ରା। ମହାନଦୀ ତଟରେ ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମାର ଶୀତୁଆ ସକାଳରେ ଏହି ମୁକ୍ତାକାଶ ବାଣିଜ୍ୟିକ ମେଳାର ଶୁଭ ପଡ଼ିବ। ଆଠଦିନ ଧରି ଚାଲିବ କିଣାବିକା। କୋଟିକୋଟି ଟଙ୍କାର ବେପାର ହେବ। ସାରା ରାଜ୍ୟର ନଜର ରହିବ ଏହି ମେଳା ପଡ଼ିଆ ଉପରେ। ତେବେ ବାଲିଯାତ୍ରାକୁ ସଫଳ ଭାବେ ଆୟୋଜନ କରିବା ପାଇଁ କଟକ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡି ସାରିଛି। ଯୋଜନା ମୁତାବକ ଆଗେଇ ଚାଲିଛି ପ୍ରସ୍ତୁତି ପର୍ବ। ମେଳା ପଡ଼ିଆରେ ଶୁକ୍ରବାରଠାରୁ ଦୋକି ବନ୍ଧା ଆରମ୍ଭ ହୋଇଛି। ଏହାଛଡ଼ା ଷ୍ଟଲ ନିମନ୍ତେ ପ୍ଲଟ୍‌ଗୁଡ଼ିକ ଆବଣ୍ଟନ କରାଯାଉଥିବା ବେଳେ ଖୁବଶୀଘ୍ର ମେଳା ପଡ଼ିଆ ଭରପୂର ଦିଶିବାକୁ ଲାଗିବ।

ବାଲିଯାତ୍ରା ଦିନ ପାଖେଇ ଆସୁଛି। ଏଥିପାଇଁ ଏବେ ଯାତ୍ରା ପଡ଼ିଆ ଚଳଚଞ୍ଚଳ ହୋଇଉଠିଲାଣି। ଚଳିତଥର ବାଲିଯାତ୍ରାରେ ପ୍ରମୁଖ ଆକର୍ଷଣ ସାଜିବ



ଇଣ୍ଡୋନେସିଆ ହସ୍ତକଳାର ହେବ ସ୍ୱତନ୍ତ୍ର ଷ୍ଟଲ୍

"କଟକ-ଇନ୍-କଟକ'। ଏହି ସ୍ୱତନ୍ତ୍ର ପାଭିଲିୟନକୁ ଓଡ଼ିଆ ଭାଷା ସାହିତ୍ୟରେ ରୂପ ଦିଆଯିବା ପାଇଁ ପ୍ରୟାସ ଆରମ୍ଭ ହୋଇସାରିଛି। ଏହା ମଧ୍ୟରେ ଥିବା ସବୁ ଗଛକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଏବେ ଥିମ୍ ଅନୁଯାୟୀ ପାଠାଗାର, ସେଲ୍ଫି ପଏଣ୍ଟ ଆଦି କାର୍ଯ୍ୟ ହେଉଛି। ପ୍ରଶାସନିକ ଅଧିକାରୀଙ୍କଠାରୁ ଯାତ୍ରା ପଡ଼ିଆ ଏବେ ସବୁ ଚଳଚଞ୍ଚଳ ହେଉଛି। ପ୍ରଶାସନର ଯୋଜନା ପ୍ରସ୍ତୁତି ଶେଷ ହୋଇଥିବା ବେଳେ ତଳପଡ଼ିଆରେ ଆରମ୍ଭ ହୋଇଛି କାର୍ଯ୍ୟ। ବିଦ୍ୟୁତ୍ ଖୁଣ୍ଟ ସଂଯୋଗୀକରଣଠାରୁ ମେଳା ପଡ଼ିଆ ସମତୁଳ ପ୍ରାୟଅନ୍ତିମ ପର୍ଯ୍ୟାୟରେ। ପଲ୍ଲିଶ୍ରୀ ମେଳା ପାଇଁ ମଧ୍ୟ ଟେଣ୍ଟ ବନ୍ଧା କାର୍ଯ୍ୟ ଅଧାରୁ ଅଧିକ ସରିଲାଣି। ବୁଧବାରଠାରୁ ଆରମ୍ଭ କରାଯାଇଛି ମଞ୍ଚ ଭିଡ଼ା। ବାଲିଯାତ୍ରାର ମୁଖ୍ୟ ମଞ୍ଚ କୁହାଯାଉଥିବା ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ମଞ୍ଚ ବନ୍ଧା ଗଲାଣି। କାର୍ତ୍ତିକ ପୂର୍ଣ୍ଣିମା ପୂର୍ବରୁ ମଞ୍ଚକୁ ଓଡ଼ିଆ କଳା ସଂସ୍କୃତିର ଛିଟା ଦିଆଯିବ। ସେହିଭଳି ଅକ୍ଷୟ ମହାନ୍ତି ମଞ୍ଚ କାମ ମଧ୍ୟ ଦୁଇରୁ ତିନି ଦିନ ମଧ୍ୟ ଆରମ୍ଭ ହେବ। ଏଥର ଉଭୟ ମଞ୍ଚରେ ବଲିଉଡ୍ କଳାକାରଙ୍କ ସମେତ ଓଲିଉଡ ଏବଂ ଓଡ଼ିଶାର ଲୋକକଳା ଓ ସଂସ୍କୃତିର ନୃତ୍ୟ ଝଲକ ଦେଖିବାକୁ ମିଳିବ।

ଚଳିତବର୍ଷର ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ କେତେକ ଅଭିନବ ଉଦ୍ୟମ କରୁଛି। ଜାଭା, ସୁମାତ୍ରା, ଇଣ୍ଡୋନେସିଆ, ମାଳଦୀପ ଆଦି ରାଷ୍ଟ୍ର ସହ ପ୍ରାଚୀନ କଳିଙ୍ଗର ବାଣିଜ୍ୟିକ ସମ୍ପର୍କକୁ ଆଧାର କରି ମହାନଦୀ କୂଳରେ ଆରମ୍ଭ ହୋଇଥିବା ଏହି ବାଣିଜ୍ୟିକ ମେଳାରେ ଏଥର ବିଦେଶୀ ପରମ୍ପରାକୁ ପ୍ରତିଫଳିତ କରାଯିବ। ବାଲିଯାତ୍ରାରେ ସହଭାଗୀ ରାଷ୍ଟ୍ର ଭାବେ ଇଣ୍ଡୋନେସିଆକୁ ସାମିଲ କରାଯାଇଛି। ଇଣ୍ଡୋନେସିଆର ଶହଶହ ବାସିନ୍ଦା ଚଳିତଥର କଟକ ବାଲିଯାତ୍ରାରେ ଦେଖିବାକୁ ମିଳିବ। ଏହାଛଡ଼ା ମେଳା ପଡ଼ିଆରେ ଇଣ୍ଡୋନେସିଆ ହସ୍ତକଳାକୁ ନେଇ ଏକ ସ୍ୱତନ୍ତ୍ର ଷ୍ଟଲ ପଡ଼ିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ବଡ଼ ମେଡିକାଲରେ ମାତିଛନ୍ତି କବାଟ ଚୋର

କଟକ, ୨୪।୧୦ (ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲକୁ ଦୈନନ୍ଦିନ ସହସ୍ରାଧିକ ରୋଗୀ ଓ ସେମାନଙ୍କ ଆଟେଣ୍ଡାଣ୍ଟ ଆସୁଛନ୍ତି। ହେଲେ କେତେକ ବିଭାଗରେ ଶୌଚାଳୟ ସମୁଦ୍ରକୁ ଶଙ୍ଖେ ତ ପୁଣି କେଉଁଠି ମହିଳା ଓ ପୁରୁଷଙ୍କ ପାଇଁ ପୃଥକ୍ ସୁବିଧା ନାହିଁ। ସେହିଭଳି, ସୁପରସ୍ପେଶାଲିଟି ଓପିଡି ପଞ୍ଜୀକରଣ କାଉଣ୍ଟର୍ ନିକଟରେ ଥିବା ପରିସ୍ରାଗାରା ଓ ଶୌଚାଳୟରେ ଲାଗୁଥିବା ପ୍ଲାଷ୍ଟିକ୍ କବାଟକୁ ଦୁର୍ବୃତ୍ତମାନେ ବାରମ୍ବାର ଚୋରି କରିନେଉଛନ୍ତି। ଆଡଭୋକେଟ୍ କମିଟି ରିପୋର୍ଟ ଆଧାରରେ ଏହି ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଓପିଡି ପଞ୍ଜୀକରଣ କେନ୍ଦ୍ର ନିକଟରେ ପୁରୁଷମାନଙ୍କ ଦ୍ୱାରା ବ୍ୟବହାର ପାଇଁ ରହିଥିବା ଶୌଚାଳୟଗୁଡ଼ିକର କୌଣସି କବାଟ ନଥିବା ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆବଶ୍ୟକ ସର୍ବନିମ୍ନ ମର୍ଯ୍ୟାଦା ବଜାୟ ରହୁନଥିବା ନେଇ ଅଦାଲତ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏସ୍‌ସିବି ଅଧୀକ୍ଷକ ପ୍ରଫେସର୍ ଡା. ଗୌତମ ଶତପଥୀ ଏହି କବାଟଗୁଡ଼ିକ ବାରମ୍ବାର ଚୋରି ହେଉଥିବା ନେଇ ଅଦାଲତଙ୍କୁ ଅବଗତ କରିଥିଲେ। ଏସ୍‌ସିବିର ସୁରକ୍ଷା ଦାୟିତ୍ୱ ଆଉଟ୍‌ସୋର୍ସ କରାଯାଇ ଘରୋଇ ସଂସ୍ଥା ନିରାକାର ଉପରେ ନ୍ୟସ୍ତ ରହିଥିବା ଅବଗତ କରାଯାଇଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ଏହି ଶୌଚାଳୟ କବାଟ ଲଗାଯିବ। ଯଦି ଏହା ଚୋରି ହୁଏ, ତାହେଲେ ସମ୍ପୃକ୍ତ ସୁରକ୍ଷା ସଂସ୍ଥା ଏହି କବାଟ ଲଗାଇବା ଖର୍ଚ୍ଚ ବହନ କରିବ ବୋଲି ଅଦାଲତ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବାରମ୍ବାର ଚୋରି ସତ୍ତ୍ୱେ ପୁଲିସରେ ଆଜି ପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇନଥିବା ନେଇ ଅଦାଲତ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ଆଗକୁ ଚୋରି ହେଲେ ସ୍ଥାନୀୟ ପୁଲିସ ନିକଟରେ ଅଭିଯୋଗ ଦାଖଲ କରିବା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଛି। ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗରେ ପୁରୁଷ ଏବଂ ମହିଳାଙ୍କ ପାଇଁ କୌଣସି ପୃଥକ ଶୌଚାଳୟ ନାହିଁ। ଗୋଟିଏ ଶୌଚାଳୟ ଅଛି, ଯାହା ରୋଗୀଙ୍କ ଆବଶ୍ୟକତା ପୂରଣ କରୁଥିବା ନେଇ ଅଦାଲତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଠାରେ ରୋଗୀଙ୍କ ପାଇଁ ଗୋଟିଏ ଓ ଉଭୟ ପୁରୁଷ ଓ ମହିଳା ଆଟେଣ୍ଡାଣ୍ଟଙ୍କ ପାଇଁ ପୃଥକ୍‌ପୃଥକ୍ ଦୁଇଟି ଶୌଚାଳୟ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଥାଉକି, ଆଡଭୋକେଟ କମିଟି ସଦସ୍ୟ ପଦ୍ମାଳୟା ମହାପାତ୍ର, ସାସ୍ୱତା ପଟ୍ଟନାୟକ ଏବଂ କାଜଲ ସାହୁ ବିଭାଗ ଉକ୍ତ ବିଭାଗ ପରିଦର୍ଶନ କରି ରିପୋର୍ଟ ଦେଇଥିଲେ।

# କାମ ଦେଲାନି ଆୟୁଷ୍ମାନ କାର୍ଡ

## ଛଟପଟ ହୋଇ ଜୀବନ ହାରିଲେ ଗରିବ କ୍ୟାନ୍ସର୍ ରୋଗୀ

ନୂଆପଡ଼ା, ୨୪।୧୦ (ସମିସ): କାମ ଦେଲାନି ଆୟୁଷ୍ମାନ କାର୍ଡ। ତେଣୁ, ଚିକିତ୍ସା ବାବଦକୁ ଆଖିବୁଜା ପଇସା ହାଙ୍କି ଚାଲିଲା ହସ୍ପିଟାଲ। ଯେଉଁଠି ଜାଣିଲା ପରିବାରଲୋକ ଆଉ ପଇସା ଦେଇପାରିବେନି, ରୋଗୀଙ୍କ ଜୀବନ ସହ ଖେଳିଲା। ଚିକିତ୍ସାରେ ବିଳମ୍ବ କଲା। ଶେଷରେ କ୍ୟାନ୍ସର୍‌ର ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇ ହସ୍ପିଟାଲ ବେଡ୍‌ରେ ଚାଲିଗଲା ଗରିବ ମହିଳାଙ୍କ ଜୀବନ। ଚିକିତ୍ସା ତ ମିଳିଲାନି, ପାଖାପାଖି ସପ୍ତାହେ କାଳ ମାନସିକ, ଆର୍ଥିକ ଚାପରେ ଘାଣ୍ଟି ହୋଇ ନିଜର ପ୍ରିୟ ଲୋକର ଶବ ଧରି ଫେରିଲେ ପରିବାରଲୋକ। ଏପଟେ, ପେଟକୁ କାଟି ଯାହା ଦି' ପଇସା ସଞ୍ଚୟ କରି ରଖିଥିଲେ ତା' ବି ଚାଲିଗଲା। 'ଆୟୁଷ୍ମାନ ଭାରତ ଯୋଜନା'ର ବିଫଳତା ଯୋଗୁଁ ପୁଣି ଜଣେ ଗରିବ ରୋଗୀଙ୍କ ପ୍ରାଣହାନି ଘଟିଥିବା ଅଭିଯୋଗ ହୋଇଛି। ମହିଳାଜଣଙ୍କ ହେଲେ, ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଦେଓଧର ପଞ୍ଚାୟତର

### ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ ତୀବ୍ର ନିନ୍ଦା

### ଗରିବଙ୍କ ଜୀବନ ବଞ୍ଚାଇବାରେ ସରକାର ବିଫଳ

ଧରାଭଟା ଗ୍ରାମର ତୁଳାବାଇ ଜଗତ। ତୁଳାବାଇଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର।

ସୂଚନାନୁଯାୟୀ, ଗତ ୧୪ ତାରିଖରେ କ୍ୟାନ୍ସର୍ ଚିକିତ୍ସା ପାଇଁ ଶ୍ରୀମତୀ ଜଗତଙ୍କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ରାୟପୁର କ୍ୟାନ୍ସର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପୁଅ ରୂପଧର ଜଗତ ତାଙ୍କୁ ସେଠାକୁ ନେଇ ଚିକିତ୍ସା କରାଇଥିଲେ। ସେଠାରେ ରୂପଧର ହସ୍ପିଟାଲରେ ଆୟୁଷ୍ମାନ କାର୍ଡ ଦେଖାଇବାରୁ କର୍ତ୍ତୃପକ୍ଷ ରୋକଠୋକ୍ ମନା କରିଦେଇଥିଲେ। ରୋଗୀ ମଲେ ପଛେ ମରୁ କିନ୍ତୁ ଆୟୁଷ୍ମାନ କାର୍ଡ ଗ୍ରହଣ କରିବୁ ନାହିଁ ବୋଲି ଶୁଣାଇ ଦେଇଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଏକଥା ଶୁଣି ରପୂଧର




ଭାଙ୍ଗି ପଡ଼ିଥିଲେ ହେଁ ମା'କୁ ବଞ୍ଚାଇବା ପାଇଁ ନିଜର ସବୁ ଜମାପୁଞ୍ଜିକୁ ଖର୍ଚ୍ଚ କରିଥିଲେ। ମାତ୍ର କିଛି ଦିନରେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କଠାରୁ ୧ଲକ୍ଷ ୬୫ ହଜାର ହାଙ୍କିନେଲେ। ଏହା ସତ୍ତ୍ୱେ ଚିକିତ୍ସାରେ ବିଳମ୍ବ କରିଥିଲେ। ଶେଷରେ ଅକ୍ଟୋବର ୧୯ରେ ତୁଳାବାଇଙ୍କ ମୃତ୍ୟୁ ଘଟିଥିଲା।

ଏହି ଘଟଣାକୁ ନେଇ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ତୀବ୍ର ପ୍ରତିକ୍ରିୟା ଜଣାଇଛନ୍ତି। ଏନେଇ ସେ ବିଜେପି ସରକାରକୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ ଏହି ଘଟଣା ହୃଦୟବିଦାରକ ଏବଂ କ୍ଷମା ଯୋଗ୍ୟ ନୁହେଁ। ଜଣେ ଗରିବ ଅନୁସୂଚିତ ଜାତିର ମହିଳା କ୍ୟାନ୍ସର୍ ରୋଗୀଙ୍କୁ ଚିକିତ୍ସା ନ ମିଳିବା ଏବଂ ପରିବାରକୁ ଋଣଯନ୍ତାକୁ ଠେଲିବା ବିଜେପି ସରକାରଙ୍କ ଗରିବ, ଆଦିବାସୀ ଦଳିତ ବିରୋଧୀ କାର୍ଯ୍ୟ। ବିଜେପି ସରକାର ଗରିବଙ୍କ ଜୀବନ, ସ୍ୱାସ୍ଥ୍ୟ ସୁରକ୍ଷା ବଞ୍ଚାଇବାରେ ବିଫଳ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାମାନଙ୍କ ପାଇଁ ପ୍ରତିବର୍ଷ ୧୦ଲକ୍ଷ ପର୍ଯ୍ୟନ୍ତ ନିଃଶୁଳ୍କ ଚିକିତ୍ସା ସୁବିଧା ଥିଲା। ତୁଳାବାଇଙ୍କ ଯନ୍ତ୍ରଣା ଓ ମୃତ୍ୟୁ କେବଳ ଗୋଟିଏ ମାତ୍ର ଘଟଣା ନୁହେଁ। ଏହା ରାଜ୍ୟବାସୀଙ୍କ ପାଇଁ ଏକ ଚେତାବନୀ ସଦୃଶ। ନୂଆପଡ଼ାର ଲୋକେ ଏବେ ସତ ଜାଣିସାରିଛନ୍ତି। ଶ୍ରୀ ବିଶି ତୁଳାବାଇଙ୍କ ପରିବାରକୁ ତତ୍କାଳ ଆର୍ଥିକ ସହାୟତା ଦାବି କରିଛନ୍ତି।

# ମୋ' ସୁନ୍ଦା କଳାମଣ୍ଡଳ

## ପ୍ରେକ୍ଷାଳୟ ପାଇଁ ଖର୍ଚ୍ଚ ହେବ ୧୭୩ କୋଟି ଟଙ୍କା

ଭୁବନେଶ୍ୱର, ୨୪।୧୦ (ସମିସ): ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ନିର୍ମାଣାଧୀନ ପ୍ରେକ୍ଷାଳୟ 'କଳାମଣ୍ଡଳ' ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଓଡ଼ିଶାର

### ପ୍ରକଳ୍ପ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

### ୬ଟି ଗୁରୁତ୍ୱପୂର୍ଣ୍ଣ କ୍ରୀଡା ପ୍ରକଳ୍ପ ସହିତ କେନ୍ଦୁଝରରେ ହେବ କ୍ରୀଡା ଭିତ୍ତିଭୂମିର ବ୍ୟାପକ ବିକାଶ

ସର୍ବବୃହତ୍ ପ୍ରେକ୍ଷାଳୟ 'କଳାମଣ୍ଡଳ'ର ନିର୍ମାଣ କାର୍ଯ୍ୟ ୨୦୨୬ ମେ' ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କେନ୍ଦୁଝର ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ।

ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ୯.୮୫ ଏକର ଜମି ଉପରେ ୧୭୩ କୋଟି ଟଙ୍କା ବ୍ୟୟରେ ଏହି



ପ୍ରେକ୍ଷାଳୟ ଇଡ୍‌କୋ ପକ୍ଷରୁ ନିର୍ମାଣ କରାଯାଉଛି। ୨୦୦୦ ଆସନ ବିଶିଷ୍ଟ ପ୍ରେକ୍ଷାଳୟ ସହ ୫୦୦ ସିଟ୍ ବିଶିଷ୍ଟ ଏକ ଓପନ୍ ଏୟାର ଥିଏଟର୍ ମଧ୍ୟ ଏହି ପରିସର ମଧ୍ୟରେ ରହିବ। ଭୁବନେଶ୍ୱରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ସଭାସମିତି ଆୟୋଜନ କରିବା ପାଇଁ ଏହି ପ୍ରେକ୍ଷାଳୟଟି ଅତ୍ୟନ୍ତ ଉପଯୋଗୀ ହେବ। ଭବିଷ୍ୟତକୁ ଦୃଷ୍ଟିରେ ରଖି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଏହି 'କଳାମଣ୍ଡଳ' ପରିସରରେ ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ପର୍ଯ୍ୟାପ୍ତ ପାର୍କିଂ ସୁବିଧା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସେହିପରି, କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ୬ଟି ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ପ୍ରକଳ୍ପର ବିକାଶ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। କେନ୍ଦୁଝରର ରାଙ୍କୀ ଓ ରାଇକଳାଠାରେ ଦୁଇଟି ଅତ୍ୟାଧୁନିକ ସ୍ପୋର୍ଟସ କମ୍ପ୍ଲେକ୍ସ, କାଳୀପଡ଼ିଆରେ ଏକ ଫୁଟବଲ ଷ୍ଟାଡିୟମ୍ ସହ ଇନଡୋର୍ ଓ ଆଉଟଡୋର୍ ଗେମ'ର ସୁବିଧା, ଡିଏନ୍ ହାଇସ୍କୁଲ ପରିସରରେ ଏକ ଅତ୍ୟାଧୁନିକ ସ୍ୱିମିଂପୁଲ, ନରଣପୁରରେ ଆର୍ଚେରୀ ଏକାଡେମୀ ଏବଂ କେନ୍ଦୁଝରରେ ୧୦୦ଶଯ୍ୟା ବିଶିଷ୍ଟ ହ୍ୟାଣ୍ଡବଲ କ୍ରୀଡ଼ା ଛାତ୍ରାବାସ ନିର୍ମାଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ

# ମାନବ ଚାଲାଣ ରୋକିବାକୁ ସବୁସ୍ତରରେ ଉଦ୍ୟମ ଲୋଡ଼ା: ଡିଜିପି

ଭୁବନେଶ୍ୱର, ୨୪।୧୦ (ସମିସ): ମାନବଚାଲାଣ କେବଳ ଓଡ଼ିଶା ପାଇଁ ନୁହେଁ, ସମଗ୍ର ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଚିନ୍ତାଜନକ ବିଷୟ। ନ୍ୟାୟପାଳିକା, ପୁଲିସ, ମହିଳା ଓ ଶିଶୁ ସୁରକ୍ଷା ୟୁନିଟ୍, ଶ୍ରମ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ନ୍ୟାୟପାଳିକା ଓ ସମାଜର ସମସ୍ତ ବ୍ୟକ୍ତିବିଶେଷ ଏକତ୍ରିତ ହୋଇ କାର୍ଯ୍ୟ କଲେ ଏହି ଘୃଣ୍ୟ କାର୍ଯ୍ୟକୁ ରୋକିବାରେ ଆମେ ସଫଳ ହୋଇପାରିବା। ପୁଲିସ ଭବନଠାରେ 'ମାନବ ଚୋରା ଚାଲାଣ' ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ପୁଲିସ ଡିଜି ୱାଇ.ବି ଖୁରାନିଆ ଏହା କହିଛନ୍ତି।

ଡିଜି ଶ୍ରୀ ଖୁରାନିଆ କହିଥିଲେ, ମାନବ ଚାଲାଣ କେବଳ ଏକ ଅପରାଧ ନୁହେଁ, ଏହା ମାନବିକ ଅଧିକାରକୁ ଉଲ୍ଲଂଘନ କରିଥାଏ।



ବିଶେଷକରି, ମହିଳା, ଶିଶୁ ଓ ଯୁବବର୍ଗମାନଙ୍କୁ ସେମାନଙ୍କ ସମ୍ମାନ, ସ୍ୱାଧୀନତା ଓ ଭବିଷ୍ୟତରୁ ବଞ୍ଚିତ କରିଥାଏ। ଓଡ଼ିଶାରେ ଯୌନଶୋଷଣ, ବାଧ୍ୟତାମୂଳକ ଶ୍ରମ, ଘରୋଇ ଶିଶୁ ଶ୍ରମ ଏବଂ ଚାକିରି କିମ୍ବା ବିବାହ ଆଳରେ ଯୁବତୀଚାଲାଣ ଭଳି ମାନବଚାଲାଣ ଦେଖିବାକୁ ମିଳିଥାଏ। ଏହାକୁ ରୋକିବାରେ ସମନ୍ୱିତ ମାନବଚାଲାଣ ପ୍ରତିରୋଧ ଶାଖା ଓ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ମାନବଚାଲାଣ ପ୍ରତିରୋଧ ଶାଖାକୁ ଅଧିକ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ସେ ଓଡ଼ିଶାକୁ ମାନବ ଚାଲାଣ ବିରୋଧରେ ଏକ ଆଦର୍ଶ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇଜି(ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ଅବିନାଶ କୁମାର ଧନ୍ୟବାଦ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘର ଚିଠି

# ମଧ୍ୟାହ୍ନ ଭୋଜନରେ ପନୀର ଓ ଗୁଣ୍ଡ କ୍ଷୀର ମିଳୁ

ଭୁବନେଶ୍ୱର,୨୪।୧୦(ସମିସ): ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ସ୍କୁଲ ପିଲାମାନଙ୍କୁ ଅଣ୍ଡା ବଦଳରେ ଫଳ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଫଳ ବଦଳରେ ପନୀର କିମ୍ବା ଗୁଣ୍ଡ କ୍ଷୀର ଦେବା ପାଇଁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ଦାବି କରିଛି। ଆଜି ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ମାଧ୍ୟମରେ କୁହାଯାଇଛି ଯେ ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ପନୀର ଓ ଗୁଣ୍ଡ କ୍ଷୀର ଦେଲେ ଏହା କୁପୋଷଣ ଦୂର କରିବା ପାଇଁ ଏକ ବଳିଷ୍ଠ ପଦକ୍ଷେପ ହେବ। ଏହାଦ୍ୱାରା ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବା ସହ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ବ୍ୟାପକ ହେବ ଏବଂ ଗ୍ରାମାଞ୍ଚଳ ଅର୍ଥନୀତି ସୁଦୃଢ଼ ହେବ। ବିଶେଷକରି ଗ୍ରାମ୍ୟ ମହିଳାମାନେ ସ୍ୱାବଲମ୍ବୀ ହେବା ସାଙ୍ଗକୁ ଓମଫେଡ୍‌ର ବ୍ୟବସାୟ ବୃଦ୍ଧି ପାଇବ। କିନ୍ତୁ ଫଳ ଦେଲେ ଆମ ରାଜ୍ୟର ପଇସା ଆନ୍ଧ୍ର ବେଙ୍ଗଲ ଓ ଅନ୍ୟାନ୍ୟ ବାହାର ରାଜ୍ୟକୁ ଚାଲିଯିବ। ତେଣୁ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ପନୀର କିମ୍ବା ଗୁଣ୍ଡ କ୍ଷୀର ଦେବା ପାଇଁ ସରକାର ପଦକ୍ଷେପ ନେବାକୁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ପକ୍ଷରୁ ଅଧ୍ୟକ୍ଷ ରବି ବେହେରା, ଉପାଧ୍ୟକ୍ଷ ଦୁଃଶାସନ ମହାପାତ୍ର, ସମ୍ପାଦକ ନାରାୟଣ ଡାଲୁଆ, ଗୌରାଙ୍ଗ ରାଉତ ପ୍ରମୁଖ ଦାବି କରିଛନ୍ତି। ମହାସଂଘର ଅଧ୍ୟକ୍ଷ ଶ୍ରୀ ବେହେରାଙ୍କ ଦସ୍ତଖତରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖା ଯାଇଛି।

## ପାରିବାରିକ କଳହର କରୁଣ ପରିଣତି

# ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ

କପ୍ତିପଦା, ୨୪।୧୦ (ସମିସ): ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀର ମୃତ୍ୟୁ। ଏଭଳି ଏକ ଘଟଣା ଘଟିଛି ଶରତ ଥାନା ଅଧୀନ ପାତାସାହି ଅଞ୍ଚଳରେ। ମୃତ ମହିଳାଜଣଙ୍କ ହେଲେ, ଗ୍ରାମର ଗୁରୁବାରୀ ପୂର୍ତ୍ତି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ସ୍ୱାମୀ ଭଞ୍ଜ ପୂର୍ତ୍ତିକୁ ଗିରଫ କରିଛି। ପାରିବାରିକ କଳହରୁ ଏହି ଘଟଣା ଘଟିଥିବା ଜଣାଯାଇଛି।

ସୂଚନାନୁଯାୟୀ, ଭଞ୍ଜ କୌଣସି କାମରେ ବାହାରକୁ ଯାଇଥିଲେ। ଘରକୁ ଫେରିବା ପରେ କୌଣସି କଥାକୁ ନେଇ ଗୁରୁବାରୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ଭଞ୍ଜ ଉତ୍ତ୍ୟକ୍ତ ହୋଇ ଏକ କାଠଫାଳିଆରେ ଗୁରୁବାରୀଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଏଥିରେ ଗୁରୁବାରୀଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। କିନ୍ତୁ ଗୁରୁତର ଗୁରୁବାରୀଙ୍କୁ ଡାକ୍ତରଖାନାକୁ ନେବା ପରିବର୍ତ୍ତେ ଭଞ୍ଜ ସେଠାରୁ ଫେରାର୍ ହୋଇଯାଇଥିଲା। ପରିବାର ଓ ସାହିପଡ଼ିଶା ଗୁରୁତର ଗୁରୁବାରୀଙ୍କୁ ଉଦ୍ଧାର କରି ମେଡିକାଲ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଶରତ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଛି। ଅନ୍ୟପଟେ ଅଭିଯୁକ୍ତ ସ୍ୱାମୀକୁ ପୁଲିସ ଗିରଫ କରିଛି।

## ନୂଆପଡା ଉପନିର୍ବାଚନ

# ସରିଲା ନାମାଙ୍କନ ପ୍ରତ୍ୟାହାର ଅବଧି: ମଇଦାନରେ ୧୪ ପ୍ରାର୍ଥୀ

ଭୁବନେଶ୍ୱର/ନୂଆପଡ଼ା,୨୪।୧୦(ସମିସ): ନୂଆପଡ଼ା ଉପ ନିର୍ବାଚନରେ ମୋଟ ୧୪ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। ଏ ସମ୍ପର୍କରେ ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ ଅଧିକାରୀ। ନୂଆପଡା ବିଧାନସଭା ଉପନିର୍ବାଚନ ନେଇ ଶୁକ୍ରବାର ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା। ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ଦିବା ୧୧ ଘଟିକାରୁ ଅପରାହ୍ଣ ୩ ଘଟିକା ପର୍ଯ୍ୟନ୍ତ ସମୟ ପ୍ରାର୍ଥୀମାନଙ୍କୁ ପ୍ରଦାନ କରାଯାଇଥିଲା। ତେବେ ଏହି ସମୟ ମଧ୍ୟମରେ ଜଣେ ବି ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନାହାନ୍ତି। ଅତଏବ ୧୪ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବା ନେଇ ନିଶ୍ଚିତ ହୋଇଯାଇଛି। ଏମାନଙ୍କ ମଧ୍ୟରେ ବିଭିନ୍ନ ରାଜନୈତିକ ଦଳରୁ ୬ ଜଣ ପ୍ରାର୍ଥୀ ଥିବାବେଳେ ୮ ଜଣ ସ୍ୱାଧୀନ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ, ବିଜେପିରୁ ଜୟ ଢୋଲକିଆ, କଂଗ୍ରେସରୁ ଘାସିରାମ ମାଝୀଙ୍କ ସହ ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବିଏସପିରୁ ହେମନ୍ତ ତାଣ୍ଡି, ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନା ମଇଦାନରେ ରହିଛନ୍ତି। ପ୍ରାର୍ଥୀ ପତ୍ର ଯାଞ୍ଚ ସମୟରେ ମୋଟ ୫ଟି ନାମାଙ୍କନ ପତ୍ର ନାକଚ କରାଯାଇଥିଲା।

# ଠାକୁରମୁଣ୍ଡାରେ ମହାବଳ

ଠାକୁରମୁଣ୍ଡା, ୨୪।୧୦(ସମିସ): ଶିମିଳିପାଳ କୋର୍ ଅଞ୍ଚଳରୁ ଏକ ମହାବଳ ବାଘ କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ କାଳିଆଜିଆଣି ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲକୁ ପଶି ଆସିଥିବା ସ୍ଥାନୀୟ ଲୋକେ ଗୁରୁବାର

### ପାଦଚିହ୍ନ ଠାବ ପରେ ଲୋକେ ଆତଙ୍କିତ



ଦେଖିବାକୁ ପାଇଛନ୍ତି। ମହାବଳର ପାଦଚିହ୍ନ ପଡ଼ିଥିବା ଖବର ପ୍ରଚାରିତ ହେବା ପରେ ଆଖପାଖ ଗ୍ରାମରେ କୋକୁଆ ଭୟ ଖେଳିଯାଇଛି। ଘଟଣାସ୍ଥଳରେ କରଞ୍ଜିଆ ଡିଏଫ୍‌ଓ ବୈଦ୍ୟନାଥ ମାଝୀ, ଏସିଏଫ୍ ପ୍ରଭାତ କୁମାର କୁଅଁର, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ସାତକୋଶିଆ ରେଞ୍ଜ ଅଧିକାରୀ ରବୀନ୍ଦ୍ର ମହାନ୍ତ ସମେତ ବନ ବିଭାଗର କର୍ମଚାରୀ ପହଞ୍ଚି ବାଘ ପାଦଚିହ୍ନ ଦେଖିଥିଲେ। ପାଦଚିହ୍ନରୁ ତାହା ମହାବଳ ବାଘ ବୋଲି ଜଣାପଡ଼ିଛି। ବାଘର ଗତିବିଧିକୁ ନଜର ରଖିବା ପାଇଁ ଜଙ୍ଗଲ ଭିତରେ ବନ ବିଭାଗ ପକ୍ଷରୁ କ୍ୟାମେରା ଲଗାଯାଇଛି।

# ଦିଲ୍ଲୀରେ ପ୍ରଦର୍ଶିତ ହେବ ବାଲେଶ୍ୱର ଜଉ କଣ୍ଢେଇ ବାହାଘର

ବାଲେଶ୍ୱର, ୨୪।୧୦ (ସମିସ): ଦିଲ୍ଲୀରେ ପ୍ରଦର୍ଶିତ ହେବ ବାଲେଶ୍ୱର ଜଉକଣ୍ଢେଇ ବାହାଘର। ଆସନ୍ତା ମାସରେ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ କଳା ଉତ୍ସବରେ ବାଲେଶ୍ୱର ଟାଉନ୍ ହାଇସ୍କୁଲର

### ଟାଉନ ହାଇସ୍କୁଲର ଛାତ୍ର ସମୀର ଓ ସୂରଜଙ୍କ ସଫଳତା

୧୦ମ ଶ୍ରେଣୀର ଦୁଇ ଛାତ୍ର ସମୀର ବେହେରା ଓ ସୂରଜ ବେହେରା ଏହା ପ୍ରଦର୍ଶିତ କରିବେ। ଏହି ଖବର ଜଣାପଡ଼ିବା ପରେ ବାଲେଶ୍ୱରରେ ଖୁସିର ଲହରୀ ଖେଳିଯାଇଛି।

ସୂଚନାନୁଯାୟୀ, ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ବାଳିକା ହାଇସ୍କୁଲ ପରିସରରେ ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ କଳା ଉତ୍ସବରେ ଓଡ଼ିଶାର ୫ଟି ଜୋନ୍‌ରୁ ୧୨ଟି





ବିଭାଗର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବାଲେଶ୍ୱର ଟାଉନ୍ ହାଇସ୍କୁଲର ଛାତ୍ର ସମୀର ଓ ସୂରଜ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଦୃଶ୍ୟକୁ ଜଉକଣ୍ଢେଇରେ ତିଆରି କରି ଇଣ୍ଡିଜିନିୟସ୍ ଟୟଜ୍ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସେମାନେ ରାଜ୍ୟସ୍ତରୀୟ କଳା ଉତ୍ସବରୁ ଉତ୍ତୀର୍ଣ୍ଣ ହୋଇ ଜାତୀୟସ୍ତରୀୟ କଳା ଉତ୍ସବରେ ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ମାସରେ ଦିଲ୍ଲୀରେ ହେବାକୁ ଥିବା ଜାତୀୟସ୍ତରୀୟ କଳା ଉତ୍ସବରେ ଯୋଗଦେବା ପାଇଁ ସେମାନେ ମନୋନୀତ ହୋଇଛନ୍ତି। ପ୍ରଥମେ କ୍ଲଷ୍ଟର, ବ୍ଲକ, ଜିଲ୍ଲା ଓ ଉତ୍ତର ଓଡ଼ିଶା ଜୋନାଲସ୍ତରୀୟ ଉତ୍ତୀର୍ଣ୍ଣ କରି ରାଜ୍ୟରେ ପ୍ରଥମ ହୋଇ ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି।

ଇଣ୍ଡିଜିନିୟସ ଟୟଜ୍ ଜଉକଣ୍ଢେଇରେ ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ ହୋଇ ବାଲେଶ୍ୱରର କଳା ସଂସ୍କୃତିକୁ ଉଚ୍ଚସ୍ଥାନକୁ ନେଇ ଜିଲ୍ଲାକୁ ଗୌରବାନ୍ୱିତ କରିଥିବାରୁ ଛାତ୍ରଦ୍ୱୟଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ସୁଅ ଛୁଟିଛି। ଜଉକଣ୍ଢେଇ କଳା ସଂସ୍କୃତିର ଅଗ୍ରଦୂତ ଶିଳ୍ପୀ କେଶୁଦାସ, ଗାଇଡ୍ ଟିଚର୍ ସସ୍ମିତା ଗିରି, ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସଙ୍କ ସହ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର କର୍ମକର୍ତ୍ତା ପ୍ରମୁଖ ବହୁ ପ୍ରଶଂସା କରିଛନ୍ତି।

# ପ୍ରଣମ୍ୟ ରାଜେନ୍ଦ୍ର...





ଆଧୁନିକ ଓଡ଼ିଆ କବିତାରେ ଅନନ୍ୟ ରାଜେନ୍ଦ୍ରୀୟ ଶୈଳୀ ଓ ବୈଶିଷ୍ଟ୍ୟ, ଓଡ଼ିଆ ସାହିତ୍ୟରେ ସୃଷ୍ଟି କରିଛି ନବଦିଗନ୍ତ । ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ଏକାନ୍ତ ନିଜସ୍ୱ ଥିଲା ରାଜେନ୍ଦ୍ରଙ୍କ କବିତା । ଆବେଗାନୁଭୂତିର ପ୍ରତିଟି କବିତାରେ ପ୍ରସ୍ଫୁଟିତ ହୋଇଉଠିଥାଏ ତାଙ୍କ କବି ବ୍ୟକ୍ତିତ୍ୱ । ତାଙ୍କ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବ୍ୟକ୍ତିତ୍ୱ ଓ ଭାବ ଛଳଛଳ କବିତା ପାଠକଙ୍କୁ ଆନମନା କରିଦିଏ । ଆଧୁନିକ ଓଡ଼ିଆ କବିତାର ଏହି ନାନ୍ଦିକାର ରାଜେନ୍ଦ୍ର କିଶୋର ପଣ୍ଡା ଆଉ ନାହାନ୍ତି । ତାଙ୍କ ସ୍ମୃତିରେ 'ସକାଳ'ର ସ୍ୱତନ୍ତ୍ର ପ୍ରତିବେଦନ ।

ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡା ଥିଲେ ମୋ ଅତି ଆପଣାର ପ୍ରିୟ ମଣିଷ । 'ନର କିନ୍ନର' ଉପନ୍ୟାସର ପାଠକ ହିସାବରେ ପ୍ରଥମେ ସେ ମୁକ୍ତକଣ୍ଠରେ ମୋର ଦ୍ୱିତୀୟ ପୁସ୍ତକ ଘୋଷଣା କରିଥିଲେ । ସେ ମୋର ସାନ ଭାଇ ଭଳି । ମୋ ଜୀବନରେ ଯାହା କିଛି ଅସୁବିଧା ହେଲେ ମୁଁ ତାଙ୍କୁ ପଚାରୁଥିଲି । ସେ ଆଜି ନାହାନ୍ତି ଏକଥା ମୁଁ ବିଶ୍ୱାସ କରି ପାରୁନାହିଁ । ଜଣେ ପରେ ଜଣେ ଆମର ବନ୍ଧୁ ଚାଲି ଯାଉଛନ୍ତି । ଏହାଠାରୁ ଆଉ ବଳି ବଡ଼ କ'ଣ ଦୁର୍ଭାଗ୍ୟ ଥାଇପାରେ ! ସେ ଜଣେ ଅତ୍ୟନ୍ତ ଯୋଗ୍ୟତମ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗରେ ମୁଁ ବହୁତ ଦୁଃଖିତ । ତାଙ୍କ ପରିବାରବର୍ଗଙ୍କୁ ସ୍ନେହ, ସହାନୁଭୂତି ପ୍ରକାଶ କରୁଛି । ତାଙ୍କର ଆତ୍ମାର ସଦ୍‌ଗତି ହେଉ ।

**—ଶାନ୍ତନୁ କୁମାର ଆଚାର୍ଯ୍ୟ, କଥାଶିଳ୍ପୀ**

ଅଗ୍ରଜ ରାଜେନ୍ଦ୍ର କିଶୋର ପଣ୍ଡା କେବଳ ଜଣେ ପଥିକୃତ୍ କବି ନଥିଲେ । ଜଣେ ସାରସ୍ୱତ ବ୍ୟକ୍ତିତ୍ୱ ଭାବରେ ତାଙ୍କର ରହସ୍ୟ ଓ ଅବଦାନ ଉଭୟ ଥିଲେ ଓଡ଼ିଆ ଆଧୁନିକ ଜୀବନ ଓ ସମାଜର ଏକ ଅପଠିତ ଗ୍ରନ୍ଥ । ସେ କବି ଭାବରେ ତାଙ୍କର ପ୍ରସିଦ୍ଧି ଛାଡ଼ି ଯାଇଛନ୍ତି । ନିଃସନ୍ଦେହରେ କୁହାଯାଇପାରେ ଯେ, ତାଙ୍କର କବିତ୍ୱର ବିଭା ଏକବିଂଶ ଶତାବ୍ଦୀର ବର୍ତ୍ତମାନ କାଳ ପର୍ଯ୍ୟନ୍ତ ଏକ ଦିଗବାରେଣି ହୋଇ ପଥପ୍ରଦର୍ଶକ ଭୂମିକାରେ ଅମ୍ଳାନ ରହିଥିଲା ଓ ଆଗକୁ ରହିବ । ତାଙ୍କର ତିରୋଧାନ ଓଡ଼ିଆ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଲେ ଯଥେଷ୍ଟ ହେବ ନାହିଁ । ସେ ଥିଲେ ସୃଜନର ଔଦାର୍ଯ୍ୟ ଗାମ୍ଭୀର୍ଯ୍ୟର ଏକ ରୂପକ । ତାଙ୍କର ତୁଳନା ନାହିଁ କି ପଟାନ୍ତର ନାହିଁ ।

**—ହର ପ୍ରସାଦ ଦାସ, କବି**

ଏଇ ଗତକାଲି ତାଙ୍କ ବିଷୟରେ କଥା ହେଉଥିଲୁ । କହିଲି – ଶୈଳକଳ୍ପ ଏବେ ଡାକ୍ତରଖାନାରେ, ଏକୁଟିଆ । ନାନା ବାୟାଗୀତ ଗାଉଛନ୍ତି ନିଜ ସହ ଆଳାପ କରୁଛନ୍ତି । ମନେ ମନେ ଭାବୁଛନ୍ତି କି,ସେ ଶ୍ରୀରାମଚନ୍ଦ୍ର ଭବନରେ ତାଙ୍କର ତୈଳଚିତ୍ରଟିଏ କେଉଁ ଉତ୍ତରାଧିକାରୀ ଜଣକ ଟାଙ୍ଗି ଦେବ । ଅମରତ୍ୱର ଗଳାରେ ଫୁଲମାଳଟି ରସି ଖଣ୍ଡିଏ ହୋଇଯିବ, ଅଦୃଶ୍ୟ ହୋଇଯିବ ରୂପ । ତାଙ୍କ ବ୍ୟକ୍ତିତ୍ୱ ଏମିତି- ଆଖିରେ ମର୍ମଭେଦୀ ଓଜ, ତୁଣ୍ଡରେ ମେଘ ଗରଜନ ପରି ନାଦ, ଚାଲିରେ ହଂସ ଗତି । ଏବଂ, ଅଭିବ୍ୟକ୍ତିରେ ପାଣ୍ଡିତ୍ୟ ଓ ସ୍ୱାଭାବିକତାର ସହୃଦୟ ବର୍ଣ୍ଣମାଳା, ଅଛନ୍ଦ-ରସିକତା, ଯେପରି ସରସ୍ୱତୀଙ୍କର ସଦା ସ୍ତନ୍ୟପାୟୀ ଗେହ୍ଲାପୁଅ । ସେଥିପାଇଁ ସେ ସମକାଳୀନ ପ୍ରତିଭାମାନଙ୍କ ମଧ୍ୟରେ ସବୁଜ ଓ ସ୍ୱତନ୍ତ୍ର । ତାଙ୍କୁ ପ୍ରଣାମ ।

**—ଗୌରାଙ୍ଗ ଚରଣ ଦାଶ, ସମାଲୋଚକ**

ରାଜେନ୍ଦ୍ର ପଣ୍ଡା ଓଡ଼ିଆ କବିତାର ଏକ ଅନତିକ୍ରମ୍ୟ ସ୍ୱର । କବିତା ଲିଖନ ଓ ଆବୃତ୍ତିର ଚମତ୍କାର ସମନ୍ୱୟ ଥିଲା ତାଙ୍କ କବିତାରେ । ତାଙ୍କର ଅବର୍ତ୍ତମାନ ଓଡ଼ିଆ କବିତା ତଥା ନୂତନ ଗଦ୍ୟଶୈଳୀରେ ଆଣି ଦେଲା ଏକ ଦୀର୍ଘ ବିରାମ ଓ ଶୂନ୍ୟ ସ୍ଥାନ । ସେ ଆମମାନଙ୍କୁ ଛାଡ଼ିଗଲା ଯାଏ ବି ଥିଲେ ଲେଖାଲେଖିରେ ସକ୍ରିୟ । ଏହି ମହାନ କବ୍ୟାତ୍ମାର ପୃଥିବୀରେ ପୁନର୍ଜନ୍ମ ହେଉ । ସେ ବାରମ୍ବାର ଆମ ଗହଣ କୁ ଆସୁ ଥାନ୍ତୁ ।

**—ଅଜୟ ସ୍ୱାଇଁ, କଥାକାର**

ଯଶସ୍ୱୀକବି ରାଜେନ୍ଦ୍ର କିଶୋର ପଣ୍ଡା ଥିଲେ ଆଧୁନିକ ଓଡ଼ିଆ କବିତାର ଦିଗନିର୍ଦ୍ଦେଶକ । ବୌଦ୍ଧିକ ଚେତନା ସହ ମାନବିକ ଆବେଦନରେ ରାଜେନ୍ଦ୍ରଙ୍କ ସାହିତ୍ୟ ଯେପରି ମୁଖରିତ ହୋଇଥିଲା ତାର ପଟାନ୍ତର ନାହିଁ । କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରୁଛି ।

**—ଡ. ବିଜୟାନନ୍ଦ ସିଂହ, ସାହିତ୍ୟିକ**

ସ୍ପର୍ଦ୍ଧା ଓ ଅହଂର ଇସ୍ତାହାର ଯେ କବିତାର କଳେବର ହେଇପାରେ, ଶିଖେଇଛନ୍ତି ଆପଣ । ଶିଖରରେ ପହଞ୍ଚିଗଲେ ଯେ, ସରିଯାଏନି ରାସ୍ତା ବରଂ ତିଆରି ହୁଏ ନୂଆ ବାଟବିତାଣର ସମ୍ଭାବନା- ସେକଥା ମଧ୍ୟ ବତେଇଛନ୍ତି ଆପଣ । ଜଣକର ଅହଂକାର 'ଅହମିକା' ହେଲେ, ଦୁଇଜଣଙ୍କର ଅହଂକାର 'ଆବାମିକା' ହେବ ଭଳି ଅନେକ ନୂଆ ଶବ୍ଦ ପ୍ରୟୋଗ କରି କାବ୍ୟ ଭାଷାର ଅବଧାନ ହେଇଛନ୍ତି ଆପଣ । ବୁଢ଼ି ଅଞ୍ଜଳର ଜୀବନଦରଜକୁ ଡେଇଁ ପ୍ରତିପକ୍ଷରେ ଠିଆ ହେବାର ଟାଣପଣ ସହକବିମାନଙ୍କୁ ଜଣେଇଛନ୍ତି ଆପଣ ।

ଆପଣଙ୍କ ସହିତ ଏକାଠି କାମ କରିବାର ସୁଯୋଗ ପାଇଛି । ପତ୍ରିକା ସମ୍ପାଦନା ବେଳେ ତାରୁଣ୍ୟର ସ୍ୱାଭାବିକ ଉଚ୍ଚାଟନରେ କେତେକ ପ୍ରସଙ୍ଗରେ ଯୁକ୍ତି ମଧ୍ୟ କରିଛି । ଯାହାର ଯୁକ୍ତି ଉଚିତ ଓ ପ୍ରାସଙ୍ଗିକ, ତାକୁ ଇ ଶେଷରେ ମାନିନେଇଛନ୍ତି ଆପଣ । ଚିତ୍ର ପ୍ରତି ଆପଣଙ୍କ ଦୁର୍ବଳତା, ମୁକ୍ତ ଚିନ୍ତନ ପ୍ରକାଶ କ୍ଷେତ୍ରରେ ଆପଣଙ୍କ ସାହସିକତା, ଓଡ଼ିଆ କାବ୍ୟ ଭାଷାରେ ନୂତନତ୍ୱ ତଥା ଓଡ଼ିଆ କବିତାର ନୂଆ ଅଭିଧାନ ନିର୍ମାଣ ପାଇଁ ପ୍ରୟାସୀ ହୋଇଛନ୍ତି ଆପଣ । ଏତେ ସହଜ ଓ ସନ୍ତର୍ପଣରେ କବି କି କବିତା କ'ଣ ନେଇପାରେ ବିଦାୟ! ଆପଣ ଅଛନ୍ତି । ଆପଣ ରହିବେ । ଆପଣ ଥାଆନ୍ତୁ ।

**—ଜ୍ଞାନୀ ଦେବାଶିଷ ମିଶ୍ର**
**ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ**

## ରାଜେନ୍ଦ୍ରଙ୍କ ସୃଜନ ସମ୍ଭାର

**କବିତା :** ଗୌଣ ଦେବତା, ୧୯୭୫, ଅନାବତାର, ୧୯୭୬, ଘୁଣାକ୍ଷର, ୧୯୭୭, ଶତଦ୍ରୁ ଅନେକ, ୧୯୭୭, ନିଜ ପାଇଁ ନାନାବାୟା, ୧୯୮୦, ଚଉକାଠରେ ଚିରକାଳ, ୧୯୮୧, ଶୈଳକଳ୍ପ, ୧୯୮୨, ଅନ୍ୟା, ୧୯୮୮, ବହୁବ୍ରୀହି, ୧୯୯୧, ବୋଧିନଭ, ୧୯୯୪, ଦ୍ରୋହବାକ୍ୟ, ୨୦୦୩, ଦୁଜା ନାରୀ, ୨୦୦୩, ବୈରାଗୀ ଭ୍ରମର, ସତ୍ୟୋତ୍ତର, ୨୦୦୩, ବହ୍ୱାରମ୍ଭେ, ୨୦୦୩, ସାଦା ପୃଷ୍ଠା ( ଗ୍ରନ୍ଥାବଳୀ) ।

### ଉପନ୍ୟାସ
ଚିଦାଭାସ, ୧୯୯୯

### ଅନୂଦିତ କବିତା
(ଇଂରାଜୀ)
Collected Poems, ୨୦୦୩
Collected Works (ସି.ଡି.)

### ସମ୍ପାଦନା
(ଇଂରାଜୀ)
Indian English Poetry
Indian Poetry in English Translation




## ପୁରସ୍କାର ଓ ସମ୍ମାନ

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୮୫ ('ଶୈଳକଳ୍ପ' କବିତା ପୁସ୍ତକ ନିମନ୍ତେ)
ବିଷୁବ ପୁରସ୍କାର, ୨୦୦୪ (ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ)
ସାରଳା ସମ୍ମାନ, ୨୦୨୧ (ସାରଳା ସାହିତ୍ୟ ସଂସଦ, କଟକ)
ଗଙ୍ଗାଧର ଜାତୀୟ ସମ୍ମାନ, (ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା) (୨୦୧୨)
ଶାରଳା ପୁରସ୍କାର (ଗ୍ରହଣ କରିନଥିଲେ) (ଇଙ୍ଗା ଚାରିଟେବୁଲ ଟ୍ରଷ୍ଟ, ଭୁବନେଶ୍ୱର, ୧୯୯୫)
ଝଙ୍କାର ପୁରସ୍କାର (କବିତା) (ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ) ୧୯୯୪
ସାହିତ୍ୟ ଭାରତୀ ସମ୍ମାନ, (ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନ, କଟକ) ୨୦୦୪
ସାହିତ୍ୟ ପାଇଁ ସଚ୍ଚି ରାଉତରାୟ ସମ୍ମାନ, (ଭୁବନେଶ୍ୱର ପୁସ୍ତକ ମେଳା) ୨୦୦୫
କବିତା ପାଇଁ ଜୀବନ ତରଙ୍ଗ ପୁରସ୍କାର, (ଜୀବନ ତରଙ୍ଗ ଜର୍ଣ୍ଣାଲ) ୧୯୯୧
ସାହିତ୍ୟ ପୁରସ୍କାର, ଭାରତୀୟ ଭାଷା ପରିଷଦ, କଲିକତା - ୧୯୮୯
ସାହିତ୍ୟ ପୁରସ୍କାର, ଧରିତ୍ରୀ ସମାଜବାଦୀ ପୁରସ୍କାର - ୧୯୭୭
ପଦ୍ମଚରଣ ପଟ୍ଟନାୟକ କବିତା ପୁରସ୍କାର (ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର, ଭୁବନେଶ୍ୱର) ୧୯୬୪
ସାହିତ୍ୟ ପାଇଁ ବୟୋଜ୍ୟୋଷ୍ଠ ଫେଲୋସିପ୍ (ସଂସ୍କୃତି ବିଭାଗ, ଭାରତ ସରକାର, ଏପ୍ରିଲ ୧୯୯୪-୯୬)
ଡି.ଲିଟ୍, ୨୦୦୪ (ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର, ବୁର୍ଲା, ସମ୍ବଲପୁର)
ରାଜ୍ୟପାଳ ପୁରସ୍କାର ସମ୍ମାନ (ଓଡ଼ିଆ ରାଜ୍ୟ ସଂସ୍କୃତି କାଉନସିଲ) ୧୯୯୩

## ପ୍ରିୟ ସହକବି!

—ରାଜେନ୍ଦ୍ର କିଶୋର ପଣ୍ଡା



କଲମ ଲାଗି ବଲମ ଉଠାଇବା କିଆଁ?

ଫୁଂଦାଏ କଣାଏ ଦାନାଏ-
କ'ଣ ବା ଦେଇପାରିଛେ ନୂଆ?
ସଦ୍ୟ ଛିଂଡିପଡ଼ିଥିବା ଫୁଲକୁ ଝଜି ଦେଇପାରିଛେ
ଡେଂଫ ସହିତ? ଲୁହକୁ ଫେରାଇ ପାରିଛେ ଆଖିକୁ?
କିଛି ଗୋଟେ ମୁଠେଇ ଧରି ଟେକି
'ଯାଃ' ବୋଲି ଉଡ଼େଇ ଦେଇ ହୋଇଚି ସୃଷ୍ଟି ବାହାରକୁ?
କବିତାର ପ୍ରୟାସ କ'ଣ ଛୁଇଁପାରିଚି ତାର ସଂଭାବନାକୁ?

ବେଳେ ବେଳେ କଣ ଲାଗେନା-
ଜୀବନ ଏକ ପୃଷ୍ଠାବହୁଳ ପରାଜୟ
ଯାହାର ପ୍ରତି ଅଧ୍ୟାୟ ପ୍ରତି ପରିଚ୍ଛେଦ ପ୍ରତି ବାକ୍ୟରେ
ଦୃଷ୍ଟି ଭ୍ରମରେ ଦିଶେ କେବଳ ଗୋଟିଏ ଶବ୍ଦ: 'ବିଜୟ?'


ନା, ଏଠି ହାରଜିତ ନାଇଁ, ସାମ୍ରାଜ୍ୟ ନାଇଁ, ସିଂହାସନ ନାଇଁ
ଶିଖର ବୋଲି କିଛି ନାଇଁ
କହୁଣେଇ ଉହୁଂକ ନାଇଁ, ଆସ,
ହାତ ମିଳାଅ, ବୁକୁ ମିଳାଅ ।

ଧାନଶିଷାରେ ଆହୁରି କ୍ଷୀର, ତୁତ୍‌ପୋକଠି ଆହୁରି ରେଶମ
ଅରଣି ଭିତରେ ଆହୁରି ନିଆଁ
ଆଖୁ ଭିତରେ ମହୁ ଭିତରେ ଆହୁରି ମିଠା
ଶଳପ ଗଛରେ ଅଧିକା ରସ
ଆକାଶ ଭିତରେ ଆହୁରି ନୀଳିମା, ଆହୁରି ଚଂଦ୍ରିକା

ମଣିଷ ଭିତରେ ଆହୁରି ଆହୁରି ମାନବିକତା
ଭରିଦେ ଭରିଦେ ବୋଲି
ଆଜ୍ଞା ଦେଇପାରିବାନି ସିନା, ପ୍ରାର୍ଥନା କରିବା, ଆସ ।

କଲମ ନଇଁଗଲେ ବଲମ ଉଠାଇବା କିଆଁ?
ସ୍ୱେଚ୍ଛାରେ ଜଳେ ଆଉ ନିଭିଯାଏ ଭିତରର ନିଆଁ ।
କବିତା ଯୁଦ୍ଧ ନୁହେଁ ପ୍ରେମ,
ଖେଳ ଆମ ଆରୋହଣ ନୁହେଁ ରିଲେ-
ଦୌଡ଼ି ଦୌଡ଼ି ନିର୍ଦ୍ଦିଷ୍ଟ ଗୋଟିଏ ବିଂଦୁରେ
ଅପେକ୍ଷମାଣ ତରୁଣ ଖେଳୁଆଡ଼କୁ
କଲମଟି ବଢ଼ାଇ ଦେଲେ ଆମର ଛୁଟି ।

## ପତ୍ରିକା ପରିଚୟ




### ମୋ ଆଶା

**ସଂପାଦକ: ସୁମନ୍ତ ମହାରଣା**
**ପାଟପୁର, ନିମାପଡ଼ା, ପୁରୀ-୭୫୨୧୦୬**
**ମୂଲ୍ୟ: ୨୦ ଟଙ୍କା**

ତ୍ରୟମାସିକ ଶିଶୁକିଶୋର ପତ୍ରିକା 'ମୋ ଆଶା' ଅକ୍ଟୋବର-ଡିସେମ୍ବର ୨୦୨୫ ସଂଖ୍ୟା ବେଶ୍ ଆକର୍ଷଣୀୟ ହୋଇଛି । ସୁମନ୍ତ ମହାରଣାଙ୍କ ସଂପାଦିତ 'ମୋ ଆଶା'ର ଏହି ସଂଖ୍ୟାରେ ଶିଶୁକିଶୋରଙ୍କ ମନଲାଖି କବିତା, ଗପ, ପୌରାଣିକ କାହାଣୀ, ରମଣୀୟ ପର୍ଯ୍ୟଟନ ପୀଠ ଆଦି ବିଭିନ୍ନ ଲେଖା ପ୍ରକାଶ ପାଇଛି । ଶରତ କୁମାର ନାୟକଙ୍କ 'ମାଆ ରାମଚଣ୍ଡୀ'ରେ କୋଣାର୍କ ନିକଟସ୍ଥ ମାଆ ରାମଚଣ୍ଡୀ ପୀଠର ମାହାତ୍ମ୍ୟ, କିମ୍ବଦନ୍ତୀ, ପୂଜାପାର୍ବଣ ଆଦି ସଂପର୍କରେ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । ସେହିପରି ଦେବେନ୍ଦ୍ର କରଙ୍କ 'ଅଧର୍ମର ପରାଜୟ', ଅର୍ଜୁନ ଦାସଙ୍କ 'ପାପ ବିନାଶର କାରଣ', ଡ. ଯୁଗଳ କିଶୋର ଷଡ଼ଙ୍ଗୀଙ୍କ 'ସଳିତାଟି ହୋଇ ଅନ୍ଧାର ନାଶ', କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ 'ପୃଥିବୀର ଦୁଃଖ', ଡ. ତ୍ରିନାଥ ପଟ୍ଟନାୟକଙ୍କ 'ଗୁରୁଙ୍କ ସନ୍ଦେଶ' ଆଦି ଗପଗୁଡ଼ିକ ମନଛୁଆଁ ଓ ଶିକ୍ଷଣୀୟ ହୋଇଛି । ସେହିଭଳି କମଳିନୀ ମଲ୍ଲିକଙ୍କ 'ଆସୁଛନ୍ତି ପରା ମାଆ', ବ୍ରଜ ବିହାରୀ ସୁବୁଦ୍ଧିଙ୍କ 'ମାଆଙ୍କର ଆଗମନ', ନିରାକାର ଚଇନିଙ୍କ 'ସୁଖରେ କରିବା ବାସ' କବିତାଗୁଡ଼ିକ ହୃଦୟସ୍ପର୍ଶୀ ଓ ଭାବଗର୍ଭକ ହୋଇଛି । ସଂପାଦକୀୟଠାରୁ ଆରମ୍ଭ କରି ଆମ ପ୍ରତିଭା, କୁନି ମଡେଲ୍, ଆମ ହାତ ଅଙ୍କା ଛବି ଆଦି ଲେଖା ଓ ଚିତ୍ର ବେଶ୍ ସୁନ୍ଦର ଓ ମନଲୋଭା ହୋଇଛି । 'ମୋ ଆଶା'ର ଏହି ସଂଖ୍ୟାର ଲେଖାଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

## ଧରମ ମାସ



**ପୁଷ୍ପଲତା ସାହୁ**

କାର୍ତ୍ତିକ ମାସରେ ମଙ୍ଗଳ ଆଳତି
ପୂଜାରୀ କରନ୍ତି ମନ୍ଦିରେ
ପାହାନ୍ତା ପହରୁ ନିଦ ଭାଙ୍ଗି ଯାଏ, ହୁଳହୁଳି ଶବଦରେ
ଧରମ ମାସ ଏ ଧରମ କରିବି, ଧାଇଁ ଯାଏ ମନ୍ଦିରକୁ
ତୁଳସୀ ଚଉରା ଧୋଇ ଦେଇ କରି
ଲେଖି ଦିଏ ମୁରୁଜକୁ
ଜଗତର ନାଥ ଜଗନ୍ନାଥ ଆଉ, ମାଆ ସୁଭଦ୍ରାର ରୂପ
ଆଙ୍କି ଦିଏ ପୁଣି ପ୍ରଭୁ ବଳଭଦ୍ର
ଜାଳି ଦେଇ ଘିଅ ଦୀପ
ପଞ୍ଚୁକ ଦିନରେ ହବିଶ୍ୟ କରେ ମୁଁ
ତୁଳସୀ ଚଉରା ମୂଳେ
ଆକାଶଦୀପ ମୁଁ ଜାଳି ଦେଇ କରି
କାର୍ତ୍ତିକ ମାହାତ୍ମ୍ୟ ପଢ଼େ

ଧରମର ଡଙ୍ଗା ତିଆରି କରେ
କଦଳୀ ପାଟୁଙ୍ଗା ଆଣି
ଅରୁଆ ଚାଉଳ, ସାରୁ ମୁଗ ଡାଲି
(ଆ, କା, ମା,ବୈ) ହବିଷ୍ୟ କରିବେ ବୋଲି
ଧରମ ଡଙ୍ଗା ହେ ଧରମ ଡଙ୍ଗା
ଗୁଆ ପାନ ତୋର, ମାସକ ଧରମ ମୋର ।



କଟକ
ମୋ- ୮୭୫୮୩୨୧୯୭୧

## ମହା କାର୍ତ୍ତିକ




**ରାମଚନ୍ଦ୍ର ବେହେରା**

ଧରମ ମାସ ମହା କାର୍ତ୍ତିକ
ଆସିଛି ଧରା କୋଳେ
ଆଇ ପାଳଇ ହବିଷ ବ୍ରତ
ବସି ତୁଳସୀ ମୂଳେ ।
ସକାଳୁ ସ୍ନାନ କରି ସଭିଏଁ
ଶିବାଳୟକୁ ଯାଇ
ଭୋଳାନାଥଙ୍କୁ ପୂଜନ୍ତି ଧ୍ୟାନେ
ଶୁଭ ଆଶିଷ ପାଇଁ ।
ଶିରୀମନ୍ଦିର ହୁଏ ଗହଳି
ଏଇ କାର୍ତ୍ତିକ ମାସେ
ପଞ୍ଚୁକ କାଳେ ଚଉଁରା ପାଶେ
ଆକାଶ ଦୀପ ହସେ ।
ଆମିଷ କେହି ଖାଆନ୍ତି ନାହିଁ
କରନ୍ତି ଦାନ ପୁଣ୍ୟ
ରାଧାକୃଷ୍ଣଙ୍କ ରାହାସ ହୁଏ
ପଞ୍ଚୁକ ପାଞ୍ଚ ଦିନ ।

ଚଉଁରା ମୂଳେ ପଞ୍ଚ ମୁରୁଜ
ମନକୁ ନିଏ କିଣି
ସକାଳୁ ଜନେ ଦାଣ୍ଡ ଓଳାନ୍ତି
ଶୁଭଇ ଘଣ୍ଟ ଧ୍ୱନି ।
ଧରମ ମାସେ ଧରମ କାମ
କରିବା ଆସ ମିତ
ଆବର୍ଜନାକୁ ଭୂଇଁରେ ପୋତି
କରିବା ଜନ ହିତ ।

ତେନ୍ତୁଳିପଦା, ଜଗତସିଂହପୁର
ମୋ- ୭୩୫୫୭୩୪୩୪୬



## ସୁମନ

## ଦେବାରେ ଆନନ୍ଦ






**ଡକ୍ଟର ରବିନାରାୟଣ ସାହୁ**

ଥରେ ଜଣେ ଶିଷ୍ୟ ତାଙ୍କ ଗୁରୁଙ୍କ ସହିତ ଚାଲି ଚାଲି ରାସ୍ତାରେ ଯାଉଥାନ୍ତି । ବାଟରେ ଯାଉ ଯାଉ ଚାଷ ଜମିଟିଏ ପଡ଼ିଲା । ସବୁଜ କ୍ଷେତ ଦେଖୁ ଦେଖୁ ଶିଷ୍ୟ ଜଣଙ୍କ ଖୁସିରେ ଆତ୍ମହରା ହୋଇଗଲେ । ଗୁରୁଙ୍କ ସହିତ କଥା ହୋଇ ଯିବାବେଳେ ଶିଷ୍ୟଙ୍କ ନଜର ପଡ଼ିଗଲା ହିଡ଼ ମୁଣ୍ଡରେ ଥିବା ଏକ ପୁରୁଣା ଅଧା ଛିଣ୍ଡା ଜୋତା ଉପରେ । ଜୋତାଟି କ୍ଷେତରେ କାମ କରୁଥିବା ଜଣେ ଚାଷୀଙ୍କର ଥିଲା । ତହୁଁ ଶିଷ୍ୟ ଜଣଙ୍କ ଗୁରୁଙ୍କୁ ପୁରୁଣା ଛିଣ୍ଡା ଜୋତାଟି ଲୁଚେଇ ଦେଇ ହିଡ଼ କଡ଼ରେ ବସି ଚାଷୀର ମଜା ଦେଖିବାକୁ କହିଲେ । ଗୁରୁ କିନ୍ତୁ ମନାକଲେ । କହିଲେ, "ଗରିବ ଚାଷୀଟିର ଜୋତାଟି ଲୁଚେଇ ନେଇ ମଜା ଦେଖିବା ଆଦୌ ଶୋଭନୀୟ ନୁହେଁ । ବରଂ ଦୁଇ ଜୋତା ଭିତରେ କିଛି ଟଙ୍କା କପଡ଼ାରେ ବାନ୍ଧି ରଖିଦେବା, ଦେଖିବା ହଠାତ୍ ଜୋତା ଭିତରେ ଏତେ ଗୁଡ଼ିଏ ଟଙ୍କା ଦେଖି ଚାଷୀର ପ୍ରତିକ୍ରିୟା କ'ଣ ହେଉଛି! ଏଇଆ ଚିନ୍ତା କରି କିଛି ଟଙ୍କା କପଡ଼ାରେ ଗୁଡ଼ାଇ ଜୋତା ଭିତରେ ରଖିଦେଲେ ଓ ହିଡ କଡ଼ରେ ଚାଷୀ ଜଣକ ଆସିବା ପର୍ଯ୍ୟନ୍ତ ଦୁହେଁ ଅପେକ୍ଷା କଲେ । କିଛି ସମୟ ପରେ ଚାଷୀ ଜଣକ ଆସି ଜୋତା ଭିତରେ ବାମ ପାଦ ରଖୁ ରଖୁ ଜୋତାରେ କ'ଣ ଗୋଟାଏ ଥିବା ଜାଣି ପାରି ହାତରେ କାଢ଼ି ଟଙ୍କା ତକ ଥିବା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଦ୍ୱିତୀୟ ଜୋତା ଭିତରେ ବି ଟଙ୍କା ତକ ପାଇ ତାଙ୍କର ଆଶ୍ଚର୍ଯ୍ୟର ସୀମା ଆହୁରି ବଢିଗଲା । ହିଡ଼ରେ ବସି ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ଚାଷୀ ଜଣକ କହିଲେ, "ହେ ପ୍ରଭୁ ଘରେ ମୋ ରୋଗିଣା ସ୍ତ୍ରୀକୁ ଡାକ୍ତରଖାନା ନେବାକୁ ପାଖରେ ପଇସା ନ ଥିଲା । ତମେ ଯୋଉ ଟଙ୍କା ଆଜି ମୋ ଜୋତା ଭିତରେ ରଖିଦେଲ ସେଥିପାଇଁ ବହୁତ ବହୁତ ଧନ୍ୟବାଦ । ତମେ ମୋ ସ୍ତ୍ରୀକୁ ବଞ୍ଚେଇ ଦେଲ ପ୍ରଭୁ । ମୋ ଉଜୁଡ଼ା ପରିବାରକୁ ସଜାଡ଼ି ଦେଲ ।" ଏତିକି କହି ଖୁସିରେ ହିଡ଼ ଉପରେ ବସି ସେ ଭଗବାନଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆଟିଏ ମାରିଲେ ଓ ଟଙ୍କାତକ ଧରି ସ୍ତ୍ରୀକୁ ଡାକ୍ତରଖାନା ନେବାକୁ ବାହାରି ପଡ଼ିଲେ । ସିଏ ଯିବା ପରେ ହିଡ଼ କଡ଼ରେ ବସିଥିବା ଗୁର ଶିଷ୍ୟ ଉଠି ଉପରକୁ ଆସିଲେ । ଗୁରୁ କହିଲେ, "ଦେଖିଲୁ ତ, ଟଙ୍କା କେତୋଟି ରଖି ଦେବାରୁ ଚାଷୀ ଜଣକ କେତେ ଖୁସି ହୋଇ ନେଇଗଲା । ଆଉ ଟଙ୍କାତକ ତା' ଉଜୁଡ଼ା ସଂସାରକୁ କେମିତି ସଜାଡ଼ି ଦେଲା । ଜୋତାଟିକୁ ନେଇ ଆସି ଲୁଚେଇ ଦେଇଥିଲେ କ'ଣ ହେଇଥାନ୍ତା? ଆମେ ତା' ମନରେ ଦୁଃଖ ଦେଇଥାନ୍ତେ । କାରଣ ଆମକୁ ଛିଣ୍ଡା ବୋଲି ଲାଗିଲେ ବି ତା' ପାଇଁ କିନ୍ତୁ ସେଇ ଜୋତା ହଳକ ଥିଲା ମୂଲ୍ୟବାନ । ଜୋତା ନେଇ ଆସିଥିଲେ ସେ ମନଦୁଃଖ କରିଥାନ୍ତା । ଆମେ ଟଙ୍କା ଦେବାରୁ ସିଏ ଯେଉଁ ଖୁସି ଟିକକ ପାଇଲା ସେଇଥିରେ ଆମ ମନ ବି ଖୁସି ହୋଇଗଲା । ତେଣୁ ନେବାରେ ନୁହେଁ ଦେବାରେ ଆନନ୍ଦ ଥାଏ । ଯିଏ ଦେଇଚାଲେ ସିଏ ଖୁସି ଓ ଆନନ୍ଦ ଗୋଟେଇ ଚାଲେ । ତେଣୁ ପିଲାଏ କାହାଠାରୁ କିଛି ନେବା ବା ପାଇବା କଥା ଭୁଲି ଦେବାକୁ ଚେଷ୍ଟା କର, ଦେଖିବ ସେଥିରୁ ପ୍ରକୃତ ଆନନ୍ଦ ପାଇବ ।

ସ୍ମୃତି ନଗର, ବରଗଡ଼
ମୋ- ୯୮୬୧୦୮୯୩୪୮

## କୁନି ଚିତ୍ରକର






**ସ୍ୱର୍ଣ୍ଣ ସ୍ନିଗ୍ଧା ମହାନ୍ତି**
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ନିମାପଡ଼ା





**ନବ୍ୟା ନବେଲି ମହାନ୍ତି**
ଦଶମ ଶ୍ରେଣୀ
ସଲ୍ଟ ଲେକ୍ ଶିକ୍ଷା ନିକେତନ
କୋଲକାତା





**ଇଭାଂଶୀ ମିଶ୍ର**
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





**ଲକ୍ଷ୍ମୀପ୍ରିୟା ଦାସ**
ତୃତୀୟ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ ୬
ଭୁବନେଶ୍ୱର

## ଆଜି ଶେଷ ଦିନିକିଆ : ବିରାଟ କୋହଲିଙ୍କ ଉପରେ ନଜର

# କ୍ଲିନ୍ ସୁଇପ୍ ଏଡ଼ାଇବା ଲକ୍ଷ୍ୟରେ ଭାରତ

ସିଡନୀ,୨୪।୧୦(ଏଜେନ୍ସି)




ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ଆସନ୍ତାକାଲି ଖେଳାଯିବ। ଏହା ପୂର୍ବରୁ ପର୍ଥରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ୭ ୱିକେଟରେ ଓ ଆଡିଲେଡ୍‌ରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆକୁ ୨ ୱିକେଟରେ ଜିତି ଅଷ୍ଟ୍ରେଲିଆ ଆଗୁଆ ସିରିଜ୍ କବ୍‌ଜା କରିନେଇଛି। ଏଭଳି ସ୍ଥିତିରେ ଆସନ୍ତାକାଲି ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଉଭୟ ଦଳ ଭଲ ଖେଳିବେ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍ ଜିତିଲେ ଭାରତ କ୍ଲିନ୍ ସୁଇପ୍‌କୁ ଏଡ଼ାଇଯିବ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଜିତିଲେ ଭାରତ ବିପକ୍ଷରେ ଐତିହାସିକ କ୍ଲିନ୍ ସୁଇପ୍ କରିବ। ୨୦୨୧-୨୨ରୁ ଭାରତ ଏଯାଏ କ୍ରମାଗତ ୩ଟି ମ୍ୟାଚ୍‌ରେ ପରାଜିତ ହୋଇନାହିଁ। ଏଠାରେ ଅଷ୍ଟ୍ରେଲିଆ ଜିତିଲେ ୩ବର୍ଷ ପରେ ଭାରତ କ୍ରମାଗତ ୩ଟି ଦିନିକିଆ ମ୍ୟାଚ୍‌ରେ ହାରିବାର ରେକର୍ଡ କରିବ।

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଭାରତ ଯେଉଁ ଯୋଜନା କରିଥିଲା ସେଥିରେ ସଫଳ ହୋଇପାରି ନାହିଁ। ଦଳରେ ଦୁଇ କିଂବଦନ୍ତି ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଥାଇ ମଧ୍ୟ ପ୍ରଦର୍ଶନରେ ସେପରି କିଛି ଉନ୍ନତି ହୋଇନାହିଁ। ଶୁବମନ ଗିଲ ନୂଆ ଅଧିନାୟକ ହୋଇଥିଲେ ମଧ୍ୟ ଟେଷ୍ଟ ଭଳି ସେ ଧମାକାଦାର ଆରମ୍ଭ କରିନାହାନ୍ତି। ପ୍ରଥମ ଦୁଇଟି ଦିନିକିଆରେ ସେ ଯଥାକ୍ରମେ ୧୦ ଓ ୯ ରନ୍ କରିଛନ୍ତି ଓ ଉଭୟ ମ୍ୟାଚ୍‌ରେ ଭାରତ ପରାଜିତ ହୋଇଛି। ଦ୍ୱିତୀୟ ଦିନିକିଆରେ ଗୋଟିଏ ପଟେ ରୋହିତ ଶର୍ମା ତିଷ୍ଠିରହିଥିଲେ ମଧ୍ୟ ଗିଲ ଆଗକୁ ଯାଇ ପାରି ନ ଥିଲେ। ଦଳର ଦୁଇ ବରିଷ୍ଠ ଖେଳାଳିଙ୍କ ମଧ୍ୟରୁ ବିରାଟ କୋହଲି ତାଙ୍କ ଦିନିକିଆ କ୍ୟାରିୟରରେ ପ୍ରଥମଥର କ୍ରମାଗତ ମ୍ୟାଚ୍‌ରେ ଖାତା ଖୋଲିନାହାନ୍ତି। ଅନ୍ୟତମ ବରିଷ୍ଠ ଖେଳାଳି ରୋହିତ ଶର୍ମା ଦ୍ୱିତୀୟ ମ୍ୟାଚ୍‌ରେ ୭୩ ରନ୍ କରି ଟପ୍ ସ୍କୋରର ହୋଇଛନ୍ତି। ଉଭୟଙ୍କ ଲାଗି ଅଷ୍ଟ୍ରେଲିଆ ମାଟିରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିବା ଆସନ୍ତାକାଲିର ମ୍ୟାଚ୍ ଶେଷ ସୁଯୋଗ। ଏଣୁ ଉଭୟ କିଛି ଭଲ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ଟୁର୍ ଶେଷ କରିବେ ବୋଲି ଆଶା କରାଯାଉଛି। ଭାରତର ବୋଲିଂ ମଧ୍ୟ ପ୍ରଥମ ଦୁଇଟି ମ୍ୟାଚ୍‌ରେ କ୍ଲିକ୍ କରିନାହିଁ। ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କୁ ୱାଶିଂଟନ ସୁନ୍ଦରଙ୍କ ସ୍ଥାନରେ ସିଡ୍‌ନୀ ଗ୍ରାଉଣ୍ଡରେ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ଏପରି କି ହର୍ଷିତ ରାଣାଙ୍କ ସ୍ଥାନରେ ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଖେଳିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଗିଲଙ୍କ ନେତୃତ୍ୱର ମନ୍ଥର ଗତିରୁ ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ସେ କିପରି ସଫଳତାର ସ୍ୱର୍ଶ ପାଇବେ ତାହା ଉପରେ ନିଶ୍ଚିତ ଗୁରୁତ୍ୱ ଦେବେ।

### ନୂଆ ଖେଳାଳିଙ୍କୁ ସଫଳତା

ନିୟମିତ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ଅନୁପସ୍ଥିତି, କିଂବଦନ୍ତି ଖେଳାଳି ଷ୍ଟିଭେନ ସ୍ମିଥ୍ ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଅବସର ପରେ ଅଷ୍ଟ୍ରେଲିଆ ଦଳରେ ନୂଆ ଖେଳାଳି ସେମାନଙ୍କ ସ୍ଥାନ ପୂରଣ କରିବାରେ ସମର୍ଥ ହୋଇଛନ୍ତି। ଦୁଇ ବରିଷ୍ଠ ଖେଳାଳି ତଥା ଅଧିନାୟକ ମିଚେଲ ମାର୍ଶ ଓ ଟ୍ରାଭିସ୍ ହେଡ୍‌ଙ୍କ ବଡ଼ ସ୍କୋର ବିନା ଦଳରେ ସ୍ଥାନ ପାଇଥିବା ନୂଆ ଖେଳାଳିମାନେ ଭଲ ଖେଳିଛନ୍ତି। ଦୀର୍ଘ ୯ ବର୍ଷ ଅପେକ୍ଷା ପରେ ଦିନିକିଆ ଖେଳିଥିବା ମ୍ୟାଟ୍ ରେନ୍‌ସା, ମାଥ୍ୟୁ ସର୍ଟ, କୁପର କୋନୋଲୀ ଓ ମିଚେଲ ଓଏନ୍ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଖୁବ୍ ଭଲ ଖେଳିଛନ୍ତି। ଦୁଇ ବରିଷ୍ଠ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜ୍‌ଲେଉଡ୍‌ଙ୍କ ସହ ନବାଗତ ଜାଭିୟର ବାର୍ଟଲେଟ ଓ ନାଥାନ ଏଲିସ୍ ତାଙ୍କ ଉପସ୍ଥିତି ଜାହିର କରିପାରିଛନ୍ତି। କହିବାକୁ ଗଲେ ଆସନ୍ତା ଦଶକରେ ଅଷ୍ଟ୍ରେଲିଆକୁ ପ୍ରତିନିଧିତ୍ୱ କରୁଥିବା ଖେଳାଳିଙ୍କୁ ଚୟନକର୍ତ୍ତା ବାଛିନେଇଛନ୍ତି। ନୂଆ ଖେଳାଳିଙ୍କୁ ନେଇ ଭାରତ ଭଳି ଶକ୍ତିଶାଳୀ ଦଳକୁ ପରାସ୍ତ କରିବା ନିଶ୍ଚିତଭାବେ ଏକ ବଡ଼ କଥା। ଏମାନଙ୍କୁ ଅଷ୍ଟ୍ରେଲିଆର ଭବିଷ୍ୟତ ବୋଲି କୁହାଯାଉଛି। ଏହି ସିରିଜ୍ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଓ ଆସେସ ସିରିଜ୍ ଖେଳାଯିବାକୁ ଥିବାରୁ ଦଳର ଦୁଇ ବରିଷ୍ଠ ଫାଷ୍ଟ ବୋଲର ହାଜ୍‌ଲେଉଡ୍ ଓ ଷ୍ଟାର୍କଙ୍କୁ କିମ୍ବା ଏମାନଙ୍କ ମଧ୍ୟରୁ ଜଣଙ୍କୁ ଏହି ମ୍ୟାଚ୍‌ରେ ବିଶ୍ରାମ ଦିଆଯାଇପାରେ। ମାର୍ନସ ଲାବୁସେନଙ୍କୁ ଶେଫିଲ୍ଡ ସିଲ୍ଡ ଖେଳିବା ଲାଗି ଛାଡିଦିଆଯାଇଛି। ଦଳରେ ଫାଷ୍ଟ ବୋଲିଂ ଅଲରାଉଣ୍ଡର ଜେକ୍ ଏଡ୍‌ୱାର୍ଡସ ଓ ବାମହାତୀ ସ୍ପିନର ମାଥ୍ୟୁ କୁନେମାନଙ୍କୁ ସାମିଲ କରାଯାଇଛି। ଦଳରେ ୩ ଜଣ ୱିକେଟରକ୍ଷକ ଅଛନ୍ତି। ତେବେ ଫିଟ୍ ହୋଇ ନ ଥିବା ଜୋଶ ଇଂଲିଶ ଓ ପ୍ରଥମ ମ୍ୟାଚ୍ ଖେଳିଥିବା ଜୋଶ ଫିଲିପ୍‌ଙ୍କୁ ପଛରେ ପକାଇ ଆଲେକ୍ସ କ୍ୟାରୀ ୱିକେଟକିପିଂ କରିବେ। ଦଳରେ ଅଲରାଉଣ୍ଡରଙ୍କ ସଂଖ୍ୟା ଅଧିକ ଥିବାରୁ ଖେଳାଳି ଚୟନରେ ଅସୁବିଧା ସୃଷ୍ଟି ହୋଇଛି।

### ଅଷ୍ଟ୍ରେଲିଆ ସପକ୍ଷରେ ସିଡ୍‌ନୀ


ସିଡ୍‌ନୀରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୧୯ଟି ମ୍ୟାଚ୍ ଆୟୋଜିତ ହୋଇଛି। ଏହା ମଧ୍ୟରୁ ଗୋଟିଏ ମ୍ୟାଚ ବାତିଲ ହୋଇଥିଲାବେଳେ ଅଷ୍ଟ୍ରେଲିଆ ୧୬ଟିରେ ଓ ଭାରତ ମାତ୍ର ୨ଟିରେ ବିଜୟୀ ହୋଇଛି। ଏଣୁ ସିଡନୀ ପିଚ୍ ଅଷ୍ଟ୍ରେଲିଆ ସପକ୍ଷରେ ଯାଇଛି। ଭାରତ ଏଠାରେ ୨୦୦୮ ଓ ୨୦୧୬ରେ ଦୁଇଟି ମ୍ୟାଚ୍ ବିଜୟୀ ହୋଇଛି।

ଅନ୍ୟପକ୍ଷରେ ୨୦୨୧-୨୨ ସିରିଜ୍‌ରେ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ନିକଟରୁ କ୍ରମାଗତ ୪ଟି ଦିନିକିଆ ମ୍ୟାଚ୍ ହାରିବା ପରେ ଏଯାଏ କ୍ରମାଗତ ୩ଟି ମ୍ୟାଚ୍‌ରେ ହାରିନାହିଁ। ଅଷ୍ଟ୍ରେଲିଆଠାରୁ ମଧ୍ୟ ଦଳ ସିରିଜ୍‌ର ସମସ୍ତ ମ୍ୟାଚ୍‌ରେ କେବେ ହାରିନାହିଁ।

୨୦୨୩ ବିଶ୍ୱକପ୍ ଫାଇନାଲ ପରଠାରୁ ଭାରତ କ୍ରମାଗତ ୧୭ଟି ଦିନିକିଆ ମ୍ୟାଚ୍‌ରେ ଟସ୍ ହାରିଛି। ସିଡ୍‌ନୀରେ ଏହି ରେକର୍ଡ ଭାଙ୍ଗିବ ବୋଲି ଆଶା ରହିଛି।

ଏହି ସିରିଜ୍‌ରେ ବିରାଟ କୋହଲି ଆଉ ୫୪ ରନ୍ କରିପାରିଲେ ଦିନିକିଆ କ୍ରିକେଟରେ ଶ୍ରୀଲଙ୍କାର କୁମାର ସାଙ୍ଗକାରାଙ୍କୁ ପଛରେ ପକାଇ ସଚିନ ତେନ୍ଦୁଲକରଙ୍କ ପଛକୁ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ବିବେଚିତ ହେବେ।

## ଟି-୨୦ ଦଳକୁ ଫେରିଲେ ମ୍ୟାକ୍ସୱେଲ



ସିଡନୀ,୨୪।୧୦(ଏଜେନ୍ସି): ଆସନ୍ତା ୨୯ରୁ ଭାରତ ସହ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ମିଚେଲ ମାର୍ଶଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଆହତ ପରେ ଫିଟ୍ ହୋଇଥିବା ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ସାମିଲ କରାଯାଇଛି। ସେହିପରି ଯୁବ ଫାଷ୍ଟ ବୋଲର ମାହଲି ବିୟର୍ଡମ୍ୟାନଙ୍କୁ ମଧ୍ୟ ପ୍ରଥମଥର ଜାତୀୟ ଦଳକୁ ଡକରା ମିଳିଛି। ବେନ୍ ଡ୍ୱାରଶୁଇସ୍‌ଙ୍କୁ ଶେଷ ୨ଟି ମ୍ୟାଚ୍ ଲାଗି ସାମିଲ ହୋଇଛନ୍ତି। ଆସେସ ସିରିଜ୍ ଲାଗି ବିଶ୍ରାମ ନେବାକୁ ଜୋଶ ହାଜ୍‌ଲେଉଡ୍ ଓ ସିନ ଆବଟଙ୍କୁ ସିରିଜ୍ ଅଧାରୁ ବାଦ୍ ଦିଆଯାଇଛି। ହାଜ୍‌ଲେଉଡ୍ ପ୍ରଥମ ୨ଟି ଓ ଆବଟ ପ୍ରଥମ ୩ଟି ମ୍ୟାଚ୍ ଲାଗି ମନୋନୀତ ହୋଇଛନ୍ତି। ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ କାନବେରାରେ ଅକ୍ଟୋବର ୨୯, ଦ୍ୱିତୀୟ ମ୍ୟାଚ୍ ମେଲବୋର୍ଣ୍ଣରେ ୩୧, ତୃତୀୟ ମ୍ୟାଚ୍ ହୋବାର୍ଟରେ ନଭେମ୍ବର ୨, ଗୋଲ୍ଡ କୋଷ୍ଟରେ ଚତୁର୍ଥ ମ୍ୟାଚ୍ ନଭେମ୍ବର ୬ ଓ ବ୍ରିସ୍‌ବେନ୍‌ରେ ପଞ୍ଚମ ତଥା ଶେଷ ମ୍ୟାଚ୍ ନଭେମ୍ବର ୮ ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଅଷ୍ଟ୍ରେଲିଆ ଦଳ : ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜାଭିୟର ବାର୍ଟଲେଟ୍, ନାଥାନ ଏଲିସ୍, ଟିମ୍ ଡେଭିଡ୍, ଜୋଶ ଇଂଲିଶ ଓ ଜୋଶ ଫିଲିପ୍ (ଉଭୟେ ୱିକେଟରକ୍ଷକ), ମିଚେଲ ଓଏନ, ମାଥ୍ୟୁ ସଟ, ମାର୍କସ ଷ୍ଟୋଇନିସ୍, ଆଦାମ ଜାମ୍ପା। ଜୋଶ ହାଜ୍‌ଲେଉଡ୍ ପ୍ରଥମ ୨ଟି ଓ ସିନ୍ ଆବଟ- ପ୍ରଥମ ୩ଟି ମ୍ୟାଚ୍ ଲାଗି। ଗ୍ଲେନ୍ ମ୍ୟାକ୍ସୱେଲ୍ ଓ ମାହଲି ବିୟର୍ଡମ୍ୟାନ୍ - ଶେଷ ୩ଟି ମ୍ୟାଚ୍। ବେନ୍ ଡ୍ୱାରଶୁଇସ - ଶେଷ ୨ଟି ମ୍ୟାଚ୍।

## ମହିଳା ବିଶ୍ୱକପ୍ କ୍ରିକେଟ | ବର୍ଷାରେ ଶ୍ରୀଲଙ୍କା, ପାକ୍‌ର ଅଭିଯାନ ଶେଷ

କଲମ୍ବୋ,୨୪।୧୦(ଏଜେନ୍ସି): କ୍ରମାଗତ ବର୍ଷା ଏବଂ ଓଦା ପଡ଼ିଆ ଯୋଗୁଁ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଏଠାରେ ଶୁକ୍ରବାର ଖେଳାଯିବାକୁ ଥିବା ମହିଳା ବିଶ୍ୱକପ୍ କ୍ରିକେଟର ଲିଗ୍ ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଛି। ଏହା ଫଳରେ ଉଭୟ ଦଳ ସେମାନଙ୍କ ଅଭିଯାନ ଶେଷ କରିଛନ୍ତି। କଲମ୍ବୋ ଭେନ୍ୟୁରେ ୧୧ଟି ମ୍ୟାଚ୍‌ରୁ ବର୍ଷା ଯୋଗୁଁ ୫ଟି ମ୍ୟାଚ୍ ବାତିଲ ହୋଇଛି। ଶ୍ରୀଲଙ୍କା ଗୋଟିଏ ବିଜୟ ଓ ୩ଟି ମ୍ୟାଚ୍‌ରୁ ୫ ପଏଣ୍ଟ ସହ ଏବେ ପଞ୍ଚମ ସ୍ଥାନରେ ରହିଛି। ପାକିସ୍ତାନ ୭ଟି ମ୍ୟାଚ୍‌ରୁ ୪ ପରାଜୟ ଓ ୩ଟି ବାତିଲ ମ୍ୟାଚ୍‌ରୁ ୩ ପଏଣ୍ଟ ପାଇ ୮ ଦଳ ମଧ୍ୟରେ ୭ମ ସ୍ଥାନରେ ରହିଛି। ଗତକାଲି ନ୍ୟୁଜିଲାଣ୍ଡକୁ ୮୯ ରନ୍‌ରେ ହରାଇ ଭାରତ ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଆସନ୍ତାକାଲି ଇନ୍ଦୋରର ହୋଲକାର ଷ୍ଟାଡିୟମ୍‌ରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିବ। ବିଜେତା ଦଳ ସହ ଭାରତ ଅକ୍ଟୋବର ୩୦ରେ ସେମିଫାଇନାଲ ମ୍ୟାଚ୍ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଖେଳିବ। ଏବେ ୧୧ ପଏଣ୍ଟ ସହ ଅଷ୍ଟ୍ରେଲିଆ ପ୍ରଥମ, ୧୦ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ, ୯ ପଏଣ୍ଟ ସହ ଇଂଲଣ୍ଡ ତୃତୀୟ ଓ ୬ ପଏଣ୍ଟ ସହ ଭାରତ ଚତୁର୍ଥ ସ୍ଥାନରେ ରହିଛି। ଏମାନଙ୍କର ଆଉ ଗୋଟିଏ ଲେଖାଏଁ ଲିଗ୍ ମ୍ୟାଚ୍ ଖେଳାଯିବାକୁ ବାକି ରହିଛି।

## ଜୁନିଅର ହକି ବିଶ୍ୱକପ୍‌ରୁ ଓହରିଲା ପାକିସ୍ତାନ




ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ଭାରତର ତାମିଲନାଡୁରେ ନଭେମ୍ବର ୨୮ରୁ ଡିସେମ୍ବର ୨୮ ଯାଏ ଖେଳାଯିବାକୁ ଥିବା ଜୁନିଅର ହକି ବିଶ୍ୱକପ୍‌ରୁ ପାକିସ୍ତାନ ଓହରିଯାଇଛି। ଏ ସମ୍ପର୍କରେ ଏଫଆଇଏଚ୍ ସ୍ପଷ୍ଟ କରିଛି ଓ ପାକିସ୍ତାନ ବଦଳରେ କେଉଁ ଦଳ ଖେଳିବ ତାହା ସ୍ପଷ୍ଟ କରିନାହିଁ। ଏହି ଟୁର୍ଣ୍ଣାମେଣ୍ଟ ଚେନ୍ନଇ ଓ ମଦୁରାଇରେ ଖେଳାଯିବ। ଗ୍ରୁପ୍-ବି'ରେ ପାକିସ୍ତାନ ସ୍ଥାନ ପାଇଥିଲା। ଏହି ଗ୍ରୁପ୍‌ରେ ମଧ୍ୟ ଭାରତ, ଚିଲି ଓ ସୁଇଜରଲାଣ୍ଡ ରହିଥିଲେ। ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ପାକିସ୍ତାନ ଭାରତରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଥିଲା। ବିହାରର ରାଜଗିରିଠାରେ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ଯାଏ ଖେଳାଯିବାକୁ ଥିବା ପୁରୁଷ ହକି ବିଶ୍ୱକପ୍‌ରୁ ପାକିସ୍ତାନ ଓହରିଯାଇଥିଲା। ଏବେ ଦ୍ୱିତୀୟଥର ଆଉ ଏକ ହକି ଟୁର୍ଣ୍ଣାମେଣ୍ଟରୁ ଓହରିଛି। ଭାରତ ସରକାର ଏବେ ନୂଆ ନୀତି ପ୍ରଣୟନ କରି ପାକିସ୍ତାନ ସହ ଦ୍ୱିପାକ୍ଷିକ ସିରିଜ୍ ଖେଳିବାକୁ ବାରଣ କରିଛନ୍ତି।

## ଏସିସି ହେଡ୍‌କ୍ୱାର୍ଟର୍ସରୁ ଏସିଆ କପ୍ ଟ୍ରଫି ନେଇଗଲେ ନକ୍‌ଭୀ

ଆବୁଧାବି,୨୪।୧୦(ଏଜେନ୍ସି): ଏସିଆ କପ୍‌ରେ ଭାରତ ଚାମ୍ପିଅନ ହୋଇଥିଲେ ମଧ୍ୟ ଏଯାଏ ଟ୍ରଫି ପାଇପାରି ନାହିଁ। ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ଥିବାରୁ ଏସୀୟ ଏବଂ ପାକିସ୍ତାନ କ୍ରିକେଟ ବୋର୍ଡର ମୁଖ୍ୟ ଥିବା ମୋହସିନ ନକ୍‌ଭୀଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ଭାରତୀୟ ଖେଳାଳି ମନା କରିଦେଇଥିଲେ। ଯାହା ଫଳରେ ଫାଇନାଲ ମ୍ୟାଚ୍ ପରେ ପୁରସ୍କାର ବିତରଣ ଉତ୍ସବ ୯୦ ମିନିଟ୍‌ରେ ବିଳମ୍ବ ହୋଇଥିଲା। ଭାରତୀୟ ଖେଳାଳିଙ୍କୁ ନିଜେ ନକ୍‌ଭୀ ଟ୍ରଫି ପ୍ରଦାନ କରିବାକୁ ଜିଦ୍ ଧରିବା ଫଳରେ ଏଭଳି ଘଟଣା ଘଟିଥିଲା। ଟ୍ରଫି ପ୍ରଦାନ କରିବାକୁ ଏହା ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ଭାରତକୁ ଏହା ମିଳିପାରି ନାହିଁ। ଏବେ ବିସିସିଆଇର ଏକ ଟିମ୍ ଦୁବାଇରେ ଥିବା ଏସୀୟ କ୍ରିକେଟ କାଉନସିଲ ଅଫିସ ପରିଦର୍ଶନରେ ଯାଇଥିଲେ। ସେଠାରେ ଏସିଆ କପ୍ ଟ୍ରଫି ନ ଥିବା ଦେଖିବାକୁ ପାଇଥିଲେ। ଅଫିସ କର୍ମକର୍ତ୍ତାଙ୍କ ସୂଚନା ଅନୁଯାୟୀ ଏହି ଟ୍ରଫିକୁ ନକ୍‌ଭୀ କେବେଠାରୁ ନେଇଯାଇଛନ୍ତି। ଏହାକୁ ସେ ଆବୁଧାବିରେ କୌଣସି ଏକ ଅଜ୍ଞାତ ସ୍ଥାନରେ ସେ ରଖିଥିବା କର୍ମକର୍ତ୍ତାମାନେ କହିଥିଲେ। ଏସୀୟ କ୍ରିକେଟ କାଉନ୍ସିଲର ସଭାପତି ଥିବାରୁ ନକ୍‌ଭୀ ଏପରି କରୁଛନ୍ତି ବୋଲି କୁହାଯାଉଛି।

## ଓସିଏ ଆପେକ୍ସ କାଉନସିଲ ବୈଠକ

କଟକ,୨୪।୧୦(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ଆପେକ୍ସ କାଉନସିଲ ବୈଠକରେ ଆଜି ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଓସିଏ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଙ୍କଜ ଲୋଚନ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଡିସେମ୍ବର ୯ରେ ବାରବାଟୀରେ ଭାରତ ଏବଂ ଦକ୍ଷିଣଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପରିଚାଳନା ବାବଦରେ ବୈଠକରେ ଆଲୋଚନା ହୋଇଛି। ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ରାକେଶ ମହାନ୍ତି, ଗୀତା ସାମନ୍ତରାୟ, ସିଇଓ ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ଓସିଏର ବିତ୍ତ କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ବୁନ୍ଦେସଲିଗା ଡ୍ରିମ୍ ପ୍ରୋଜେକ୍ଟ | ଜର୍ମାନୀ ଯିବେ ୧୧ ଓଡ଼ିଆ ଖେଳାଳି

ଭୁବନେଶ୍ୱର, ୨୪।୧୦(ସମିସ): ଓଡିଏମ୍ ସ୍କୁଲ ସମୂହର ସ୍ପୋର୍ଟ୍ସ ସ୍କୋଲାରସିପ୍ କୋଟାରେ ଆରଡୋର ଫୁଟବଲ ଏକାଡେମୀର ୧୧ ଜଣ କନିଷ୍ଠ ଖେଳାଳି ଜର୍ମାନୀର ବୁନ୍ଦେସଲିଗା ଡ୍ରିମ୍ ପ୍ରୋଜେକ୍ଟରେ ନ୍ୟାସନାଲ ଚାମ୍ପିଅନସିପ୍ ଲାଗି ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରିବେ। ଏହା ମଧ୍ୟରୁ ୬ଜଣ ୧୩ ବର୍ଷରୁ କମ୍ ଓ ୫ଜଣ ୧୫ ବର୍ଷରୁ କମ୍ ଖେଳାଳି ରହିଛନ୍ତି। ଏହି ଟୁର ଲାଗି ଭାରତୀୟ ଦଳରେ ମନୋନୀତ ହୋଇଥିବା ୧୩ ବର୍ଷରୁ କମ୍ ବୟସର ଖେଳାଳିମାନେ ହେଲେ ଦଶରଥ ହାଁସ୍‌ଦା, ମେସି ହାଁସ୍‌ଦା, ଏହସାସ ପାଙ୍ଗୀ, ସୁରଜ ଖାଲ୍‌କୋ, ସୁଜଲ ଆଇନ୍ଦ ଓ ଆୟୁଷ୍ମାର ବାରିକ। ସେହିପରି ୧୫ ବର୍ଷରୁ କମ୍ ବୟସର ଖେଳାଳିମାନେ ହେଲେ ଲିପୁରାମ ସୋରେନ୍, ପ୍ରୀତମ ଟୁଡୁ, ପ୍ରସେନଜିତ ବଡ଼ା, ଶ୍ରୀଜଲ କିସ୍କୁ ଓ ଦେବାଂଶୁ ପ୍ରଧାନ। ଭାରତୀୟ ଦଳ ଅକ୍ଟୋବର ୨୯ରେ ଜର୍ମାନୀ ଅଭିମୁଖେ ଯାତ୍ରା କରିବେ।

## ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଉଦ୍‌ଯାପିତ

# କିସ୍ ଚାମ୍ପିଅନ, ଓଡିଏମ୍ ଗ୍ଲୋବାଲ ରନର୍ସ ଅପ୍




ଭୁବନେଶ୍ୱର, ୨୪।୧୦(ସମିସ): କିସ୍ ସ୍କୁଲ ୨୦୨୫ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଭୁବନେଶ୍ୱର ଭେଟେରାନ ଫୁଟବଲ ସଂଘ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସରରେ ଅକ୍ଟୋବର ୨୩ ତାରିଖ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଫାଇନାଲରେ କିସ୍ ୩-୦ ଗୋଲରେ ଓଡିଏମ୍ ଗ୍ଲୋବାଲ ସ୍କୁଲ୍‌କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ସୋନରାମ ସୋରେନ, ଉପେନ୍ଦ୍ର ଅମାନତିୟ ଓ ରାଜୁ ମାର୍ଣ୍ଡି ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବାବଦରେ ଚାମ୍ପିଅନ କିସ୍ ସ୍କୁଲ୍‌କୁ ଟ୍ରଫି ସହ ୧୫,୦୦୦ ଓ ରନର୍ସଅପ୍ ଓଡିଏମ୍ ଗ୍ଲୋବାଲ ସ୍କୁଲ୍‌କୁ କପ୍ ସହ ୧୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ତୃତୀୟ ସ୍ଥାନିତ ଓଡିଏମ୍ ପବ୍ଲିକ୍ ସ୍କୁଲକୁ କପ୍ ସହ ୭,୦୦୦ ଓ ଚତୁର୍ଥ ସ୍ଥାନିତ ଦଳ ୟୁନିଟ୍-୧ ହାଇସ୍କୁଲ୍‌କୁ କପ୍ ସହ ୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। କିସ୍‌ର ବିନୋଦ କାନଦେକେଲ ଶ୍ରେଷ୍ଠ ଗୋଲରକ୍ଷକ, ସୋନାରାମ ସୋରେନ ଶ୍ରେଷ୍ଠ ଅଗ୍ରଭାଗ, ରାଜୁ ମାର୍ଣ୍ଡି ଶ୍ରେଷ୍ଠ ମଧ୍ୟଭାଗ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ୍‌ର ଓଜେସ ପଟାକାର ଶ୍ରେଷ୍ଠ ରକ୍ଷଣଭାଗ ଖେଳାଳି ବିବେଚିତ ହୋଇଥିଲେ। କଣ୍ଟାବାଡର ବିକାଶ ରେସିଡେନିସିଆଲ ସ୍କୁଲ୍‌କୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅନ୍ୟତମ ଅତିଥିଭାବେ ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ୟୁନିଲାଇଟ୍‌ର ଦେବବ୍ରତ ମହାନ୍ତି, ଆୟୋଜକ ଭୁବନେଶ୍ୱର ଭେଟେରାନ ଫୁଟବଲ ସଂଘ ସଭାପତି ନବରଞ୍ଜନ ପଟ୍ଟନାୟକ, ଉପସଭାପତି ବିବେକାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗଣେଶ ପାଳ ଓ ମହେଶ୍ୱର ସିଂହ ମଞ୍ଚ ପରିଚାଳନା କରିଥିଲେ। ଫାଇନାଲ ଖେଳ ପରିଚାଳନା କରିଥିଲେ ରେଫରି ରାଜୁ ମହାନ୍ତି, ଅମିତ ନାୟକ, ପ୍ରିୟବ୍ରତ ବାହିନୀପତି, ବିଜୟ ମଙ୍ଗରାଜ। ଏହି ଅବସରରେ ଫିଜିଓ ସରିତା ମିଶ୍ର, କଳ୍ପନା ବେହେରା ଓ ରେଶମା ବେଗମଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ରଣଜୀ ଟ୍ରଫି | ଆଜିଠୁ ଓଡ଼ିଶା-ଉତ୍ତରପ୍ରଦେଶ ଲଢ଼େଇ

କଟକ,୨୪।୧୦(ସମିସ)



ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଶନିବାର ଠାରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍‌ରେ ବରୋଦା ଠାରୁ ପରାଜୟ ବରଣ କରି ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ମୁକାବିଲାରେ ଶକ୍ତିଶାଳୀ ଉତ୍ତରପ୍ରଦେଶକୁ ଭେଟିବ। ଆନ୍ଧ୍ରପ୍ରଦେଶ ବିପକ୍ଷ ମ୍ୟାଚ୍ ଅମୀମାଂସିତ ରହିବା ସତ୍ତ୍ୱେ ଇନିଂସ ଅଗ୍ରଣୀ ହାସଲ କରି ଉତ୍ତରପ୍ରଦେଶ ପ୍ରଥମ ମୁକାବିଲାରେ ଶକ୍ତି ପ୍ରଦର୍ଶନ କରି ସାରିଛି। ଏକାଧିକ ତାରକା ଖେଳାଳିଙ୍କୁ ସାମିଲ କରିଥିବା ଉତ୍ତରପ୍ରଦେଶକୁ ଚ୍ୟାଲେଞ୍ଜ ଦେବା ପାଇଁ ଓଡ଼ିଶା ପ୍ରସ୍ତୁତ ଅଛି ବୋଲି ଅଧିନାୟକ ଶୁଭ୍ରାଂଶୁ ସେନାପତି କହିଛନ୍ତି।

ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଖେଳାଯିବ। ଘରୋଇ ପରିବେଶର ଫାଇଦା ଉଠାଇବାକୁ ଉତ୍ତରପ୍ରଦେଶ ନିହାତି ରୂପେ ଉଦ୍ୟମ କରିବ। ୨୬ବର୍ଷୀୟ ଅଲରାଉଣ୍ଡର ତଥା ଆଇପିଏଲରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସରୁ ପ୍ରତିନିଧିତ୍ୱ କରୁଥିବା କରନ ଶର୍ମା ଦଳର ନେତୃତ୍ୱ ନେଉଛନ୍ତି। ଅନ୍ତର୍ଜାତୀୟ କ୍ରିକେଟର ରିଙ୍କୁ ସିଂହଙ୍କ ସମେତ ୱିକେଟକିପର ଆର୍ଯ୍ୟନ ଜୁୟଲ, ଅଭିଷେକ ଗୋସ୍ୱାମୀ, ମାଧବ କୌଶିକ, ପ୍ରିୟମ ଗର୍ଗ ପ୍ରମୁଖ ଦଳର ବ୍ୟାଟିଂ ଭାର ସମ୍ଭାଳିବେ। ପ୍ରଥମ ମ୍ୟାଚ୍‌ରେ ବାମହାତୀ ଇନଫର୍ମ ବ୍ୟାଟର ରିଙ୍କୁ ଶତକୀୟ ପାଳି ଖେଳିବା ସହ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆର୍ଯ୍ୟନ ଏବଂ ମାଧବ ଅର୍ଦ୍ଧଶତକ ସଂଗ୍ରହ କରି ଦଳକୁ ଅଗ୍ରଣୀ କରାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ସେହିପରି ଶିଭମ ମାଭି, ଆକ୍ୟୁବ ଖାନ, ଶିଭମ ଶର୍ମା ଏବଂ ଭିପରାଜ ନିଗମଙ୍କ ଭଳି ଜଣାଶୁଣା ଖେଳାଳି ଉତ୍ତରପ୍ରଦେଶର ବୋଲିଂ ଲାଇନଅପରେ ରହିଛନ୍ତି। ଗତ ୧୫ବର୍ଷ ଭିତରେ ଏହି ଦୁଇଦଳ ୫ଥର ମୁହାଁମୁହିଁ ହୋଇଥିବା ବେଳେ ୩ଟି ମ୍ୟାଚ୍ ଡ୍ର ରହିଛି। ଅବଶିଷ୍ଟ ଦୁଇଟି ମ୍ୟାଚ୍‌ରେ ଉତ୍ତରପ୍ରଦେଶକୁ ବିଜୟ ମିଳିଛି। ଏହି ଧାରା ଭାଙ୍ଗିବା ଲକ୍ଷ୍ୟରେ ଥିବା ଶୁଭ୍ରାଂଶୁ ବାହିନୀ ବ୍ୟାଟିଂରେ ସୁଧାର ଆଣିବା ଆବଶ୍ୟକ ହୋଇପଡ଼ିଛି। ବରୋଦା ବିପକ୍ଷରେ ଶୁଭ୍ରାଂଶୁ ଉଭୟ ପାଳିରେ ଅର୍ଦ୍ଧଶତକ ହାସଲ କରିଥିଲେ। ୱିକେଟ କିପର ରାଜେଶ ଧୂପର ୯୪ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ। ଏମାନଙ୍କ ବ୍ୟତୀତ ଦଳର ଅନ୍ୟ କୌଣସି ବ୍ୟାଟର ଆଖିଦୃଶିଆ ପ୍ରଦର୍ଶନ କରି ପାରିନଥିଲେ। ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁଙ୍କ ନିକଟରୁ ଆକର୍ଷଣୀୟ ଇନିଂସର ଅପେକ୍ଷା ରହିଛି। ସୁମିତ ଶର୍ମା, ଗୋବିନ୍ଦ ପୋଦ୍ଦାର ଏବଂ ବାଦଲ ବିଶ୍ୱାଳ ସ୍ପିନ୍ ଆଟାକ୍‌ରେ ଉତ୍ତରପ୍ରଦେଶର ବ୍ୟାଟିଂ ଦୁର୍ଗ ଭାଙ୍ଗିବାକୁ ଚେଷ୍ଟା କରିବେ। ରାଜେଶ ମହାନ୍ତି, ସୁନୀଲ ରାଉଳ, ତରଣୀ ସ ପେସ୍ ଭାର ସମ୍ଭାଳିବେ।

**ଓଡ଼ିଶା ଦଳ** : ଶୁଭ୍ରାଂଶୁ ଶେଖର ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ(ଉପଅଧିନାୟକ), ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ(ୱିକେଟ କିପର), ରାଜେଶ ଧୂପର(ୱିକେଟ କିପର), ଅନୀଲ ପରିଡା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରଣୀ ସ, ତାପସ ଦାସ।

**ଉତ୍ତରପ୍ରଦେଶ ଦଳ** : କରନ ଶର୍ମା(ଅଧିନାୟକ), ଆର୍ଯ୍ୟନ ଜୁୟଲ, ଆଦିତ୍ୟ ଶର୍ମା, ଆକ୍ୱିବ ଖାନ୍, ଆରାଧ୍ୟ ଯାଦବ, ଅଭିଷେକ ଗୋସ୍ୱାମୀ, ବୈଭବ ଚୌଧୁରୀ, ପ୍ରିୟମ ଗର୍ଗ, ମାଧବ କୌଶିକ, କୁନାଲ ତ୍ୟାଗୀ, ଭିପରାଜ ନିଗମ, ଶିଭମ ମାଭି, ଶିଭମ ଶର୍ମା, ସିଦ୍ଧାର୍ଥ ଯାଦବ, ରିଙ୍କୁ ସିଂହ, ପ୍ରଶାନ୍ତ ଭୀର, ବିଜୟ କୁମାର।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS